ନିତିଦିନ NITIDIN

RNI REG. NO. ODIODI/2015/62237 ● POSTAL REGD. NO.BN/258/18-20 | 8 PAGES ● | ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

TUESDAY 2 SEPTEMBER 2025
ମଙ୍ଗଳବାର ୨ ସେପ୍ଟେମ୍ବର ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 ● ISSUE 109 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ ● ସଂଖ୍ୟା ୧୦୯ ଭୁବନେଶ୍ୱର I ବ୍ରହ୍ମପୁର I ସମ୍ବଲପୁର I ବାଲେଶ୍ୱର I ଯାଜପୁର


## ଆଫଗାନିସ୍ତାନରେ ଭୂକମ୍ପ

# ନେଲା ୮୦୦ ଜୀବନ



**କାବୁଲ, ୧।୯/ଏଜେନ୍ସି:** ପୂର୍ବ ଆଫଗାନିସ୍ତାନରେ ସଂଘଠିତ ଶକ୍ତିଶାଳୀ ଭୂମିକମ୍ପ (୬.୦ ତୀବ୍ରତା) ପ୍ରଭାବରେ ଅତିକମ୍‌ରେ ୮୦୦ଜଣ ମୃତ୍ୟୁବରଣ କରିଛନ୍ତି। ସେହିପରି ଏହି ଘଟଣାରେ ୨୫୦୦ରୁ ଅଧିକ ଲୋକ ଗୁରୁତର ଆହତ ହୋଇଛନ୍ତି ଏବଂ ଶହଶହ ଲୋକ ନିଖୋଜ ହୋଇଯାଇଛନ୍ତି। ଫଳରେ ଆଗକୁ ମୃତକଙ୍କ ସଂଖ୍ୟା ବୃଦ୍ଧି ପାଇବା ନେଇ ଆଶଙ୍କା ସୃଷ୍ଟି ହୋଇଛି ।ତାଲିବାନ ସରକାରଙ୍କ ଦ୍ୱାରା ସୋମବାର ପ୍ରଦାନ କରାଯାଇଥିବା ରିପୋର୍ଟ ଅନୁସାରେ ରବିବାର ବିଳମ୍ବିତ ରାତି (ପ୍ରାୟ ୧୨:୪୭)ରେ ଜଲାଲାବାଦ୍‌ର ୨୭ କିମି (୧୭ ମାଇଲ୍) ପୂର୍ବ-ଉତ୍ତରପୂର୍ବ ଦିଗରେ ଭୂକମ୍ପ କେନ୍ଦ୍ରୀଭୂତ ହୋଇଥିଲା। ୮ କିମି ଗଭୀରେ ସୃଷ୍ଟ ପ୍ରଥମ ଭୂକମ୍ପନ୍‌ର ତୀବ୍ରତା ରିକ୍ଟର ସ୍କେଲରେ ୬.୦ ଥିବା ରେକର୍ଡ କରାଯାଇଥିବା ଆମେରିକୀୟ ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ କୁହାଯାଇଛି। ଏହାପରେ ପରେ ଆଉ କିଛି ଝଟ୍‌କା ମଧ ଅନୁଭୂତ ହୋଇଥିଲା। ଏଥିରେ ନାଙ୍ଗରହାର ପ୍ରଦେଶର ଜଲାଲାବାଦ ସହର ନିକଟବର୍ତ୍ତୀ କୁନାର ପ୍ରଦେଶର ସହରଗୁଡ଼ିକରେ ପ୍ରବଳ କ୍ଷତି ଘଟିଛି। ତାଲିବାନ୍ ସରକାରଙ୍କ ମୁଖପାତ୍ର କହିଛନ୍ତି ଭୂକମ୍ପ ଏତେ ଶକ୍ତିଶାଳୀ ଥିଲା ଯେ, ଅନେକ ଗାଁ ନିଶ୍ଚିହ୍ନ ହୋଇଯାଇଛି। ବହୁ କୋଠାଗୁଡ଼ିକ ଧୂଳିସାତ୍ ହୋଇଯାଇଛି। ରାସ୍ତାଘାଟ ନଷ୍ଟ ହୋଇଯାଇଛି, ଯାହାଦ୍ୱାରା ଅନେକ ପ୍ରାନ୍ତ ଏବେ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ଅନେକ ଲୋକ ଭଗ୍ନାବଶେଷ ତଳେ ଦବି ହୋଇ ପ୍ରାଣ ହରାଇଛନ୍ତି। ସେହିପରି ଆହୁରି କିଛି ଲୋକ ଏବେ ଭଗ୍ନାବଶେଷ ତଳେ ଦବି ରହିଥିବା ଆଶଙ୍କା କରାଯାଉଥିବାରୁ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଭୂକମ୍ପ ପ୍ରଭାବରୁ ବର୍ତ୍ତିଯାଇଥିବା ସ୍ଥାନୀୟ ଲୋକମାନେ ମଧ ନିଜ ସମ୍ପର୍କୀୟଙ୍କୁ ଖୋଜିବା ପାଇଁ ଉଦ୍ଧାର କାର୍ଯ୍ୟ ଚଳାଇଛନ୍ତି। ତାଲିବାନ୍ ସରକାରଙ୍କ ▶▶ ୫

**୨୫୦୦ ଗୁରୁତର, ଶତାଧିକ ନିଖୋଜ | ମୃତକଙ୍କ ସଂଖ୍ୟା ବୃଦ୍ଧି ପାଇବା ନେଇ ଆଶଙ୍କା | ସମବେଦନା ଜଣାଇଲେ ମୋଦୀ**

## ଶିକ୍ଷକଙ୍କ ପାଇଁ ସୁପ୍ରିମ୍‌ରାୟ

# 'ଟିଇଟି ପାସ୍ ବାଧ୍ୟତାମୂଳକ'

**ଭୁବନେଶ୍ୱର, ୧।୯/ଏନ୍‌ଏନ୍‌ଏସ୍:**



**ଚାକିରିରେ ଥିବା ଶିକ୍ଷକଙ୍କୁ ୨ ବର୍ଷରେ ପାସ୍ କରିବାକୁ ପଡ଼ିବ**

**ଅବସରକୁ ୫ ବର୍ଷରୁ କମ୍‌ଥିଲେ ଦରକାର ପଡ଼ିବନି**

**ଟିଇଟି ଉତ୍ତୀର୍ଣ୍ଣ ହୋଇନପାରିଲେ ବାଧ୍ୟତାମୂଳକ ଅବସର**

ଶିକ୍ଷକ ଚାକିରି ପାଇଁ ଏଣିକି ଟିଚର୍ସ ଇଲିଜିବିଲିଟି ଟେଷ୍ଟ ବା ଟିଇଟି ପାସ୍ ବାଧ୍ୟତାମୂଳକ। ସେହିପରି ଚାକିରିରେ ଥିବା ଶିକ୍ଷକମାନଙ୍କୁ ମଧ ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ପଡ଼ିବ ବୋଲି ଆଜି ସୁପ୍ରିମକୋର୍ଟ ରାୟ ଦେଇଛନ୍ତି। ବର୍ତ୍ତମାନ ଯେଉଁ ଶିକ୍ଷକମାନେ ଚାକିରିରେ ଅଛନ୍ତି ୨ ବର୍ଷରେ ସେମାନଙ୍କୁ ଟିଇଟି ପାସ୍ କରିବାକୁ ପଡ଼ିବ। ତେବେ ଯେଉଁ ଶିକ୍ଷକଙ୍କ ଅବସର ଆଉ ୫ ବର୍ଷରୁ କମ୍ ଅଛି ସେମାନଙ୍କ ପାଇଁ ଏହା ଦରକାର ପଡ଼ିବନାହିଁ । କିନ୍ତୁ ଅବସର ୫ ବର୍ଷରୁ ଉର୍ଦ୍ଧ୍ୱ ଥିଲେ ଟିଇଟି ଉତ୍ତୀର୍ଣ୍ଣ ହେବା ବାଧ୍ୟତାମୂଳକ ହେବ। ଟିଇଟି ଉତ୍ତୀର୍ଣ୍ଣ ହୋଇ ନ ପାରିଲେ ବାଧ୍ୟତାମୂଳକ ଅବସର ଦିଆଯିବ ବୋଲି ସୁପ୍ରିମକୋର୍ଟ ରାୟ ଦେଇଛନ୍ତି । ୨୦୦୯ ମସିହା ଆରଟିଇ ଆଇନ ଲାଗୁ ହେବା ପୂର୍ବରୁ ନିଯୁକ୍ତି ପାଇଥିବା ଓ ଯେଉଁମାନଙ୍କ ଚାକିରି ୫ ବର୍ଷରୁ ଅଧିକ ସମୟ ବାକି ରହିଛି, ସେମାନଙ୍କୁ ୨ ବର୍ଷ ମଧ୍ୟରେ ଟିଇଟି ପାସ୍ କରିବାକୁ ପଡ଼ିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ରାୟ ଦେବା ବେଳେ ସୁପ୍ରିମକୋର୍ଟ କହିଛନ୍ତି ଯେ ଆରଟିଇ ଅଧୀନରେ ଟିଇଟି ବାଧ୍ୟତାମୂଳକ ନିୟମ ଦେଶର ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ ପାଇଁ ଲାଗୁ ହେବନାହିଁ। ବୃହତ୍ତର ଖଣ୍ଡପୀଠ ସଂଖ୍ୟାଲଘୁ ସ୍କୁଲଗୁଡ଼ିକ ଆରଟିଇ ଆକ୍ଟ ଅଧୀନରେ ଆସୁଛନ୍ତି କି ନାହିଁ, ତା'ର ନିଷ୍ପତ୍ତି ନେବେ। ଏହାପରେ ଟିଇଟି ବାଧ୍ୟତାମୂଳକ ନିୟମ କାର୍ଯ୍ୟକାରୀ ହେବ କି ନାହିଁ, ତା' ନିଷ୍ପତ୍ତି ହେବ। ଆଜିର ଶୁଣାଣି ବେଳେ ତୃଣମୂଳସ୍ତରର ବାସ୍ତବ ସ୍ଥିତିକୁ ଦେଖି ଜଷ୍ଟିସ ଦୀପଙ୍କର ▶▶ ୫

## ● ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ

# 'ପୁରୀ ହେବ ଦେଶର ସର୍ବଶ୍ରେଷ୍ଠ ଧର୍ମୀୟ ସ୍ଥଳ'

**ଭୁବନେଶ୍ୱର, ୧।୯/ଏନ୍‌ଏନ୍‌ଏସ୍:**



ପୁରୀକୁ ଦେଶର ସର୍ବଶ୍ରେଷ୍ଠ ଧର୍ମୀୟ ଓ ପର୍ଯ୍ୟଟନ ସ୍ଥଳ ଭାବେ ଗଢି ତୋଳିବା ପାଇଁ ସରକାରଙ୍କ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଭକ୍ତ ଓ ପର୍ଯ୍ୟଟକଙ୍କ ପାଇଁ ପୁରୀ ସହରରେ ଅନେକ ସୁବିଧା ଉପଲବ୍ଧ କରାଯିବ। ସୋମବାର ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ। ଶ୍ରୀମନ୍ଦିରର ପରିଚାଳନା କମିଟିର ନୂତନ ଭାବେ ମନୋନୀତ ହୋଇଥିବା ସଦସ୍ୟମାନେ ଆଜି ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ଅବସରରେ ସେ ଏହା କହିଛନ୍ତି।

ପ୍ରକାଶ ଯେ ଶ୍ରୀମନ୍ଦିରର ପରିଚାଳନା କମିଟିର ନୂତନ ଭାବେ ମନୋନୀତ ହୋଇଥିବା ସଦସ୍ୟମାନେ ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଶ୍ରୀମନ୍ଦିର ପରିଚାଳନା ପାଇଁ ନୂତନ କମିଟି ଗଠନ କରିଥିବାରୁ ଧନ୍ୟବାଦ ଅର୍ପଣ କରିଛନ୍ତି। ପରିଚାଳନା କମିଟିର ସଦସ୍ୟମାନେ ମୁଖ୍ୟମନ୍ତ୍ରୀଙ୍କ ସହିତ ମନ୍ଦିର ନୀତିକାନ୍ତି, ପର୍ବପର୍ବାଣୀ କିପରି ଶୃଙ୍ଖଳିତ ଭାବେ ପାଳିତ ହେବ ଏବଂ ପୁରୀ ସହରର ବିକାଶ କିପରି ତ୍ୱରାନ୍ୱିତ ହେବ, ସେ ସମ୍ପର୍କରେ ଆଲୋଚନା କରିଥିଲେ। ମହାପ୍ରଭୁଙ୍କ ସେବା ଓ ମନ୍ଦିର ବିକାଶ କାମରେ ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ ପରିଚାଳନା କମିଟି ସଦସ୍ୟମାନଙ୍କୁ କହିଥିଲେ। ତେବେ ପୁରୀକୁ ଦେଶର ସର୍ବଶ୍ରେଷ୍ଠ ଧର୍ମୀୟ ଓ ପର୍ଯ୍ୟଟନ ସ୍ଥଳ ଭାବେ ଗଢି ତୋଳିବା ସହ ଭକ୍ତ ଓ ପର୍ଯ୍ୟଟକଙ୍କ ପାଇଁ ପୁରୀ ସହରରେ ଅନେକ ସୁବିଧା ଉପଲବ୍ଧ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାଛଡ଼ା ମହାପ୍ରଭୁଙ୍କ ସେବା ଓ ମନ୍ଦିର ବିକାଶ କାମରେ ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ ଜାରି ରହିବ। ମନ୍ଦିର ନୀତିକାନ୍ତି ଓ ପର୍ବପର୍ବାଣୀ ଶୃଙ୍ଖଳିତ ଭାବେ ପାଳିତ ହେବ। ପୁରୀ ସହରର ବିକାଶ ବି ତ୍ୱରାନ୍ୱିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପରିଚାଳନା କମିଟିର ▶▶ ୫

**ଶୃଙ୍ଖଳିତ ନୀତିକାନ୍ତି ଉପରେ ଗୁରୁତ୍ୱାରୋପ**

# ୨ ବାଘ ଛାଲ ଜବତ, ୪ ଗିରଫ

**ରାୟଗଡ଼ା, ୧।୯/ଏନ୍‌ଏନ୍‌ଏସ୍:**



ପୁଣି ରାୟଗଡ଼ାରୁ ବାଘଛାଲ ଜବତ। ରାୟଗଡ଼ା ଜିଲ୍ଲା କୋଲନରା ନିକଟରୁ ୨ଟି କଲରାପତରିଆ ବାଘ ଛାଲ ଜବତ କରିବା ସହ ୪ ଜଣଙ୍କୁ ରାୟଗଡ଼ା ବନ ବିଭାଗ ସହାୟତାରେ ମହାରାଷ୍ଟ୍ରର ଏକ ଟିମ୍ ଗିରଫ କରିବାରେ ସଫଳ ହୋଇଛି। ମୁମ୍ବାଇସ୍ଥିତ ଡାଇରେକ୍ଟର ଅଫ୍ ରେଭେନ୍ୟୁ ଇଣ୍ଟଲିଜେନ୍ସ ବିଭାଗ ବାଘଛାଲ ଡିଲ୍ ନେଇ ସୂଚନା ପାଇବା ପରେ ରାୟଗଡ଼ାରେ ଜାଲ ବିଛାଇ ଅପେକ୍ଷା କରିଥିଲା। ରବିବାର ମହାରାଷ୍ଟ୍ରର ୨ ଜଣ ବ୍ୟକ୍ତିଙ୍କୁ ଏହି ବାଘଛାଲ ବିକ୍ରି ନେଇ ଯୋଜନା ଚାଲିଥିବା ବେଳେ କୋଲନରା ନିକଟସ୍ଥ ୩୨୬ ନମ୍ବର ଜାତୀୟ ରାଜପଥରୁ ୪ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ୨ଟି କଲରାପତରିଆ ବାଘ ଛାଲ ଜବତ ହୋଇଛି। ଗିରଫ ବ୍ୟକ୍ତିମାନଙ୍କ ମଧ୍ୟରେ ୨ ଜଣ ମହାରାଷ୍ଟ୍ର ନାଗପୁରର ହୋଇଥିବା ବେଳେ ଆଉ ୨ ଜଣ ରାୟଗଡ଼ା ଜିଲ୍ଲା ଗୁଣପୁର ଅଞ୍ଚଳର ବୋଲି ଜଣାପଡ଼ିଛି। ଗୁଣପୁର ପୁଟାସିଂ ଅଞ୍ଚରସିଂ ଗାଁର ଜିସୟ ଗମାଙ୍ଗ ଓ ମାଛଖୁଣ୍ଟି ଅଞ୍ଚଳର ମହେଶ ହୁଇକା ହୋଇଥିବାବେଳେ ଅନ୍ୟ ୨ ଜଣ ବ୍ୟକ୍ତି ମହାରାଷ୍ଟ୍ର ନାଗପୁର ମାତିନଗର ଅଞ୍ଚଳର ପ୍ରଭାକର ନାୟକ ଓ ରାଜ କୁମାର ଗୁପ୍ତା। ନାଗପୁରର ରାଜକୁମାର ଓ ପ୍ରଭାକରଙ୍କୁ ଏହି ବାଘ ଚମଡ଼ା ବିକ୍ରି କରିବା ପାଇଁ ଯୋଗାଯୋଗରେ ଥିଲେ ଜିସୟ ଗମାଙ୍ଗ ଓ ମହେଶ ହୁଇକା। କୌଣସି ସୂତ୍ରରୁ ଏହି ବାଘ ଛାଲ ଚାଲାଣ ସମ୍ପର୍କରେ ଖବର ପାଇ ଡାଇରେକ୍ଟର ଅଫ ରେଭେନ୍ୟୁ ବିଭାଗ ଅଭିଯୁକ୍ତମାନଙ୍କୁ ଟ୍ରାକ କରିବା ସହ ଅଗଷ୍ଟ ୩୦ ତାରିଖରେ ରାୟଗଡା ବନ ବିଭାଗକୁ ସୂଚନା ଦେଇଥିଲେ। ସୂଚନା ଆଧାରରେ ଉଭୟ ବିଭାଗ ବାଘ ଚମଡା ବିକ୍ରି କରିବା ସମୟରେ ସମସ୍ତ ଅଭିଯୁକ୍ତଙ୍କୁ ଧରିଛନ୍ତି। ଗିରଫ ୪ ଅଭିଯୁକ୍ତଙ୍କୁ ▶▶ ୫

## କ୍ୱାଡ୍ ସିଟି ଯୋଜନାରେ ଝଲସିବ ସହର

# ଓଡ଼ିଶାରେ ହେବ ୩ ଅର୍ଥନୈତିକ ଜୋନ୍

**ଭୁବନେଶ୍ୱର, ୧।୯/ଏନ୍‌ଏନ୍‌ଏସ୍:**



**ସନ୍ତୁଳିତ ଆଞ୍ଚଳିକ ଅଭିବୃଦ୍ଧି ପାଇଁ ପ୍ରଦାନ କରିବ ଢାଞ୍ଚା: ପ୍ରମୁଖ ସଚିବ**

ରାଜ୍ୟର ପ୍ରମୁଖ ସହରଗୁଡ଼ିକୁ ଅର୍ଥନୀତିକ ଅଭିବୃଦ୍ଧି ଏବଂ ବିଶ୍ୱ ପ୍ରତିଯୋଗିତାର ଏକ ଶକ୍ତିଶାଳୀ ଇଞ୍ଜିନରେ ପରିଣତ କରିବା ପାଇଁ ଓଡ଼ିଶା ସରକାର ଏକ ମହତ୍ୱାକାଂକ୍ଷୀ କ୍ୱାଡ୍ ସିଟି କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହି ପଦକ୍ଷେପର ଏକ ଅଂଶ ଭାବରେ ଓଡ଼ିଶାର ଜିଡିପିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖୁଥିବା ସହରଗୁଡ଼ିକୁ କ୍ଲଷ୍ଟର କରି ସମନ୍ୱିତ ଅର୍ଥନୀତିକ କ୍ଷେତ୍ର ସୃଷ୍ଟି କରିବାକୁ ଯୋଜନା କରିଛି। ପ୍ରଥମ କ୍ଷେତ୍ର ଭୁବନେଶ୍ୱର, ପୁରୀ, କଟକ ଏବଂ ପାରାଦୀପକୁ ସଂଯୋଗ କରିବ। ଯାହା ପ୍ରଶାସନ, ସଂସ୍କୃତି, ବାଣିଜ୍ୟ ଏବଂ ବନ୍ଦର-ଚାଳିତ ବାଣିଜ୍ୟର ଏକ ଅନନ୍ୟ ମିଶ୍ରଣ। ସେହିପରି ସୁନାବେଡ଼ା, କୋରାପୁଟ, ବରଗଡ଼ ଏବଂ ସମ୍ବଲପୁରକୁ ସଂଯୋଗ କରି ଆଉ ଏକ ଅର୍ଥନୀତିକ କ୍ଷେତ୍ର ବିକଶିତ କରାଯିବ, ଯେତେବେଳେ ରାଉରକେଲା ଏବଂ କେଉଁଝରର ବଡ଼ବିଲକୁ ପ୍ରମୁଖ କେନ୍ଦ୍ର ଭାବରେ ଏକ ଉତ୍ତର ଜୋନ୍ ଉଭା ହେବ। ଏହି ଦୃଷ୍ଟିକୋଣକୁ ପୂରଣ କରି ରାଜ୍ୟ ସମୃଦ୍ଧ ସହର ପ୍ରୟାସ ଆରମ୍ଭ କରିଛି, ଯାହା ଭୁବନେଶ୍ୱର-କଟକ-ପୁରୀ- ପାରାଦୀପ ଅର୍ଥନୈତିକ କ୍ଷେତ୍ରକୁ ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ଏକ ସକ୍ରିୟ ସହର-ଶିଳ୍ପ କରିଡର ଭାବରେ ପରିକଳ୍ପନା କରିଥାଏ। ଏହି ▶▶ ୫

## ● ବଦଳିବ ରାଜଧାନୀ ଉପକଣ୍ଠର ନକ୍ସା

# ଗିଫ୍ଟ ସିଟି ଢାଞ୍ଚାରେ ହେବ ସହର



**ସିଙ୍ଗାପୁର ନେଇଛି ଡ୍ରଇଂ ଓ ଡିଜାଇନ୍ ପ୍ରସ୍ତୁତ ଦାୟିତ୍ୱ**

**ମାଷ୍ଟର ପ୍ଲାନ୍ ସରିଲେ କାମ ଆରମ୍ଭ ହେବ: ମନ୍ତ୍ରୀ**

**ଭୁବନେଶ୍ୱର, ୧।୯/ଏନ୍‌ଏନ୍‌ଏସ୍:** ରାଜଧାନୀର ଉପକଣ୍ଠର ନକ୍ସା ବଦଳିବ। ଭିତ୍ତିଭୂମିର ବିକାଶ ସହିତ ନୂଆ ସହର ନିର୍ମାଣ ହେବ। ଗୁଜୁରାଟର ଗିଫ୍ଟ ସିଟି ଢାଞ୍ଚାରେ ହେବ ନୂଆ ଭୁବନେଶ୍ୱର। ସହରୀ ସଭ୍ୟତାରେ ସାମିଲ ହେବ ଗାଁ। ବିଡିଏ କାୟା କଟକ ସୀମା ପର୍ଯ୍ୟନ୍ତ ଲମ୍ବିବ। ପ୍ରାୟ ୮୦୦ ଏକର ଜମିରେ ନିର୍ମାଣ ହେବ ନୂଆ ଭୁବନେଶ୍ୱର। ନୂଆ ସହରର ଡ୍ରଇଙ୍ଗ୍ ଓ ଡିଜାଇନ୍ ପ୍ରସ୍ତୁତ ଦାୟିତ୍ୱ ନେଇଛନ୍ତି ସିଙ୍ଗାପୁର ସରକାର। ଏଥିରେ ଆଇଟି ପାର୍କ, ମେଡିକାଲ ସୁବିଧା, ଲୋକଙ୍କ ରହିବା ପାଇଁ ଘର, ବ୍ୟବସାୟିକ ପ୍ରତିଷ୍ଠାନ, ଓପନ ସ୍ପେସ, ଅର୍ଥନୀତିକ ଆକ୍ଟିଭିଟି ସହ ନନ ପୋଲ୍ୟୁଟିଂ ହବ୍ ରହିବ। ଏନେଇ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି।

ନଗର ଉନ୍ନୟନ ମନ୍ତ୍ରୀ ଆହୁରି କହିଛନ୍ତି ଯେ ମଳିପଡ଼ା, ଦାସପୁର, ଅନ୍ଧାରୁଆ ଓ ଗୋଠପାଟଣାକୁ ନେଇ ହେବ ନୂଆ ସହର। ୮ ଶହ ଏକର ନୂଆ ସିଟି ପ୍ରୋଜେକ୍ଟରେ ୭୦ ପ୍ରତିଶତ ସରକାରୀ ଜାଗା ରହିଛି। ୨୦୦ଶହ ଏକର ଫରେଷ୍ଟ ଜାଗା ରହିଛି। ବେସରକାରୀ ୨୬ ଏକର ଅଧିଗ୍ରହଣ କରାଯିବ। ଏଥିପାଇଁ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମାଷ୍ଟର ପ୍ଲାନ୍ ସରିଲେ କାମ ଆରମ୍ଭ ହେବ। ନୂଆ ସହର ନିର୍ମାଣ ପାଇଁ ସିଙ୍ଗାପୁର ସରକାର ଏହାର ଡ୍ରଇଙ୍ଗ୍ ଏବଂ ଡିଜାଇନ ପ୍ରସ୍ତୁତ ଦାୟିତ୍ୱ ନେଇଛନ୍ତି। ଧୋଲେରା ଗିଫ୍ଟ ସିଟି ଢାଞ୍ଚାରେ ଏହାର ନିର୍ମାଣ ହେବା ନେଇ ଚିନ୍ତା କରାଯାଉଛି। ଟିପି ସ୍କିମ୍ ଗାଁଗୁଡ଼ିକୁ ସାମିଲ କରାଯିବ। ଲୋକମାନଙ୍କଠାରୁ ଅଧିକରୁ ଅଧିକ ଜାଗାକୁ ନେଇ ବିକାଶ କରାଯିବ। ▶▶ ୫

## ବାଇକ୍‌କୁ ପିଟିଲା ପିକଅପ୍

# ଦୁଇ ଭାଇ ମୃତ


**ତୁରେକେଲା, ୧।୯/ଏନ୍‌ଏନ୍‌ଏସ୍:**

ବଲାଙ୍ଗୀର ଜିଲ୍ଲା ତୁରେକେଲା ଥାନା ଲର୍କୀ ଗାଁ ନିକଟରେ ବାଇକ୍‌କୁ ଏକ ପିକଅପ୍ ଭ୍ୟାନ୍ ଧକ୍କା ଦେବାରୁ ଦୁଇ ଭାଇଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ବେଲପଡ଼ା ଥାନା ଭାଲୁଖାଇ ଗାଁର ରାଜକୁମାର ରାଏ ଓ ଦିଲେସ ରାଏ । ସୂଚନାନୁଯାୟୀ ବେଲପଡ଼ା ଥାନା ଭାଲୁଖାଇ ଗାଁର ଦୁଇ ଭାଇ ରାଜକୁମାର ରାଏ ଓ ଦିଲେସ ରାଏ କୌଣସି କାମରେ ତୁରେକେଲା ଅଞ୍ଚଳକୁ ଆସିଥିଲେ। କାମ ସାରି ଫେରିବା ବାଟରେ ଲର୍କୀ ଗାଁ ନିକଟରେ ସେମାନଙ୍କୁ ଏକ ପିକଅପ୍ ଭ୍ୟାନ ଧକ୍କା ଦେଇ ଫେରାର୍ ମାରିଥିଲା। ଘଟଣାସ୍ଥଳରେ ରାଜକୁମାରଙ୍କ ମୃତ୍ୟୁ ହୋଇଥିଲା। ଗୁରୁତର ଦିଲେସଙ୍କୁ ତୁରେକେଲା ଡାକ୍ତରଖାନାକୁ ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ତୁରେକେଲା ପୁଲିସ ୨ ମୃତଦେହ ଉଦ୍ଧାର କରି କଣ୍ଟାବାଞ୍ଜି ଡାକ୍ତରଖାନାକୁ ପଠାଇଛି। ଦୁର୍ଘଟଣା ଘଟାଇଥିବା ପିକଅପ୍ ଗାଡିକୁ ଧରିବା ପାଇଁ ମୃତକଙ୍କ ପରିବାର ଲୋକେ ଦାବି କରିଛନ୍ତି।

## ଏସ୍‌ସିଓରେ ଆତଙ୍କବାଦ ପ୍ରସଙ୍ଗ ଉଠାଇଲେ ମୋଦୀ

# ଦୋମୁହାଁ ନୀତି ରହିବା ଉଚିତ୍ ନୁହେଁ

**ବେଜିଂ, ୧।୯/ଏଜେନ୍ସି:**



ଚୀନ୍‌ର ତିଆନ୍‌ଜିନ୍ ସହରରେ ଆୟୋଜିତ ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପ୍ରସଙ୍ଗ ଉଠାଇ ଆତଙ୍କବାଦ ଏବଂ ଆତଙ୍କବାଦୀଙ୍କୁ ପୃଷ୍ଠପୋଷକତା କରୁଥିବା ଦେଶ ଉପରେ ବର୍ଷିବା ଦେଖିବାକୁ ମିଳିଥିଲା। ସେହିପରି ମୋଦୀ ଏଭଳି ଏକ ଅନ୍ତର୍ଜାତୀୟ ମଞ୍ଚରେ ଭାରତୀୟ ସେନାର ଅପରେସନ୍ ସିନ୍ଦୂର' ରୂପୀ ପରାକ୍ରମ ସମ୍ପର୍କରେ ମଧ ବଖାଣିବାକୁ ଭୁଲିନଥିଲେ। ମୋଦୀ କହିଥିଲେ ଏକ ବିଂଶ ଶତାବ୍ଦୀର ଭାରତ ଏକ ନୂଆ ଭାରତ। ଏହି ନୂଆ ଭାରତ ଆତଙ୍କବାଦ ପ୍ରତି ଶୂନ୍ୟ ସହନଶୀଳତା ନୀତି ଗ୍ରହଣ କରିଛି। ଭାରତ ସର୍ବେ ଭବନ୍ତୁ ସୁଖୀନଃ ନୀତିରେ ଆଗକୁ ବଢୁଛି। କିନ୍ତୁ ଭାରତକୁ କଷ୍ଟ ପହଞ୍ଚାଇବାକୁ ଚେଷ୍ଟା କରୁଥିବା ଯେକୌଣସି ଶକ୍ତିକୁ ଦୃଢ଼ତାର ସହ ଜବାବ ଦେବା ମଧ ଭାରତ ଜାଣିଛି। ଭାରତ ପ୍ରତି ବିପଦ ସୃଷ୍ଟି କରିବାକୁ ଚେଷ୍ଟା କରାଗଲେ ଭାରତୀୟ ସେନା ଅପରେସନ୍ ସିନ୍ଦୂର' ▶▶ ୫

### ଶେହବାଜଙ୍କୁ କେହି ପଚାରିଲେନି

ସମ୍ମିଳନୀରେ ଯୋଗଦେବା ପାଇଁ ଆସିଥିବା ପାକିସ୍ତାନ ପ୍ରଧାନମନ୍ତ୍ର ଶେହବାଜ ସରିଫ୍‌ଙ୍କୁ ଅପମାନିତ ହେବାକୁ ପଡିଛି। ସୋସିଆଲ ମିଡିଆରେ ଘୁରିବୁଲୁଥିବା କିଛି ଫଟୋ ତଥା ଭିଡିଓରେ ଏହାର ପ୍ରମାଣ ମିଳିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ହସହସ ମୁହଁରେ କଥାବାର୍ତ୍ତା ହୋଇ ଯାଉଥିବା ବେଳେ ଶେହବାଜ୍ ସେଠାରେ ସାଇଡ୍‌ଲାଇନ୍ ହୋଇ ଛିଡା ହୋଇଥିଲେ। କିନ୍ତୁ ମୋଦୀ କିମ୍ବା ପୁଟିନ୍ କେହି ମଧ ତାଙ୍କୁ ଆଡ ଆଖିରେ ମଧ ଅନାଇନଥିଲେ। ମୋଦୀ ଏବଂ ପୁଟିନ୍ ତାଙ୍କ ସାମ୍ନା ଦେଇ ଯାଉଥିବା ▶▶ ୫

### ମୋଦୀଙ୍କୁ ଅପେକ୍ଷା କଲେ ପୁଟିନ୍

କୁହାଯାଉଛି ଯେ, ପୁଟିନ୍ କେବଳ ମୋଦୀଙ୍କ ସହ ହୋଟେଲ ପର୍ଯ୍ୟନ୍ତ ଯିବା ପାଇଁ ପ୍ରାୟ ୧୦ ମିନିଟ୍ ଧରି ହୋଟେଲ୍ ବାହାରେ ଅପେକ୍ଷା କରିଥିଲେ। ମୋଦୀ ବାହାରକୁ ଆସିବା ପରେ ପୁଟିନ୍ ତାଙ୍କୁ ନିଜ ସହ ନିଜ ଗାଡ଼ିରେ ବସାଇ ହୋଟେଲ ପର୍ଯ୍ୟନ୍ତ ନେଇଯାଇଥିଲେ। ଏହି ସମୟରେ ମୋଦୀ ଏବଂ ପୁଟିନ୍‌ଙ୍କ ମଧ୍ୟରେ ପ୍ରାୟ ୪୫ ମିନିଟ୍ ଧରି ଆଲୋଚନା ହୋଇଥିଲା। କେବଳ ପୁଟିନ୍ କାହିଁକି ଚୀନ୍ ରାଷ୍ଟ୍ରପତି ଜିନ୍‌ପିଙ୍ଗ୍ ମଧ ମୋଦୀଙ୍କୁ ଏକ ୬ କୋଟି ଟଙ୍କା ମୂଲ୍ୟର ଦାମୀ ତଥା ବିଶ୍ୱର ଅନ୍ୟତମ ସୁରକ୍ଷିତ କାର୍ ଉପହାର ସ୍ୱରୂପ ଦେଇଥିବା ଜଣାପଡିଛି। ଏହିକାରରେ ବ୍ୟାପକ ▶▶ ୫

# ଅକ୍ଟୋବର ୮ରୁ ଆର୍‌ଆଇ, ଅମିନ ପରୀକ୍ଷା

**ଭୁବନେଶ୍ୱର, ୧।୯/ଏନ୍‌ଏନ୍‌ଏସ୍:**

ଆସନ୍ତା ଅକ୍ଟୋବର ୮ତାରିଖରୁ ଆରଆଇ, ଆଇସିଡିଏସ୍ ସୁପରଭାଇଜର, ଆସିଷ୍ଟାଣ୍ଟ ରିଭେନ୍ୟୁ ଇନ୍ସପେକ୍ଟର (ଏଆରଆଇ) ଓ ଅମିନ ପାଇଁ ପ୍ରିଲିମ ପରୀକ୍ଷା ହେବ। ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ(ଓଏସ୍‌ଏସ୍‌ଏସ୍‌ସି) ଏହି ପରୀକ୍ଷା ଆୟୋଜନ କରିବ। ଏହି ପରୀକ୍ଷା ନଭେମ୍ବରର ୩ୟ ସପ୍ତାହ ପର୍ଯ୍ୟନ୍ତ ଚାଲିପାରେ ବୋଲି ଆୟୋଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବରୁ ଏହି ପରୀକ୍ଷାର ମେନ୍ ୨୦୨୫ରେ ରଦ୍ଦ ହୋଇଥିଲା ଏବଂ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ନୂତନ ପ୍ରିଲିମ ପରୀକ୍ଷାର ତାରିଖ ଘୋଷଣା କରାଯାଇଛି। ପ୍ରିଲିମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ମେନ ଓ କମ୍ପ୍ୟୁଟର୍ ସ୍କିଲ୍ ଟେଷ୍ଟ୍ ହେବ। ପୂର୍ବରୁ ଆବେଦନ କରିଥିବା ସମସ୍ତ ଆଶାୟୀ ପରୀକ୍ଷା ଦେଇପାରିବେ। ଫଳରେ ୫ଲକ୍ଷ ୫୮ ହଜାର ୧୨୮ ଆବେଦନକାରୀ ପରୀକ୍ଷା ଦେଇପାରିବେ ବୋଲି ସ୍ପଷ୍ଟ କରାଯାଇଛି।

ନିତିଦିନ NITIDIN

### ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ

# 'ଭାଗବତାକାର ଅତିବଡ଼ି ଜଗନ୍ନାଥ ଦାସ ଚିର ଅମର'



**ପୁରୀ,୧୯/ଏନ୍ଏନ୍ଏସ୍:** ଅତିବଡ଼ି ଜଗନ୍ନାଥ ଦାସଙ୍କ କାଳଜୟୀ ଓଡ଼ିଆ ଭାଗବତ ଓଡ଼ିଆ ଅସ୍ମିତାର ପ୍ରତୀକ। ଏହା ଯୁଗ ଯୁଗକୁ ଆମ ସଂସ୍କୃତିର ରକ୍ଷାକବଚ ପାଲଟିଥିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଆଜି ପୁରୀ ସାତଲହଡି ମଠ ଠାରେ ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଅତିବଡୀ ଜଗନ୍ନାଥ ଦାସଙ୍କ ରାଜ୍ୟ ସ୍ତରୀୟ ଜୟନ୍ତୀ ସମାରୋହ ପାଳିତ ହୋଇଥିଲା। ଏହି ଅବସରରେ ଶ୍ରୀଜଗନ୍ନାଥ ଓ ଭାଗବତ ଧର୍ମ ଭାବନା କ୍ଷେତ୍ରରେ ଅତିବଡୀ ଜଗନ୍ନାଥ ଦାସ ଙ୍କ ଭୂମିକା ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଶୁକଦେବ ମହାନ୍ତି ଭାଗବତ ସମର୍ପଣ ଓ ଭକ୍ତିର ସୂତ୍ର ବୋଲି କହିଥିଲେ। ଏହାକୁ ଏତେ ସରଳତାରେ, ଭାବରେ ଓ ସାବଲୀଳ ଭାଷାରେ ଅତିବଡୀ ଜଗନ୍ନାଥ ଦାସ ରଚନା କରିଛନ୍ତି ଯେ ଅତି ସାଧାରଣ ଲୋକ ଟିଏ ମଧ୍ୟ ଏହାକୁ ପଢ଼ି, ଶୁଣି, ବୁଝି ପ୍ରଭାବିତ ହୋଇ ପାରୁଛନ୍ତି। ଯୁଗ ଯୁଗ ପାଇଁ ଏହା ସମଗ୍ର ମାନବ ଜାତି କୁ ପ୍ରେରଣା ଦେଇ ଚାଲିଥିବ ବୋଲି ସେ କହିଥିଲେ। ଆଲୋଚକ ଭାବେ ପ୍ରବକ୍ତା ଦୟାନିଧି ତ୍ରିପାଠୀ, ନିର୍ମଳା ଫତେସିଂହ, ପଣ୍ଡିତ ବିପିନ ବିହାରୀ ମିଶ୍ର, ଭାଷ୍ୟକାର ବଦ୍ରି ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ଡ. କୈଳାସ ଚନ୍ଦ୍ର ଟିକାୟତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ଓ ଭାଗବତ ଚିରକାଳ ଆମକୁ ଶାନ୍ତି ଓ ମୁକ୍ତି ପ୍ରଦାନର ମାଧ୍ୟମ ହୋଇ ଚାଲିଥିବ ବୋଲି କହିଥିଲେ। ଏକାଡେମୀର ସହ ସଚିବ ସଞ୍ଜୟ ଛୁଆଳସିଂ ପ୍ରାରମ୍ଭିକ ସୂଚନା ଦେବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ସିଂହଦ୍ୱାର ଠାରେ ଆନୁଷ୍ଠାନିକ ପୂଜାର୍ଚ୍ଚନା ପରେ ଦୀପଦାନ କରାଯାଇଥିଲା। ପରେ ସଂକୀର୍ତ୍ତନ ଦଳମାନଙ୍କ ସହଯୋଗରେ ଏକ ଶୋଭାଯାତ୍ରା ସାତଲହଡି ମଠ ପର୍ଯ୍ୟନ୍ତ ଅଣାଯାଇଥିଲା। ମଠରେ ବଦ୍ରି ମିଶ୍ରଙ୍କ ଦ୍ୱାରା ଭାଗବତ ପଠନ କରାଯାଇଥିଲା। ଏଥିରେ ଶ୍ରୀମନ୍ଦିର ମୁଖ୍ୟ ସୁରକ୍ଷା ଅଧିକାରୀ ହେମନ୍ତ ପାଢ଼ୀ ଓ ଅନ୍ୟ ସୁରକ୍ଷା କର୍ମୀ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ନାଚଘର ସମ୍ପାଦକ କୁମାର ଭୀମସେନ ସାହିତ୍ୟିକ କୃଷ୍ଣଚନ୍ଦ୍ର ରଥ, ବିପିନ ବିହାରୀ ମହାନ୍ତି, ବିଜୟଲକ୍ଷ୍ମୀ ଦାଶ ମିଶ୍ର, ରାମଚନ୍ଦ୍ର ସୁର, ବିଜୟ ପଣ୍ଡା, ସୁବାସ ଚନ୍ଦ୍ର ପରିଡା, ପ୍ରମୋଦ କୁମାର ପ୍ରଧାନ, ଦେବରାଜ ପ୍ରଧାନ, ପ୍ରଶାନ୍ତ କୁମାର ତ୍ରିପାଠୀ, ପ୍ରଭାକର ପ୍ରଧାନ, ଡ. ପ୍ରମୋଦ ଆଚାର୍ଯ୍ୟ ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀର ସଦସ୍ୟ ପ୍ରମୁଖ ଯୋଗ ଦେଇଥିଲେ।

## ଗୋପାଳପୁର ସରପଞ୍ଚ ଦିଲ୍ଲୀ ଦରବାରରେ ସମ୍ବର୍ଦ୍ଧିତ



**ବୋଲଗଡ଼,୧୯/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ ଗୋପାଳପୁର ପଞ୍ଚାୟତରୁ ପ୍ରଥମ ଥର ସରପଞ୍ଚ ହୋଇଥିବା ପ୍ରଦୀପ ବାରିକଙ୍କୁ ସ୍ୱାଧୀନତା ଦିବସରେ ଦିଲ୍ଲୀ ଲାଲକିଲ୍ଲାଠାରେ ସମ୍ମାନିତ କରାଯାଇଥିଲା। ସେଠାରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ସ୍ୱାଧୀନତା ଦିବସ ପତାକା ଉତ୍ତୋଳନରେ ସାମିଲ ହୋଇଥିଲେ। ଦେଶର ଜସ୍ୱସୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ଦ୍ଦେଶକ୍ରମେ ଏୟାରପୋର୍ଟ ଅଥରିଟି ଅଫ ଇଣ୍ଡିଆ ଅଫିସର୍ସ ଇନଷ୍ଟିଚ୍ୟୁଟ ଠାରେ ଏକ ସ୍ୱତନ୍ତ୍ର ସମାରୋହ ଦିବସ ଅନୁଷ୍ଠିତ ହୋଇଥିଲା। ଏହି ସମାରୋହ ଦିବସରେ କେନ୍ଦ୍ର ପଞ୍ଚାୟତରାଜ ମନ୍ତ୍ରୀ ରାଜୀବ ରଞ୍ଜନ ସିଂ, କେନ୍ଦ୍ର ପଞ୍ଚାୟତିରାଜ ସଚିବ ବିବେକ ଭରଦ୍ୱାଜ ଏବଂ ୟୁନିଅନ ମିନିଷ୍ଟର ଅଫ୍ ପଞ୍ଚାୟତିରାଜ ପ୍ରଫେସର ଏସ. ପି ସିଙ୍ଗ ବାଗେଲ ଉପସ୍ଥିତ ରହିଥିଲେ। ସମସ୍ତ ଅତିଥିମାନେ ଓଡିଶାର ୧୦ଜଣ ଲୋକ ପ୍ରତିନିଧିମାନଙ୍କୁ ସମ୍ମାନିତ କରିଥିଲେ। ଆହୁରି ଲୋକମାନଙ୍କ ପାଇଁ କାମ କରି ଆଗକୁ ବଢ଼ିବା ପାଇଁ ପ୍ରେରଣା ଦେଇଥିଲେ। ଗୋପାଳପୁର ସରପଞ୍ଚ ପ୍ରଦୀପ ବାରିକଙ୍କୁ ଉପସ୍ଥିତ ଅତିଥିମାନଙ୍କ ମଧ୍ୟରୁ ପଞ୍ଚାୟତିରାଜ ୟୁନିଅନ ମନ୍ତ୍ରୀ ପ୍ରଫେସର ଏସ୍‌ପି ସିଙ୍ଗ ବାଗେଲ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ପୁରସ୍କାର ପ୍ରାପ୍ତି ପରେ ସରପଞ୍ଚ ଶ୍ରୀ ବାରିକ ଏହା ମତେ ପ୍ରେରଣା ଯୋଗାଇଛି, ଆଗାମୀ ଦିନରେ ପ୍ରତି ଜନସାଧାରଣଙ୍କ ନିକଟରେ ପହଞ୍ଚି ସେବା କରିବି ବୋଲି କହିଛନ୍ତି। ବୋଲଗଡ଼ ବ୍ଲକ ଆଜି ଦିଲ୍ଲୀ ଦରବାରରେ ପହଞ୍ଚିପାରି ଥିବାରୁ ଅଞ୍ଚଳବାସୀ ସରପଞ୍ଚ ପ୍ରଦୀପଙ୍କୁ ପ୍ରଶଂସା କରିଛନ୍ତି।

## ସଦର ବିଧାୟକଙ୍କୁ ଦାବିପତ୍ର



**ବୟାଳିଶମୌଜା,୧୯/ଏନ୍ଏନ୍ଏସ୍:** ୪୨ ମୌଜା ଅଞ୍ଚଳର ଝିଙ୍କିରିଆ ଗ୍ରାମର ଅଧିକାରୀ ଚିନ୍ମୟ ଦେବତା ଓ ମହନ୍ତ ଦୁଷ୍ମନ୍ତ କୁମାର ନନ୍ଦଙ୍କ ତତ୍ତ୍ୱାବଧାନରେ କଟକ ସଦର ବିଧାୟକଙ୍କୁ ଭେଟି ଝିଙ୍କିରିଆ ଗ୍ରାମର କେତେଗୁଡ଼ିଏ ମୌଳିକ ସମସ୍ୟା ଉପରେ ଆଲୋଚନା କରିବା ସହିତ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ସମସ୍ୟା ବିଧାୟକ ତୁରନ୍ତ ସମାଧାନ ନିମନ୍ତେ ପଦକ୍ଷେପ ଗ୍ରହଣ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ୪୨ ମୌଜା ଅଞ୍ଚଳବାସୀଙ୍କର ବହୁ ପୁରାତନ ଦାବି, ନୂତନ ଗ୍ରୀଡ୍ କାର୍ଯ୍ୟ ପାଇଁ ଆଲୋଚନା କରିଥିଲେ। ଝିଙ୍କିରିଆ ଗ୍ରାମ୍ୟ ଉନ୍ନୟନ କମିଟି ସହଯୋଗରେ କମିଟିର ସଦସ୍ୟ ଲକ୍ଷ୍ମୀଧର ସାହୁ, ସୁନିଲ ଦେବତ , ହୃର୍ଷିକେସ ସ୍ୱାଇଁ, ନରହରି ଦେବତା, ଅଶୋକ ଦେବତା, ବିଶ୍ୱଜିତ୍ ଦେବତାଙ୍କ ତତ୍ତ୍ୱାବଧାନରେ ବିଧାୟଙ୍କଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ନୂତନ ଗ୍ରୀଡ୍‌ର କାର୍ଯ୍ୟ ଖୁବ୍‌ଶୀଘ୍ର ହେବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ।

## ବୋଲଗଡ଼ରେ ସର୍ବବୃହତ ଗ୍ରାମୀଣ କ୍ରୀଡ଼ା ଉତ୍ସବ

**ବୋଲଗଡ,୧୯/ଏନ୍ଏନ୍ଏସ୍:** ମହିଳାମାନଙ୍କ ସଶକ୍ତି କରଣ ନିମନ୍ତେ ଈର୍ଷା ଫାଉଣ୍ଡେସନ ତରଫରୁ ଭାରତର ସର୍ବ ବୃହତ ଗ୍ରାମୀଣ କ୍ରୀଡା ଉତ୍ସବ କାର୍ଯ୍ୟକ୍ରମ ପ୍ରତି ବ୍ଲକରେ ବିଭିନ୍ନ ପ୍ରକାରର କ୍ରୀଡା ପ୍ରତିଯୋଗିତା କରାଯାଉଛି। ବୋଲଗଡ ବ୍ଲକ ସ୍ଥିତ ଗୋପାଳପୁର ଗ୍ରାମପଞ୍ଚାୟତ ସରପଞ୍ଚ ପ୍ରଦୀପ କୁମାର ବାରିକଙ୍କ ନେତୃତ୍ୱରେ ତାଙ୍କ ପଞ୍ଚାୟତରୁ ୨ଗୋଟି ମହିଳା ଦଳ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ବ୍ଲକର ମହିଳାମାନଙ୍କୁ ନେଇ ଏକ ଥ୍ରୋବଲ ପ୍ରତିଯୋଗିତା ହୋଇଥିଲା। ଗୋପାଳପୁର ପଞ୍ଚାୟତର କ୍ୟାପଟେନ ଅନିତା ନାୟକଙ୍କ ପରାମର୍ଶ ଅନୁସାରେ ଶାନ୍ତିଲତା ଚମ୍ପତି, ଜ୍ୟୋତ୍ସ୍ନାରାଣୀ ଚମ୍ପତି, ରଜନୀ ନାୟକ, ଜସ୍ୱଶ୍ରୀ ପଟ୍ଟନାୟକ, ଅର୍ପିତା ପ୍ରିୟଦର୍ଶିନୀ ବାରିକ, ରିତାଞ୍ଜଳି ନାୟକଙ୍କ ମହିଳା ଦଳଟି କଳିଙ୍ଗ ଷ୍ଟାଡିୟମଠାରେ ବ୍ଲକସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ସମ୍ମାନିତ ଅତିଥିଭାବେ ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ ପ୍ରମୁଖ ଉପସ୍ଥିତ ରହି ଉଦଘାଟନ କରିଥିଲେ। ବିଜୟ ହୋଇଥିବା ମହିଳା ଖେଳାଳିମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଥ୍ରୋ ବଲ ଟିମ୍ ଚାମ୍ପିଅନ୍ ହୋଇ ୧୦ହଜାର ଅର୍ଥ ରାଶି ସହିତ ପ୍ରମାଣପତ୍ର ପାଇଥିବା ବେଳେ ସେହି ପଞ୍ଚାୟତର ଅନ୍ୟ ଏକ ଟିମ ମାହେଶ୍ୱରୀ ଥ୍ରୋ ବଲ୍ ଟିମ ଚତୁର୍ଥ ସ୍ଥାନ ହାସଲ କରି ୩ହଜାର ଟଙ୍କା ସହ ପ୍ରମାଣପତ୍ର ପାଇଥିଲେ। ୭ତାରିଖରେ କିଟ କ୍ୟାମ୍ପସରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଗୋପାଳପୁର ପଞ୍ଚାୟତର ଦୁଇଟିଯାକ ମହିଳା ଦଳ ପୁରୀ ଓ କଟକ ଜିଲ୍ଲାର ମହିଳା ଦଳ ସହ ଖେଳିବେ ବୋଲି ଜଣାପଡ଼ିଛି। ବୋଲଗଡ଼ ବ୍ଲକ ମିଶନଶକ୍ତି ସଭାନେତ୍ରୀ ଗୀତାଞ୍ଜଳି ମହାନ୍ତି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ରାତିରେ ହାତୀ-ମଣିଷ ଲଢ଼େଇ, ଦିନରେ ହାଜିରା ପକାଉଛି ବନବିଭାଗ



**ଓଡ଼ଗାଁ,୧୯/ଏନ୍ଏନ୍ଏସ୍:** ଓଡ଼ଗାଁ ବନାଞ୍ଚଳରେ ହାତୀ-ମଣିଷ ଲଢେଇ ଚାଲିଥିବାବେଳେ ବନବିଭାଗ ଦିନରେ ହାଜରା ପକାଉଥିବା ବାଣ୍ଡପୁର ପଞ୍ଚାୟତର ଓସ୍ତିଆ, ନାଣ୍ଡିଗିରି, ପୋଢ଼ାସାହି, ନିହଲପ୍ରସାଦ ଆଦି ଗ୍ରାମର ଆଦିବାସୀମାନେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ ଖୋର୍ଦ୍ଧା ବନଖଣ୍ଡରୁ ନୟାଗଡ଼ ବନଖଣ୍ଡ ଓଡ଼ଗାଁ ବନାଞ୍ଚଳକୁ ଏକ ୧୪ଟିକିଆ ହାତୀପଲ ଆସିଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏହି ହାତୀପଲ ଚାଷୀଙ୍କ ଫସଲ ଉଜାଡ଼ି ଦେଉଥିବାବେଳେ ରାସ୍ତାରେ ଯିବା ଆସିବା କରିବାକୁ ଲୋକେ ଡରୁଛନ୍ତି। ସନ୍ଧ୍ୟାପୂର୍ବରୁ ଲୋକେ ସବୁକାମ ଧନ୍ଦାଛାଡ଼ି ଘରେ ପହଞ୍ଚୁଛନ୍ତି। ରାତିରେ ହାତୀଙ୍କ ପେଁକାଳୀ ଶବ୍ଦରେ ଲୋକେ ଭୟଭୀତ ହୋଇ ବାହାରେ ରାତ୍ରି ଉଜାଗର ହୋଇ ଜଗି ବସୁଛନ୍ତି। ହାତୀପଲ କାଳେ ଗାଁ ଭିତରକୁ ଚାଲି ଆସିବେ ଘରଦ୍ୱାର ଭାଙ୍ଗି ଧନ ସଂପତି ନଷ୍ଟ କରିବେ ସେହି ଭୟରହିଛି। ହାତୀ ଘଉଡେଇବାକୁ ହାତରେ ନିଆଁହୁଳା ଧରି ବାଜାବଜେଇ ରାତିସାରା ପାଳିକରି ଜଗୁଛନ୍ତି। ଏପଟେ ବନବିଭାଗ କର୍ମଚାରୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ଗତମାସ ୧ତାରିଖରେ ଦୁଇ ଫରେଷ୍ଟ ଗାର୍ଡ଼ଙ୍କୁ ହାତୀ ଆକ୍ରମଣ କରିବା ଓ ଜଣେ ଗାଈ ଚରାଳୀଙ୍କୁ ହାତୀ ଶୁଣ୍ଢରେ ଫୋପାଡ଼ିବା ପରେ କର୍ମଚାରୀଙ୍କ ମଧ୍ୟରେ ଛନକା ପଶିଯାଇଛି। କାଳେ କିଛି ଅଘଟଣ ଘଟିବ ସେହି ଭୟରେ କର୍ମଚାରୀମାନେ ଜଙ୍ଗଲ ମାଡୁନାହାଁନ୍ତି। ସେତିକି ନୁହଁ ଓଡ଼ଗାଁକୁ କେତେ ଟିକିଆ ହାତୀପଲ ଆସିଛନ୍ତି ତାରମଧ୍ୟ କୌଣସି ଖବର ନାହିଁ। ପ୍ରତିଦିନ ସକାଳୁ ବନ କର୍ମଚାରୀମାନେ ବିଭିନ୍ନ ଗାଁବୁଲି ଆସୁଥିବା ଆଦିବାସୀ ଲୋକେ କହିଛନ୍ତି। ଓଡ଼ଗାଁ ବନାଞ୍ଚଳରେ ଡେପୁଟି ରେଞ୍ଜର ଅଭିମନ୍ୟୁ ମଲ୍ଲିକ ଯୋଗଦେବାପରେ ଜଙ୍ଗଲ ସୁରକ୍ଷା ଓ ହାତୀ ଉପଦ୍ରବ କମିବା ପରିବର୍ତ୍ତେ ବଢି ଚାଲିଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ସେତିକି ନୁହଁ କିପରି ହାତୀ ଚାଷୀଙ୍କ ଫସଲ ନଷ୍ଟ ନକରିବେ ସେଥିପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ। ଏହା ଫଳରେ ଚାଷୀ ମୁଣ୍ଡରେ ହାତଦେଇ ବସିଛନ୍ତି। ରାତିରେ ହାତୀପଲଙ୍କ ଗତିବିଧି ଉପରେ ବନବିଭାଗ ନଜର ନରଖିଲେ ଯଦି ଶିକାରୀ ଗୁଳିରେ କିମ୍ବା ବିଦ୍ୟୁତ୍ ସଂସ୍ପର୍ଶରେ ହାତୀ ଆସି ପ୍ରାଣହରାନ୍ତି ତେବେ ବନବିଭାଗ ଏଥିପାଇଁ ସଂପୂର୍ଣ୍ଣ ଦାୟୀ ରହିବବୋଲି ସ୍ଥାନୀୟ ଲୋକେ କହିଛନ୍ତି।

## ଚିଲିକା ଆଞ୍ଚଳିକ ବିକାଶ ପରିଷଦ ଜରୁରୀ ବୈଠକ



**ଚିଲିକା,୧୯/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ ସମ୍ମୁଖ ଭାଗରେ ଥିବା ଆରାଧ୍ୟା ଠାକୁରାଣୀ ମା' ବରୁଣେଇ ଦେବୀଙ୍କ ପ୍ରାଙ୍ଗଣରେ ସ୍ଥାନୀୟ ଚିଲିକା ଆଞ୍ଚଳିକ ବିକାଶ ପରିଷଦ ତରଫରୁ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାର ସଭାପତି ଡ଼ଃ ସୁଶାନ୍ତ କୁମାର ସାହୁ ଓ ସମ୍ପାଦକ ଗୋଦାବରୀଶ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ଚିଲିକା ବ୍ଲକ ଅନ୍ତର୍ଗତ ସାତୋଟି ପଞ୍ଚାୟତ ତଥା ହରିପୁର, ନଈରୀ, ବଉଳାବନ୍ଧ, କୁମାଣ୍ଡୋଳ ପାଟଣା, ବିରିବାଡ଼ି ସମେତ ନାଚୁଣୀ ଓ ମୋରାମୋରୀ ପଞ୍ଚାୟତର ବହୁ ବରିଷ୍ଠ ବ୍ୟକ୍ତିତ୍ୱ, ବୁଦ୍ଧିଜୀବୀ ସମେତ ଅନୁଷ୍ଠାନର ସଦସ୍ୟ ଓ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗ ଦେଇଥିଲେ। ଏଥିରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ନୂତନ ସଭାପତି ଭାବେ ବଉଳବନ୍ଧ ପଞ୍ଚାୟତର ପୂର୍ବତନ ସରପଞ୍ଚ ଆଡଭୋକେଟ ଦେବାଶିଷ ରଥ, ସମ୍ପାଦକ ଭାବେ ସମାଜସେବୀ ପ୍ରମୋଦ କୁମାର ଦାସ ଓ କୋଷାଧ୍ୟକ୍ଷ ଭାବେ ଜୟକୁମାର ମିଶ୍ରଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ସାତୋଟି ପଞ୍ଚାୟତର ୧୪ଜଣ ସଦସ୍ୟଙ୍କୁ ନେଇ ନୂତନ ଭାବେ ଗଢ଼ ଯାଇଥିବା କମିଟିରେ ଅଶୋକ ବରାଳ, ସାମ୍ବାଦିକ ଅରୁଣ କୁମାର ଦାସ, ସୁକାନ୍ତ କୁମାର ନାୟକ, ସ୍ମୃତିରଞ୍ଜନ ମାନସିଂହ, ଚିଲିକା ଓକିଲ ସଂଘର ପୂର୍ବତନ ସଭାପତି ଆଇନଜୀବୀ ପ୍ରଦୀପ୍ତ କୁମାର ନନ୍ଦ, ବିଜୟ ବେହେରା, ପୂର୍ବତନ ସରପଞ୍ଚ ପ୍ରଶାନ୍ତ ସାହୁ, ଆଡଭୋକେଟ ଅଜୟ ଖୁଣ୍ଟିଆ, ସନ୍ତାପ ଶତପଥୀ, ରାମଚନ୍ଦ୍ର ଖୁଣ୍ଟିଆ, ରଞ୍ଜନ ମହାପାତ୍ର, ପୂର୍ବତନ ସରପଞ୍ଚ ଦୁର୍ଗା ହରିଚନ୍ଦନ ଓ ପୂର୍ବତନ ସରପଞ୍ଚ ଧର୍ମାନନ୍ଦ ସେଣଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଛି। ଗଙ୍ଗାଧରପୁର ରେଳ ଷ୍ଟେସନର ଉନ୍ନତି, ପୁରୀ-ତିରୁପତି ଟ୍ରେନର ପୁନଃ ରହଣି ସମେତ ଅନ୍ୟ ଦ୍ରୁତଗାମୀ ଟ୍ରେନ ରହଣି ପାଇଁ ରେଳ ବିଭାଗର ଉପରିସ୍ଥ କର୍ମଚାରୀଙ୍କ ସହିତ ସାକ୍ଷାତ ପାଇଁ ଆଲୋଚନା କରାଯାଇଥିଲା। ଚିଲିକା ବିଶ୍ୱ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଛି। ରେଳପଥ ସମେତ ୫ ନମ୍ବର ଓ ୧୬ ନମ୍ବର ଜାତୀୟ ରାଜପଥ ଏହାର ପାର୍ଶ୍ୱରେ ଅବସ୍ଥିତ ରହିଛି। ଏହିସବୁ ସୁଦୃଢ଼ ଭିତିଭୂମି ରହିଥିବାରୁ ଚିଲିକା ବ୍ଲକ ଅଞ୍ଚଳରେ ଉପଖଣ୍ଡ ଗଠନ ପାଇଁ ସରକାରଙ୍କ ନିକଟରେ ନିବେଦନ ରଖିବା ପାଇଁ ବୈଠକରେ ସ୍ଥିରୀକୃତ ହୋଇଥିଲା।

ଚିଲିକା ବ୍ଲକ ଅଞ୍ଚଳରେ ଏକ ସବରେଷ୍ଟ କାର୍ଯାଳୟଟିଏ କାର୍ଯ୍ୟକାରୀ କରିବା ପାଇଁ ସରକାରଙ୍କ ନିକଟରେ ଦାବି ରଖିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଚିଲିକା ଅଞ୍ଚଳର ବିକାଶ ପାଇଁ ସଦସ୍ୟମାନେ ବଦ୍ଧପରିକର ହୋଇଥିଲେ। ବୈଠକରେ ଚିଲିକା ବ୍ଲକ ଉପାଧ୍ୟକ୍ଷ ଅରୁଣ କୁମାର ପଟ୍ଟନାୟକ, ଅଖିଳ କୁମାର ପଲାଇ, ଦିଲ୍ଲୀପ କୁମାର ଶତପଥୀ, ହରିପୁର ସରପଞ୍ଚ ଗୀତାଞ୍ଜଳି ବେହେରା, ସମାଜସେବୀ ଶୁଭେନ୍ଦୁ ରାଉତରାୟ, ନାଚୁଣୀ ବରିଷ୍ଠ ନାଗରିକ ସଂଘରର ଉପ ସଭାପତି ମକରଧ୍ୱଜ ପଲେଇ, ଖୋର୍ଦ୍ଧା ସମବାୟ ବ୍ୟାଙ୍କର ପୂର୍ବତନ ଡାଇରେକ୍ଟର ବିଭୁ ପ୍ରସାଦ ମହାପାତ୍ର, ଶ୍ରମିକ ନେତା ପଞ୍ଚାନନ ମହାରଣା ଓ ଶିକ୍ଷାବିତ ଦାଶରଥି ବଳବନ୍ତରାୟ ସମେତ ବହୁ ସଂଖ୍ୟାରେ ବୁଦ୍ଧିଜୀବୀ ଏହି ଆଲୋଚନାରେ ଭାଗ ନେଇଥିଲେ।

## ଆମ୍ ଆଦ୍‌ମୀ ପକ୍ଷରୁ ନୂତନ କର୍ମକର୍ତ୍ତା ଘୋଷଣା

**ଅସ୍ତରଙ୍ଗ,୧୯/ଏନ୍ଏନ୍ଏସ୍:** ରାଜ୍ୟ ଆମ୍ ଆଦ୍‌ମୀ ପାର୍ଟିର ରାଜ୍ୟ ସଂଗଠନ ସମ୍ପାଦକ ଶ୍ରୀକାନ୍ତ ପାଣିଙ୍କ ପରାମର୍ଶ ତଥା ପୁରୀ ଜିଲ୍ଲା ସଭାପତି ସଞ୍ଜୀବ ମହାନ୍ତିଙ୍କ ନେତୃତ୍ୱରେ କାକଟପୁର ନିର୍ବାଚନ ମଣ୍ଡଳୀର ନୂତନ ନବନିର୍ବାଚିତ ସଦସ୍ୟଙ୍କ ନାମ ଘୋଷଣା କରାଯାଇଛି। କାକଟପୁର ନିର୍ବାଚନ ମଣ୍ଡଳୀରେ ନୂତନ ସଭାପତି ଭାବେ ଭାଗବତ ବେହେରା, ଉପସଭାପତି ରମେଶ ଚନ୍ଦ୍ର ମହାନ୍ତି, ସମ୍ପାଦକ ଶିବପ୍ରକାଶ ମହାନ୍ତି, ସହସମ୍ପାଦକ ମଳୟ ରଞ୍ଜନ ମହାରଣା, ସୋସିୟାଲ ମିଡିଆ ଇନଚାର୍ଜ ବିଶ୍ୱଜିତ ପରିଡା, କାକଟପୁର ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ରମାକାନ୍ତ ସ୍ୱାଇଁ, ସେହିଭଳି ମହିଳା ସୋସିୟାଲ ମିଡିଆ ଇନଚାର୍ଜ ସ୍ୱାତି ସାଗରିକା ପୋଟେଇ, ମହିଳା ସଭାନେତ୍ରୀ ସୋନାଲି ରାଉତ, ମହିଳା ସହ ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ପୋଟେଇ ଘୋଷଣା ହୋଇଛନ୍ତି। ସେହିଭଳି ପାର୍ଟିର ଛାତ୍ର ସଭାପତି ପୁରୀର ବିସ୍ମୟ ରଞ୍ଜନ ପାଳ, ସଂଖ୍ୟାଲଘୁ ସଭାପତି ଏସ୍‌କେ ମୁମତାଜ, ଅସ୍ତରଙ୍ଗ ବ୍ଲକ ସଭାପତି ଦିଲିପ ବେହେରା, ଗୋପ ବ୍ଲକର ୧୪ଟି ପଞ୍ଚାୟତର ସଭାପତି ଦୁଷ୍ମନ୍ତ ଦଳାଇ, ଗୋପ ବ୍ଲକ ୧୪ନଂ ଜୋନ୍ ସଭାପତି ପୁରୁଷୋତ୍ତମ ସ୍ୱାଇଁ, ୧୨ନଂ ଜୋନ୍ ସଭାପତି ଲିଙ୍ଗରାଜ ପାତ୍ର, ଗୋପ ବ୍ଲକ୍ ଜଙ୍ଗଲବରୀ ପଞ୍ଚାୟତ ସଭାପତି ବାପିନ ମଲିକ, ବଉଲଙ୍ଗ ପଞ୍ଚାୟତ ସଭାପତି ପ୍ରକାଶ ମଲିକ, ଶିମିଳି ପଞ୍ଚାୟତ ସଭାପତି ପ୍ରତାପ ନାୟକ, ଶିମିଳି ପଞ୍ଚାୟତ ଉପସଭାପତି ସଦାଶିବ ସେଠୀ, କୁରୁଜଙ୍ଗ ପଞ୍ଚାୟତ ସଭାପତି ପ୍ରଶାନ୍ତ କୁମାର ଭୂୟାଁଙ୍କ ନାମ ଘୋଷଣା କରାଯାଇଛି। ଆଗାମୀ ଦିନରେ କାକଟପୁର ନିର୍ବାଚନମଣ୍ଡଳୀରେ ଗୋପ ବ୍ଲକରେ ଆମ ଆଦମୀ ପାର୍ଟି ପାଇଁ କାର୍ଯ୍ୟକରିବା ପାଇଁ ଶପଥ ଗ୍ରହଣ କରିଥିଲେ। ଏହି ଘୋଷଣା ସମୟରେ ଜିଲ୍ଲା ଉପସଭାପତି ରବୀନ୍ଦ୍ର ନାଥ ସାହୁଙ୍କ ସମେତ ସମସ୍ତ କର୍ମୀ ଉପସ୍ଥିତ ଥିଲେ।

## ଯୁବକଙ୍କ ଆତ୍ମହତ୍ୟା ଘଟଣାର ୧୮ ଦିନ ପରେ ଥାନା ସମ୍ମୁଖରେ ଧାରଣା



**ଗୋପ,୧୯/ଏନ୍ଏନ୍ଏସ୍:** ଗୋପ ଥାନା ଅଧୀନ ପୟରା ଗ୍ରାମ ପଞ୍ଚାୟତ ସ୍ଥିତ ଖଡିଶ ଗ୍ରାମର ତ୍ରିନାଥ ଭୋଇ ଗତ ଅଗଷ୍ଟ ମାସ ୧୪ ତାରିଖ ବିଳମ୍ବିତ ରାତିରେ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିଲେ। ମାତ୍ର ଘଟଣାର ୧୮ ଦିନ ପରେ ପରିବାର ଲୋକେ ତ୍ରିନାଥଙ୍କୁ ହତ୍ୟା କରାଯାଇ ଗଛରେ ଝୁଲାଇ ଦିଆଯାଇଥିବା ଅଭିଯୋଗ କରିଛନ୍ତି। ଆତ୍ମହତ୍ୟା ଦିନ ସେହିଗ୍ରାମର ଜୈନିକ ବ୍ୟକ୍ତିଙ୍କ ସହ ତ୍ରିନାଥଙ୍କ ଗଣ୍ଡଗୋଳ ହୋଇଥିବା ଓ ପରେ ସେହିବ୍ୟକ୍ତି ତ୍ରିନାଥଙ୍କ ଘରକୁ ଫୋନ କରି ଧମକ ଦେଇଥିବା ଅଭିଯୋଗ କରିଥିବା ବେଳେ ପୋଲିସ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରୁନଥିବା ପ୍ରତିବାଦରେ ଶତାଧିକ ବ୍ୟକ୍ତି ଗୋପ ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ତଥ୍ୟ ଅନୁଯାୟୀ ଗତ ଅଗଷ୍ଟ ୧୪ ତାରିଖରେ ଗୋପଥାନା ପୟରା ପଞ୍ଚାୟତ ଖଡିଶ ଗ୍ରାମର ଜିତେନ୍ଦ୍ର ଭୋଇଙ୍କ ପୁଅ ତ୍ରିନାଥ ଭୋଇ ଗ୍ରାମରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ର ଗୃହ ନିକଟରେ ଥିବା ଏକ ଆମ୍ବ ଗଛରେ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିଲେ। ଖବର ପାଇ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ମୃତ ଯୁବକର ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ସହ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲେ। ସେହି ସମୟରେ ପରିବାର ପକ୍ଷରୁ ହତ୍ୟା ଅଭିଯୋଗ ହୋଇନଥିଲା। ମୃତ ଯୁବକଙ୍କ ଦାଦା ବିପିନ ଲେଖାପଢ଼ା ଜାଣିନ ଥିବାରୁ ଗୋପ ଥାନା ନିକଟରେ ଥିବା ଜଣେ ବ୍ୟକ୍ତିଙ୍କୁ ଅଭିଯୋଗ ଲେଖିବାକୁ କହିଥିଲେ। ଘଟଣା ସମ୍ପର୍କରେ ସବିଶେଷ ବିବରଣୀ ପ୍ରଦାନ କରିବା ପରେ ଅଭିଯୋଗ ପତ୍ର ଲେଖାଯାଇଥିଲା। ମାତ୍ର ଉଦ୍ଦେଶ୍ୟମୂଳକ ଭାବେ ଭୁଲ ରିପୋର୍ଟ ଲେଖି ଦେଇଥିବା ମତବ୍ୟକ୍ତ କରିଛନ୍ତି। ମୃତ ଯୁବକଙ୍କ ଦାଦା ପୁଲିସ ଆଗରେ କହିବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କ ନାମରେ ମଧ୍ୟ ଲିଖିତ ଅଭିଯୋଗ କରିଛନ୍ତି। ଅପରପକ୍ଷେ ଘଟଣା ଘଟିବା ଦିନ ମୃତ ତ୍ରିନାଥଙ୍କ ସହ ସେହି ଗ୍ରାମର ଅନ୍ୟଜଣେ ବ୍ୟକ୍ତିଙ୍କ ସହ ପାଟିତୁଣ୍ଡ ମାରପିଟ ହୋଇଥିବା ବେଳେ ବିଳମ୍ବିତ ରାତିରେ ସଂପୃକ୍ତ ଯୁବକ ମୃତ ବ୍ୟକ୍ତିଙ୍କ ପରିବାରକୁ ଟେଲିଫୋନ ମାଧ୍ୟମରେ ଧମକ ଦେଇଥିବା ପରିବାର ଲୋକେ ଆଭିଯୋଗ କରିଥିଲେ ମଧ୍ୟ ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନ ନିଆଯିବା ପ୍ରତିବାଦରେ ଶତାଧିକ ବ୍ୟକ୍ତି ଧାରଣା ଦେଇଥିଲେ।

ଧାରଣାସ୍ଥଳରେ ଗୋପ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢ଼ିଆରୀ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାସୁଝା କରିବାସହ ପୁନର୍ବାର ଅଭିଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଖବର ପାଇ ନିମାପଡ଼ା ଡିଏସ୍‌ପି ଜନାର୍ଦ୍ଦନ ପାଢ଼ୀ ପହଞ୍ଚି ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟହେବ ବୋଲି କହିବା ସହ ଘଟଣାର ନିରପେକ୍ଷ ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ନୟାଗଡ଼କୁ ସରସ ସୁନ୍ଦର କରିବା ପାଇଁ ସଂକଳ୍ପ

**ନୟାଗଡ଼,୧୯/ଏନ୍ଏନ୍ଏସ୍:** ନୟାଗଡ଼ ପୌରପରିଷଦ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଧାୟକ ଡ. ଅରୁଣ କୁମାର ସାହୁ କହିଲେ ଯେ, ନୟାଗଡ଼ ସହରକୁ ସରସ ସୁନ୍ଦର ଭାବେ ଗଢ଼ି ତୋଳିବା ପାଇଁ ସମସ୍ତଙ୍କର ଦାୟିତ୍ୱ ରହିବା ସହ ଏଥିପାଇଁ ଆମ୍ଭେମାନେ ସଂକଳ୍ପ ନେବାର ଆବଶ୍ୟକ ରହିଛି ବୋଲି କହିଥିଲେଓ ଏବେ କେବଳ ନିଜେ କେମିତି ବଞ୍ଚିବୁ ସେ କଥା ସମସ୍ତେ ଚିନ୍ତା କରୁଛନ୍ତି। ସରକାରୀ ବା ସାମୂହିକ ସମ୍ପତିର ସୁରକ୍ଷାକୁ ସମସ୍ତେ ନିଜର ଭାବି ଗୁରୁତ୍ୱ ଦେଲେ ଆଉ ସମସ୍ୟା ରହିବ ନାହିଁ ଓ ସମସ୍ତ ଓ୍ୱାର୍ଡବାସୀଙ୍କୁ ସଚେତନ କରିବା ପାଇଁ ପୌର ପରିଷଦର ନିର୍ବାଚିତ ପ୍ରତିନିଧଙ୍କ ଦାୟିତ୍ୱ ହେବା ଆବଶ୍ୟକ ବୋଲି ସେ କହିଥିଲେ।ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଜିଲ୍ଲା ପରିଷଦ ସଭାପତି ଙ୍କ ଦେବାଶୀଷ ପଟ୍ଟନାୟକ କହିଲେ ଯେ, ନୟାଗଡ଼ ସବୁ କ୍ଷେତ୍ରରେ ବେଶ୍ ଉନ୍ନତି କରିଛି। ଏଣୁ ଏ ସମସ୍ତ ସମ୍ପତ୍ତିର ସୁରକ୍ଷା ଦାୟିତ୍ୱ ସମସ୍ତେ ନେବା ଆବଶ୍ୟକ। ପୌରାଧ୍ୟକ୍ଷା ନିରୂପମା ଖଟେଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ପଣ୍ଡା, ପୌର ଉପାଧ୍ୟକ୍ଷ ଗୁରୁ ପ୍ରସାଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ପୌର ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ, ସହରରେ ହୋଇଥିବା ଏକାଧିକ ଜନ୍ନୟନ ମୂଳକ ପ୍ରକଳ୍ପ ଓ ଆଗାମୀ ଦିନରେ କାର୍ଯ୍ୟକାରୀ ହେବାକୁ ଥିବା ଏକାଧିକ ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଶେଷରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବା ସହ ସଫେଇ କର୍ମଚାରୀମାନଙ୍କୁ ପୋଷାକ ବଣ୍ଟନ କରାଯାଇଥିଲା। ପରିବେଷଣ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସଫେଇ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା। ପୌରପରିଷଦ ପକ୍ଷରୁ ସକାଳୁ ରାମଧୁନ କାର୍ଯ୍ୟକ୍ରମ, ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ କାଉନସିଲର ଉପସ୍ଥିତ ଥିବାବେଳେ ସାମ୍ବାଦିକ ରାମକୃଷ୍ଣ ରଥ ମଞ୍ଚ ପରିଚାଳନା କରିଥିଲେ। କାଉନସିଲର କିଷାନ କୁମାର ଦାସ ଧନ୍ୟ ଅର୍ପଣ କରିଥିଲେ।



## ଅଧା ରହିଗଲା ଝିଅର ଜନ୍ମଦିନ

# ଦୁର୍ଘଟଣାରେ ଚାଲିଗଲା ବାପାର ଜୀବନ

**ସୋର,୧୯/ଏନ୍‌ଏନ୍‌ଏସ୍:** ଅଧା ରହିଗଲା ଝିଅର ଜନ୍ମଦିନ। ଝିଅ ପରୀର ଜନ୍ମଦିନରେ ହିଁ ଚାଲିଗଲା ବାପାର ଜୀବନ। ନା କେକ୍ କଟା ହେଲା ନା ଜନ୍ମଦିନର ସେ ଖୁସି ଖୁସି ହୋଇ ରହିଲା। ଝିଅର ଜନ୍ମଦିନରେ ବାପାର ଜୀବନ ଦୀପ ଲିଭିଗଲା। ହସଖୁସିର ମାହୋଲ ଦୁଃଖରେ ପରିଣତ ହୋଇଗଲା। ଆଉ କିଛି ଘଣ୍ଟା ପରେ ଯେଉଁ ଘରୁ 'ହାପି ବାର୍ଥ ଡେ ଟୁ ୟୁ' ବୋଲି ଶୁଣିବାକୁ ମିଳିଥାନ୍ତା ଏବେ ସେହି ଘରୁ ଶୁଭୁଛି ହୃଦୟଫଟା ଚିତ୍କାର। କାନ୍ଦବୋବାଳିର କରୁଣ ସ୍ୱର। ଦୁର୍ଘଟଣା ଯେ ଏମିତି ଦାଗ ଦେଇପାରେ ତାହା ସୋରରୁ ଆସିଥିବା ଛାତିଫଟା କାହାଣୀ ବଖାଣୁଛି।

ବାପା ଜଣଙ୍କ କେତେ ଖୁସି ଥିଲେ। ଝିଅର ଜନ୍ମଦିନ ପାଇଁ ବନାରସରେ କାମ କରୁଥିବା ବେଳେ ଛୁଟି ନେଇ ଘରକୁ ଫେରିଥିଲେ। ଝିଅର ଜନ୍ମଦିନ ଥିବାରୁ ଦୁଇଦିନ ତଳେ ଘରକୁ ଆସିଥିଲେ ଯୁବକ। ଆଜି ଜନ୍ମଦିନ ଥିବାରୁ ଘରେ ରଙ୍ଗବେରଙ୍ଗର ବେଲୁନ ବି ସଜାଇଥିଲେ। ଘରେ ବନ୍ଧୁବର୍ଗଙ୍କ ଭିଡ଼ ଜମି ଥିଲା। ଝିଅର ଜନ୍ମଦିନ ସେଲିବ୍ରେସନ୍ ପାଇଁ ଖାଲି କେକ୍ ଆଣିବା ବାକି ଥିଲା। ସଞ୍ଜରେ ସେଲିବ୍ରେସନ୍ ଥିବାରୁ ବାପା ବାଇକ୍ ଧରି କେକ୍ ଆଣିବାକୁ ବାହାରିଯାଇଥିଲେ। ହେଲେ କିଏ ଜାଣିଥିଲେ ବାଟରେ ଯମ ଜଗି ଥିବ ବୋଲି। ଡମ୍ଫର ଧକ୍କାରେ ଚାଲିଗଲା ଯୁବକଙ୍କ ଜୀବନ। ମୃତ ଯୁବକ ଜଣଙ୍କ ହେଲେ ବାଲେଶ୍ୱର ଜିଲ୍ଲା ସୋର ଥାନା ମଙ୍ଗଳପୁର ଗ୍ରାମର ଉମାକାନ୍ତ ପାଢ଼ୀ। ବୟସ ପାଖାପାଖି ୩୫ ବର୍ଷ ହେବ। ଉମାକାନ୍ତ ବନାରସର ଏକ ଘରୋଇ କମ୍ପାନୀରେ କାମ କରନ୍ତି। ଆଜି ତାଙ୍କର ଏକମାତ୍ର ୩ ବର୍ଷର ଝିଅ ପରୀର ଜନ୍ମଦିନ ଥିବାରୁ ଉମାକାନ୍ତ ଦୁଇଦିନ ତଳେ ବନାରସରୁ ଘରକୁ ଆସିଥିଲେ। ଆଜି ଅପରାହ୍ଣରେ ଜନ୍ମଦିନ କେକ ଆଣିବାକୁ ଓଡ଼ି ୦୧ ସି ୧୨୧୧ ନମ୍ବର ବିଶିଷ୍ଟ ପେସନ ପ୍ରୋ ବାଇକ ଯୋଗେ ସୋର ଅଭିମୁଖେ ଆସୁଥିବା ବେଳେ ସୋର ଥାନା ବାଗୁଡି ବଜାର ନିକଟ ଭଗବତୀ ଟ୍ରେଡ଼ର୍ସ ସମ୍ମୁଖରେ ପଛରୁ ଆସୁଥିବା ଏକ ପଥର ବୋଝେଇ ଡ଼ମ୍ଫର ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଉମାକାନ୍ତଙ୍କ ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିବା ସହିତ ପରିବାର ଲୋକଙ୍କୁ ଓ ସୋର ପୁଲିସକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ଦୁର୍ଘଟଣା ଘଟାଇଥିବା ପଥର ବୋଝେଇ ଡମ୍ଫରଟି ଫେରାର ହୋଇଯାଇଛି। ସେପଟେ ପୁଅର ମୃତ୍ୟୁରେ ମାଆ ଭାଙ୍ଗି ପଡ଼ିଥିବା ବେଳେ ଛାତିପିଟି ରାସ୍ତାରେ କାନ୍ଦୁଛି ମାଆ। ପରିବାର ଲୋକ ଉମାକାନ୍ତଙ୍କ ଆକସ୍ମିକ ମୃତ୍ୟୁକୁ ସହଜରେ ଗ୍ରହଣ କରି ପାରୁ ନାହାନ୍ତି। ଠିକ୍ ଏମିତି ଏକ ଘଟଣା ପ୍ରାୟ ୪ ବର୍ଷ ତଳେ ଉକ୍ତ ସ୍ଥାନରେ ହିଁ ଘଟିଥିଲା। ହୋଲି ଦିନ ବାପା ଝିଅକୁ ମେସ୍‌ରୁ ଆଣିବାକୁ ଯାଉଥିବା ବେଳେ ବାଗୁଡ଼ିର ଉକ୍ତ ସ୍ଥାନରେ ହିଁ ଟ୍ରକ୍ ଚକା ତଳେ ଜଣେ ବାପାଙ୍କର ଜୀବନ ଯାଇଥିଲା। ଆଉ ଏବେ ପୁଣି ସେମିତି ଏକ ଘଟଣା ବାପା-ଝିଅ ଓ ମୃତ୍ୟୁ ନେଇ ଘଟିଥିବା ବେଳେ ଉକ୍ତ ଦୁର୍ଘଟଣାପ୍ରବଣ ସ୍ଥାନକୁ ନେଇ ଲୋକେ ବିଭିନ୍ନ ଚର୍ଚ୍ଚା କରୁଛନ୍ତି।

# ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିବସରୁ ସେବା ପକ୍ଷ



**ଭୁବନେଶ୍ୱର,୧୯/ଏନ୍‌ଏନ୍‌ଏସ୍:** ସେବା ହିଁ ପରମ ଧର୍ମକୁ ଚରିତାର୍ଥ କରିବାକୁ ଯାଇ ସମାଜର ଗରିବ, ଶୋଷିତ ବର୍ଗର ଉତ୍‌ଥାନ ନିମନ୍ତେ ବିଶ୍ୱର ସବୁଠୁ ଲୋକପ୍ରିୟ ନେତା ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ନିରନ୍ତର ସେବା ଓ ଅକ୍ଳାନ୍ତ ପରିଶ୍ରମ ବଳରେ ମୋଦିଜୀ ସାରା ବିଶ୍ୱରେ ଭାରତକୁ ତୃତୀୟ ବୃହତ୍ ଅର୍ଥନୀତିରେ ପରିଣତ କରିଛନ୍ତି। ଦେଶ ପାଇଁ ତାଙ୍କର ଉଲ୍ଲେଖନୀୟ ସେବା ପାଇଁ ତାଙ୍କ ଜନ୍ମଦିନକୁ ପ୍ରତିବର୍ଷ ସେବା ଦିବସ ଭାବେ ପାଳନ କରଯିବା ସହ ଉକ୍ତ ଦିନରୁ ଆସନ୍ତା ଅକ୍ଟୋବର ୨ ତାରିଖ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପର୍ଯ୍ୟନ୍ତ ୧୫ ଦିନ ସେବା ପକ୍ଷ ଭାବେ ପାଳନ କରାଯାଏ। ଚଳିତବର୍ଷ ମୋଦିଜୀଙ୍କ ୭୫ତମ ଜନ୍ମଦିନ ପଡୁଥିବାରୁ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ଦଳ ପକ୍ଷରୁ ଉତ୍ସାହର ସହ ସେବା ପକ୍ଷ ପାଳନ କରାଯିବ ବୋଲି ରାଜ୍ୟ ସାଧାରଣ ସମ୍ପାଦକ ଡ. ଯତୀନ ମହାନ୍ତି ସୂଚନା ଦେଇଛନ୍ତି।

ଡ. ମହାନ୍ତି କହିଛନ୍ତି ଯେ ସେବାପକ୍ଷ ଉପଲକ୍ଷେ ୧୭ରେ ରାଜ୍ୟସ୍ତରୀୟ, ୧୮ରେ ଜିଲ୍ଲାସ୍ତରୀୟ ଓ ୧୯ରୁ ସେପ୍ଟେମ୍ବର ୨୭ ପର୍ଯ୍ୟନ୍ତ ମଣ୍ଡଳସ୍ତରରେ ସ୍ୱଚ୍ଛତା ଅଭିଯାନ ଓ ରକ୍ତଦାନ ଶିବିର ଆୟୋଜନ କରାଯିବ। ଏହି ଅବସରରେ ବିଭିନ୍ନ ପିଏଚ୍‌ସି, ସିଏଚ୍‌ସି, ମେଡିକାଲ କଲେଜ ଓ ଘରୋଇ ଡାକ୍ତରଖାନାରେ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯିବ। ୧୭ରେ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ଜୀବନ ଉପରେ ରାଜ୍ୟସ୍ତରୀୟ ପ୍ରଦର୍ଶନୀ, ୧୮ରୁ ୨୭ ସେପ୍ଟେମ୍ବର ପର୍ଯ୍ୟନ୍ତ ଜିଲ୍ଲାସ୍ତରୀୟ ପ୍ରଦର୍ଶନୀ କରାଯିବ। ଏହି ପ୍ରଦର୍ଶନୀ ସାଙ୍ଗରେ ଭୋକାଲ୍ ଫର୍ ଲୋକାଲ୍‌ର ପ୍ରଚାର କରାଯିବ। ସ୍ଥାନୀୟ ଉତ୍ପାଦ, ହସ୍ତଶିଳ୍ପ ଏବଂ ପାରମ୍ପରିକ ଶିଳ୍ପକୁ ପ୍ରୋତ୍ସାହିତ କରିବା ପାଇଁ ଜିଲ୍ଲା ଓ ରାଜ୍ୟସ୍ତରରେ ସ୍ୱତନ୍ତ୍ର ମେଳା ଓ ପ୍ରଦର୍ଶନୀ କରାଯିବ। ବିକଶିତ ଭାରତ ଉପରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ୧୯ ଓ ୨୦ ସେପ୍ଟେମ୍ବରରେ ଜିଲ୍ଲାସ୍ତରୀୟ ପ୍ରବୁଦ୍ଧ ବର୍ଗ ସମ୍ବାଦ, ମୋଦିଜୀଙ୍କ ଜୀବନୀ ଉପରେ ଫିଲ୍ମ ପ୍ରଦର୍ଶନ କରାଯିବ। ୧୯ରୁ ୨୭ ସେପ୍ଟେମ୍ବର ପର୍ଯ୍ୟନ୍ତ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ, ପାଠାଗାର ଓ ପଞ୍ଚାୟତ ଭବନରେ ମୋଦିଜୀଙ୍କ ଜୀବନୀ ଉପରେ ପୁସ୍ତକ ବଣ୍ଟନ କରାଯିବ। ଜାତୀୟ ଉପକୂଳ ଦିବସ ଅର୍ଥାତ୍ ସେପ୍ଟେମ୍ବର ୨୦ରେ ସମୁଦ୍ର ଉପକୂଳଠାରେ ସ୍ୱଚ୍ଛତା ଅଭିଯାନ କରାଯିବ। ୨୧ ସେପ୍ଟେମ୍ବରରେ ମୋଦି ବିକାଶ ମାରାଥନ କାର୍ଯ୍ୟକ୍ରମ କରାଯିବ। ସେପ୍ଟେମ୍ବର ୨୫ରେ ବିଜେପିର ବିଚାର ପ୍ରଣେତା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଜୀଙ୍କ ଜୟନ୍ତୀ ରାଜ୍ୟ, ଜିଲ୍ଲା ଓ ବୁଥ୍‌ସ୍ତରରେ ଆୟୋଜନ କରାଯିବ। ସେପ୍ଟେମ୍ବର ୨୫ ଓ ୨୬ରେ ଜିଲ୍ଲା ଓ ରାଜ୍ୟସ୍ତରୀୟ ପ୍ରତିଷ୍ଠିତ ବ୍ୟକ୍ତି ଓ ଦିବ୍ୟାଙ୍ଗଜନମାନଙ୍କୁ ସମ୍ମାନିତ କରାଯିବ। ଅକ୍ଟୋବର ୨ରେ ମହାତ୍ମାଗାନ୍ଧୀ ଓ ଲାଲ୍‌ବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ଅନୁଷ୍ଠିତ ହେବ। ଏଥିସହ ସାଂସଦ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଡ. ମହାନ୍ତି ସୂଚନା ଦେଇଛନ୍ତି। ଏନେଇ ଆଜି ରାଜ୍ୟ କାର୍ଯ୍ୟାଳୟରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ, ପ୍ରଭାରୀ ବିଜୟପାଲ ସିଂ ତୋମାର, ରାଷ୍ଟ୍ରୀୟ ସମ୍ପାଦକ ଅରବିନ୍ଦ ମେନନ୍, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ) ମାନସ ମହାନ୍ତି ପ୍ରମୁଖ ଯୋଗଦେଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ପ୍ରଦାଧିକାରୀ, ମୋର୍ଚ୍ଚା ଓ ପ୍ରକୋଷ୍ଠ ସଂଯୋଜକ, ସମସ୍ତ ଜିଲ୍ଲା ସଭାପତି, ଜିଲ୍ଲା କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ। ସେବା ପକ୍ଷକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ଆଗାମୀ ଦିନରେ ଜିଲ୍ଲା ଓ ମଣ୍ଡଳସ୍ତରରେ ଏଭଳି କର୍ମଶାଳା ଆୟୋଜନ କରାଯିବ ବୋଲି ଡ. ମହାନ୍ତି କହିଛନ୍ତି।

# ସାର ଯୋଗାଣରେ ବିଭ୍ରାଟ: ସମସ୍ୟାର ସମାଧାନ ପାଇଁ ବିଜେଡିର ଦାବି

**ଭୁବନେଶ୍ୱର,୧୯/ଏନ୍‌ଏନ୍‌ଏସ୍:** ରାଜ୍ୟରେ ସାରର ଉତ୍କଟ ଅଭାବ ସ୍ଥିତିକୁ ନେଇ କୃଷକମାନେ ରାଜରାସ୍ତାକୁ ଓହ୍ଲାଇଥିବା ବେଳେ ବିଜୁ ଜନତା ଦଳ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି। ସୋମବାର ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ଦଳର ଉପସଭାପତି ଅତନୁ ସବ୍ୟସାଚୀ ନାୟକ କହିଥିଲେ, ରାଜ୍ୟରେ ସାରର ଅଭାବକୁ ନେଇ ଚାଷୀମାନେ ହନ୍ତସନ୍ତ ହେଉଛନ୍ତି ଓ ସାରର କଳାବଜାରୀ ଚାଲିଛି।

ଶ୍ରୀ ନାୟକ କହିଛନ୍ତି ଯେ ସରକାର ସମସ୍ୟାକୁ ଗମ୍ଭୀରତାର ସହିତ ନେବା ପରିବର୍ତ୍ତେ ସାର ପ୍ରଚୁର ପରିମାଣରେ ମହଜୁଦ ଅଛି ବୋଲି ଯୋଗାଣ ମନ୍ତ୍ରୀ ମନ୍ତବ୍ୟ ଦେଇ ଶୋଇ ରହିଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରେ କୃଷକମାନେ ସାର ନପାଇ ରାଜରାସ୍ତାକୁ ଓହ୍ଲାଇଥିଲେ। ସ୍ଥିତି ଗମ୍ଭୀର ହୋଇଥିବା ଅନୁଭବ କରି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ କେନ୍ଦ୍ର ସାର ଓ ରସାୟନ ମନ୍ତ୍ରୀ ଜେପି ନଡ୍ଡାଙ୍କୁ ଚିଠି ଲେଖି ରାଜ୍ୟକୁ ଆବଶ୍ୟକୀୟ ପରିମାଣର ସାର ଯୋଗାଇ ଦେବା ପାଇଁ ଅନୁରୋଧ କରିବା ସହିତ ତାଳଚେର ସାର କାରଖାନାକୁ ଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ଅନୁରୋଧ କରିଥିଲେ। ନବୀନ ବାବୁଙ୍କ ଚିଠି ପରେ ରାଜ୍ୟ ସରକାରଙ୍କ ନିଦ ଭାଙ୍ଗିଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜେ ସ୍ଥିତିର ସମୀକ୍ଷା କରିବା ସହିତ ଆବଶ୍ୟକ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଶ୍ରୀ ନାୟକ ଆହୁରି କହିଥିଲେ, ଗତକାଲି ହୋଇଥିବା ସମୀକ୍ଷା ପରେ ପ୍ରଶ୍ନ ଉଠିଛି ଯେ, ଯେଉଁ ସାର କୃଷକଙ୍କୁ ପ୍ରଦାନ କରାଯାଉଛି ବୋଲି ସରକାରଙ୍କ ତରଫରୁ କୁହାଯାଇଛି, ତାହା ବାସ୍ତବରେ ଚାଷୀଙ୍କ ପାଖକୁ ଯାଇଛି ନା ଆଉ କାହା ପାଖକୁ ଯାଇଛି। ସମୀକ୍ଷାରେ ଦିଆଯାଇଥିବା ତଥ୍ୟ ଅନୁଯାୟୀ, ୧୨୦୦ଟି ସାର ବିକ୍ରୟ ସ୍ଥଳରେ ସାର ବିକ୍ରୟ କାର୍ଯ୍ୟ ଠିକ୍‌ରେ ହୋଇନଥିବାରୁ ସେମାନଙ୍କୁ ସନ୍ଦେହରେ ରଖାଯାଇଛି। ସେହିପରି ୬୨ଟି ବିକ୍ରୟ କେନ୍ଦ୍ରକୁ ସାମୂହିକ ଭାବେ ବନ୍ଦ କରାଯାଇଥିବା ବେଳେ ୩୦ଟି ବିକ୍ରୟ କେନ୍ଦ୍ରକୁ ସମ୍ପୂର୍ଣ୍ଣ ବନ୍ଦ କରି ଦିଆଯାଇଛି। ଏହି ତଥ୍ୟରୁ ସାର ବିକ୍ରିରେ ଅନିୟମିତତା ରହିଥିବା ସ୍ପଷ୍ଟ ହେଉଛି। ୪୫ କେଜି ସାର ପ୍ୟାକେଟର ବିକ୍ରି ମୂଲ୍ୟ ମାତ୍ର ୨୪୨ ଟଙ୍କା ରହିଥିବା ବେଳେ ଅନେକ ଜାଗାରେ ଏହା ୮୦୦ରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହୋଇଛି ବୋଲି ଗଣମାଧ୍ୟମରେ ପ୍ରକାଶ ପାଇଛି। ଶ୍ରୀ ନାୟକ କହିଥିଲେ, ସମୀକ୍ଷାରୁ ସାର ବିକ୍ରିରେ ଅନିୟମିତତା ହୋଇଛି ବୋଲି ସ୍ପଷ୍ଟ ହେଉଥିବା ବେଳେ ରାଜ୍ୟର ଯୋଗାଣ ମନ୍ତ୍ରୀ ଓ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ରାଜ୍ୟରେ ସାରର ଅଭାବ ନାହିଁ ଓ ସାର ବିକ୍ରିରେ କୌଣସି ଦୁର୍ନୀତି ହୋଇନାହିଁ ବୋଲି ମନ୍ତବ୍ୟ ଦେବା ଦୁର୍ଭାଗ୍ୟଜନକ। ବିଜୁ ଜନତା ଦଳ ସବୁବେଳେ କୃଷକମାନଙ୍କ ସହିତ ରହିଛି। ତେଣୁ କୃଷକ ମାନଙ୍କ ସମସ୍ୟା ତୁରନ୍ତ ସମାଧାନ ନହେଲେ ବିଜୁ ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବ।

## ଏନ୍‌ଏସି ଘୋଷଣାରେ ସରକାରଙ୍କ ପାତରଅନ୍ତର ଅଭିଯୋଗ

# ୩୯ ଅଞ୍ଚଳକୁ ଏନ୍‌ଏସି ଘୋଷଣା ନକଲେ ରାଜରାସ୍ତାକୁ ଓହ୍ଲାଇବୁ: ବିଜେଡି



**ଭୁବନେଶ୍ୱର,୧୯/ଏନ୍‌ଏନ୍‌ଏସ୍:** ସ୍ୱାୟତ୍ତ ଶାସନ ଦିବସ ଅବସରରେ ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଥିବା ୧୬ ନୂଆ ଏନ୍‌ଏସି ଓ ୭ଟି ମ୍ୟୁନିସିପାଲିଟି ଭାବେ ଘୋଷଣା କରାଯାଇଥିବା ବେଳେ ବିଜେଡି ସରକାରଙ୍କ ଦ୍ୱାରା ଘୋଷିତ ହୋଇଥିବା ୫୭ଟି ଏନ୍‌ଏସି ମଧ୍ୟରୁ ୩୯ଟି ଅଞ୍ଚଳକୁ କାର୍ଯ୍ୟକାରୀ ନକରିବା ଦୁର୍ଭାଗ୍ୟଜନକ ବୋଲି ବିଜୁ ଜନତା ଦଳ କହିଛି। ବିଜେଡି ସରକାରଙ୍କ ଦ୍ୱାରା ଏନ୍‌ଏସି ଭାବେ ଘୋଷିତ ହୋଇଥିବା ଅଞ୍ଚଳଗୁଡ଼ିକୁ ପାତର ଅନ୍ତର କରି ସରକାର ଏପରି ନିଷ୍ପତ୍ତି ନେଉଛନ୍ତି।

ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଉପସଭାପତି ପ୍ରତାପ ଜେନା ଓ ବିଧାୟକ ତଥା ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ପାତରଅନ୍ତର ନୀତି ପାଇଁ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ।

ଦେବୀ ପ୍ରସାଦ ମିଶ୍ର କହିଥିଲେ, ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ, ୨୦୨୪ ମସିହା ଫେବୃଆରୀ ଓ ମାର୍ଚ୍ଚ ମାସରେ ରାଜ୍ୟର ବିଭିନ୍ନ ଜିଲ୍ଲାର ୫୭ଟି ଅଞ୍ଚଳକୁ ଏନ୍‌ଏସି ଘୋଷଣା କରାଯାଇଥିଲା। ପୌର ଅଧିନିୟମ ୧୯୫୦ ଅନୁଯାୟୀ, ପ୍ରଥମେ ଘୋଷଣାନାମା ହୋଇଥାଏ ଓ ପରେ ଏହା ଜିଲ୍ଲାପାଳଙ୍କଠାରୁ ରିପୋର୍ଟ ଅଣାଯାଇ ଗେଜେଟ ନୋଟିଫିକେସନ୍ କରାଯାଏ। ବିଜେଡି ସରକାରଙ୍କ ଦ୍ୱାରା ଘୋଷଣା ହେବା ସହିତ ଜିଲ୍ଲାପାଳମାନଙ୍କ ପାଖକୁ ଆବଶ୍ୟକ ରିପୋର୍ଟ ପାଇଁ ପଠାଯାଇଥିଲା। କିନ୍ତୁ ରାଜ୍ୟରେ ବିଜେପି ସରକାର ଦାୟିତ୍ୱ ନେବା ପରେ ପୂର୍ବରୁ ଘୋଷିତ ହୋଇଥିବା ଅଞ୍ଚଳଗୁଡ଼ିକ ମଧ୍ୟରୁ କିଛି ଅଞ୍ଚଳକୁ ପୁନଃ ଘୋଷଣା କରୁଛନ୍ତି ଓ କିଛି ନୂତନ ଅଞ୍ଚଳକୁ ଏଥିରେ ସାମିଲ କରିଛନ୍ତି। ରାଜ୍ୟରେ ବିଜେପି ସରକାରଙ୍କର ୧୫ ମାସ ବିତି ଯାଇଥିଲେ ମଧ୍ୟ ଗୋଟିଏ ବି ଅଞ୍ଚଳ ପାଇଁ ଗେଜେଟ୍ ନୋଟିଫିକେସନ୍ ହୋଇପାରିନାହିଁ। ପ୍ରତାପ ଜେନା କହିଥିଲେ, ସରକାର ଏକ ନିରନ୍ତର ପ୍ରକ୍ରିୟା। ବିଜେଡି ସରକାରଙ୍କ ଦ୍ୱାରା ଘୋଷିତ ହୋଇସାରିଥିବା ଅଞ୍ଚଳଗୁଡ଼ିକୁ ରାଜ୍ୟ ସରକାର ପୁଣି ଥରେ ଘୋଷଣା କରିବା ଓ ଏଥିରେ ପାତର ଅନ୍ତର କରି ଅଧିକାଂଶ ଘୋଷିତ ଅଞ୍ଚଳକୁ ସାମିଲ ନକରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ନବୀନ ପଟ୍ଟନାୟକଙ୍କ ଦ୍ୱାରା ଘୋଷିତ ହୋଇଥିବା ୫୭ଟି ଏନ୍‌ଏସି ମଧ୍ୟରୁ ମାତ୍ର ୧୮ଟିକୁ ବିଜେପି ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ବେଳେ ୩୯ଟି ଅଞ୍ଚଳକୁ ସାମିଲ କରାଯାଇନାହିଁ, ଯାହା ସରକାରଙ୍କ ପାତର ଅନ୍ତର ନୀତିକୁ ପଦାରେ ପକାଉଛି। ଏହାଛଡ଼ା କଣ୍ଟାବାଞ୍ଜି ଏନ୍‌ଏସିକୁ ମ୍ୟୁନିସିପାଲିଟି କରାଯିବ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏହାକୁ ମଧ୍ୟ ବିଚାରକୁ ନିଆଯାଇନାହିଁ। ବିଜେଡି ସରକାରଙ୍କ ଘୋଷିତ ତାଲିକା ଅନୁଯାୟୀ, ବାଦ୍ ପଡ଼ିଯାଇଥିବା ୩୯ଟି ଅଞ୍ଚଳକୁ ଏନ୍‌ଏସି ମାନ୍ୟତା ଓ କଣ୍ଟାବାଞ୍ଜିକୁ ମ୍ୟୁନିସିପାଲିଟି ଘୋଷଣା ତୁରନ୍ତ କରାଯାଉ। ପ୍ରମିଳା ମଲ୍ଲିକ କହିଥିଲେ, ଗ୍ରାମାଞ୍ଚଳର ବାସିନ୍ଦାମାନଙ୍କୁ ସହରାଞ୍ଚଳରେ ମିଳୁଥିବା ସୁବିଧା ପ୍ରଦାନ ଲକ୍ଷ୍ୟ ରଖି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ୫୭ଟି ଅଞ୍ଚଳକୁ ଏନଏସି ଘୋଷଣା କରିଥିଲେ। କିନ୍ତୁ ବିଜେପି ସରକାର ଏହା ମଧ୍ୟରୁ ଅଧିକାଂଶ ଅଞ୍ଚଳକୁ ବାଦ୍ ଦେଇଛନ୍ତି, ଯେଉଁଥିପାଇଁ ବାଦ୍ ପଡ଼ିଥିବା ଅଞ୍ଚଳ ଗୁଡିକରେ ଜନଅସନ୍ତୋଷ ଦେଖା ଦେଇଛି। ବାଦ୍ ପଡ଼ିଥିବା ୩୯ଟି ଅଞ୍ଚଳକୁ ତୁରନ୍ତ ଏନଏସି ମାନ୍ୟତା ନଦେଲେ ବିଜୁ ଜନତା ଦଳ ନୀରବଦ୍ରଷ୍ଟା ସାଜିବ ନାହିଁ, ରାଜରାସ୍ତାକୁ ଓହ୍ଲାଇବ।

## ସଙ୍ଗଠନ ସୃଜନ ଅଭିଯାନ ଓଡ଼ିଶା ଆରମ୍ଭ

# ବଛାହେବେ ନୂତନ ଜିଲ୍ଲା କଂଗ୍ରେସ ସଭାପତି



**ଭୁବନେଶ୍ୱର,୧୯/ଏନ୍‌ଏନ୍‌ଏସ୍:** ଅଖିଳ ଭାରତ କଂଗ୍ରେସ କମିଟିର ନିର୍ଦ୍ଦେଶକ୍ରମେ ଓଡ଼ିଶାରେ ସଂଗଠନ ସୃଜନ ଅଭିଯାନ ଆରମ୍ଭ ହୋଇଛି। ଏହି ପ୍ରକ୍ରିୟାରେ ରାଜ୍ୟର ସମସ୍ତ ୩୫ ଗୋଟି କଂଗ୍ରେସ ସାଂଗଠନିକ ଜିଲ୍ଲା ପାଇଁ ସଭାପତି ଚୟନ ହେଉଛି ବୋଲି ଆଜି ମଧ୍ୟାହ୍ନରେ କଂଗ୍ରେସ ଭବନରେ ପିସିସି ସଭାପତି ଭକ୍ତ ଚରଣ ଦାସ ସାମ୍ବାଦିକ ମାନଙ୍କୁ ସୂଚନା ଦେଇଛନ୍ତି।

ଶ୍ରୀ ଦାସ କହିଛନ୍ତି, ଗତକାଲି ବାଲେଶ୍ୱର ଓ କେନ୍ଦ୍ରାପଡ଼ା ପାଇଁ ଏଆଇସିସି ପର୍ଯ୍ୟବେକ୍ଷକ ଭାବେ ଯଥାକ୍ରମେ ସାଂସଦ ଶ୍ରେୟାସ ଏମ୍. ପଟେଲ ଓ ଏଆଇସିସି ସମ୍ପାଦକ ଗୋପୀନାଥ ପାଲାନିୟାପନ୍ ଭୁବନେଶ୍ୱରରେ ପହଞ୍ଚି ସମ୍ପୃକ୍ତ ଜିଲ୍ଲା ଗସ୍ତ କରି ଦଳୀୟ ନେତା ଓ କର୍ମୀଙ୍କ ସହିତ ଆଲୋଚନା ଆରମ୍ଭ କରିଛନ୍ତି। ଏହିପରି ସୋମବାର ଦେବଗଡ଼, ଖୋର୍ଦ୍ଧା, ମାଲକାନଗିରି, ମୟୂରଭଞ୍ଜ (ପୂର୍ବ), ନବରଙ୍ଗପୁର, ନୟାଗଡ଼ ଓ ନୂଆପଡ଼ା ପାଇଁ ଯଥାକ୍ରମେ ମୁମ୍ବାଇ କଂଗ୍ରେସ କାର୍ଯ୍ୟକାରୀ କମିଟି ସଭାପତି ଚରଣ ସିଂହ ସାପ୍ରା, ପୂର୍ବତନ ମନ୍ତ୍ରୀ ବିମଳ ଶାହା, ବିଧାୟକ ରାଘବେନ୍ଦ୍ର ସିଂହ, ଏଆଇସିସି କୃଷକ ବିଭାଗର ଅଖିଳେଶ ଶୁକ୍ଳା, ପିସିସି ପୂର୍ବତନ କାର୍ଯ୍ୟକାରୀ ସଭାପତି ଜେଟି କୁସୁମ କୁମାର, ପୂର୍ବତନ ପିସିସି ସଭାପତି ମହେଶ ଶର୍ମା ଓ ଏଆଇସିସି ସମ୍ପାଦକ ମନୋଜ ଚୌହାନ ପ୍ରମୁଖ ଆସି ଓଡ଼ିଶାରେ ପହଞ୍ଚିଛନ୍ତି। ସୂଚନାଯୋଗ୍ୟ ପ୍ରତ୍ୟେକ ଜିଲ୍ଲାର ଏଆଇସିସି ପର୍ଯ୍ୟବେକ୍ଷକଙ୍କୁ କାର୍ଯ୍ୟ ସମ୍ପାଦନରେ ସହଯୋଗ କରିବା ପାଇଁ ୩ ଜଣିଆ ପିସିସି ପର୍ଯ୍ୟବେକ୍ଷକ ମଣ୍ଡଳୀ ସେମାନଙ୍କ ସହ ସମ୍ପୃକ୍ତ ଜିଲ୍ଲା ଗସ୍ତ କରିଛନ୍ତି। ଉକ୍ତ ତିନିଜଣିଆ ପିସିସି ପର୍ଯ୍ୟବେକ୍ଷକ ମଣ୍ଡଳୀରେ ଜଣେ ଲେଖାଏଁ ବରିଷ୍ଠ କଂଗ୍ରେସ ନେତା ସାମିଲ ଅଛନ୍ତି। ପର୍ଯ୍ୟବେକ୍ଷକମାନେ ନିଜ ନିଜ ନିର୍ଦ୍ଧାରିତ ଜିଲ୍ଲାରେ ଅନ୍ୟୂନ ୭ ଦିନ ବିଭିନ୍ନ ବ୍ଲକ୍ ଗସ୍ତରେ ଯାଇ ସେଠାକାର କଂଗ୍ରେସ ନେତୃବୃନ୍ଦ ଓ କର୍ମୀମାନଙ୍କ ସହ ଆଲୋଚନା କରି ଏକ ୬ ଜଣିଆ ପ୍ରାରମ୍ଭିକ ତାଲିକା ପ୍ରସ୍ତୁତ କରିବେ। ଉକ୍ତ ତାଲିକାରେ ଅନୁସୂଚିତ ଜାତି, ଜନଜାତି, ମହିଳା, ଓବିସି ଓ ସଂଖ୍ୟାଲଘୁ ଆଦି ବର୍ଗର ପ୍ରତିନିଧିତ୍ୱ ଉପରେ ଗୁରୁତ୍ୱ ଆରୋପ କରାଯାଇଛି। ଉକ୍ତ ତାଲିକା ଗୁଡ଼ିକରୁ ଏଆଇସିସି ଜଣଙ୍କ ନାମ ସଭାପତି ଭାବେ ଘୋଷଣା କରିବ। ଏହି ପ୍ରକ୍ରିୟାକୁ ଯଥାସମ୍ଭବ ସ୍ୱଚ୍ଛ ଓ ନିରପେକ୍ଷ କରିବାକୁ ଏଆଇସିସି ତରଫରୁ ପରାମର୍ଶ ଦିଆଯାଇଛି। ଫଳରେ ପ୍ରତି ଜିଲ୍ଲାରେ ଜଣେ ଲେଖାଏଁ ଯୋଗ୍ୟ ତଥା ଦକ୍ଷ ବ୍ୟକ୍ତି ଦଳର ସାଂଗଠନିକ ନେତୃତ୍ୱ ନେବେ ବୋଲି ଶ୍ରୀ ଦାସ ଆଶା ପ୍ରକାଶ କରିଛନ୍ତି। ଏହି ପ୍ରକ୍ରିୟାକୁ ଯଥା ସମ୍ଭବ ଗଣତାନ୍ତ୍ରିକ ଓ ପୂର୍ଣ୍ଣାଙ୍ଗ କରିବା ପାଇଁ ଆବଶ୍ୟକ ସ୍ଥଳେ ପର୍ଯ୍ୟବେକ୍ଷକ ମାନେ ଅସୁସ୍ଥ ଓ ବୟୋବୃଦ୍ଧ ନେତୃବୃନ୍ଦଙ୍କ ଘରକୁ ଯାଇ ସେମାନଙ୍କ ଠାରୁ ତଥ୍ୟ ସଂଗ୍ରହ କରିବେ ବୋଲି ସେ ପ୍ରକାଶ କରିଛନ୍ତି। ଏହି ପ୍ରକ୍ରିୟା ଆସନ୍ତା ୧୪ ତାରିଖରେ ସରିବ ବୋଲି ଶ୍ରୀ ଦାସ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ମଙ୍ଗଳବାର ମଧ୍ୟ ୭ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଓଡ଼ିଶା ଗସ୍ତରେ ଆସିବେ। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସଂଗଠନ ସୃଜନ ଅଭିଯାନର ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଏଆଇସିସି ୱାର ରୁମ୍ ଓଡ଼ିଶା ସଂଯୋଜକ ହିତେଶ ମତୱାନି, ପିସିସି ମିଡିଆ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ, ଓଡ଼ିଶା ୱାର ରୁମ୍ ଅଧ୍ୟକ୍ଷ ମନୋରଞ୍ଜନ ଦାଶ, ଭିତ୍ତିଭୂମି ଉପାଧ୍ୟକ୍ଷ ପ୍ରଦୀପ ମହାପାତ୍ର, ୱାର ରୁମ୍ ସଦସ୍ୟ ତରୁଣ ମିଶ୍ର, ବାଙ୍କନିଧି ବେହେରା ଓ ଜୟଶ୍ରୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସାର ଯୋଗାଣ ସମ୍ପର୍କରେ ମୁଖ୍ୟ ଶାସନ ସଚିବଙ୍କ ସ୍ଥିତି ସମୀକ୍ଷା

# ଯୋଗାଣ ଶୃଙ୍ଖଳ, ମହଜୁଦ ଓ ବଣ୍ଟନ ବ୍ୟବସ୍ଥାରେ ସମନ୍ୱୟ ରଖିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୧୯/ଏନ୍‌ଏନ୍‌ଏସ୍:** ରାଜ୍ୟରେ ଚାଷୀମାନଙ୍କୁ ସାର ଠିକ୍ ଭାବରେ ମିଳିପାରିବା ସମ୍ପର୍କରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଅନୁଷ୍ଠିତ ଏକ ସମନ୍ୱୟ ବୈଠକରେ ଅଧ୍ୟକ୍ଷତା କରି ସ୍ଥିତି ସମୀକ୍ଷା କରିଛନ୍ତି। କୃଷକମାନଙ୍କୁ ଆବଶ୍ୟକତା ଅନୁସାରେ ସାର ଯୋଗାଇବା ପାଇଁ ଯୋଗାଣ ଶୃଙ୍ଖଳ, ସାର ମହଜୁଦ ଓ ବଣ୍ଟନ ବ୍ୟବସ୍ଥାରେ ଉପଯୁକ୍ତ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଲୋକସେବା ଭବନରେ ଅନୁଷ୍ଠିତ ଏହି ବୈଠକରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ଼ଃ ଅରବିନ୍ଦ କୁମାର ପାଢ଼ୀ, ସମବାୟ ବିଭାଗ କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ, ସମବାୟ ସମିତି ନିବନ୍ଧକ ସିଦ୍ଧାର୍ଥ ଦାସ, ମାର୍କଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ଏବଂ କୃଷି ବିଭାଗର ଅନ୍ୟ ବରିଷ୍ଠ ପଦାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

ବୈଠକରୁ ଜଣାପଡ଼ିଛି ଯେ ବର୍ତ୍ତମାନ ସୁଦ୍ଧା ଚଳିତ ବର୍ଷ ରାଜ୍ୟକୁ ୧୧ ଲକ୍ଷ ୧୫ ହଜାର ୩୬୯ ମେଟ୍ରିକ ଟନ୍ ସାର ଉପଲବ୍ଧ ହୋଇଥିବା ସ୍ଥଳେ ତନ୍ମଧ୍ୟରୁ ୮ ଲକ୍ଷ ୬୭ ହଜାର ମେଟ୍ରିକ ଟନ୍ ବିକ୍ରୟ ହୋଇ ସାରିଛି, ଯାହାକି ଏ ବର୍ଷ ସାର ଉପଲବ୍ଧତା ଓ ବିକ୍ରୟ କ୍ଷେତ୍ରରେ ସର୍ବକାଳୀନ ରେକର୍ଡ। ତେବେ ଏ ବର୍ଷ ମୌସୁମୀ ବର୍ଷା ଭଲ ହୋଇଥିବାରୁ ବିଶେଷ କରି ଧାନ ଚାଷ ଭଲ ହୋଇଥିବାରୁ ସେଥିପାଇଁ ସାରର ଆବଶ୍ୟକତା ବୃଦ୍ଧି ପାଇଛି। କୃଷି ବିଭାଗ ତରଫରୁ ସମବାୟ ବିଭାଗ ସହଯୋଗରେ ସାରର ଉପଲବ୍ଧତା ପାଇଁ ସମସ୍ତ ସୁବିଧା କରାଯାଉଛି। ମାର୍କଫେଡ୍‌ଠାରୁ ସାର ପାଇବା ଓ ପାକ୍ସ ଜରିଆରେ ଚାଷୀମାନଙ୍କୁ ଠିକଭାବରେ ସାର ଯୋଗାଇବା ପାଇଁ ଆଗୁଆ ପ୍ରସ୍ତୁତି କରିବାକୁ (ପ୍ରି ପୋଜିସନିଂ) ପାଇଁ ନିର୍ଦ୍ଦେଶ ଦିଆଯାଇଛି। କୃଷି ବିଭାଗ, ମାର୍କଫେଡ ଓ ପାକ୍ସ ସହ ନିୟମିତ ବୈଠକ ଓ ସମନ୍ୱୟ କରାଯାଇ କୃଷକମାନଙ୍କୁ ଆବଶ୍ୟକତା ଅନୁସାରେ ସାର ଯୋଗାଇ ଦେବାକୁ ପଦକ୍ଷେପ ନେବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସାର କିପରି ରାଜ୍ୟରେ ଠିକ୍ ସମୟରେ ପହଞ୍ଚିବ, ସେଥିପାଇଁ କୃଷି ବିଭାଗ ତରଫରୁ ରେଳ ବିଭାଗ କର୍ତ୍ତୃପକ୍ଷ ଏବଂ ସଡ଼କ ପଥରେ ସାର ପରିବହନକୁ ସୁବିଧା ଜନକ କରିବା ପାଇଁ ଉପଯୁକ୍ତ ସମନ୍ୱୟ କରାଯାଉଛି। ସାରର କୃତ୍ରିମ ଅଭାବ, କଳା ବଜାରୀ ଉପରେ ରୋକ ଲଗାଇବା ପାଇଁ ଏନ୍‌ଫୋର୍ସମେଣ୍ଟ (ଚଢ଼ଉ ) ଜାରି ରହିଥିବା ସମ୍ପର୍କରେ ବୈଠକରେ ସୂଚନା ଦିଆଯାଇଥିଲା।

## ୬୫ତମ ପ୍ରତିଷ୍ଠା ଦିବସ

# ଏନ୍‌ସିଇଆର୍‌ଟି ଭାରତର ଶିକ୍ଷା କ୍ଷେତ୍ରର ମଜଭୁତ ସ୍ତମ୍ଭ: ଧର୍ମେନ୍ଦ୍ର



**ଭୁବନେଶ୍ୱର,୧୯/ଏନ୍‌ଏନ୍‌ଏସ୍:** ଏନ୍‌ସିଇଆର୍‌ଟି ଦେଶର ଶିକ୍ଷାଗତ ଦୃଶ୍ୟପଟ୍ଟର ଏକ ମଜଭୁତ ସ୍ତମ୍ଭ। ପ୍ରତିବଦ୍ଧତା ଏବଂ ସମର୍ପଣ ସହିତ ଲମ୍ବା ସମୟ ଧରି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନ କରିବାରେ ଏନ୍‌ସିଇଆର୍‌ଟିର ବଡ଼ ଯୋଗଦାନ ରହିଛି ସୋମବାର ନୂଆଦିଲ୍ଲୀଠାରେ ଏନ୍‌ସିଇଆର୍‌ଟିର ୬୫ତମ ପ୍ରତିଷ୍ଠା ଦିବସରେ ଯୋଗଦେବା ଅବସରରେ ଉଦ୍‌ବୋଧନ ଦେଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଏହି ଅବସରରେ ଶ୍ରୀ ପ୍ରଧାନ 'ଦୀକ୍ଷା ୨.୦' ସମେତ ବିଭିନ୍ନ ଶିକ୍ଷାଗତ ପଦକ୍ଷେପ ଗୁଡ଼ିକର ଉଦ୍‌ଘାଟନ ଏବଂ ଶୁଭାରମ୍ଭ କରିଥିଲେ। ଆଧୁନିକ ଓଡ଼ିଶାର ବିକାଶ ପାଇଁ ଅବଦାନ ଦେଇଥିବା ଏବଂ ଜାତୀୟ ସ୍ୱାଧୀନତା ଆନ୍ଦୋଳନରେ ଅଂଶଗ୍ରହଣ କରିଥିବା ଓଡ଼ିଶାର ୧୦୦ ଜଣ ମହାନ ବ୍ୟକ୍ତିତ୍ୱଙ୍କ ଜୀବନ ଏବଂ ଅବଦାନ ସମ୍ବଳିତ ଏକ ପୁସ୍ତକ 'ଉତ୍କଳ ଜନନୀଙ୍କର ସୁଯୋଗ୍ୟ ସନ୍ତାନ' ଉନ୍ମୋଚନ କରିଥିଲେ ଶ୍ରୀ ପ୍ରଧାନ। କେନ୍ଦ୍ରମନ୍ତ୍ରୀ ଗତ ୬୪ ବର୍ଷ ମଧ୍ୟରେ ରାଷ୍ଟ୍ର ଗଠନରେ ଏନ୍‌ସିଇଆର୍‌ଟିର ଅବଦାନ ଉପରେ ଆଲୋକପାତ କରିଥିଲେ। ଗତ ତିନି ବର୍ଷ ମଧ୍ୟରେ ଏନସିଇଆରଟି ଦ୍ୱାରା ବିକଶିତ ନୂତନ ପାଠ୍ୟକ୍ରମ, ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଇଁ ନୂତନ ପାଠ୍ୟପୁସ୍ତକ ଏବଂ ଅନ୍ୟାନ୍ୟ ଶିକ୍ଷାଦାନ ସାମଗ୍ରୀ, ବିଶେଷତଃ ଯାଦୁଇ ପିଟାରାର ପ୍ରଶଂସା କରିଥିଲେ ଶ୍ରୀ ପ୍ରଧାନ। ଶ୍ରୀ ପ୍ରଧାନ କହିଛନ୍ତି ଆମ ଦେଶର ଶିକ୍ଷା ବ୍ୟବସ୍ଥାର କେନ୍ଦ୍ରବିନ୍ଦୁରେ ଏକ ପ୍ରତୀକାତ୍ମକ ଅନୁଷ୍ଠାନ ହେଉଛି ଏନ୍‌ସିଇଆର୍‌ଟି। ଏହା କେବଳ ଏକ ପ୍ରତିଷ୍ଠାନ ନୁହେଁ ବରଂ ଏହା ଏକ 'ଜ୍ଞାନ-କୁମ୍ଭ'। ପ୍ରତିଷ୍ଠା ଦିନଠାରୁ ଏହା ଶିକ୍ଷା ମାଧ୍ୟମରେ ବିଶେଷ ଭାବରେ ରାଷ୍ଟ୍ର ନିର୍ମାଣରେ ଏକ ଦୀର୍ଘ ଦୂରତା ଅତିକ୍ରମ କରିଛି। ଏହି ଅବସରରେ ଶିକ୍ଷା ମନ୍ତ୍ରୀ ଏନସିଇଆରଟି କ୍ୟାମ୍ପସର ନବନିର୍ମିତ ପ୍ରବେଶ ଦ୍ୱାର କମ୍ପ୍ଲେକ୍ସ, ହିନ୍ଦୀ, ସଂସ୍କୃତ, ହୋ-ହିନ୍ଦୀ ଏବଂ କୋୟା ଭଳି ୪ଟି ଭାଷାରେ ପ୍ରାଇମ୍‌ର ପୁସ୍ତକ, ପିଏମ୍‌ଇ ବିଦ୍ୟା ମୋବାଇଲ୍ ଆପ୍ଲିକେସନ୍, ବାଲବାଟିକା ପାଇଁ ପିଏମ ଇବିଦ୍ୟା ଡିଟିଏଚ ଟିଭି ଚ୍ୟାନେଲ୍ ନମ୍ବର ୩୫,ଚାରୋଟି ଡିଏମ୍ ସ୍କୁଲରେ ଭର୍ଚୁଆଲ୍ ରିଆଲିଟି ଲ୍ୟାବ୍, ପ୍ରଶସ୍ତ ୨.୦, କିତାବ୍ ଏକ ପଢ଼େ ଆଦି ଅନେକ ଉପକ୍ରମ ଶୁଭାରମ୍ଭ କରିଥିଲେ। ଶିକ୍ଷା ମନ୍ତ୍ରଣାଳୟର ସଚିବ ସଞ୍ଜୟ କୁମାର, ଭାରତୀୟ ଭାଷା ସମିତିର ଅଧ୍ୟକ୍ଷ ଚାମୁ କୃଷ୍ଣ ଶାସ୍ତ୍ରୀ,ଏନ୍‌ସିଇଆର୍‌ଟିର ନିର୍ଦ୍ଦେଶକ ପ୍ରଫେସର୍ ଦିନେଶ ପ୍ରସାଦ ସକଲାନି, ୟୁଜିସିର ଅଧ୍ୟକ୍ଷ ପ୍ରଫେସର ଏମ୍. ଜଗଦେଶ କୁମାର, ଇସ୍ରୋର ପୂର୍ବତନ ଅଧ୍ୟକ୍ଷ ଡକ୍ଟର ଏସ. ସୋମନାଥ ଏବଂ ଏନସିଇଆରଟିର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର, ଶିକ୍ଷା ମନ୍ତ୍ରଣାଳୟ ଏବଂ ଏନ୍‌ସିଇଆର୍‌ଟିର ବରିଷ୍ଠ ଅଧିକାରୀମାନଙ୍କ ସହିତ ଉପସ୍ଥିତ ଥିଲେ ।






ପୂର୍ବ ଆଫଗାନିସ୍ତାନରେ ପ୍ରକୃତିର ଚଡ଼କ: ଭୟଙ୍କର ଭୂକମ୍ପରେ ୮୦୦ ମୃତ, ୨୫୦୦ରୁ ଅଧିକ ଆହତ। ମୃତକଙ୍କ ମଧ୍ୟରେ ମହିଳା ଓ ଶିଶୁଙ୍କ ସଂଖ୍ୟା ସର୍ବାଧିକ। କୋଠା ଭଗ୍ନାବଶେଷ ତଳେ ଏବେ ବି ଅନେକ ଦବି ରହିଥିବା ଆଶଙ୍କା, ସହାୟତାର ହାତ ବଢ଼ାଇଲା ଭାରତ।

### ନୀତିନ ଗଡ଼କରୀଙ୍କ ବିବାଦୀୟ ମନ୍ତବ୍ୟ

## ଲୋକଙ୍କୁ ମୂର୍ଖ ବନାଇପାରୁଥିବା ବ୍ୟକ୍ତି ହିଁ ଶ୍ରେଷ୍ଠ ନେତା


**ନାଗପୁର,୧।୯/ଏଜେନ୍ସି:** କେନ୍ଦ୍ର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରୀ ନୀତିନ ଗଡ଼କରୀ ପୁଣିଥରେ ନିଜ ବିବାଦୀୟ ବୟାନ୍ ପାଇଁ ଚର୍ଚ୍ଚାକୁ ଆସିଛନ୍ତି। ନାଗପୁରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେ ଯୋଗଦେଇ କହିଛନ୍ତି, "ଯିଏ ଲୋକଙ୍କୁ ସବୁଠାରୁ ଭଲ ମୂର୍ଖ ବନାଇପାରେ, ସେ ହିଁ ଶ୍ରେଷ୍ଠ ନେତା ହୋଇପାରେ।" ନିଜ ମନ୍ତବ୍ୟକୁ ସ୍ପଷ୍ଟ କରି ଗଡ଼କରୀ କହିଛନ୍ତି, କଥା କହିବା ସହଜ ହେଲେ କାମ କରିବା କଷ୍ଟକର। ନେତାମାନେ ସେଇଆ ହିଁ କରୁଛନ୍ତି।



କେବଳ ବଡ଼ବଡ଼ କଥା କହି ନେତାମାନେ ଭୋଟ୍ ପାଇବା ପାଇଁ ମିଛ ପ୍ରତିଶ୍ରୁତିର ଜାଲ ବୁଣିଥାନ୍ତି। ସେମାନେ ନିଜ ଲୋକମାନଙ୍କୁ ହିଁ ମୂର୍ଖ ଭାବିନେଇଥାନ୍ତି। ଗଡ଼କରୀ କହିଛନ୍ତି, ଯେଉଁ ପେସାରେ ସେ କାମ କରୁଛନ୍ତି ସେଠାରେ ସମ୍ପୂର୍ଣ୍ଣ ହୃଦୟର ସହିତ ସତ୍ୟ କହିବା ନିଷେଧ। ଗଡ଼କରୀଙ୍କ କହିବାନୁସାରେ "ଭଗବାନ କୃଷ୍ଣ ଭଗବଦ୍ ଗୀତାରେ କହିଛନ୍ତି, ସତ୍ୟ ହିଁ ଅନ୍ତିମ ବିଜେତା।" ସେ ସର୍ଟକଟ୍ ବିଷୟରେ ସତର୍କ କରି କହିଛନ୍ତି, "ସର୍ଟକଟ୍ ନେଇ ନିୟମ ଭାଙ୍ଗି କିମ୍ବା ଲାଲ ସଙ୍କେତ ଅତିକ୍ରମ କରି ଆଗକୁ ଯାଇପାରୁଛି, କିନ୍ତୁ ଜଣେ ଦାର୍ଶନିକ କହିଛନ୍ତି, 'ସର୍ଟକଟ୍ ଆପଣଙ୍କୁ କ୍ଷତି ପହଞ୍ଚାଇପାରେ। ଜୀବନରେ ସର୍ଟକର୍ଟର କୌଣସି ସ୍ଥାନ ନାହିଁ। ଏହା ତ୍ୱରିତ ସଫଳତା ଦେଇପାରେ କିନ୍ତୁ ଏହା ସ୍ଥାୟୀ ନୁହେଁ। ସେଥିପାଇଁ ଆମକୁ ସଚ୍ଚୋଟତା, ବିଶ୍ୱସନୀୟତା, ସମର୍ପଣ, ସତ୍ୟର ମୂଲ୍ୟ ବୁଝିଯାଇଛି।

## କମିଲା ଗ୍ୟାସ୍ ମୂଲ୍ୟ, ଗ୍ରାହକ ଆଶ୍ୱସ୍ତ

**ନୂଆଦିଲ୍ଲୀ,୧।୯/ଏଜେନ୍ସି:** ସେପ୍ଟେମ୍ବର ପହିଲାରେ ଦେଶବ୍ୟାପୀ କମର୍ସିଆଲ୍ ଏଲ୍‌ପିଜି ଗ୍ୟାସ୍ ସିଲିଣ୍ଡର ମୂଲ୍ୟ ହ୍ରାସ ପାଇଛି। ଘରୋଇ ଏଲ୍‌ପିଜି ଗ୍ୟାସ୍ ସିଲିଣ୍ଡର ମୂଲ୍ୟ ପୂର୍ବବତ୍ ଅପରିବର୍ତ୍ତିତ ରହିଛି। ପେଟ୍ରୋଲିୟମ୍ କମ୍ପାନୀଗୁଡ଼ିକ କେବଳ ୧୯ କିଲୋଗ୍ରାମ ବାଣିଜ୍ୟିକ ଗ୍ୟାସ୍ ସିଲିଣ୍ଡରର ମୂଲ୍ୟ ଉପରେ ୫୧.୫୦ ଟଙ୍କା ହ୍ରାସ କରିଛନ୍ତି। ସୋମବାର ଠାରୁ ଦେଶର ବିଭିନ୍ନ ସହରରେ ଏହି ନୂଆ ମୂଲ୍ୟ




ଲାଗୁ ହୋଇଛି। ରାଜଧାନୀ ଦିଲ୍ଲୀରେ, ବାଣିଜ୍ୟିକ ଏଲ୍‌ପିଜି ସିଲିଣ୍ଡରର ମୂଲ୍ୟ ଏବେ ୧୫୮୦ ଟଙ୍କାକୁ ହ୍ରାସ ପାଇଛି। ଯେତେବେଳେ କି ୧୪.୨ କିଲୋଗ୍ରାମ୍ ଘରୋଇ ଗ୍ୟାସ ସିଲିଣ୍ଡରର ମୂଲ୍ୟ ସ୍ଥିର ରହିଛି। ବର୍ତ୍ତମାନ ଦିଲ୍ଲୀରେ ଘରୋଇ ଏଲ୍‌ପିଜି ସିଲିଣ୍ଡର ୮୫୩ ଟଙ୍କାରେ ଉପଲବ୍ଧ। ସୂଚନାଯୋଗ୍ୟ, ଗତ ମାସରେ ଅର୍ଥାତ ଅଗଷ୍ଟରେ ମଧ କମ୍ପାନୀଗୁଡ଼ିକ ବାଣିଜ୍ୟିକ ଗ୍ୟାସ୍ ସିଲିଣ୍ଡରର ମୂଲ୍ୟ ୨୪ ଟଙ୍କା ହ୍ରାସ କରିଥିଲେ। ତେବେ କେବଳ ଗ୍ୟାସ୍ ମୂଲ୍ୟ ହ୍ରାସ ନୁହେଁ ବରଂ ସେପ୍ଟେମ୍ବର ପହିଲାରୁ ଦେଶରେ କ୍ରେଡିଟ୍ କାର୍ଡ, ଆୟକର ବ୍ୟବସ୍ଥା, ଭାରତୀୟ ଡାକ ସେବା ନିୟମ, ଏଫ୍‌ଡି ସ୍କିମ୍ ଭଳି ଆର୍ଥିକ କ୍ଷେତ୍ରରେ ୭ଟି ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି।

## ବାସଭବନ ଛାଡ଼ିଲେ ଧନଖଡ଼

### ଅଭୟ ଚୌତାଲାଙ୍କ ଫାର୍ମ ହାଉସ୍‌ରେ ରହିବେ

**ନୂଆଦିଲ୍ଲୀ,୧।୯/ଏଜେନ୍ସି:** ଇସ୍ତଫା ଦେବାର ପ୍ରାୟ ୪୨ ଦିନ ପରେ ସରକାରୀ ବାସଭବନ ଛାଡ଼ିଛନ୍ତି ପୂର୍ବତନ ରାଷ୍ଟ୍ରପତି ଜଗଦୀପ ଧନଖଡ଼। ବର୍ତ୍ତମାନ ସମୟରେ ଧନଖଡ ଏବଂ ତାଙ୍କ ପରିବାର ଦିଲ୍ଲୀର ଛତରପୁରରେ ଥିବା ଏକ ଘରୋଇ



ଫାର୍ମହାଉସକୁ ସ୍ଥାନାନ୍ତର ହୋଇଛନ୍ତି। ଏହି ଫାର୍ମ ହାଉସ୍‌ଟି ଭାରତୀୟ ଲୋକଦଳ ଅଧ୍ୟକ୍ଷ ଅଭୟ ଚୌତାଲାଙ୍କର ବୋଲି ଜଣାପଡିଛି। ଯେପର୍ଯ୍ୟନ୍ତ କେନ୍ଦ୍ରୀୟ ଲୋକ ନିର୍ମାଣ ବିଭାଗ ଧନଖଡଙ୍କ ପାଇଁ ଉଦ୍ଦିଷ୍ଟ ଅବସରକାଳୀନ ବାସଗୃହ (ଟାଇପ-୩ ସରକାରୀ ବାସଭବନ) ପ୍ରସ୍ତୁତ କରି ତାଙ୍କୁ ହସ୍ତାନ୍ତର ନକରିଛି ସେପର୍ଯ୍ୟନ୍ତ ଧନଖଡ ଏବଂ ତାଙ୍କ ପରିବାର ଏହି ଫାର୍ମ ହାଉସ୍‌ରେ ଅବସ୍ଥାନ କରିବେ। ୬ ସପ୍ତାହ ପୂର୍ବେ ମୌସୁମି ଅଧିବେସନର ପ୍ରଥମ ଦିବସରେ ସେ ଇସ୍ତଫା ଦେଇ ସମସ୍ତଙ୍କୁ ଚକ୍କିତ କରିଥିଲେ। ଇସ୍ତଫା ଦେବା ପଛର କାରଣ ସ୍ୱାସ୍ଥ୍ୟଗତ ସମସ୍ୟା ବୋଲି ସେ ଦର୍ଶାଇଥିଲେ। ଧନଖଡ଼ଙ୍କୁ ୩୪ ଏପିଜେ ଅବଦୁଲ କଲାମ ରୋଡ୍ ବଙ୍ଗଳା ଆବଣ୍ଟିତ ହୋଇଛି। ଆକଳନ କରାଯାଉଛି ଯେ ମରାମତି ଏବଂ ନବୀକରଣ ପାଇଁ ପ୍ରାୟ ତିନି ମାସ ସମୟ ଲାଗିବ।

## ଅଗଷ୍ଟରେ ୧.୮୬ ଲକ୍ଷ କୋଟି ଜିଏସ୍‌ଟି ସଂଗ୍ରହ

**ନୂଆଦିଲ୍ଲୀ,୧।୯/ଏଜେନ୍ସି:** ଅଗଷ୍ଟ ମାସରେ ଜିଏସ୍‌ଟି ସଂଗ୍ରହ ମୋଟ୍ ୧.୮୬ ଲକ୍ଷ କୋଟି ଛୁଇଁଛି। ଜୁଲାଇ ମାସରେ ୧.୯୬ ଲକ୍ଷ କୋଟି ସଂଗ୍ରହ ହୋଇଥିବା ବେଳେ ଅଗଷ୍ଟରେ ୦.୧୦ ଲକ୍ଷ କୋଟି ଟଙ୍କା କମ୍ ସଂଗ୍ରହ ହୋଇଛି। ତେବେ ୨୦୨୪ ଅଗଷ୍ଟରେ ସଂଗୃହୀତ ଜିଏସ୍‌ଟି ପରିମାଣ ତୁଳନାରେ ଏହା ପ୍ରାୟ ୬.୫% ଅଧିକ। ପ୍ରକାଶଯୋଗ୍ୟ, ୨୦୨୫ ଏପ୍ରିଲରେ ଜିଏସ୍‌ଟି ସଂଗ୍ରହ ସର୍ବକାଳୀନ ରେକର୍ଡସ୍ତରରେ ୨.୩୭ ଲକ୍ଷ କୋଟି ପହଞ୍ଚିଥିଲା।




ଅଗଷ୍ଟରେ ଘରୋଇ ରାଜସ୍ୱ ୯.୬% ବୃଦ୍ଧି ପାଇ ୧.୩୭ ଲକ୍ଷ କୋଟି ହୋଇଥିବା ବେଳେ, ଆମଦାନୀରୁ ଆଦାୟ ହୋଇଥିବା ଟିକସ ପ୍ରାୟ ୧.୨% ହ୍ରାସ ପାଇ ୪୯,୩୫୪ କୋଟି ରହିଛି। ଅନ୍ୟପକ୍ଷେ ସରକାର ୧୯,୩୫୯ କୋଟି ରିଫଣ୍ଡ୍ ପ୍ରଦାନ କରିଛନ୍ତି, ଯାହା ଗତ ବର୍ଷ ତୁଳନାରେ ୨୦% କମ୍। ସୁତରାଂ ନେଟ୍ ଜିଏସଟି ରାଜସ୍ୱ ୧୦.୭% ବୃଦ୍ଧି ପାଇ ୧.୬୭ ଲକ୍ଷ କୋଟି ହୋଇଛି। ଜିଏସ୍‌ଟି ସଂଗ୍ରହ କ୍ଷେତ୍ରରେ ସିକ୍କିମ (୩୯%), ମେଘାଳୟ (୩୫%), ଓ ନାଗାଲାଣ୍ଡ (୩୩%) ଭଳି କ୍ଷୁଦ୍ର ରାଜ୍ୟ ସର୍ବାଧିକ ବୃଦ୍ଧି ଦେଖାଇଛନ୍ତି। ବଡ଼ ରାଜ୍ୟମାନଙ୍କ ମଧ୍ୟରେ ମହାରାଷ୍ଟ୍ର ୨୮,୯୦୦ କୋଟି (+୧୦%), କର୍ଣ୍ଣାଟକ ୧୪,୨୦୪ କୋଟି (+୧୫%), ତାମିଲନାଡୁ ୧୧,୦୫୭ କୋଟି (+୯%), ଓ ଉତ୍ତରପ୍ରଦେଶ ୯,୦୮୬ କୋଟି (+୧୦%) ଆଦାୟ କରିଛନ୍ତି। ଅନ୍ୟପକ୍ଷରେ, ଚଣ୍ଡୀଗଡ଼ (-୧୨%), ମଣିପୁର (-୨୪%), ଓ ଝାଡ଼ଖଣ୍ଡ (-୧%)ରେ ଜିଏସ୍‌ଟି ଆଦାୟ ହ୍ରାସ ପାଇଛି।

ଆସନ୍ତା ୩ ଓ ୪ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଜିଏସ୍‌ଟି ପରିଷଦ ବୈଠକ ପୂର୍ବରୁ ଏପ୍ରକାର ତଥ୍ୟ ସାମ୍ନାକୁ ଆସିଛି। ଆଗାମୀ ଜିଏସ୍‌ଟି ପରିଷଦ ବୈଠକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେବାକୁ ଯାଉଛି କାରଣ ଏଥିରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଓ ରାଜ୍ୟ ଅର୍ଥମନ୍ତ୍ରୀମାନେ ଜିଏସ୍‌ଟି ସ୍ଲାବ୍ ସମ୍ପର୍କୀତ ବ୍ୟବସ୍ଥା ଉପରେ ଆଲୋଚନା କରିବେ। ଜିଏସ୍‌ଟି ପରିଷଦକୁ ମିଳିଥିବା ଅନ୍ୟାନ୍ୟ ପ୍ରସ୍ତାବ ମଧ୍ୟରେ ୪ଟିକିଆ ଟିକସ ବ୍ୟବସ୍ଥାକୁ କାଣ୍ଟଛାଣ୍ଟ କରି ୨ଟିକିଆ ଟିକସ ବ୍ୟବସ୍ଥା ଅର୍ଥାତ୍ କେବଳ ୫% ଓ ୧୮% ବିଶିଷ୍ଟ ସରଳ ଜିଏସ୍‌ଟି ନୀତି ଆପଣାଇବା ଭଳି ଏକ ପ୍ରମୁଖ ପ୍ରସ୍ତାବ ରହିଛି। ଏତଦ୍‌ବ୍ୟତୀତ ହାର ଯୁକ୍ତିକରଣ, କ୍ଷତିପୂରଣ ସେସ୍, ଓ ବୀମା କର ସମ୍ପର୍କିତ ତିନୋଟି ମନ୍ତ୍ରୀ ଗୋଷ୍ଠୀର ରିପୋର୍ଟ ଉପରେ ଆଲୋଚନା ହୋଇପାରେ।

କିଛି ଦିନ ପୂର୍ବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ ଘୋଷଣା କରିସାରିଛନ୍ତି ଯେ, ଏହି ଦୀପାବଳୀ ସୁଦ୍ଧା ଜିଏସ୍‌ଟିରେ "ପରବର୍ତ୍ତୀ ପିଢ଼ିର ସଂସ୍କାର" ଉନ୍ମୋଚିତ ହେବ, ଯାହା ସାଧାରଣ କରଦାତା ଓ ଛୋଟ ଓ ମଧ୍ୟମ ବ୍ୟବସାୟୀଙ୍କ ପାଇଁ ବହୁ ସହାୟକ ହେବ। ୨୦୧୭ରେ ଆରମ୍ଭ ହୋଇଥିବା ଜିଏସ୍‌ଟି ବ୍ୟବସ୍ଥା ୮ ବର୍ଷ ପୂରଣ କରିସାରିଥିବା ବେଳେ ଏବେ ଏଥିରେ କିଛି ସଂସ୍କାରମୂଳକ ନୂଆ ନୀତି ସାମିଲ କରାଯିବ ବୋଲି ଅନୁମାନ କରାଯାଉଛି।

## ଉପରାଷ୍ଟ୍ରପତି ନିର୍ବାଚନ
## ୧୦୦% ଭୋଟ୍ ପାଇଁ ନିଜ ସାଂସଦଙ୍କୁ ଟ୍ରେନିଂ ଦେବ ଏନ୍‌ଡିଏ

**ନୂଆଦିଲ୍ଲୀ, ୧।୯/ଏଜେନ୍ସି:** ଉପରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ଏନ୍‌ଡିଏ ମେଣ୍ଟ ପକ୍ଷରୁ ଦଳଗତ ଭାବେ ନିଜ ନିଜ ସାଂସଦମାନଙ୍କୁ ୧୦୦% ଭୋଟଦାନ ପାଇଁ ତାଲିମ ଦେବା ଆରମ୍ଭ କରାଯିବ ବୋଲି ସୂଚନା ମିଳିଛି। ଇଣ୍ଡିଆ ଟୁଡେର ରିପୋର୍ଟ ଅନୁଯାୟୀ, ତିନି ଦିନିଆ କର୍ମଶାଳାରେ ସାଂସଦମାନଙ୍କୁ ଭୋଟଦାନ ପ୍ରକ୍ରିୟା ବିଷୟରେ କୁହାଯିବ। ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଦିଆଯାଇଥିବା କଲମ ବ୍ୟବହାର କରିବା, ଭୋଟପତ୍ରକୁ ସଠିକ୍ ଭାବେ ଚିହ୍ନିତ କରିବା, ବାଲାଟ୍ ପେପର୍‌କୁ ସଠିକ୍ ଢ଼ଙ୍ଗରେ ଫୋଲ୍ଡ କରିବା ଏବଂ ଏହାକୁ ବାକ୍ସରେ କିପରି ରଖିବାକୁ ହେବ ସେସବୁ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବ। ଯେପରି ଗୋଟିଏ ଭୋଟ୍ ମଧ ନାକଚ ନହୁଏ ସେନେଇ ଏନ୍‌ଡିଏ ବେଶ୍ ସାବଧାନତା ଅବଲମ୍ବନ କରୁଥିବା ବେଳେ



ସାଂସଦମାନଙ୍କୁ ଏପ୍ରକାର ପ୍ରଶିକ୍ଷଣ ଦେବାର ବ୍ୟବସ୍ଥା ଗ୍ରହଣ କରୁଛି।

ପ୍ରକାଶ, ଗୁପ୍ତ ଭୋଟିଂ ବ୍ୟବସ୍ଥାରେ ଦଳୀୟ ହ୍ୱିପ୍ ପ୍ରଯୁଜ୍ୟ ହୁଏ ନାହିଁ। ଏପରି ପରିସ୍ଥିତିରେ, କ୍ରସ୍ ଭୋଟିଂକୁ ରୋକିବା ଏବଂ ଅବୈଧ ଭୋଟ୍ ହ୍ରାସ କରିବା ଉପରେ ଏନ୍‌ଡିଏର ଧ୍ୟାନ ରହିଛି। ସେହିପରି, ଭୋଟିଂର ଗୋଟିଏ ଦିନ ପୂର୍ବରୁ, ଅର୍ଥାତ୍ ୮ ତାରିଖ ରାତିରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଏନ୍‌ଡିଏ ସାଂସଦଙ୍କ ପାଇଁ ରାତ୍ରୀଭୋଜନ ମଧ ଆୟୋଜନ କରିବେ ବୋଲି ସୂଚନା ମିଳିଛି। ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ଭୋଟିଂ ଆସନ୍ତା ୯ ତାରିଖରେ ଅନୁଷ୍ଠିତ ହେବ। ସେହିଦିନ ଭୋଟ୍ ଗଣନା ସହ ଫଳାଫଳ ମଧ ଘୋଷଣା କରାଯିବ। ଏନ୍‌ଡିଏ ମହାରାଷ୍ଟ୍ର ରାଜ୍ୟପାଳ ସିପି ରାଧାକୃଷ୍ଣନଙ୍କୁ ଉପରାଷ୍ଟ୍ରପତି ପ୍ରାର୍ଥୀ କରିଥିବା ବେଳେ ବିରୋଧୀ ଇଣ୍ଡିଆ ମେଣ୍ଟ ସୁପ୍ରିମକୋର୍ଟର ଅବସରପ୍ରାପ୍ତ ଜଷ୍ଟିସ୍ ବି ସୁଦର୍ଶନ ରେଡ୍ଡୀଙ୍କୁ ପ୍ରାର୍ଥୀ କରିଛି। ଉଭୟ ଦକ୍ଷିଣ ଭାରତ ରାଜ୍ୟରୁ ପ୍ରତିନିଧିତ୍ୱ କରୁଛନ୍ତି। ୭୪ ବର୍ଷୀୟ ଜଗଦୀପ ଧନଖଡ ନିଜ ସ୍ୱାସ୍ଥ୍ୟଗତ ସମସ୍ୟା ଦର୍ଶାଇ ହଠାତ୍ ନିଜ ପଦରୁ ଇସ୍ତଫା ଦେବା ଯୋଗୁଁ ଉପରାଷ୍ଟ୍ରପତି ନିର୍ବାଚନ ଅନୁଷ୍ଠିତ ହେଉଛି।

## ତ୍ରିଶକ୍ତିକୁ ଦେଖି ଆମେରିକା ଭୟଭୀତ !

### ସଫେଇ ଦେବା ସହ ନୂଆ ଅଭିଯୋଗ ଆଣିଲେ ଟ୍ରମ୍ପ୍

**ନୂଆଦିଲ୍ଲୀ, ୱାଶିଂଟନ୍, ୧।୯/ଏଜେନ୍ସି:** ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ଶିଖର ସମ୍ମିଳନୀରେ ବିଶ୍ୱର ତ୍ରିଶକ୍ତି (ରୁଷ୍-ଭାରତ-ଚୀନ୍)ଙ୍କୁ ଏକାଠି ଦେଖିବା ପରେ ଟ୍ରମ୍ପ୍ ଏବେ ନିଜ ଆଡୁ ସଫେଇ ଦେବା ଆରମ୍ଭ କରିଛନ୍ତି। ଟ୍ରମ୍ପ୍ ମୁଖ୍ୟତଃ ଭାରତ ଉପରେ ଆମେରିକା ୫୦% ଶୁଳ୍କ ଲାଗୁ କରିବା ସମ୍ପର୍କରେ ହିଁ ବଖାଣିଛନ୍ତି। ଟ୍ରମ୍ପ୍ କହିଛନ୍ତି, ଭାରତ ବର୍ଷ ବର୍ଷ ଧରି ଆମେରିକାକୁ ବିପୁଳ ପରିମାଣର ରପ୍ତାନୀ କରୁଥିବା ବେଳେ ମୋଟା ଅଙ୍କର ଶୁଳ୍କ ଆଦାୟ କରିଆସୁଥିଲା। ଅନ୍ୟପକ୍ଷେ ଆମେରିକା ଠାରୁ ଭାରତର ଆମଦାନୀ ପରିମାଣ ଅତ୍ୟନ୍ତ ନଗଣ୍ୟ ରହିଥିବା ବେଳେ ଆମେରିକାକୁ ଭାରତ କମ୍ ଶୁଳ୍କ ଦେଉଥିଲା। ଆମେରିକା କେବଳ ଭାରତ ସହ ଉତ୍ତମ ବାଣିଜ୍ୟିକ ସମ୍ପର୍କକୁ ଦୃଷ୍ଟିରେ ରଖି ଆଜି ପର୍ଯ୍ୟନ୍ତ ଭାରତ ଉପରେ କୌଣସି ଶୁଳ୍କଜନିତ ଚାପ ପକାଇନଥିଲା। ମୋଟାମୋଟି ଭାବେ ଭାରତ-ଆମେରିକା ସମ୍ପର୍କ ଏକତରଫା ହିଁ ଥିଲା। ସମ୍ପର୍କ ଭଲ ଦେବାକୁ ଦାବି କରିଥିଲେ ମଧ ଏସମ୍ପର୍କରେ ଭାରତ ସରକାରଙ୍କ ପକ୍ଷରୁ କୌଣସି ସ୍ପଷ୍ଟ ଆଭିମୁଖ୍ୟ ଦର୍ଶାଯାଇନଥିଲା। ରୁଷ୍ ସହ ବ୍ୟବସାୟ ସମ୍ପର୍କରେ ପୁନର୍ବିଚାର କରିବା ପାଇଁ ଭାରତକୁ ଆମେରିକା ଆବଶ୍ୟକତା ଠାରୁ ଅଧିକ ସମୟ ଦେଇଥିଲା, କିନ୍ତୁ ଭାରତ ସେସମୟକୁ ହରାଇଦେଲା। ଏବେ ବହୁତ ବିଳମ୍ବ ହୋଇସାରିଛି, ଏବେ ଆଉ କିଛି ବି କରିହେବ ନାହିଁ। ଭାରତକୁ ସମୟ ଥାଆନ୍ତେ ଏସବୁ ଚିନ୍ତା କରିବା ଜରୁରି ଥିଲା।

ଟ୍ରମ୍ପ୍‌ଙ୍କ ଭଳି ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ମଧ କହିଛନ୍ତି ଯେ, ଆମେରିକା ଏବଂ ଭାରତ ମଧ୍ୟରେ ଥିବା ସମ୍ପର୍କ ନୂତନ ଉଚ୍ଚତାରେ ପହଞ୍ଚିବାରେ ଲାଗିଛି। ଭାରତ-ଆମେରିକା ସମ୍ପର୍କକୁ ଏକ ବିଂଶ ଶତାବ୍ଦୀର ସର୍ବାଧିକ ପରିଭାଷିତ ସମ୍ପର୍କ ଭାବେ ରୁବିଓ ଅଭିହିତ କରିଛନ୍ତି। ରୁବିଓଙ୍କ ଏପ୍ରକାର ମନ୍ତବ୍ୟ ମୋଦୀ ଏବଂ ପୁତିନ୍‌ଙ୍କ ସାକ୍ଷାତକାରର କିଛି ସମୟ ପୂର୍ବରୁ ଆସିଥିଲା।




ରଖିବା ପାଇଁ କେବଳ ଆମେରିକା ପକ୍ଷରୁ ହିଁ ପ୍ରୟାସ ରହିଥିଲା, ଭାରତ ପକ୍ଷରୁ ଏସବୁ କିଛି ବି ନଥିଲା। ସୁତରାଂ ଏହାକୁ ଏକ ବିପର୍ଯ୍ୟୟ ବୋଲି ହିଁ ବିବେଚନା କରାଯିବ। ତେବେ ଭାରତର ଏପ୍ରକାର ନୀତିକୁ ଦୃଷ୍ଟିରେ ରଖି ଆମେରିକା ଏବେ ନିଜ ସ୍ୱାର୍ଥକୁ ପ୍ରାଥମିକତା ଦେବା ନୀତି ଅନ୍ତର୍ଗତ ଭାରତ ଉପରେ ଶୁଳ୍କ ପରିମାଣକୁ ୨୫% ପର୍ଯ୍ୟନ୍ତ ବୃଦ୍ଧି କରିଛି। ସେହିପରି ବାରମ୍ବାର ବାରଣ ସତ୍ତ୍ୱେ ଭାରତ ରୁଷ୍ ଠାରୁ ତେଲ ଏବଂ ସାମରିକ ଉପକରଣ ଆଦି କିଣିବା ଜାରି ରଖିଛି। ଏହାଦ୍ୱାରା ୟୁକ୍ରେନ୍ ବିରୋଧୀ ଯୁଦ୍ଧ ପାଇଁ ରୁଷ୍‌କୁ ଆର୍ଥିକ ସ୍ତରରେ ସଶକ୍ତ କରୁଥିବା ପରିପ୍ରେକ୍ଷୀରେ ଭାରତ ଉପରେ ଅତିରିକ୍ତ ୨୫% ଶୁଳ୍କ ଲାଗୁ କରାଯାଇଛି। ଭାରତ ୟୁକ୍ରେନ୍-ରୁଷ୍ ଯୁଦ୍ଧକୁ ସମାପ୍ତ କରିବା ଦିଗରେ ସହଯୋଗ କରୁ ବୋଲି ଭାବନା ସହ ଏପରି କରାଯାଇଛି।

ସଫେଇ ଦେବା ପରିପ୍ରେକ୍ଷୀରେ ଟ୍ରମ୍ପ୍ ଭାରତ ବିରୋଧରେ ଆଉ ଏକ ବଡ଼ ଅଭିଯୋଗ ମଧ ଆଣିଛନ୍ତି। ଟ୍ରମ୍ପ୍ କହିଛନ୍ତି ଯେ, ଭାରତ କୁଆଡେ ଆମେରିକାକୁ ବର୍ଦ୍ଧିତ ରପ୍ତାନୀ ଶୁଳ୍କରେ ରିହାତି ସୁତରାଂ ଚୀନ୍‌ର ତିଆନ୍‌ଜିନ୍ ସହରରେ ଆୟୋଜିତ ହୋଇଯାଇଥିବା ଏସ୍‌ସିଓ ବୈଠକରୁ ଯାହା କିଛି ଚିତ୍ର ବା ନିଷ୍କର୍ଷ ସାମ୍ନାକୁ ଆସିଛି ସେଥିରେ ଆମେରିକା ଭୟଭୀତ ହୋଇପଡିଥିବା ପ୍ରତୀତ ହେଉଛି। ଏସ୍‌ସିଓ ଶିଖର ସମ୍ମିଳନୀ ଅବସରରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ୍ ଏବଂ ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍‌ଙ୍କ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା, ବିଶ୍ୱ ଉଦ୍ଦେଶ୍ୟରେ ମିଳିତ ବାର୍ତ୍ତା ଏବଂ ସର୍ବୋପରି ତିନି ଦେଶ ମଧ୍ୟରେ ବନ୍ଧୁତାର ନୂଆ ପରିଭାଷାକୁ ଦେଖି ଆମେରିକା ଏବେ ବୟାନବାଜି କରିବା ଆରମ୍ଭ କରିଦେଇଛି ବୋଲି ବିଶେଷଜ୍ଞମାନେ ମତପୋଷଣ କରିଛନ୍ତି।

ଏସବୁ ମଧ୍ୟରେ ଆମେରିକାର ଏକ ସଂଘୀୟ (ଫେଡେରାଲ୍) ଅପିଲ୍ କୋର୍ଟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଲାଗୁ କରିଥିବା ଅଧିକାଂଶ ଶୁଳ୍କକୁ ଅବୈଧ ବା ବେଆଇନ୍ ବୋଲି ଘୋଷଣା କରିଛନ୍ତି। କୋର୍ଟ କହିଛନ୍ତି ଯେ ଏସବୁ ଶୁଳ୍କ ଲାଗୁ କରିବା ପାଇଁ ଟ୍ରମ୍ପ୍‌ଙ୍କ ପାଖରେ କୌଣସି ନ୍ୟାୟିକ ଅଧିକାର ନାହିଁ।

## ଭାରତୀୟ ରେଳ-ଏସ୍‌ବିଆଇ ଆର୍‌ଏସ୍‌ପି ସମ୍ବନ୍ଧୀୟ ଏମ୍‌ଓୟୁ

**ନୂଆଦିଲ୍ଲୀ, ୧।୯/ଏଜେନ୍ସି:** ଭାରତୀୟ ରେଳବାଇ ଏବଂ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ମଧ୍ୟରେ ସୋମବାର ରେଳୱେ ଦରମା ପ୍ୟାକେଜ୍-ଆର୍‌ଏସ୍‌ପି ସମ୍ବନ୍ଧିତ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ତେବେ ସ୍ୱାକ୍ଷରିତ ଏମ୍‌ଓୟୁ ଅନ୍ତର୍ଗତ ଏଣିକି ରେଳୱେ ଦରମା ପ୍ୟାକେଜ୍ (ଆର୍‌ଏସ୍‌ପି) ଆକାଉଣ୍ଟ ଧାରକଙ୍କ ପାଇଁ ଦୁର୍ଘଟଣାଜନିତ ମୃତ୍ୟୁ (ଉଭୟ ଅନ୍ ଡ୍ୟୁଟି ଏବଂ ଅଫ୍ ଡ୍ୟୁଟି) କ୍ଷେତ୍ରରେ ଏସ୍‌ବିଆଇ ଏଣିକି ୧ କୋଟି ଟଙ୍କାର ବୀମା ସୁରକ୍ଷା ପ୍ରଦାନ କରିବ। ଏସ୍‌ବିଆଇରେ ଆକାଉଣ୍ଟ ଧାରକ ଥିବା ରେଳୱେ କର୍ମଚାରୀଙ୍କୁ ଏହି ସୁବିଧା କେବଳ ଏସ୍‌ବିଆଇରେ ଦରମା ଆକାଉଣ୍ଟ ଆଧାରରେ ହିଁ ପ୍ରଦାନ କରାଯିବ ଏବଂ ଏଥିପାଇଁ ସେମାନଙ୍କୁ କୌଣସି ପ୍ରିମିୟମ୍ ଦେବାକୁ ପଡ଼ିବ ନାହିଁ।



ବର୍ତ୍ତମାନ, ରେଳ କର୍ମଚାରୀଙ୍କ ପ୍ରାୟ ୭ ଲକ୍ଷ ଆକାଉଣ୍ଟ ଏସ୍‌ବିଆଇ ସହିତ ଅଛି। ପ୍ରତ୍ୟେକ ନୋମିନିଙ୍କୁ ୧ କୋଟି ଟଙ୍କାର ବୀମା ଦାବି ବହନ କରୁଥିବା ୭ଟି ଚେକ୍ କାର୍ଯ୍ୟକ୍ରମ ଆୟୋଜନ ହେବାକୁ ଥିବା ଦିନରେ ଅନଲାଇନ୍ ମୋଡ୍ ମାଧ୍ୟମରେ ବଣ୍ଟନ କରାଯିବ। ଏସ୍‌ବିଆଇ ଅଧ୍ୟକ୍ଷଙ୍କ ଦ୍ୱାରା ପ୍ରତୀକାତ୍ମକ ଚେକ୍ ପ୍ରଦାନ କରାଯିବ। (ନିକଟ ଅତୀତରେ ଅର୍ଥାତ୍ ଅଗଷ୍ଟ, ୨୦୨୫ ଶେଷ ସପ୍ତାହ ମଧ୍ୟରେ ୪ଟି ବୀମା ଦାବି ପୂର୍ବକ ୧ କୋଟି ଟଙ୍କା ପ୍ରଦାନ କରାଯାଇଛି)। ରେଳୱେ କର୍ମଚାରୀଙ୍କ ସ୍ୱାଭାବିକ ମୃତ୍ୟୁ କ୍ଷେତ୍ରରେ, କର୍ମଚାରୀଙ୍କୁ କୌଣସି ପ୍ରିମିୟମ୍ ଏବଂ କୌଣସି ଡାକ୍ତରୀ ପରୀକ୍ଷା ବିନା କେବଳ ଏସ୍‌ବିଆଇରେ ଦରମା ଆକାଉଣ୍ଟ ଆଧାରରେ ୧୦ ଲକ୍ଷ ଟଙ୍କା ପାଇଁ କଭର କରାଯାଇଥାଏ। ରେଳୱେ ଦରମା ପ୍ୟାକେଜ୍ (ଆର୍‌ଏସ୍‌ପି) ଅନ୍ତର୍ଗତ ରେଳ କର୍ମଚାରୀ ଏସମସ୍ତ ସୁବିଧା ଅନ୍ୟାନ୍ୟ ସରକାରୀ ଯୋଜନା / ବୀମା ଯୋଜନା / ନୀତି ମାଧ୍ୟମରେ ମିଳୁଥିବା ଅନ୍ୟାନ୍ୟ ସୁବିଧା ସହିତ ଅତିରିକ୍ତ ସୁବିଧା ଭାବେ ପ୍ରଦାନ କରାଯିବ।

ପ୍ରକାଶ, ବର୍ତ୍ତମାନ ସମୟରେ ରେଳ କର୍ମଚାରୀମାନେ ସିଜିଇଜିଆଇଏସ୍ ଅଧୀନରେ ଅନ୍ତର୍ଭୁକ୍ତ, ଯାହାକି ସେବା ସମୟରେ ମୃତ୍ୟୁ କ୍ଷେତ୍ରରେ ଗ୍ରୁପ୍ ସି' କର୍ମଚାରୀଙ୍କ ପାଇଁ ୩୦ ହଜାର ଟଙ୍କା, ଗ୍ରୁପ୍ ବି' କର୍ମଚାରୀଙ୍କ ପାଇଁ ୬୦ ହଜାର ଟଙ୍କା ଏବଂ ଗ୍ରୁପ୍ ଏ' କର୍ମଚାରୀଙ୍କ ପାଇଁ ୧.୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୀମା ପ୍ରଦାନ କରିଥାଏ। ତେବେ ସର୍ବାଧିକ କର୍ମଚାରୀ/ଫ୍ରଣ୍ଟଲାଇନ୍ ରେଳ ସେବା କର୍ମଚାରୀ ଗ୍ରୁପ୍ ସି' ବର୍ଗର। ସୁତରାଂ ଏହି ବର୍ଗର କର୍ମଚାରୀଙ୍କ ଦ୍ୱାରା ଆଶ୍ରିତମାନଙ୍କୁ ଆର୍ଥିକ ସହାୟତା ଦେବା ପାଇଁ ୩୦ ହଜାର ଟଙ୍କାର ବୀମା କଭରେଜ୍ ଯଥେଷ୍ଟ ନୁହେଁ ବୋଲି ବିବେଚନା କରାଯାଏ। ସୂଚନାଯୋଗ୍ୟ, ସମସ୍ତ ଏସ୍‌ବିଆଇ ଆକାଉଣ୍ଟଧାରୀ (ରେଳ କର୍ମଚାରୀ) ଏବଂ ରେଳ ପ୍ରଶାସନିକ କର୍ମଚାରୀ ପାଇଁ ଏହି ପ୍ରସ୍ତାବିତ ବ୍ୟବସ୍ଥା ସମ୍ପୂର୍ଣ୍ଣ ସ୍ୱେଚ୍ଛାକୃତ ଭାବରେ ଅନ୍ୟ ବ୍ୟାଙ୍କଗୁଡ଼ିକ ସହିତ ସମାନ / ଅଧିକ ଆକର୍ଷଣୀୟ ଯୋଜନାରେ ପ୍ରବେଶ କରିବା ଜାରି ରଖିଛି।

**ରେଳୱେ କର୍ମଚାରୀଙ୍କୁ ମିଳିବାକୁ ଥିବା କିଛି ମୁଖ୍ୟ ଲାଭ ନିମ୍ନରେ ବିସ୍ତୃତ ଭାବରେ ଦିଆଯାଇଛି :**

ବ୍ୟକ୍ତିଗତ ଦୁର୍ଘଟଣା ବୀମା (ମୃତ୍ୟୁ) କଭର ଭାବେ ୧ କୋଟି ଟଙ୍କା, ବିମାନ ଦୁର୍ଘଟଣା ବୀମା (ମୃତ୍ୟୁ) କଭର ଭାବେ ୧.୬୦ କୋଟି ଟଙ୍କା ଏବଂ ରୁପେ ଡେବିଟ୍ କାର୍ଡରେ ଅତିରିକ୍ତ ୧କୋଟି ଟଙ୍କା, ବ୍ୟକ୍ତିଗତ ଦୁର୍ଘଟଣା ଅନ୍ତର୍ଗତ ସ୍ଥାୟୀ ୧୦୦% ଶାରୀରିକ ଅକ୍ଷମତା କ୍ଷେତ୍ରରେ ୧ କୋଟି ଏବଂ ସ୍ଥାୟୀ ଆଂଶିକ ଅକ୍ଷମତା କ୍ଷେତ୍ରରେ ୮୦ ଲକ୍ଷ ପର୍ଯ୍ୟନ୍ତ ବୀମା କଭର ମିଳିବ। ସେହିପରି ଗ୍ରୁପ୍ ଟର୍ମ ଜୀବନ ବୀମା (ମୃତ୍ୟୁ କ୍ଷେତ୍ରରେ) ୧୦ ଲକ୍ଷ ମିଳିବ। ରେଳୱେ ପେନ୍‌ସନ୍‌ଭୋଗୀଙ୍କ ପାଇଁ ବ୍ୟକ୍ତିଗତ ଦୁର୍ଘଟଣା ବୀମା (ମୃତ୍ୟୁ) କଭର ଭାବେ ୩୦ ଲକ୍ଷ ପ୍ରଦାନ କରାଯିବ। ପରିବାରର ୪ ସଦସ୍ୟଙ୍କ ପାଇଁ ବ୍ୟକ୍ତିଗତ ଦୁର୍ଘଟଣା ବୀମା (ମୃତ୍ୟୁ) କଭର (ଏସ୍‌ବିଆଇ ରିସ୍ତେ ଆକାଉଣ୍ଟ (ପ୍ରତି ପରିବାର ସଦସ୍ୟଙ୍କ ପାଇଁ ୫ ଲକ୍ଷ) ଆଧାରରେ ମୋଟ୍ ୨୦ ଲକ୍ଷ ପର୍ଯ୍ୟନ୍ତ ପ୍ରଦାନ କରାଯିବ। ଏତଦ୍‌ବ୍ୟତୀତ ଅଡ୍-ଅନ୍ କଭର ଅନ୍ତର୍ଗତ ପିଲାମାନଙ୍କ ଶିକ୍ଷା ପାଇଁ ଉଚ୍ଚଶିକ୍ଷା ବୀମା କଭର (ମୃତ୍ୟୁଲାଭ କରିଥିବା କର୍ମଚାରୀଙ୍କ ପିଲାମାନଙ୍କ ପାଇଁ - ଦୁର୍ଘଟଣାଜନିତ ମୃତ୍ୟୁ) କ୍ଷେତ୍ରରେ ୮ ଲକ୍ଷ (ପୁତ୍ର ସନ୍ତାନ) ଏବଂ ୧୦ ଲକ୍ଷ (କନ୍ୟା ସନ୍ତାନ) ଭାବେ ପ୍ରଦାନ କରାଯିବ। କନ୍ୟା ସନ୍ତାନ (୧୮ ବର୍ଷରୁ ୨୫ ବର୍ଷ) ବିବାହ ବୀମା କଭର (ମୃତ କର୍ମଚାରୀଙ୍କ (ଦୁର୍ଘଟଣାଜନିତ) ସନ୍ତାନମାନଙ୍କ ପାଇଁ - ୧୦ ଲକ୍ଷ (ଦୁଇଟି କନ୍ୟା ସନ୍ତାନ ପାଇଁ ପ୍ରତ୍ୟେକ ୫.୦୦ ଲକ୍ଷ ଟଙ୍କା) ଲେଖାଏ ପ୍ରଦାନ କରାଯିବ।

ପ୍ରକାଶଯୋଗ୍ୟ, ଏସ୍‌ବିଆଇ ପକ୍ଷରୁ ୪ଜଣିଆ ପରିବାର (୨ ବୟସ୍କ ଏବଂ ୨ ସନ୍ତାନ) ପାଇଁ ପ୍ରାୟ ବାର୍ଷିକ ୮୦୦ ଟଙ୍କା ରିହାତି ପ୍ରିମିୟମ (ଦୈନିକ ମାତ୍ର ଟ୨.୨୦ପ. ହିସାବରେ) ରେ ୩୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା କଭରେଜ୍ ସୁବିଧା ମଧ ପ୍ରଦାନ କରୁଛି। ଏସବୁ ବ୍ୟତୀତ ଏସ୍‌ବିଆଇ ପକ୍ଷରୁ ଅନ୍ୟାନ୍ୟ ସୁବିଧାଗୁଡ଼ିକ ମଧ ମିଳିବା ଜାରି ରହିବ ବୋଲି କୁହାଯାଇଛି।

## ଲଗାଣ ବର୍ଷାରେ ଦିଲ୍ଲୀବାସୀ ବେହାଲ୍

### ୩ ଘଣ୍ଟା ଧରି ଟ୍ରାଫିକ୍ ଜାମ୍‌ରେ ଫସିଲା ଶହଶହ ଗାଡ଼ିମଟର

**ନୂଆଦିଲ୍ଲୀ,୧।୯/ଏଜେନ୍ସି:** ସୋମବାର ଅପରାହ୍ନରେ ଗୁରୁଗ୍ରାମରେ ପ୍ରବଳ ବର୍ଷା ଯୋଗୁଁ ୭-୮ କିଲୋମିଟର ଦୀର୍ଘ ଟ୍ରାଫିକ୍ ଜାମ ପରିସ୍ଥିତି ସୃଷ୍ଟି ହୋଇଥିଲା। ଗାଡ଼ିଗୁଡ଼ିକ ପ୍ରାୟ ୩ ଘଣ୍ଟାରୁ ଅଧିକ ସମୟ ଅଟକି ରହିଥିଲା। ରାସ୍ତାଗୁଡ଼ିକରେ ପାଣି ଜମି ରହିଥିବାରୁ ସାଧାରଣ ଜୀବନଯାତ୍ରା ବିପର୍ଯ୍ୟସ୍ତ ହୋଇଛି। ଭାରତୀୟ ପାଣିପାଗ ବିଭାଗ ମଙ୍ଗଳବାର (୨ ସେପ୍ଟେମ୍ବର ୨୦୨୫) ପାଇଁ ଅରେଞ୍ଜ ଆଲର୍ଟ ଜାରି କରି ପ୍ରବଳରୁ ଅତି ପ୍ରବଳ ବର୍ଷାର ପୂର୍ବାନୁମାନ କରିଛି। ଗୁରୁଗ୍ରାମ ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ କହିଛନ୍ତି, "ସୋମବାର ଅପରାହ୍ନ ୩ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଗୁରୁଗ୍ରାମ ସହରରେ ୧୦୦ ମିମିରୁ ଅଧିକ ବର୍ଷା ରେକର୍ଡ ହୋଇଛି।" ଏହି ପୂର୍ବାନୁମାନକୁ ଦୃଷ୍ଟିରେ ରଖି ଜିଲାର ସମସ୍ତ କର୍ପୋରେଟ ଅଫିସ୍ ଓ ଘରୋଇ ଅନୁଷ୍ଠାନକୁ କର୍ମଚାରୀମାନଙ୍କୁ ଘରୁ କାମ କରିବାକୁ ପରାମର୍ଶ ଦିଆଯାଇଛି। ଏହା ସହ ସମସ୍ତ ସ୍କୁଲଗୁଡ଼ିକୁ ୨ ସେପ୍ଟେମ୍ବର ଅନଲାଇନ୍ କ୍ଲାସ ପରିଚାଳନା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯାତ୍ରୀମାନେ ଜଳମଗ୍ନ ରାସ୍ତା, ବିଶେଷତଃ ଅଣ୍ଡରପାସ ଓ ତଳିଆ ଅଞ୍ଚଳ ଅସୁବିଧାର ସମ୍ମୁଖୀନ ହୋଇଥିଲେ।

ରିପୋର୍ଟ ଅନୁସାରେ ନୋଏଡା, ଗାଜିଆବାଦ୍, ଗୁରୁଗ୍ରାମ ଏବଂ ଦିଲ୍ଲୀରେ ଲଗାଣ ବର୍ଷା ସହ କିଛି ମାତ୍ରାରେ ଝଡ ମଧ ଦେଖିବାକୁ ମିଳିଥିଲା। ଏନ୍‌ଏଚ୍ ୮ ଜୟପୁର ଏକ୍ସପ୍ରେସ୍ ୱେ, ବାଦଶାହପୁର, ମାନେଶର ଏବଂ ସୋହନା ଆଦି ରାସ୍ତାରେ ଗୁରୁତର ଭାବେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥିଲା। ଅଣ୍ଡର ପାସ୍ ଏବଂ ନିମ୍ନସ୍ତରରେ ଥିବା ରାସ୍ତାଗୁଡ଼ିକରେ ବନ୍ୟାଜଳ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି କରିଥିଲା। ସେହିପରି ଭାରତୀୟ ପାଣିପାଗ ବିଭାଗ ଆସନ୍ତା ୩ ତାରିଖ ପାଇଁ ମଧ ବ୍ରଜପାତ ସହ ବର୍ଷା ହେବାର ପୂର୍ବାନୁମାନ କରିଛି।



# ଶବ ରଖି ରାସ୍ତା ଅବରୋଧକଲେ ଗ୍ରାମବାସୀ

**ଭାପୁର,୧୯/ଏନ୍ଏନ୍ଏସ୍:** ଭାପୁର-ଖଣ୍ଡପଡ଼ା ମୁଖ୍ୟ ରାସ୍ତା ଉପରେ ଶବ ରଖି ଧାରଣାରେ ବସିଥିଲେ ଗ୍ରାମବାସୀ । ସକାଳ ୭ଘଟିକା ଠାରୁ ମଧ୍ୟାହ୍ନ ୧୧ଘଟିକା ପର୍ଯ୍ୟନ୍ତ ଧାରଣାରେ ବସିବା ପରେ ପୁଲିସଠାରୁ ନିର୍ଭର ପ୍ରତିଶ୍ରୁତି ପାଇବା ପରେ ରାସ୍ତାରୋକ ହଟିଥିବା ଜଣାଯାଇଛି । ଘଟଣାରୁ ଜଣାଯାଇଛି ଯେ ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ଅନ୍ତର୍ଗତ କରଡ଼ାପଲ୍ଲୀ ଗ୍ରାମରେ ଭସାଣିକୁ ନେଇ ଗଣ୍ଡଗୋଳ ହୋଇଥିଲା । ଏହି ଗଣ୍ଡଗୋଳ ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା । ଏହି ଘଟଣାରେ ଗ୍ରାମବାସୀମାନେ ମିଳିତ ହୋଇ ଭାପୁର ଡାକ୍ତରଖାନ ସାମ୍ନା ରାସ୍ତାରେ ଶବ ରଖି ଅବରୋଧ କରିଥିଲେ । ପ୍ରକାଶ ଯେ, ଗତକାଲି ବିଳମ୍ବିତ ରାତିରେ ଭାପୁର ବ୍ଲକ୍ ପାଥପୁର ଗାଁର କିଛି ଯୁବକ ନିକଟସ୍ଥ କରଡ଼ାପଲ୍ଲୀ ଗାଁ'ରେ ଖୁବ୍‌ଜୋର୍‌ରେ ଡିଜେ ବଜାଇ ଗଣେଶ ମୂର୍ତ୍ତି ବିସର୍ଜନ ପ୍ରସେସନ କରୁଥିଲେ । ତେବେ



କରଡ଼ାପଲ୍ଲୀ ଗାଁ ଲୋକେ ଜୋର୍ ଶବ୍ଦକୁ ବିରୋଧ କରିଥିବାରୁ ପାଥପୁର ଗାଁ ଲୋକେ ଗଣ୍ଡଗୋଳ ଆରମ୍ଭ କରିଥିଲେ । ତେବେ ଦୁଇ ଗାଁ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ହୋଇଥିଲା । ଏହି ସଂଘର୍ଷରେ ଜଣଙ୍କର ମୃତ୍ୟୁ ଘଟିଥିଲା । ମୃତକ ଜଣଙ୍କ କରଡ଼ାପଲ୍ଲୀ ଗାଁର ହରିହର ସ୍ୱାଇଁ ହୋଇଥିବାବେଳେ ନିଜ ପୁଅଙ୍କୁ ଆକ୍ରମଣକାରୀଙ୍କଠାରୁ ବଞ୍ଚାଇବାକୁ ଯାଇ ନିଜେ ମୃତ୍ୟୁବରଣ କରିଥିଲେ । ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରିବା ଦାବିରେ କରଡ଼ାପଲ୍ଲୀ ଗାଁ ଲୋକେ ରାସ୍ତାରେ ଶବ ରଖି ଟାୟାର୍ ଜାଳି ଧାରଣା ଦେଇଥିଲେ । ତେବେ ବହୁବାର ଡିଜେ ଶବ୍ଦ ପାଇଁ ଜୀବନ ଯାଉଥିବାବେଳେ ପ୍ରଶାସନ ନୀରବଦ୍ରଷ୍ଟା ସାଜିବା ଏଠାରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅନ୍ୟପଟେ ପୁଲିସ ଘଟଣାର ତଦନ୍ତ କରି ସମ୍ପୃକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ୪ଜଣଙ୍କୁ ଅଟକ ରଖିଥିବା ନୟାଗଡ଼ ଏସ୍‌ପି ଆନ୍ଦୋଳନକାରୀଙ୍କୁ ଜଣାଇଛନ୍ତି ।

## ପୁତ୍ରର ମୃତ୍ୟୁ ନେଇ ଇନ୍‌ଫୋସିଟି ଥାନାରେ ପିତାଙ୍କ ଅଭିଯୋଗ



**ସାଲେପୁର,୧୯/ଏନ୍ଏନ୍ଏସ୍:** ନିଜ ପୁତ୍ରର ଭୁବନେଶ୍ୱରରେ ମୃତ୍ୟୁ ନେଇ ଇନ୍‌ଫୋସିଟି ଥାନାରେ ଅଭିଯୋଗ କରିଛନ୍ତି ପିତା ସାଲେପୁର ଅଞ୍ଚଳର ନିରଞ୍ଜନ ମହାନ୍ତି । ଅଭିଯୋଗ ଅନୁଯାୟୀ ସାଲେପୁର ବ୍ଲକ ଭୀମଦାସପୁର ପଞ୍ଚାୟତ ତଳପଦା ଗ୍ରାମର ନିରଞ୍ଜନ ମହାନ୍ତିଙ୍କ ୪୦ବର୍ଷ ବୟସ୍କ ଏକମାତ୍ର ପୁତ୍ର ଅରୁଣ କୁମାର ମହାନ୍ତି । ଅରୁଣ ପ୍ରାୟ ଦୁଇବର୍ଷ ହେବ ଭୁବେନେଶ୍ୱର ପଟିଆ କାଳରଙ୍ଗସ୍ଥିତ ରଶ୍ମି ଲାଇଫ ଷ୍ଟାଇଲ ଆପାର୍ଟମେଣ୍ଟରେ ରହୁଥିଲେ । ପ୍ରାୟ ଏକ ବର୍ଷ ହେବ ସ୍ୱାମୀ ସ୍ତ୍ରୀ ମଧ୍ୟରେ ମନମାଳିନ୍ୟ ହେବାରୁ ସ୍ତ୍ରୀ ହୀରନ୍ୟମୟୀ ତାଙ୍କ ଝିଅକୁ ନେଇ ତାଙ୍କ ବାପଘର ଚାନ୍ଦୋଳ ଡାଳିଜୀ ଗ୍ରାମରେ ରହିବା ସହ ଡେରାବିଶ ଥାନାରେ ଅରୁଣଙ୍କ ନାମରେ ଏକ ଏତଲା ମଧ୍ୟ ଦେଇଥିଲେ । କିଛିଦିନ ହେବ ହୀରନ୍ୟମୟୀଙ୍କ ଭରଣ ପୋଷଣ ବାବଦକୁ ମାସିକ ୨୫୦୦୦ ଦେବାକୁ କୋର୍ଟରୁ ଅରୁଣଙ୍କ ପାଖକୁ ଏକ ନୋଟିସ ଆସିଥିଲା । ଏହାକୁ ନେଇ ଅରୁଣ ମାନସିକ ଚାପରେ ଥିଲେ । ହଠାତ ଗତକାଲି ପ୍ରାୟ ରାତି ଦୁଇଟା ସମୟରେ ଅରୁଣ ଫୋନକରି କହିଲେ କି ବୋଉ ମୁଁ ଆଉ ବଞ୍ଚିବିନି । ଏହାଶୁଣି ତତ୍‌କ୍ଷଣାତ ଅରୁଣଙ୍କ ବାପା ଆପାର୍ଟମେଣ୍ଟର ସିକ୍ୟୁରୁଟିକୁ କହିବାରୁ ସେ ସ୍ଥାନୀୟ ଲୋକମାନଙ୍କ ଜରିଆରେ ଘରର କବାଟ ଭାଙ୍ଗି ଅରୁଣଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଭୁବେନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଅରୁଣ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥାନ୍ତି ବୋଲି ପରିବାର ପକ୍ଷରୁ ଇନଫୋସିଟି ଥାନାରେ ଲିଖିତ ଅଭିଯୋଗ ହୋଇଛି । ପୁଲିସ ଘଟଣା ତଦନ୍ତ ଜାରିରଖିଥିବା ଜଣାପଡ଼ିଛି ।

## ବେଆଇନ ପଥରଖଣି ଉପରେ ଚଢ଼ଉ, ୫ ଗାଡ଼ି ଜବତ

**ଡେଲାଙ୍ଗ,୧୯/ଏନ୍ଏନ୍ଏସ୍:** ଜିଲ୍ଲା ଖଣି ବିଭାଗ ଆକ୍ସନ ମୁଡରେ ରହିଥିବା ବେଳେ ବେଆଇନ ଖଣି ଖନନ ନେଇ ୫ ଗାଡ଼ି ଉପରେ ଆଜି ଜିଲ୍ଲା ଖଣି ବିଭାଗ କରିଛି । ମିଳିଥିବା ସୂଚନା ଅନୁଯାୟୀ ଡେଲାଙ୍ଗ ଥାନା ଅଧିନ ହରିରାଜପୁର ଫାଣ୍ଡି ଅଞ୍ଚଳରେ ପ୍ରତିଦିନ ଶହ ଶହ ଟ୍ରିପ ମାଙ୍କଡା ପଥର ଓ ମୋରମ ଚୋରାଚାଲାଣ ହେଉଥିବା ନେଇ ବାରମ୍ବାର ବିଭିନ୍ନ ଖବର କାଗଜରେ ଖବର ପ୍ରକାଶ ପାଇଥିଲା । ଖବର ପ୍ରକାଶ ପରେ ଜିଲ୍ଲା ଖଣି ବିଭାଗ ଆକ୍ସନ ମୁଡରେ ରହି ରେଙ୍ଗଳ ପଞ୍ଚାୟତରେ ବେଆଇନ ଭାବେ ଚାଲୁଥିବା ଖଣି ଉପରେ ଚଢ଼ଉ କରିଥିଲା । ଜିଲ୍ଲା ଖଣି ବିଭାଗ ଅଧିକାରୀ ସମୀର କୁମାର ମିଶ୍ରଙ୍କ ନେତୃତ୍ୱ ଏହି ଚଢ଼ଉ ହୋଇଥିଲା । ଚଢ଼ଉରେ ୫ଟି ଗାଡି ଜବତ କରି ହରିରାଜପୁର ଫାଣ୍ଡିକୁ ଜିମା ଦେଇଥିବା ସୁଚନା ମିଳିଛି । ସେହି ଜବତ ଗାଡି ଗୁଡିକ ମଧ୍ୟରେ ୩ଟି ମାଙ୍କଡା ପଥର ବୋଝେଇ ଟ୍ରକ ରହିଥିବା ବେଳେ ୧ଟି ୪୦୭ ଓ ୧ଟି ଟ୍ରାକ୍ଟର ଜବତ ହୋଇଥିବା ମାଇନ୍ସ ବିଭାଗ ପକ୍ଷରୁ ସୂଚନା ମିଳିଛି । ହରିରାଜପୁର ଫାଣ୍ଡି ପୁଲିସ ଉପସ୍ଥିତ ରହି ଜବତ ଗାଡିଗୁଡ଼ିକର କାଗଜପତ୍ର ଯାଞ୍ଚ କରିଥିଲେ । ଜବତ ଗାଡ଼ିଗୁଡ଼ିକ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ସହ ଫାଇନ କଟାଯିବ ବୋଲି ଜିଲ୍ଲା ଖଣି ବିଭାଗ ଅଧିକାରୀ ଶ୍ରୀ ମିଶ୍ର ସୁଚନା ଦେଇଛନ୍ତି ।

## ନବନିଯୁକ୍ତ ବିଡିଓଙ୍କୁ ସାମ୍ବାଦିକ ସଙ୍ଘର ସୌଜନ୍ୟମୂଳକ ସାକ୍ଷାତ

**ବୋଲଗଡ଼,୧୯/ଏନ୍ଏନ୍ଏସ୍:** ବୋଲଗଡ଼ ବ୍ଲକ ନବ ନିଯୁକ୍ତ ବିଡ଼ିଓଙ୍କୁ କାର୍ଯ୍ୟରତ ସାମ୍ବାଦିକ ସୋମବାର ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ସୂଚନାଯୋଗ୍ୟ ଯେ ରାଜ୍ୟ ସରକାରଙ୍କ ପଞ୍ଚାୟତରାଜ ପକ୍ଷରୁ ହୋଇଥିବା ନିର୍ଦ୍ଦେଶନାମା ଅନୁସାରେ ନୂତନ ବିଡ଼ିଓ ସୁମନସୁଧା କୁଣ୍ଟୁ ଗତ ଶନିବାର ବୋଲଗଡ଼ ବିଡ଼ିଓ ଭାବେ କାର୍ଯ୍ୟରେ ଯୋଗଦେଇଥିଲେ । ଏଠାରେ ଉଲ୍ଲେଖ ଯେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶମତେ ଗତ ୪ ଏପ୍ରିଲ ୨୦୨୫ରେ ସୁଶ୍ରୀ କୁଣ୍ଟୁ ଏଠାରେ ବିଡ଼ିଓ ଭାବେ ଯୋଗ ଦେଇଥିଲେ । ପ୍ରାୟତଃ ୩ମାସ ଅନ୍ତରରେ ତଥା ୨୩ ଜୁଲାଇ ୨୦୨୫ରେ ତାଙ୍କୁ ରାତିଅଧିଆ ତୁରନ୍ତ ଅନ୍ୟତ୍ର ବଦଳି କରାଯାଇଥିଲା ଓ ତରବରିଆ ଭାବେ ସ୍ଥାନୀୟ ତହସିଲଦାର ବିଜୟ କୁମାର ସେଠୀଙ୍କୁ ବିଡ଼ିଓ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା । ତେବେ ଶାସକ ବିଜେପିର ଏକ ଗୋଷ୍ଠୀ ତାଙ୍କୁ ଏଠାରେ ପୁନର୍ବାର ନିଯୁକ୍ତି ଦେବାରେ ସକ୍ଷମ ହୋଇଛନ୍ତି । ଏହି ଅବସରରେ ନବନିଯୁକ୍ତ ବିଡ଼ିଓଙ୍କୁ କାର୍ଯ୍ୟରତ ସାମ୍ବାଦିକ ସଙ୍ଘ ସଭାପତି ନିରଞ୍ଜନ ନାୟକ, ସଙ୍ଘ ସମ୍ପାଦକ ସତ୍ୟ ନାରାୟଣ ବାରିକ, ପାଣ୍ଡବ ସାହୁ,ଦେବବ୍ରତ ହୋତା, ପ୍ରଫୁଲ୍ଲ କୁମାର ସିଂ ଓ ନିରଞ୍ଜନ ସେଠୀ ପ୍ରମୁଖ ସୌଜନ୍ୟ ମୂଳକ ସାକ୍ଷାତ କରିଥିଲେ । ତେବେ ନୂତନ ବିଡ଼ିଓଙ୍କୁ କେତେକ ପ୍ରଶ୍ନର ଉତ୍ତରରେ ସରକାରଙ୍କ ନିୟମାବଳୀ ଆଧାରରେ ସାଧାରଣ ଲୋକମାନଙ୍କ ପାଇଁ ନିରବଚ୍ଛିନ୍ନ କାର୍ଯ୍ୟ କରିବେ ବୋଲି ନିଜର ମତାମତ ରଖିଥିଲେ ।

## ଓଡ଼ିଶା ବୁଣାକାର ମହାସଂଘର ସହସମ୍ପାଦକ ଚୟନ

**ବଳଙ୍ଗା,୧୯/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲା ବଳଙ୍ଗା ଥାନା ଅନ୍ତର୍ଗତ ମଡ଼ଜିବେଗ୍ ପାଟଣା ଗ୍ରାମର ଗୋବିନ୍ଦ ଚନ୍ଦ୍ର ସାହୁ ପୁରୀ ଜିଲ୍ଲା ବୁଣାକାର ସଂଘର ଦାୟିତ୍ୱ ବହନ କରିବା ସହିତ ଓଡ଼ିଶା ବୁଣାକାର ମହାସଂଘର୍ ସହ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି । ଓଡ଼ିଶା ବୁଣାକାର ମହାସଂଘର ସାଙ୍ଗଠନିକ ବୈଠକରେ ଭୁବନେଶ୍ୱରସ୍ଥିତ ରେଡକ୍ରସ୍ ଭବନଠାରେ ମହାସଙ୍ଘର ସଭାପତି ଶ୍ରୀଧର ବେହେରା ଏହା ଘୋଷଣା କରିଛନ୍ତି । ପୁରୀ ଜିଲ୍ଲାରେ ବୁଣାକାର ସମବାୟ ସମିତି ଓ ଯୁବ ବୁଣାକାରମାନଙ୍କୁ ବୁଣା କାମରେ ନିୟୋଜିତ ପାଇଁ ଆବଶ୍ୟକ ପଦକ୍ଷେପ ନେବା ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ମତବ୍ୟକ୍ତ କରିଛନ୍ତି । ଏ ନେଇ ଅଞ୍ଚଳର ବୁଣାକାର ପରିବାରମାନେ ଖୁସିବ୍ୟକ୍ତ କରିଛନ୍ତି ।

## ଅଡ଼ଶପୁର ସମିତିରୁ ମିଳିଲା ସାର, ଚାଷୀ ଆଶ୍ୱସ୍ତ



**କଣ୍ଟାପଡ଼ା,୧୯/ଏନ୍ଏନ୍ଏସ୍:** କଣ୍ଟାପଡ଼ା ବ୍ଲକ ଅଞ୍ଚଳରେ ଚାଷୀଙ୍କୁ ବହୁ ପ୍ରତୀକ୍ଷିତ ୟୁରିଆ ସାର ମିଳିଛି । ରାଜ୍ୟ ବ୍ୟାପୀ ୟୁରିଆ ସାରର ଘୋର ଅଭାବ ଯୋଗୁଁ ଚାଷୀକୂଳ ହତାଶ ହୋଇପଡ଼ିଥିଲେ । ଅଥଚ ଏହି ବ୍ଲକ ଅନ୍ତର୍ଗତ ଅଡ଼ଶପୁର ସେବା ସମବାୟ ସମିତି ପକ୍ଷରୁ ପଞ୍ଜିକୃତ ଚାଷୀମାନଙ୍କୁ ୨୮୦ଟଙ୍କା ଦରରେ ୟୁରିଆ ସାର ଯୋଗାଇଦିଆଯାଇଛି । ଆଜି ଅନେକ ଚାଷୀ ସମ୍ପୃକ୍ତ ସମିତିକୁ ଆସି ଏହି ରାସାୟନିକ ସାର କ୍ରୟ କରିଥିଲେ । ଜିଲା ଏବଂ ରାଜ୍ୟର ଅନେକ ଡିଲରଙ୍କ ନିକଟରେ ଏହି ୟୁରିଆ ସାର ମହଜୁଦ ନଥିଲାବେଳେ ଅଡ଼ଶପୁରର ଚାଷୀମାନଙ୍କ ପାଇଁ ଏହା ଉପଲବ୍ଧ ହୋଇଥିବାରୁ ସେମାନେ ଆଶ୍ୱସ୍ତ ହୋଇଛନ୍ତି । ଅପରପକ୍ଷରେ ସମସ୍ତ ପଞ୍ଜିକୃତ ଚାଷୀଙ୍କ ପାଇଁ ଆବଶ୍ୟକ ପରିମାଣର ୟୁରିଆ ସାର ଉପଲବ୍ଧ କରାଇବା ନେଇ ସମିତି ଯତପରୋନାସ୍ତି ଉଦ୍ୟମ କରିବ ବୋଲି ସମିତି କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଛନ୍ତି; ନିଅଣ୍ଟିଆ ସମୟରେ ଆଜିର ଏହି ବିକ୍ରୟକୁ ନେଇ ଚାଷୀମାନେ ଖୁସି ବ୍ୟକ୍ତ କରିଛନ୍ତି । ସୂଚନାଯୋଗ୍ୟ, କଣ୍ଟାପଡ଼ା ଏକ କୃଷିବହୁଳ ବ୍ଲକ ଭାବେ ପରିଚିତ । ଖରିଫ ଧାନ ଫସଲରେ ବର୍ତ୍ତମାନ ଥୋଡ଼ ବାହାରିବା ସମୟ ହୋଇଥିବାରୁ ଏହି ସମୟରେ ୟୁରିଆ ସାରର ପ୍ରୟୋଗ ଆବଶ୍ୟକ; ତେବେ ପର୍ଯ୍ୟାପ୍ତ ପରିମାଣର ସାର ମିଳୁନଥିବାରୁ କେବଳ ଏହି ବ୍ଲକ କାହିଁକି ରାଜ୍ୟବ୍ୟାପୀ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଓ ପ୍ରତିକ୍ରିୟା ପ୍ରକାଶ ପାଇଛି । ଏପରିକି କୃଷି ବିଭାଗ ଦାୟିତ୍ୱରେ ଥିବା ଖୋଦ ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଚାଷୀଙ୍କୁ ସାର ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇ ବିଫଳ ହୋଇଥିଲେ ଏବଂ ଓଡ଼ିଶାକୁ ଆବଶ୍ୟକ ୟୁରିଆ ସାର ତୁରନ୍ତ ଯୋଗାଇଦେବାକୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲେ ।

## ରାହୁଲଙ୍କୁ ବିରୋଧ କରି ବିଜେପିର କୋକେଇ ଯାତ୍ରା



**କଟକ,୧୯/ଏନ୍ଏନ୍ଏସ୍:** ବିହାର ଦରଭଙ୍ଗାରେ କଂଗ୍ରେସର ଭୋଟର ଅଧିକାର ଯାତ୍ରାରେ ଏକ ମଞ୍ଚରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ତାଙ୍କର ସ୍ୱର୍ଗତ ମାତାଙ୍କ ବିଷୟରେ ଅଶାଳୀନ ନାରା ପ୍ରତିବାଦରେ କଟକ ଜିଲ୍ଲା ବିଜେପି ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ଅଭିନବ ପ୍ରତିବାଦ କରାଯାଇଛି । ପ୍ରତୀକାତ୍ମକ ଭାବେ ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକାକୁ କୋକେଇରେ ବନ୍ଧା ଯାଇ ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରୁ କୋକେଇ ଯାତ୍ରା ଆରମ୍ଭ ହୋଇ ଗୌରୀଶଙ୍କର ପାର୍କ ନିକଟରେ ପହଞ୍ଚିଥିଲା ଏବଂ କୁଶପୁତ୍ତଳିକା ଦାହ କରାଯାଇଥିଲା ।

ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସଭାପତି ଲଲାଟେନ୍ଦୁ ବଡ୍ଡୁ, ଲକ୍ଷ୍ମୀଧର ପ୍ରଧାନ, ସ୍ମୃତି ପଟ୍ଟନାୟକ, ଗୀତାରାଣୀ ଦାସ, ବିଶ୍ୱରଞ୍ଜନ ମିଶ୍ର, ରଶ୍ମିରେଖା ଦାସ, ସୁନୀଲ ଦ୍ୱିବେଦୀ, ଜଗନ୍ନାଥ ପରିଡ଼ା, ଭାଗୀରଥି ଦଳେଇ, ଅଶୋକ ସାହୁ, ପ୍ରମୋଦ କୁମାର ସାହୁ, ସ୍ମୃତି ରଞ୍ଜନ ମିଶ୍ର, ଅନ୍ନଦା ଦାସ, ପ୍ରବୀଣା ମହାପାତ୍ର, ମଧୁସ୍ମିତା ପ୍ରଧାନ, ମହେନ୍ଦ୍ର ମହାନ୍ତି, ବୈଦେଶ୍ୱର ପଣ୍ଡା, ଚିରଞ୍ଜିବ ଖଣ୍ଡାୟତରାୟ, ସୁରେଶ ମହାନ୍ତି, ଦୀପକ ଦାସ, ମନସ୍ୱିନୀ ଦିକ୍ଷୀତ, ମିଳନ ରାଉତରାୟ, ହରିଚନ୍ଦନ ନାୟକ, ସ୍ୱାଧୀନ ମହାନ୍ତି, ମଞ୍ଜୁଦାସ, ସୁରଜ ଦାସ, ନିତାଇଗୌର ମହାନ୍ତି, ଶରତଚନ୍ଦ୍ର ଭୋଳ, ସୁବାସ ମହାନ୍ତି, କଳ୍ପନା ବେହେରା, ସୁଶାନ୍ତ ପାତ୍ର, ବନବାସୀ ମହାପାତ୍ର, ଶିଳ୍ପାଗିରି ଗୋସ୍ୱାମୀ, ସଂଯୁକ୍ତା ମିଶ୍ର, ରୀତା ନାୟକ, ତନୁଶ୍ରୀ ମହାନ୍ତି, ପ୍ରତିମା ସ୍ୱାଇଁ, ୱାଇ. ବାଣୀ, ସୁଜାତା ଶର୍ମା, ମାମିନା ମହାନ୍ତି, ସଂଯୁକ୍ତା ବିଶ୍ୱାଳ, ନିର୍ମଳା ଆଚାର୍ଯ୍ୟ ଓ ଦୀପକ ସ୍ୱାଇଁ ପ୍ରମୁଖ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

## ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷାକଲେ ବିଧାୟକ



**କୁଆଁପାଳ,୧୯/ଏନ୍ଏନ୍ଏସ୍:** ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ମାହାଙ୍ଗା ପଞ୍ଚାୟତର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଶୁଣିଥିଲେ । ଏହାର ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବେ ବୋଲି ସୂଚନା ଦେଇଥିଲେ । ଏହି ଅବସରରେ ବିଧାୟକ ଶାରଦା ପ୍ରଧାନ ମାହାଙ୍ଗା ପଞ୍ଚାୟତର ଗୌଡପଡା ଗ୍ରାମର ବିଭିନ୍ନ ସମସ୍ୟା ବୁଲି ଦେଖିଥିଲେ । ତାଙ୍କ ସହିତ ନାରୀନେତ୍ରୀ ଜାଜ୍ଞସେନୀ ଜେନା, ଗୌତମ ଲାଲ, ସାମ୍ବାଦିକ ରବିନାରାୟଣ ଦାସ, ବିଶ୍ୱନାଥ ଜେନା, ଭବାନୀଶଙ୍କର ସାହୁ, ପ୍ରିୟବ୍ରତ ସାହୁ, କାର୍ତ୍ତିକ ସାମଲ, ଦୁଃଶାସନ ବେହେରା ସହ ଗାଁର ସମସ୍ତ ବୁଦ୍ଧିଜୀବି ଉପସ୍ଥିତ ରହି ରାସ୍ତାର ସମସ୍ୟା, କଡାକେନାଲ ସମସ୍ୟା, ପାନୀୟଜଳ, ଅଙ୍ଗନୱାଡି ଗୃହ, ମା' ମଙ୍ଗଳା ଗୋଷ୍ଠୀ ଗୃହ, ଜବରଦଖଲ ଉଚ୍ଛେଦ ବିଷୟରେ ଲୋକଙ୍କ ଦାବିକୁ ଅନୁଧ୍ୟାନ କରି ଖୁବ୍ ଶୀଘ୍ର ସମସ୍ୟାର ସମାଧାନ ପାଇଁ ବିଧାୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶୃତି ଦେଇଥିଲେ । ବିଧାୟକଙ୍କ ଏହିଭଳି କାର୍ଯ୍ୟକୁ ମାହାଙ୍ଗା ଅଂଚଳର ବୁଦ୍ଧିଜୀବି ମହଲରେ ସ୍ୱାଗତ କରାଯାଇଥିଲା ।

## ବାତ୍ୟା ଆଶ୍ରୟସ୍ଥଳୀରେ ରଙ୍ଗ ମାରି ଅନୁଦାନ ଲୁଟ୍ ଅଭିଯୋଗ

**ଅସ୍ତରଙ୍ଗ,୧୯/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲା କାକଟପୁର ବ୍ଲକ ଅଧିନସ୍ଥ କାଦୁଆ ନୂଆଗାଁ ଗ୍ରାମପଞ୍ଚାୟତରେ ଦୁର୍ନୀତି ସୀମା ଟପିଥିବା ବେଳେ ପୁଣି ୨୦୨୫-୨୬ ମସିହା ଆର୍ଥିକ ବର୍ଷରେ ଏକାଧିକ ଉନ୍ନୟନ କାର୍ଯ୍ୟରେ ଦୁର୍ନୀତି କରାଯାଇଛି ବୋଲି ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି । ଖବରରୁ ପ୍ରକାଶଯେ କାଦୁଆନୂଆଗାଁ ଗ୍ରାମପଞ୍ଚାୟତରେ ଥିବା ବହୁମୁଖୀ ବାତ୍ୟାଆଶ୍ରୟସ୍ଥଳୀ ମରାମତି ଓ ରଙ୍ଗ ଦେବା ବାବଦରେ ୬ଲକ୍ଷ ଟଙ୍କାର ସରକାରୀ ଅନୁଦାନ ମିଳିଥିଲା । କାକଟପୁର ନିର୍ବାଚନ ମଣ୍ଡଳୀ ବିଧାୟକ ତୁଷାରକାନ୍ତି ବେହେରା ଉକ୍ତ ବାତ୍ୟା ଆଶ୍ରୟସ୍ଥଳୀକୁ ପରିଦର୍ଶନକରି ଆଶ୍ରୟସ୍ଥଳୀର ମରାମତି ଓ ରଙ୍ଗ ଦେବା କାର୍ଯ୍ୟରେ ସ୍ୱଚ୍ଛତା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ । ମାତ୍ର ପଞ୍ଚାୟତର ସରପଞ୍ଚ ଏବଂ ତାଙ୍କର ସମର୍ଥକମାନେ ବାତ୍ୟା ଆଶ୍ରୟସ୍ଥଳୀ ମରାମତି କାର୍ଯ୍ୟରେ ଅତି ନିମ୍ନମାନର ସାମଗ୍ରୀ ବ୍ୟବହାର କରିଥିବାବେଳେ ଏବେବି ବହୁ କାର୍ଯ୍ୟ ଅସଂପୂର୍ଣ୍ଣ ରହିଛି । ତେବେ ଆଶ୍ରୟସ୍ଥଳୀରେ ରଙ୍ଗ ବୋଳି ଲକ୍ଷ ଲକ୍ଷ ଟଙ୍କା ହରିଲୁଟ୍ ପାଇଁ ମସୁଧା ଚଳାଇଛନ୍ତି ବୋଲି ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି ।

ସେହିପରି ଏହି ଗ୍ରାମପଞ୍ଚାୟତର ଧନିତ୍ରୀ ଗ୍ରାମରେ ଥିବା ବଡ଼ ପୋଖରୀରୁ ମାଟି ଆଡ଼େଇ ଦେଇ ପୋଖରୀ ଖୋଳା ଆଳରେ ୬ଲକ୍ଷ ୬୦ହଜାର ଟଙ୍କା ବିଲ୍ ଉଠାଇବାକୁ ଉଦ୍ୟମ ଜାରି ରହିଥିବା ଅଭିଯୋଗ ହୋଇଛି । ଆମ ଗାଁ ଆମ ବିକାଶ ଯୋଜନାରେ ୫ଲକ୍ଷ ଟଙ୍କା ବ୍ୟୟ ବରଦାରେ ଏକ ମାର୍ଫତଦାର ସମ୍ପତ୍ତି ଉପରେ ବଟ ଠାକୁରଙ୍କ ଭୋଗ ମଣ୍ଡପ ନିର୍ମାଣ ପାଇଁ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ କିଭଳି ଲେଆଉଟ୍ ଦେଲେ ତାହା ତଦନ୍ତ ସାପେକ୍ଷ ବୋଲି ଦାବି ହୋଇଛି । ତେବେ ଏହି ଗ୍ରାମପଞ୍ଚାୟତ ଦାୟିତ୍ୱରେ ଥିବା ଯନ୍ତ୍ରୀ ଓ ଏକାଧିକ କାର୍ଯ୍ୟ ଉପରେ ବହୁ ଅଭିଯୋଗ ଥିବା ସତ୍ତ୍ୱେ ଏବଂ ବ୍ଲକ ବିଡ଼ିଓ ବିଷ୍ଣୁ ଗୋବିନ୍ଦଙ୍କ ଅନ୍ୟତ୍ର ବଦଳି ପରେ ବି ସେ ମହାଶୟ ଏଠାରେ ୧୫ରୁ ଅଧିକ ଦିନ ରହି ପିଛିଲା ତାରିଖ ପକାଇ କିଭଳି ବିଲ୍ ପେମେଣ୍ଟ କରିବାକୁ ଫାଇଲ କ୍ୟାସିଅର ନିକଟକୁ ପଠାଇଲେ ତାହାର ତଦନ୍ତ ପାଇଁ କାଦୁଆନୂଆଗାଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ଭୀମସେନ ସେଠି, ରମେଶ ପାଇଟାଳ, ଅଶୋକ ପାତ୍ର, ଜ୍ଞାନେନ୍ଦ୍ର ମଲ୍ଲ ଦାବି କରିଛନ୍ତି । ପୁରୀ ଜିଲ୍ଲାପାଳ, ପଞ୍ଚାୟତରାଜ ମନ୍ତ୍ରୀ, ବିଭାଗୀୟ ସଚିବ ଏଥିପ୍ରତି ଦୃଷ୍ଟିଦେବାକୁ ସ୍ଥାନୀୟ ପଞ୍ଚାୟତବାସୀଙ୍କ ପକ୍ଷରୁ ଦାବି ହେଉଛି । ବର୍ତ୍ତମାନ କାକଟପୁର ବ୍ଲକରେ ନୂତନ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିବା ବିଡ଼ିଓ ନାରାୟଣ ଦୀକ୍ଷିତଙ୍କୁ ଅଭିଯୋଗ ସଂପର୍କରେ ପଚାରିବାରୁ ସେ ମହାଶୟ କହିଥିଲେ ଯେ ୮ ଦିନ ହେବ ସେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । କାଦୁଆନୂଆଗାଁ ଗ୍ରାମପଞ୍ଚାୟତର କେଉଁ କାର୍ଯ୍ୟ ପାଇ କେତେ ଟଙ୍କାର ବିଲ୍ ପାସ ହୋଇଛି ସେ ବିଷୟରେ ଫାଇଲ ଦେଖିଲେ ଜଣାପଡ଼ିବ ବୋଲି କହିଥିଲେ ।

## 'ସାଲେପୁର ଏନ୍ଏସି ଘୋଷଣାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା'



**ସାଲେପୁର,୧୯/ଏନ୍ଏନ୍ଏସ୍:** ସାଲେପୁରକୁ ଏନ୍ଏସି ଘୋଷଣା କରିବା ଦିଗରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା । ସାମ୍ବାଦିକମାନଙ୍କ କଲମ ଚାଳନା ଯୋଗୁ ଆଜି ସାଲେପୁର ଏନଏସି ମାନ୍ୟତା ପାଇଛି ବୋଲି କହିଛନ୍ତି ଲୋକସେବା ଫାଉଣ୍ଡେସନର ଅଧ୍ୟକ୍ଷ ତଥା ସାଲେପୁର ବିଜେପି ନେତା ହିମାଂଶୁ କୁମାର ମହାନ୍ତି । ଏଥି ସହିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କୃତଜ୍ଞତା ଜଣାଇଛନ୍ତି । ଆଜି ସାଲେପୁର ଜଗନ୍ନାଥ ମନ୍ଦିର ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ମହାନ୍ତି ସାଲେପୁର ଅଞ୍ଚଳର ସାମ୍ବାଦିକ ଭାଇମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ବାରମ୍ବାର ଖବର ପ୍ରସାରଣ କରିବା ଯୋଗୁ ସାଲେପୁର ଆଜି ଏନ୍ଏସି ମାନ୍ୟତା ପାଇଲା ବୋଲି ସେ କହିଥିଲେ । ଏଥି ସହିତ ସାଲେପୁର ସହରାଞ୍ଚଳ ବିକାଶ ପରିଷଦ ସଭାପତି ନନ୍ଦକିଶୋର ଭୂୟାଁଙ୍କ ବହୁ ପ୍ରଚେଷ୍ଟା ଫଳରେ ଆଜି ସାଲେପୁର ଏନଏସି ମାନ୍ୟତା ପାଇଲା ସେଥିପାଇଁ ତାଙ୍କୁ ଯେତେ ପ୍ରଶଂସା କଲେ ବି କମ୍ ହେବ ବୋଲି ପ୍ରକାଶ କରିଥିଲେ । ଏହା କେବଳ ଓଡ଼ିଶାର ବିଜେପି ସରକାର ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଯୋଗୁ ସମ୍ଭବ ହୋଇଥିବାରୁ ଶ୍ରୀ ମହାନ୍ତି ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ । ଏହି ଅବସରରେ ସାଲେପୁରର ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଏବଂ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମରେ ଶଶିକାନ୍ତ ମହାନ୍ତି, ଅଜୟ ସ୍ୱାଇଁ, ସୁକାନ୍ତ ବେହେରା, ମାନସ କରଣ, ମଳୟ ରଞ୍ଜନ ଦାଶ, ଅନ୍ତର୍ଯ୍ୟାମୀ ସାହୁ, ବାବୁନା ଲେଙ୍କା, ସଞ୍ଜୟ କାଣ୍ଡି, ରିତେଶ ଦାଶ, ଚନ୍ଦନ ସାମଲ, ମନୋଜ ବିଶ୍ୱାଳ, ଉମେଶ ବିଶ୍ୱାସଙ୍କ ସମେତ ବହୁ ବିଜେପି ସମର୍ଥକ ଉପସ୍ଥିତ ଥିଲେ ।

## ପଞ୍ଚାୟତରେ 'ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍'

**କୁଆଁପାଳ,୧୯/ଏନ୍ଏନ୍ଏସ୍:** ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୧୨୫ତମ ମନ୍ କି ବାତ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଭଦ୍ରେଶ୍ୱର ମଣ୍ଡଳ ସଭାପତି ଭକ୍ତଚରଣ ସ୍ୱାଇଁ ଯୋଗଦେଇଥିଲେ । ଭଉଁରିଆ ପଞ୍ଚାୟତର ନହଙ୍ଗ ଗ୍ରାମର ବୁଥ୍ ନଂ୧୫୪ର ସଭାପତି ରତ୍ନାକର ରାଉତଙ୍କ ଘରେ ମଣ୍ଡଳସ୍ତରୀୟ ମନ୍ କି ବାତ୍ ସଭା ଅନୁଷ୍ଠିତ ହୋଇଥିଲା । ନୃତାଙ୍ଗ ଗ୍ରାମ ପଞ୍ଚାୟତ, କୁସୁନପୁର, ଗୋତରା ଗ୍ରାମ ପଞ୍ଚାୟତର କାହ୍ନୁପୁର, ଆପିଲୋ, ପ୍ରହରାଜପୁର ବୁଥ, ଭଦ୍ରେଶ୍ୱର ପଞ୍ଚାୟତର ଝଡେଶ୍ୱରପୁର, ପାଣ୍ଡିଆ, ସାହାନିଆଜପୁର, ଗୋବିନ୍ଦପୁର, ଗୋପାଳପୁର ଗ୍ରାମପଞ୍ଚାୟତର ଗୋପାଳପୁର,ବନ୍ତଳା, ବରାହିପୁର ବୁଥ, ଓଷଙ୍ଗ ବୁଥ ଏପରିକି ୧୮ଟି ବୁଥରେ ମନ୍ କି ବାତ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବହୁସଂଖ୍ୟକ ବିଜେପି କର୍ମୀ ଅଂଶଗ୍ରହଣ କରିଥିଲେ ।

## ବାଳିକା ସଶକ୍ତିକରଣ ଶିବିର




**ଓଡ଼ଗାଁ,୧୯/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ୍ ଅନ୍ତର୍ଗତ କଳାକାହ୍ନୁ ଉଚ୍ଚ ବିଦ୍ୟାଳୟ, ଗୋଡିପଲ୍ଲୀଠାରେ ସେଣ୍ଟର ଫର୍ କାଟାଲାଇଜିଙ୍ଗ୍ ଚେଞ୍ଜ୍ ନାମକ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଓଡ଼ଗାଁ ବ୍ଲକ୍ ସଂଯୋଜକ ପ୍ରଭୁଶଙ୍କର ବାଘେଲଙ୍କ ତତ୍ତ୍ୱାବଧାନରେ ଏବଂ ସତ୍ୟପ୍ରକାଶ ସାହୁ ଓ ଶୁଭାଶିଷ ସାହୁଙ୍କ ସହଯୋଗରେ ବାଳିକା ସଶକ୍ତିକରଣ ସଭା ଏବଂ କ୍ଲାସରୁମ୍ ଚାଟ୍ ସୋମବାର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ପଟ୍ଟନାୟକଙ୍କ ସଭାପତିତ୍ୱରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଯୋଗଦେଇ ବାଳିକା ଶିକ୍ଷା ଓ ବାଲ୍ୟବିବାହ ରୋକିବାଉପରେ ବିଶଦ ଆଲୋଚନା କରିଥିଲେ । ଏ ଅବସରରେ ମଶାବାରୀ କ୍ଲଷ୍ଟର୍ ସିଆରସିସି ଯଶୋବନ୍ତ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାମ୍ପ୍ରତିକ ସମାଜରେ ମହିଳା ମାନଙ୍କ ଗୁରୁତ୍ୱ ଓ ବାଳିକା ସଶକ୍ତିକରଣ ଉପରେ ଗୁରୁତ୍ୱାରୋପ କରିଥିଲେ । ଅନୁଷ୍ଠାନ ତରଫରୁ ଆୟୋଜିତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟଗୁଡ଼ିକୁ ଶ୍ରୀ ବାଘେଲ୍ ଉପସ୍ଥାପନ କରିବାସହ ଉପସ୍ଥିତ ଛାତ୍ରୀମାନଙ୍କୁ ଶିକ୍ଷାଗ୍ରହଣ ସମ୍ପର୍କିତ କୌଣସି ସମସ୍ୟା ଥିଲେ କ୍ଲାସରୁମ୍ ଚାଟ୍ ମାଧ୍ୟମରେ ସମାଧାନ କରାଯିବ ବୋଲି ସୂଚନା ଦେଇଥିଲେ । ପ୍ରକାଶଥାଉ କି ଉକ୍ତ ଅନୁଷ୍ଠାନ ଓଡ଼ଗାଁ ବ୍ଲକର ଗୌଡ଼ପୁଟ ଓ ରଙ୍ଗଣୀପାଟଣା ଅଞ୍ଚଳରେ ପ୍ରାୟ ଶହେରୁ ଉର୍ଦ୍ଧ୍ୱ ଛାତ୍ରୀମାନଙ୍କୁ ମାଗଣାରେ ଲୋକପ୍ରିୟ ଶିକ୍ଷକମାନଙ୍କ ଦ୍ୱାରା ସ୍ମାର୍ଟଶିକ୍ଷା ପ୍ରଦାନ କରିବାସହ ବାଲ୍ୟବିବାହ ରୋକିବା ଦିଗରେ ମଧ୍ୟ କାର୍ଯ୍ୟ କରିଆସୁଥିବା ନଜିର ରହିଛି ।

**ନିତି ଭାରତୀ**

ସର୍ବଦା ନିଜକୁ ସୁଖୀ ବୋଲି ଦେଖାଇବାକୁ ଚେଷ୍ଟା କର, କାରଣ ଏହା ତୁମର ଚେହେରାରେ ପରିଣତ ହୋଇଯାଏ। କ୍ରମେ କ୍ରମେ ଏହା ତୁମର ଅଭ୍ୟାସ ଏବଂ ପରିଶେଷରେ ଏହା ତୁମର ବ୍ୟକ୍ତିତ୍ୱରେ ପରିଣତ ହୋଇଯାଏ। - **ସ୍ୱାମୀ ବିବେକାନନ୍ଦ**

NITIDIN
ନିତିଦିନ
ମଙ୍ଗଳବାର, ୨ ସେପ୍ଟେମ୍ବର, ୨୦୨୫

# ଲୋକପ୍ରିୟ ବିଜ୍ଞାନର ସାମାଜିକ ଉପଯୋଗିତା



**ନିଖିଳାନନ୍ଦ ପାଣିଗ୍ରାହୀ**

ଶୀତ ଋତୁ। ଶୀଘ୍ର ସଞ୍ଜ ହୋଇଯାଏ। ଲୋକେ ଥଣ୍ଡା ଯୋଗୁଁ ଘର ଭିତରେ ଘୋଡ଼ିଘାଡ଼ି ହୋଇ ରହିଥାନ୍ତି। ରାସ୍ତା ଶୁନ୍‌ଶାନ୍ ହୋଇଯାଏ। ଏଇ ପରିସ୍ଥିତି ଭୂତମାନଙ୍କୁ ସୁହାଏ। ସେମାନେ ଆରାମରେ ରାସ୍ତାଘାଟରେ ବୁଲାବୁଲି କରିବାର ସୁଯୋଗ ପାଇଥାନ୍ତି। ବିଶେଷତଃ ଶୀତ ରାତିରେ ଗାଡ଼ି ଚଳାଉ ଥିବା ଡ୍ରାଇଭରମାନେ କହନ୍ତି ଯେ ସେମାନେ ରାସ୍ତାରେ ଭୂତ ଦୌଡ଼ୁଥିବା ବିଷୟ ଏକାଧିକ ବାର ଦେଖନ୍ତି। ତେଣୁ ସେମାନେ ପ୍ରାଣ ବିକଳରେ ରାସ୍ତା ଏକୁଟିଆ ପଡ଼ିଲେ ନିଜକୁ ଦମ୍ଭ ଦେଇ ନ ପାରି ଗାଡ଼ିର ବେଗ ଆଖିବୁଜା ବଢ଼ାଇଥାନ୍ତି। ପ୍ରଶ୍ନ ଉଠେ: ଶୀତ ରାତିରେ ଭୂତ-ଭିଡ଼ ସମ୍ବନ୍ଧରେ ଏଇ ଯେଉଁ ଗୁଜବ ଶୁଣିବାକୁ ମିଳେ, ତାହା ପଛରେ କିଛି ରହସ୍ୟ ଅଛି କି? ଏଇ ମର୍ମରେ ବୈଜ୍ଞାନିକ ମତ ଅନୁଶୀଳନ କରାଯାଇପାରେ। ଆଲୋକର ଏକ ନିୟମ ହେଉଛି, କୌଣସି ଏକ ନିର୍ଦ୍ଦିଷ୍ଟ ମାଧ୍ୟମରେ ଆଲୋକ-ରଶ୍ମି ସିଧା ସଳଖ ସରଳ ରେଖାରେ ଯାଇଥାଏ। ତା'ର ଗତି ପଥରେ ଯଦି କୌଣସି ଅସ୍ୱଚ୍ଛ ବସ୍ତୁ ଥାଏ, ତା'ହେଲେ ଉକ୍ତ ବସ୍ତୁର ଛାୟା ଏଇ ନିୟମାନୁଯାୟୀ ସୃଷ୍ଟି ହୁଏ। ଶୀତ ରାତିର ବିଶେଷତ୍ୱ ହେଉଛି ଯେ ସେତେବେଳେ ବାୟୁରେ କେବଳ ଧୂଳିକଣା ବହୁ ମାତ୍ରାରେ ନଥାଏ, କୁହୁଡ଼ି ମଧ୍ୟ ଚତୁର୍ଦ୍ଦିଗକୁ ଆଚ୍ଛାଦିତ କରିଥାଏ। ତେଣୁ କାର୍‌ର ହେଡ୍ ଲାଇଟ୍‌ରୁ ଯେତେବେଳେ ଆଲୋକ ନିର୍ଗତ ହୁଏ, ଏହା ନିର୍ମଳ ବାୟୁ ପରିବର୍ତ୍ତେ ଏମିତି କୁହୁଡ଼ିମିଶା ବାୟୁକୁ ଅତିକ୍ରମ କରିବାକୁ ପଡ଼େ। ଯଦି ରାସ୍ତା କଡ଼ରେ ସେତେବେଳେ କୌଣସି ବ୍ୟକ୍ତି ଯାଉଥାଏ, ଉକ୍ତ ଆଲୋକ ସେଇ ବ୍ୟକ୍ତିର ସ୍ୱାଭାବିକ ଛାୟା ସୃଷ୍ଟି କରିବାରେ ଅକ୍ଷମ ହୁଏ। ଏହି ବ୍ୟତିକ୍ରମ ଯୋଗୁଁ ବେଗବାନ୍ କାର୍ ଚାଳକକୁ ବିରାଟ ଲମ୍ବା କଳା ଛାୟାଟି କେବଳ ଅସ୍ପଷ୍ଟ ଦେଖାଯାଏ ନାହିଁ, ଏହା ଜୋର୍‌ରେ ଧାଇଁ ଧାଇଁ କୁଆଡ଼େ ମିଳାଇ ଯିବା ପରି ଲାଗେ। ନିର୍ଜନ ରାସ୍ତାରେ ଏଇ ଘଟଣା ଗାଡ଼ି ଚାଳକ ମନରେ ଭୟଙ୍କର ଭୂତର ଭାବନା ସୃଷ୍ଟି କରିଥାଏ। ବେଳେ ବେଳେ ପରିସ୍ଥିତି ଏପରି ସାଂଘାତିକ ହୁଏ ଯେ ଚାଳକଟି ଦୃଢ଼ମନା ନ ହୋଇଥିଲେ ମୂର୍ଚ୍ଛା ଯାଏ କିମ୍ବା ପରେ ପରେ ଝାଡ଼ା ବାନ୍ତିର ଶିକାର ହୁଏ। କିନ୍ତୁ ଯଦି ପୂର୍ବରୁ ଡ୍ରାଇଭରକୁ ସୂଚାଇ ଦିଆଯିବ ଯେ ସେଇ ଭୟ ଉଦ୍ରେକକାରୀ ଫିକା ଛାଇର କାରଣ ବାୟୁରେ ଥିବା କୁହୁଡ଼ି-କଣିକା ଓ ଧୂଳି, ସେ ଅଯଥା ଭୂତ ଭୟକୁ ମୁଣ୍ଡରେ ପୂରାଇବ ନାହିଁ ଏବଂ ଭୂତଟି ସମ୍ମୁଖରୁ ଜଲ୍‌ଦି ଅପସରି ଯାଇ ଗାଡ଼ି ପଛପଟୁ ଆକ୍ରମଣ କରିବା ସମ୍ଭାବନାକୁ ଯଦି ପୂର୍ବରୁ ମନରେ ଆବୋରି ନେଇଥିବ, ତା'ହେଲେ ଏହି ଭିତ୍ତିହୀନ ଭୟକୁ ମନରୁ ପୋଛିଦେବ।

ବାସ୍ତବରେ ବିଜ୍ଞାନ ଜନ ସମାଜର ମନରୁ ଏତାଦୃଶ ଭ୍ରାନ୍ତ ଧାରଣା ଦୂର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଯଦି ଲୋକେ ଶିକ୍ଷିତ ହୁଅନ୍ତି, ଏହାର ପ୍ରଭାବରୁ ସେମାନେ ଅନ୍ଧବିଶ୍ୱାସକୁ ଠାବ କରିବାରେ ସକ୍ଷମ ହେବେ ବୋଲି ଆଶା କରାଯାଏ। ତଥାପି ଏହା ବେଳେବେଳେ ମଧ୍ୟ ବିଫଳ ହୋଇଥାଏ। ୧୯୩୪ର ଘଟଣା। ବିହାରରେ ଭୂମିକମ୍ପ ଘଟି ବହୁ ଧନ ଜୀବନ କ୍ଷତିଗ୍ରସ୍ତ ହେଲା। ସେତେବେଳେ ମହାତ୍ମା ଗାନ୍ଧୀ ମନ୍ତବ୍ୟ ଦେଇଥିଲେ ଯେ ଭାରତରେ ଘୃଣ୍ୟ ଜାତିଭେଦ ପ୍ରଥା ପ୍ରଚଳିତ ଥିବାରୁ ଈଶ୍ୱର କ୍ରୋଧବଶତଃ ଆମକୁ ଦଣ୍ଡିତ କରିବା ପାଇଁ ଭୂମିକମ୍ପ ପରି ବିଭୀଷିକା ସୃଷ୍ଟି କଲେ। ତାଙ୍କ ମତାନୁସାରେ ଆମେ ଏହାର ଅନ୍ତର୍ନିହିତ କାରଣ ଠଉରାଇ ଜାତି ପ୍ରଥାର ବିଲୋପ କରିବା ଉଚିତ୍। କିନ୍ତୁ ସେତେବେଳେ ରବୀନ୍ଦ୍ରନାଥ ଠାକୁର ଗାନ୍ଧିଜୀଙ୍କ ମତକୁ ସମର୍ଥନ କରି ନଥିଲେ। ସେମାନଙ୍କ ମଧ୍ୟରେ ଯେଉଁ ତର୍କ ବିତର୍କ ଚାଲିଲା, ତାହା ଥିଲା ଐତିହାସିକ। ଠାକୁରଙ୍କ ମନରେ ଆଶଙ୍କା ଥିଲା ଯେ ଗାନ୍ଧିଜୀଙ୍କର ଜନସାଧାରଣଙ୍କ ଉପରେ ଅତୁଟ ପ୍ରଭାବ ଥିବାରୁ ଲୋକେ ଗାନ୍ଧିଜୀଙ୍କ କଥାକୁ ବିନା ଦ୍ୱିଧାରେ ସହଜରେ ଗ୍ରହଣ କରିନେବେ। ଫଳରେ ଆମ ଦେଶରେ ଅନ୍ଧବିଶ୍ୱାସର ମାତ୍ରା ବଢ଼ିଯିବ ଏବଂ ଆମେ ମଧ୍ୟଯୁଗର ଅନ୍ଧକାର ମଧ୍ୟକୁ ଠେଲି ହୋଇଯିବା।

ଉଲ୍ଲେଖନୀୟ ଯେ, ଉଭୟ ଗାନ୍ଧିଜୀ ଓ ଠାକୁର ପ୍ରାଚ୍ୟ ଓ ପାଶ୍ଚାତ୍ୟ ସଂସ୍କୃତି ସଂପର୍କରେ ସୁପରିଚିତ। ତେବେ ଗାନ୍ଧିଜୀ ଭୂମିକମ୍ପ ସଂପର୍କରେ ଏପରି ମତ ପୋଷଣ କରିବା ଯଥାର୍ଥ ହୋଇନାହିଁ। ଗାନ୍ଧିଜୀ ଯେମିତି ଜାତି ପ୍ରଥାର ବିରୋଧୀ, ଠାକୁର ମଧ୍ୟ ସେମିତି ମତାବଲମ୍ବୀ। ତେବେ ଗୋଟିଏ ଦୁର୍ଗୁଣ ବା ପାପ ବିରୋଧରେ ଲଢ଼ିବା ପାଇଁ ଏମିତି ଅଣବୈଜ୍ଞାନିକ ଯୁକ୍ତିର ଆଶ୍ରୟ ନେବା କଦାପି ସ୍ୱାଗତଯୋଗ୍ୟ ନୁହେଁ ବୋଲି ଠାକୁରଙ୍କର ଯୁକ୍ତି।

ପ୍ରକାଶ ଥାଉ କି, ଜାତି ପ୍ରଥା ଦ୍ୱାରା ପ୍ରପୀଡ଼ିତ କେବଳ ଭାରତରେ ନୁହେଁ; ଏଇ ଦୋଷରୁ ମୁକ୍ତ ଅନ୍ୟ ଆଧୁନିକ ରାଷ୍ଟ୍ର ମଧ୍ୟ ଭୂମିକମ୍ପ ଦ୍ୱାରା ଦାରୁଣ ଭାବେ କ୍ଷତିଗ୍ରସ୍ତ। ଇଟାଲୀ ବିଷୟ ଏଠାରେ ଉପସ୍ଥାପନ କରାଯାଇପାରେ। ୧୬୯୩, ୧୭୮୩, ୧୮୫୭, ୧୯୦୮ ସାଲରେ ସେଇ ଦେଶରେ ଯଥାକ୍ରମେ ୧,୫୩,୦୦୦, ୫୦,୦୦୦, ୧୨,୦୦୦, ୮୩,୦୦୦ ଜଣ ବ୍ୟକ୍ତି ପ୍ରାଣ ହରାଇ ଥିଲେ। ଏପରିକି ଅତୀତରେ ଆମ ନିକଟବର୍ତ୍ତୀ ଜାପାନରେ ୧୭୩୦, ୧୮୪୭, ୧୯୨୩, ୧୯୬୮ ମସିହାରେ ୧,୩୭,୦୦୦, ୩୪,୦୦୦, ୯୯,୦୦୦, ୪୮ ଜଣଙ୍କର ଜୀବନ ହାନି ହୋଇଥିଲା। ସୂଚନାଯୋଗ୍ୟ ଯେ, ୧୯୨୩ ସାଲରେ ଜାପାନର ଭୂକମ୍ପର ତୀବ୍ରତା (ରିକ୍ଟର ସ୍କେଲରେ ୮.୩) କମ୍ ଥାଇ ୯୯,୦୦୦ ଜଣ ପ୍ରାଣ ହରାଇ ଥିବା ବେଳେ ୧୯୬୮ରେ ତୀବ୍ରତା (୮.୬) ଅଧିକ ହୋଇ ସୁଦ୍ଧା ମୋଟେ ୪୮ ଜଣ ମୃତ୍ୟୁବରଣ କରିଥିଲେ। ଭୂକମ୍ପ ସୁନାମିର ରୂପ ନେଲେ (ଜାପାନର ୨୦୧୧ର ଘଟଣା, ଏହାର କ୍ଷୟକ୍ଷତି ଅମାପ ହୋଇଥାଏ। ଆଣବିକ ଦୁର୍ଘଟଣା ଏହାକୁ ବହୁଗୁଣିତ କରେ)।

ବୈଜ୍ଞାନିକମାନେ ଭୂକମ୍ପର କାରଣ ଜାଣି ପାରିଥିଲେ ସୁଦ୍ଧା ଏହାର ନିବାରଣ କରିପାରୁ ନାହାନ୍ତି; ଏପରିକି ବହୁ ଚେଷ୍ଟା ସତ୍ତ୍ୱେ ଏହାର ଆଗୁଆ ସୂଚନା ଠିକ୍ ଭାବେ ଅସମର୍ଥ। ଏଇ ଦୁର୍ବଳତା ହୁଏତ ଜନସାଧାରଣଙ୍କୁ ଦୈବୀ ଶକ୍ତିରେ ପ୍ରେରିତ କରିବାକୁ ବାଧ କରିପାରେ। ତେବେ ଏହାର କାରଣ ଯେ ଅବିସମ୍ବାଦିତ, ଏଥିରେ କୌଣସି ସନ୍ଦେହ ନାହିଁ। ଭୂକମ୍ପ-ବିଜ୍ଞାନୀଙ୍କ ମତରେ ପୃଥିବୀ ପୃଷ୍ଠର ବାହ୍ୟ ସ୍ତର କେତୋଟି ମୃଦୁ ଚଳନଶୀଳ ମୋଟା ପ୍ଲେଟ୍ ନେଇ ଗଠିତ। ପୃଥିବୀ ଅଭ୍ୟନ୍ତରରେ ଥିବା ଲାଭା, ପୃଥିବୀର ଘୂର୍ଣ୍ଣନ ଇତ୍ୟାଦି କାରଣରୁ ଏଇ ପ୍ଲେଟ୍‌ମାନ ସ୍ଥାନ ପରିବର୍ତ୍ତନ କରନ୍ତି, ଯେଉଁଥିରୁ ପୃଥିବୀ ପୃଷ୍ଠରେ ଫାଟ ଦେଖାଦିଏ ଏବଂ ଭୂମି କମ୍ପି ଉଠେ। ଆଗ୍ନେୟଗିରିର ଅଗ୍ନି ଉଦ୍‌ଗୀରଣ ମଧ୍ୟ ଏହାର ଅନ୍ୟ ଏକ କାରଣ। ପୃଥିବୀରେ ନିର୍ଦ୍ଦିଷ୍ଟ ଭାବେ ଦୁଇଟି ଅଞ୍ଚଳ ଅଛି, ଯେଉଁଠାରେ ଭୂକମ୍ପ ପରିମାଣ ଅତ୍ୟଧିକ ଥିବାରୁ ଏହା ଭୂକମ୍ପ-ବେଲ୍ଟ ଭାବେ ଅଭିହିତ। ଏଥିରୁ ଗୋଟିଏ ହେଉଛି ପ୍ରଶାନ୍ତ ମହାସାଗରର ଚତୁଃପାର୍ଶ୍ୱ ଏବଂ ଅନ୍ୟଟି ଆଫ୍ରିକାର ଗ୍ରସ୍ଥ ଉପତ୍ୟକା। ମୋଟାମୋଟି ଭାବେ କହିଲେ, ପାଣି ଭିତରେ ରହିଲେ କୁମ୍ଭୀର ପ୍ରତି ଆମେ ସାବଧାନ ରହିବା ଯେମିତି ଅପରିହାର୍ଯ୍ୟ, ଭୂପୃଷ୍ଠ ନିବାସୀ ହୋଇ ଭୂମିକମ୍ପ ପ୍ରତି ସେମିତି ଆମେ ମନୋଭାବ ପୋଷଣ କରିବା ଉଚିତ୍। ଜଣାଯାଏ ଯେ ପ୍ରତି ବର୍ଷ ନିୟୁତାଧିକ ଭୂକମ୍ପ ଘଟେ। ଏଥିରେ ୧ରୁ ୧.୯ ଏକକ ତୀବ୍ରତା ବିଶିଷ୍ଟ ମୃଦୁ ଭୂମିକମ୍ପ ସଂଖ୍ୟାଧିକ। ୬ରୁ ୮ ଏକକ ତୀବ୍ରତା ବିଶିଷ୍ଟ ଭୂକମ୍ପ ପ୍ରାୟ ଦୁଇ ଶହଟି ହୋଇଥିବା ବେଳେ ୮ ଏକକରୁ ଊର୍ଦ୍ଧ୍ୱେ ଗୋଟିଏ ହୋଇଥାଏ। ତେଣୁ ଭୂମିକମ୍ପକୁ ଏକ ବିରଳ ଘଟଣା ବୋଲି ମନେ କରା ନଯାଉ।

ପୁଣି ମହାତ୍ମା ଗାନ୍ଧୀଙ୍କ ବିଚାର ପ୍ରତି ଦୃଷ୍ଟି ଦିଆଯାଉ। ଆମେ ମୋଟାମୋଟି ଭାବେ କହି ପାରିବା ଯେ ଭୂମିକମ୍ପ ପ୍ରାକୃତିକ କାରଣରୁ ଘଟିଥାଏ। ତେବେ ଗାନ୍ଧିଜୀ ଯେଉଁ ମନୁଷ୍ୟକୃତ ବିଷୟ ପ୍ରକାରାନ୍ତରେ ଉଠାଇଛନ୍ତି, ତା'ର ଏକ ପରୋକ୍ଷ ଦିଗ ରହିଛି। ଯଦିଚ ଗାନ୍ଧିଜୀଙ୍କ ଜାତି ପ୍ରଥା ପରି କାରଣ ନିହାତି ଅବାନ୍ତର ଓ ଅମୂଳକ, ତଥାପି କେତେକ କ୍ଷେତ୍ରରେ ଭୂମିକମ୍ପ ପାଇଁ ମନୁଷ୍ୟ ଦାୟୀ। ଏହା ପଛରେ ତିନୋଟି ମୁଖ୍ୟ କାରଣ ଅଛି- ଯଥା ବୃହତ୍ ନଦୀବନ୍ଧ ଯୋଜନା ଓ ଆନିକଟ, ବର୍ଜ୍ୟ ବସ୍ତୁ ନିଷ୍କାସନ ପାଇଁ ଭୂଗର୍ଭକୁ ତରଳ ପଦାର୍ଥ ପ୍ରତ୍ୟକ୍ଷ ଭାବେ ବଳପୂର୍ବକ ପ୍ରେରଣ, ଭୂଗର୍ଭରେ ଆଣବିକ ବିସ୍ଫୋରଣ (ଦ୍ରଷ୍ଟବ୍ୟ: ଲାଇବ୍ରେରୀ ଅଫ ମଡର୍ଣ୍ଣ ନଲେଜ, ପ୍ରଥମ ଭାଗ, ପୃ-୧୨୧, ରିଡ଼ର୍ସ ଡାଇଜେଷ୍ଟ ପବ୍ଲିକେଶନ)।

ଆମେ ଏଠାରେ ଭୂମିକମ୍ପକୁ ଗୋଟିଏ ଦୃଷ୍ଟାନ୍ତ ଭାବେ ବ୍ୟବହାର କରି ଏହାର ବିସ୍ତୃତ ବିବରଣୀ ଦେଲୁ। ଆମର ମୂଳ ଲକ୍ଷ୍ୟ ହେଉଛି, ଅନେକ ବ୍ୟକ୍ତି (ଏପରିକି ଉଚ୍ଚଶିକ୍ଷିତ) ପ୍ରାକୃତିକ ବିପର୍ଯ୍ୟୟକୁ ଦେବତାଙ୍କ କୋପ ବୋଲି ନାମିତ କରି ବାସ୍ତବତାଠାରୁ ଦୂରେଇ ଯାଇଛନ୍ତି। ତେବେ ଏତାଦୃଶ ଅନ୍ଧବିଶ୍ୱାସ କୁସଂସ୍କାରର ରୂପ ନିଏ ଏବଂ ସମସ୍ୟା ସମାଧାନରେ ପ୍ରତିବନ୍ଧକ ସୃଷ୍ଟି କରେ। ବୈଜ୍ଞାନିକ ଯୁଗରେ ଏମିତି ମନୋବୃତ୍ତି ଅବାଞ୍ଛନୀୟ। କେବଳ ସାମାଜିକ ଓ ସାମୂହିକ ସ୍ତରରେ ନୁହେଁ; ବ୍ୟକ୍ତିଗତ ଜୀବନରେ ମଧ୍ୟ ଏହାର ପ୍ରଚଳନ ବର୍ଜନୀୟ। ବିଶେଷତଃ ଯଦି ବ୍ୟକ୍ତିବିଶେଷ ଉଚ୍ଚାସନରେ ଅଧିଷ୍ଠିତ ଏବଂ ତାଙ୍କ କାର୍ଯ୍ୟକଳାପ ଯଦି ଏତାଦୃଶ ମନୋଭାବ ଦ୍ୱାରା ପ୍ରଭାବିତ, ତେବେ ଏହା ସର୍ବସାଧାରଣଙ୍କ ପାଇଁ ଖରାପ ଦୃଷ୍ଟାନ୍ତ ସୃଷ୍ଟି କରେ।

ପ୍ରସଙ୍ଗ କ୍ରମେ ପାକିସ୍ତାନର ରାଷ୍ଟ୍ରପତି ଆସିଫ ଅଲ୍ଲୀ ଜର୍ଦ୍ଦାରୀଙ୍କ ବିଷୟ ବିଚାର କରାଯାଇପାରେ। ୨୦୦୮ରେ କ୍ଷମତାସୀନ ହେବା ପରେ ସେ ନିଜକୁ ଖୁବ୍ ଅସୁରକ୍ଷିତ ମନେ କରୁଛନ୍ତି। ସେନା, ବିରୋଧୀ ଦଳ ଓ ବାହ୍ୟ ଶତ୍ରୁ ତାଙ୍କ ବିରୋଧରେ ଲାଗିଛନ୍ତି ବୋଲି ସେ ଶାନ୍ତିରେ ନିଃଶ୍ୱାସ ନେଇ ପାରୁ ନାହାନ୍ତି। ଏଥିରୁ ବର୍ତ୍ତିବା ପାଇଁ ସେ ଜ୍ୟୋତିଷଙ୍କ ପରାମର୍ଶରେ ଦୈନିକ ଗୋଟିଏ କଳା ବୋଦା (ଛେଳି) ବଳି ରୂପେ ଚଢ଼ାଉଛନ୍ତି। ତାଙ୍କର ବିଶ୍ୱସ୍ତ ଭୃତ୍ୟ ବାଇ ଖାନ୍ ପ୍ରତିଦିନ ଗୋଟିଏ ଛେଳି ଆଣି ତାଙ୍କୁ ଛୁଆଁଇବା ପରେ ଇସଲାମାବାଦର ସେକ୍ଟର ଏଫ-୮/୨ରେ ଥିବା ଗୋଟିଏ ଘରେ ବଳି ପକାଇଥାନ୍ତି। ଏହି ବିଷୟଟି ଜର୍ଦ୍ଦାରୀଙ୍କ ମୁଖପାତ୍ର ଫାରତୁଲ୍ଲା ବାବର ପ୍ରକାଶ କରିଛନ୍ତି ବୋଲି 'ଡନ୍' ପତ୍ରିକାର ସମ୍ବାଦରୁ ଜଣାଯାଏ। ଇତ୍ୟବସରେ କେତେ ହଜାର ବୋଦାଙ୍କ ମୁଣ୍ଡ ଗଣ୍ଡି ଅଲଗା ହେଲାଣି, ତା'ର ହିସାବ ନାହିଁ। ଜର୍ଦ୍ଦାରୀଙ୍କ ରିଷ୍ଟ ଖଣ୍ଡନ ହେଲା କି ନାହିଁ, ଗ୍ରହ ଦୋଷ କଟିଲା ନା ନାହିଁ- ଏଇ ପ୍ରଶ୍ନ ଅପେକ୍ଷା ଅଧିକ ଗୁରୁତର ହେଉଛି ତାଙ୍କ ପରି ଉଚ୍ଚ ସ୍ଥାନରେ ଅଧିଷ୍ଠିତ ଜଣେ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଆଚରଣ। ଏହା ସର୍ବସାଧାରଣଙ୍କୁ ଭୁଲ୍ ସନ୍ଦେଶ ଦେବ। ବଳିଦାନ ପ୍ରଥାକୁ ବିଲୋପ କରିବା ପରିବର୍ତ୍ତେ ବ୍ୟକ୍ତିଗତ ସ୍ୱାର୍ଥ ହାସଲ ପାଇଁ ଏହାର ଅପପ୍ରୟୋଗକୁ ବଳଶାଳୀ କରିବ। ଯନ୍ତ୍ର ମନ୍ତ୍ର ତନ୍ତ୍ର ଉପରେ ଅନ୍ଧବିଶ୍ୱାସକୁ ଦୃଢ଼ୀଭୂତ କରିବ।

ଆମ ଦେଶରେ ମଧ୍ୟ ବୈଜ୍ଞାନିକ ମନୋଭାବର ଘୋର ଅଭାବ ଅନେକ କ୍ଷେତ୍ରରେ ପରିଦୃଷ୍ଟ ହୁଏ। ରାଜ ପିପଳା ହେଉଛି ଗୁଜରାଟର ନର୍ମଦା ଜିଲ୍ଲାର ସଦର କାର୍ଯ୍ୟାଳୟ। ଗୋହିଲ ରାଜବଂଶ ପୂର୍ବେ ସେଠାରେ ନିଜ ରାଜଧାନୀ ସ୍ଥାପନ କରିଥିଲେ। ସେଠାରେ ଗୋଟିଏ ଲୋକମତ ପ୍ରଚଳିତ ଯେ ଯେଉଁ ମନ୍ତ୍ରୀ ବା ପଦାଧିକାରୀ ଅଫିସ୍‌ର ଆଫିସକୁ କାମ କରିବାକୁ ଯାଇ ସେଠାରେ ରାତ୍ରି ଯାପନ କରିବ, ସେ ଅଚିରେ ପଦଚ୍ୟୁତ ହେବ। ଏହା ବାସ୍ତବ କ୍ଷେତ୍ରରେ ମଧ୍ୟ ପ୍ରତିଫଳିତ ହୋଇଥିବ କାକତାଳୀୟ ନ୍ୟାୟରୁ। ନେହରୁଙ୍କ ଛାଡ଼ି ଦେଲେ ଅନ୍ୟ କେହି ସାମ୍ବିଧାନିକ ପଦାଧିକାରୀ ଏଇ ଅନ୍ଧବିଶ୍ୱାସ ବିରୁଦ୍ଧରେ ଯାଇ ସେଠାରେ ପାଦ ପକାଇ ନାହାନ୍ତି। ତେବେ ଅଗଷ୍ଟ ୨୦୦୯ର ସମ୍ବାଦରୁ ଜଣାଯାଏ ଯେ ମୁଖମନ୍ତ୍ରୀ ନରେନ୍ଦ୍ର ମୋଦୀ କ୍ଷମତାର ବିକେନ୍ଦ୍ରୀକରଣ କାର୍ଯ୍ୟକ୍ରମ ଚାଲୁ ରଖିଥିବାରୁ ସ୍ୱାଧୀନତା ଦିବସରେ ଜାତୀୟ ପତାକା ଉତ୍ତୋଳନ ରାଜଧାନୀ ଗାନ୍ଧୀନଗରରେ ନ କରି ରାଜ ପିପଳାରେ କରିବେ। ତଥାକଥିତ ଅଦୃଶ୍ୟ ଶକ୍ତିର କରାମତିକୁ ଭ୍ରୂକ୍ଷେପ ନ କରି ସେ ଯେମିତି ବିଜ୍ଞାନଭିତ୍ତିକ ଚେତନାର ପ୍ରମାଣ ଦେଲେ- ଏହା ତାଙ୍କର କେତେକ ନିନ୍ଦୁକଙ୍କ ସମେତ ବହୁ ବ୍ୟକ୍ତିଙ୍କ ପ୍ରଶଂସା ଲାଭ କରିଥିଲା। ଅନ୍ଧବିଶ୍ୱାସର ବିଲୋପ ପାଇଁ ଲୋକେ ଯେଉଁ ନେତୃତ୍ୱ ଚାହୁଁଛନ୍ତି, ଆମେ ତାହା ଯୋଗାଇବା ଆବଶ୍ୟକ।

ବାସ୍ତବରେ ବୈଜ୍ଞାନିକ ବିଚାରର ପ୍ରଚଳନ ପାଇଁ ଉଚ୍ଚ ପଦବୀରେ ଅଧିଷ୍ଠିତ ବ୍ୟକ୍ତିମାନଙ୍କ ଭୂମିକାକୁ ଗୌଣ କରାଯାଇ ପାରିବ ନାହିଁ। ତେଣୁ ବିଶିଷ୍ଟ ବ୍ୟକ୍ତିମାନେ ୧୯୫୫ ସାଲରେ ଭାରତୀୟ ବିଜ୍ଞାନ କଂଗ୍ରେସକୁ ଉଦ୍‌ବୋଧନ ଦେବା ବେଳେ ନେହରୁ ଯାହା କହିଥିଲେ, ତାକୁ ସ୍ମରଣ କରିବା ଉଚିତ୍, 'ମୁଁ ଜାଣେ ନାହିଁ' କିମ୍ବା 'ମୁଁ ଗୋଟିଏ ଭୁଲ୍ କରି ଦେଇଛି' ବୋଲି କହି ପାରିବା ହେଉଛି ବୈଜ୍ଞାନିକ ପଦ୍ଧତିର ମୁଖ୍ୟ ଗୁଣ। ... ମୁଁ ନିଜେ କୌଣସି ମତାନ୍ଧତା ଦ୍ୱାରା ବାନ୍ଧି ହୋଇ ନାହିଁ ଏବଂ ସର୍ବଦା ମୋର ଭୁଲ୍ ମାନିବାକୁ ଓ ସେଇସବୁ ସଂଶୋଧନ କରିବାକୁ ପ୍ରସ୍ତୁତ। ଏହି ଦୃଷ୍ଟିରୁ ମୁଁ ନିଜକୁ ନିଜେ ଭାବେ ଯେ ମୋ ନିକଟରେ ବୈଜ୍ଞାନିକ ସ୍ୱଭାବ ରହିଛି, ଯଦିଚ ମୁଁ ଜଣେ ବୈଜ୍ଞାନିକ ବୋଲି ଦାବି କରି ପାରିବି ନାହିଁ' (ଉଦ୍ଧୃତି ଆଞ୍ଜେଲସ, ଡେଭିଲ୍ ଆଣ୍ଡ ସାଇନ୍ସ- ପିଏମ୍ ଭାର୍ଗବ, ଚନ୍ଦନା ଚକ୍ରବର୍ତ୍ତୀ, ଏନ୍‌ବିଟି, ପୃ-୪୧)।



ବିଜ୍ଞାନ ଏକ କ୍ଲିଷ୍ଟ ବିଷୟ। ସର୍ବସାଧାରଣଙ୍କ ବୋଧଗମ୍ୟ ହୋଇ ନପାରେ। ତଥାପି ଆମେ ନେହରୁ ସ୍ୱୀକାର କରିବା ପରି ବୈଜ୍ଞାନିକ ନ ହୋଇଥିଲେ ସୁଦ୍ଧା ଆମ ସ୍ୱଭାବ ବୈଜ୍ଞାନିକ ହୋଇ ପାରିବ। ବିଜ୍ଞାନରେ ଅଜ୍ଞ ବିଶିଷ୍ଟ ଓ ସାଧାରଣ ବ୍ୟକ୍ତିଙ୍କ ସକାଶେ ଜନପ୍ରିୟ ବିଜ୍ଞାନ ଏଥି ସକାଶେ ଅତ୍ୟନ୍ତ ଉପଯୋଗୀ ସାବ୍ୟସ୍ତ ହେବ।■

**ବଡ଼ଖେମୁଣ୍ଡି ବଙ୍ଗଳା,
ଉତ୍କଳ ଆଶ୍ରମ ମାର୍ଗ, ବ୍ରହ୍ମପୁର,
ମୋ: ୯୦୭୮୭୪୩୮୪୩**

# ହାତୀ ଓ ଡ୍ରାଗନ୍‌ଙ୍କ ମିଳନ

ଗତ ବର୍ଷ ଭାରତ ଏବଂ ଚୀନ୍ ମଧ୍ୟରେ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି)ରେ ଦୁଇ ଦେଶର ସେନାଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତିର ଅବସାନ ଘଟିବା ପରେ ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ସମ୍ମିଳନୀ ସ୍ଥଳ ଟିଆନ୍‌ଜିନ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଚୀନ୍ ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ୍‌ଙ୍କ ସହିତ ସାକ୍ଷାତ ଆଲୋଚନା ଦ୍ୱିପାକ୍ଷିକ ସମ୍ପର୍କକୁ ସ୍ୱାଭାବିକ କରିବାର ଉଦ୍ୟମକୁ ପରିଲକ୍ଷିତ କରିଛି। ସେମାନଙ୍କର ଏହି ମିଳନ ଏବଂ ଏକ ବହୁଧ୍ରୁବୀୟ ବିଶ୍ୱ ପ୍ରତିଷ୍ଠା ଉପରେ ଦୁଇ ଦେଶର ନେତାଙ୍କ ଆସ୍ଥା ସ୍ଥାପନଜନିତ କଥାବାର୍ତ୍ତା ପରେ ଏହା ସ୍ପଷ୍ଟ ହୋଇ ଯାଇଛି ଯେ ସମ୍ପ୍ରତି ସମଗ୍ର ବିଶ୍ୱର ଭୂରାଜନୀତି ଏକ ନୂତନ ଧରଣର ରୂପରେଖ ପରିଗ୍ରହ କରିବାକୁ ଯାଉଛି। ନରେନ୍ଦ୍ର ମୋଦୀ ଏବଂ ଜି ଜିନ୍‌ପିଙ୍ଗ୍‌ଙ୍କର ପରସ୍ପରଙ୍କ ସହିତ କରମର୍ଦ୍ଦନ ହୁଏତ ଆଧିକାରୀକ ଢଙ୍ଗରେ ହୋଇଥାଇ ପାରେ, କିନ୍ତୁ ଏହା ଯୁକ୍ତରାଷ୍ଟ୍ର ଆମେରିକା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ବହନ କରିଛି କି, ବିଶ୍ୱର ପାଞ୍ଚ ଗୋଟି ଶୀର୍ଷସ୍ଥାନୀୟ ଅର୍ଥନୀତି ମଧ୍ୟରୁ ଦୁଇ ଗୋଟି ପ୍ରଗତିଶୀଳ ଅର୍ଥନୀତି ୱାଶିଂଟନ୍ ସହିତ ସେମାନଙ୍କ ସମ୍ପର୍କର ପୁନଃମୂଲ୍ୟାଙ୍କନ କରୁଛନ୍ତି, ଯେତେବେଳେ କି ସେମାନେ ଉତ୍ତମ ବନ୍ଧୁ ଏବଂ ଉତ୍ତମ ପଡ଼ୋଶୀ ଭାବରେ ରହିବା ନିମନ୍ତେ ନିଜର ସମ୍ପର୍କରେ ସୁଧାର ଆଣୁଛନ୍ତି। ଆମେରିକା, ଯାହାକି ଜଣେ ସତ୍ତାବାଦୀ, କ୍ଷମତା-ଲୋଭୀ ରାଷ୍ଟ୍ରପତିଙ୍କ ହାତମୁଠାରେ ରହି ବିଶ୍ୱ ଶୃଙ୍ଖଳାକୁ ଦୋଦୁଲ୍ୟମାନ କରିବା ପାଇଁ ଟାରିଫ୍‌କୁ ବ୍ୟବହାର କରୁଛି, ତାହା ଭାରତକୁ ଡୋନାଲ୍‌ଡ ଟ୍ରମ୍ପଙ୍କ ବିରକ୍ତିକର ତଥା ଅସମ୍ଭବ ଦାବିଗୁଡ଼ିକ ନିକଟରେ ମୁଣ୍ଡ ନ ନୁଆଁଇ ତା'ଠାରୁ ମୁହଁ ଫେରାଇ ନେବା ପାଇଁ ବାଧ କରିଛି। ନୋବେଲ୍ ଶାନ୍ତି ପୁରସ୍କାର ପାଇଁ ତାଙ୍କର ଅହଂକାରପୂର୍ଣ୍ଣ ଆକାଂକ୍ଷା କେବଳ ବାଣିଜ୍ୟିକ କାରବାରଜନିତ ଆଲୋଚନାକୁ ଅଚଳ କରି ଦେଇ ନାହିଁ, ବରଂ ବିଗତ ଦୁଇ ଦଶନ୍ଧି ଭିତରେ ଆମେରିକା ଓ ଭାରତ ମଧ୍ୟରେ ସୃଷ୍ଟି ହୋଇଥିବା ସମ୍ପର୍କର ନିବିଡ଼ତାରେ ପରିବର୍ତ୍ତନ ଆଣିଛି, ଯେତେବେଳେ କି ଚୀନ୍‌ର ଅଭ୍ୟୁଦୟ ସହିତ ପ୍ରତିକାରମୂଳକ ଭାରସାମ୍ୟ ରକ୍ଷାକାରୀ ଭାବରେ ଆମେରିକା ଭାରତକୁ ଦେଖୁଥିଲା।

୨୦୨୫ ପୂର୍ବରୁ ବିଶ୍ୱ ଶୃଙ୍ଖଳା ପାଇଁ ଟ୍ରମ୍ପ ଜଣେ ପ୍ରମୁଖ ଅସ୍ଥିରତା ସୃଷ୍ଟିକାରୀ ହେବେ ବୋଲି ଆଶଙ୍କାରେ ଆତଙ୍କିତ ଭାରତୀୟ ହାତୀ ସୀମା ପ୍ରସଙ୍ଗ ଏବଂ ବର୍ଦ୍ଧିତ ବାଣିଜ୍ୟିକ ନିଅଣ୍ଟ ରୂପକ କେତେକ ଐତିହାସିକ ଅବିଶ୍ୱାସକୁ ପଛକୁ ଫିଙ୍ଗିଦେବା ପରେ ଚୀନ୍‌ର ଡ୍ରାଗନ୍ ସହିତ ଏବେ ସୌହାର୍ଦ୍ଦ୍ୟପୂର୍ଣ୍ଣ ନୃତ୍ୟ କରିଛି। ଆପାତତଃ ଭାରତକୁ ଏକଘରିକିଆ କରିବା ଭଳି ଆମେରିକା ଆଂଶିକ ଭାବରେ ଟାରିଫ୍ ଏବଂ ଆଂଶିକ ଭାବରେ ଅନୁଦାନର ଏକ ମିଶ୍ରିତ ୫୦ ପ୍ରତିଶତ ଟାରିଫ୍ ଲଦି ଏହାକୁ ଚାପଗ୍ରସ୍ତ କରିବା ଫଳରେ ଭାରତ ବର୍ତ୍ତମାନ ଆଘାତଜନିତ କ୍ଷତରୁ ସାମୟିକ ଆଶ୍ୱସ୍ତି ପାଇଁ ବ୍ୟାଣ୍ଡ୍‌ଏଡ୍ ଲଗାଇବା ପରିବର୍ତ୍ତେ ଚୀନ୍ ସହିତ କୌଶଳପୂର୍ଣ୍ଣ ଏବଂ ଦୀର୍ଘକାଳୀନ ସମ୍ପର୍କ ପ୍ରତିଷ୍ଠା କରି ଟ୍ରମ୍ପଙ୍କ ଟାରିଫ୍ ନୃତ୍ୟର ଜବାବ ଦେବାକୁ ଆଗେଇ ଆସିଛି, ଯାହା ସମୟର ଆବଶ୍ୟକତା ଅନୁରୂପ ବ୍ୟବହାରିକତାବାଦ ଉପରେ ପର୍ଯ୍ୟବସିତ। ପ୍ରଧାନମନ୍ତ୍ରୀ ମୋଦୀଙ୍କର ରାଷ୍ଟ୍ରପତି ଜିନ୍‌ପିଙ୍ଗ୍‌ଙ୍କ ସହିତ ବୈଠକରେ କିଛି ଗୋଟାଏ ବଡ଼ ଘଟଣା ଘଟିବ ବୋଲି ଖୁବ୍ କମ୍ ଆଶା ରହିଥିଲା, ଯାହାକି ଲଦାଖ୍‌ରେ ଗତ ବର୍ଷ ଅକ୍ଟୋବର ମାସରେ ଦୁଇ ପକ୍ଷ ନେଇଥିବା ପଦକ୍ଷେପ ପରେ ଘଟିଥିବା ପ୍ରଗତିର ଏକ ସମୀକ୍ଷା କରିବାକୁ ଦୁଇ ନେତାଙ୍କୁ ସୁଯୋଗ ପ୍ରଦାନ କରିଥିଲା। ଚଳିତ ମାସ ପ୍ରାରମ୍ଭରେ ସୀମା ନିର୍ଦ୍ଧାରଣ ବାବଦରେ ଦୁଇ ଦେଶର ସ୍ୱତନ୍ତ୍ର ପ୍ରତିନିଧି 'ଯଥାଶୀଘ୍ର ନିଷ୍ପତ୍ତି' ଗ୍ରହଣ କରିବା ପାଇଁ ରାଜି ହୋଇଥିବାରୁ ଦୁଇ ନେତା ସୀମା ପ୍ରସଙ୍ଗରେ ଏକ ନିରପେକ୍ଷ, ଯୁକ୍ତିଯୁକ୍ତ ଏବଂ ପାରସ୍ପରିକ ଗ୍ରହଣୀୟ ନିଷ୍ପତ୍ତି ପ୍ରତି ନିଜ ନିଜର ପ୍ରତିବଦ୍ଧତା ପ୍ରଦର୍ଶନ କରିଥିଲେ। ଚୀନ୍ ପକ୍ଷ, ଉଲ୍ଲିଖିତ ଧାରା ଅନୁସାରେ କହିଥିଲେ ଯେ ସୀମା ପ୍ରଶ୍ନ ଦୁଇ ଦେଶ ମଧ୍ୟରେ ସାମଗ୍ରିକ ସମ୍ପର୍କକୁ ପରିଭାଷିତ କରିବା ଉଚିତ ନୁହେଁ, କିନ୍ତୁ ମୋଦୀ ଦ୍ୱିପାକ୍ଷିକ ସମ୍ପର୍କରେ ବଜାୟ ରହିଥିବା ବିକାଶର ସ୍ଥାୟିତ୍ୱ ପାଇଁ ସୀମାରେ ଶାନ୍ତି ଓ ସ୍ଥିରତାର ଅପରିହାର୍ଯ୍ୟତା ଉପରେ ଗୁରୁତ୍ୱାରୋପ କରିଥିଲେ।

ଚୀନ୍ ସହିତ ସମ୍ପର୍କର ପୁନଃପ୍ରତିଷ୍ଠା ବାବଦରେ ଏକ ବ୍ୟବହାରବାଦୀ ଆଭିମୁଖ୍ୟ ଭାରତ ପାଇଁ ଯଥେଷ୍ଟ ଲାଭଦାୟକ ହେବ, କିନ୍ତୁ ସାମ୍ପ୍ରତିକ ବର୍ଷମାନଙ୍କରେ ଦ୍ୱିପାକ୍ଷିକ ସମ୍ପର୍କକୁ ଅକାମୀ କରିଥିବା ଆସ୍ଥାଜନିତ ସଂକଟକୁ ଦୂର କରିବା ପାଇଁ ଅନେକ କିଛି କରିବାକୁ ପଡ଼ିବ। ଦୁଇ ଦେଶର ସୈନ୍ୟଙ୍କ ମଧ୍ୟରେ ସଂଘର୍ଷପୂର୍ଣ୍ଣ ସ୍ଥିତିର ପରିସମାପ୍ତି ଘଟାଯିବାର ପ୍ରାୟ ଏକ ବର୍ଷ ପରେ ମଧ୍ୟ ସୀମାରୁ ସୈନ୍ୟ ଅପସାରଣ କାର୍ଯ୍ୟ ଏବେ ବି ଶେଷ କରାଯିବା ବାକି ରହିଛି ଏବଂ ସଂଘର୍ଷପୂର୍ଣ୍ଣ ସ୍ଥାନଗୁଡ଼ିକରେ ବଫର ଜୋନ୍ ବା ମଧ୍ୟବର୍ତ୍ତୀ କ୍ଷେତ୍ର ସୃଷ୍ଟି କରାଯିବା ସମ୍ପର୍କରେ ଏବେ ବି କେତେକ ପ୍ରଶ୍ନ ଅସମାଧିତ ରହିଛି। ଆହୁରି ସଦ୍ୟତମ ଘଟଣା ଭାବରେ ଗତ ମେ' ମାସରେ ଭାରତର ପାକିସ୍ତାନ ସହିତ ଯୁଦ୍ଧ ସମୟରେ ଚୀନ୍ ପାକିସ୍ତାନକୁ ସାମରିକ ଓ ଅନ୍ୟାନ୍ୟ ସହାୟତା ଯୋଗାଇ ଦେଇଥିବା କଥା ଭାରତୀୟ ଅଧିକାରୀମାନେ ଦର୍ଶାଇଛନ୍ତି। ପାରସ୍ପରିକ ବିଶ୍ୱାସ ଏବଂ ପାରସ୍ପରିକ ସମ୍ବେଦନଶୀଳତା ତଥା ଆତଙ୍କବାଦ ଭଳି ଆହ୍ୱାନଗୁଡ଼ିକ ଉପରେ ସାଧାରଣ ଭିତ୍ତିଭୂମିକୁ ସମ୍ପ୍ରସାରଣ କରାଯିବା ଉପରେ ଆଧାର କରି ସମ୍ପର୍କକୁ ଆଗେଇ ନେବା ପାଇଁ ମୋଦୀଙ୍କର ମନ୍ତବ୍ୟକୁ ଏହି ପରିପ୍ରେକ୍ଷୀରେ ଦେଖାଯିବାର ଆବଶ୍ୟକତା ରହିଛି। ଜିନ୍‌ପିଙ୍ଗ୍‌ଙ୍କ କହିବା ଅନୁସାରେ, ସମଗ୍ର ବିଶ୍ୱ ଏକ ବୈଶ୍ୱିକ ପରିବର୍ତ୍ତନ ଦିଗରେ ଆଗକୁ ଗତି କରୁଥିବା ବେଳେ ବିଶ୍ୱର ଦୁଇ ଜନବହୁଳ ଦେଶ ପରସ୍ପରର ନିକଟବର୍ତ୍ତୀ ହେବା ପଛରେ କିଛି ତାର୍କିକତା ରହିଥାଇପାରେ, ସମ୍ଭବତଃ ୨.୮ ବିଲିଅନ୍ ଲୋକଙ୍କ ପାଇଁ ପରସ୍ପର ସହିତ ବ୍ୟବସାୟ ବାଣିଜ୍ୟ କରିବା। ସେହିପରି ଦକ୍ଷିଣ ବିଶ୍ୱର ପ୍ରମୁଖ ସ୍ୱର ଭାବରେ ସେମାନଙ୍କର ମଧ୍ୟ ସମଗ୍ର ବିଶ୍ୱରେ ଯୁକ୍ତରାଷ୍ଟ୍ର ଆମେରିକାର ପ୍ରାଧାନ୍ୟକୁ ହ୍ରାସ କରିବା ସଙ୍ଗେ ସଙ୍ଗେ ବାଣିଜ୍ୟିକ କାରବାରରେ ଏକ ନୂତନ ମୋଡ଼ ଆଣିବାର ଗୁରୁ ଦାୟିତ୍ୱ ରହିଛି।■

# ଓଡ଼ିଆ ଭାଷା ସାହିତ୍ୟ ଓ ରଜତ କର




**ଡାକ୍ତର ଅଂଶୁମାନ କର**

ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ସମାଜ ଆଜି ଯେଉଁ ସ୍ଥାନରେ ଅଛି, ତାହା କେଉଁ ଜଣେ ଦୁଇ ଜଣ ବ୍ୟକ୍ତିଙ୍କ ଅବଦାନ ଯୋଗୁଁ ଅଛି, ତାହା ନୁହେଁ, ବରଂ ପିଢ଼ି ପରେ ପିଢ଼ି ଏଯାବତ ଏ ଜାତିର ବକ୍ଷରେ ଜନ୍ମିଥିବା ସାରସ୍ୱତ ସାଧକ, ସାହିତ୍ୟ ସଂଗଠକ ଓ ସ୍ରଷ୍ଟାମାନଙ୍କ ସୃଜନୀରେ ଏ ଜାତି ମହାନ ହୋଇଛି। ଯେବେ ଯେବେ ଜାତି ନିଜ ପୂର୍ବସୂରୀମାନଙ୍କୁ ଭୁଲିଛି, ସେବେ ସେବେ ତା' ସ୍ମୃତିର ଅତଳ ଗର୍ଭରୁ ମୋତିମାନ ଖୋଜି ଆଣିବାକୁ ଜନ୍ମ ନେଇଛନ୍ତି ଅନେକ, ମାତ୍ର ସେମାନଙ୍କ ମଧ୍ୟରୁ କିଛି ଲୋକ କାଳଜୟୀ କର୍ମମାନ କରି ହୋଇ ଯାଇଛନ୍ତି ଜାତିର କର୍ଣ୍ଣଧାର। ଏହିପରି ଜଣେ କାଳଜୟୀ ସାହିତ୍ୟ ଓ ଭାଷା ପ୍ରତି ସମର୍ପିତ ବ୍ୟକ୍ତି ଥିଲେ ସ୍ୱର୍ଗତଃ ପଦ୍ମଶ୍ରୀ ଡକ୍ଟର ରଜତ କୁମାର କର।

୧୯୩୩ ମସିହା ସେପ୍ଟେମ୍ବର ୨, ବାମନ ଜନ୍ମ ଓ ଅନନ୍ତ ଚତୁର୍ଦ୍ଦଶୀର ସନ୍ଧି କାଳରେ କଟକ ମହମଦିଆ ବଜାରସ୍ଥିତ ପିତା କୁଳମଣି କର ଓ ମାତା ଇନ୍ଦୁମତୀ ଦେବୀଙ୍କ ବାସସ୍ଥାନରେ ଜନ୍ମଗ୍ରହଣ କରିଥିଲେ ଓଡ଼ିଶାର ଏହି ସାରସ୍ୱତ ସାଧକ। ବାଗ୍ମୀ ବିଶ୍ୱନାଥ କରଙ୍କ ଦ୍ୱାରା ପ୍ରତିଷ୍ଠିତ ଉତ୍କଳ ସାହିତ୍ୟ ପ୍ରେସ୍‌ର ବାପା କୁଳମଣି ଥିଲେ ପରିଚାଳକ ଓ ମାତା ଥିଲେ ଜଣେ ଅତ୍ୟନ୍ତ ଧର୍ମପରାୟଣ ମହିଳା। ପିତାଙ୍କ ବୃତ୍ତିରୁ ସାହିତ୍ୟର ଭଣ୍ଡାର ସହ ହୁଏ ତାଙ୍କର ପରିଚୟ ଓ ମା'ଙ୍କ ପ୍ରବୃତ୍ତିରୁ ସେ ହୁଅନ୍ତି ଧାର୍ମିକ। ନିଜ ଜୀବନର ନବ-ଦଶକରେ ଏହି ଦୁଇଟି ଗୁଣ ହିଁ ତାଙ୍କୁ ସମସ୍ତ କ୍ଷିତି ଓ ଖ୍ୟାତି ପ୍ରଦାନ କରିଛି। ଗୁରୁ ବିଚ୍ଛନ୍ଦ ପଟ୍ଟନାୟକଙ୍କ ମାର୍ଗଦର୍ଶନରେ 'କଳିଙ୍ଗଭାରତୀ' ନାମକ ଭାଷା ସାହିତ୍ୟ ଆନ୍ଦୋଳନର ସେନାପତି ସାଜି ଶେଷ ପର୍ଯ୍ୟନ୍ତ ଭଞ୍ଜ ସାହିତ୍ୟ, ରୀତି ଯୁଗ ସାହିତ୍ୟ, ଭାଷା, ଓଡ଼ିଶୀ ସଙ୍ଗୀତ ଓ ନୃତ୍ୟ, ଲୋକକଳା ଆଦି ଲାଗି ସଂଗ୍ରାମ କରି ଚାଲିଥିଲେ। ଏପଟେ ମହାପ୍ରଭୁ ଜଗନ୍ନାଥଙ୍କୁ ନିଜ ଜୀବନର ସ୍ୱାମୀ ଭାବରେ ବରି, ତାଙ୍କର ସମସ୍ତ ସୁଖ ଦୁଃଖର ନିୟନ୍ତ୍ରକ କରି ତାଙ୍କରି ବାଣୀ ସେବାରେ ସାରା ଜୀବନ ମଗ୍ନ ରହି ରାଜ୍ୟଠାରୁ ବିଦେଶ ପର୍ଯ୍ୟନ୍ତ ଜଗନ୍ନାଥ ଧର୍ମର ସେ ଥିଲେ ଧୂରୀଣ ମୁଖପାତ୍ର।

୧୯୪୪ ମସିହାରୁ 'ଭଞ୍ଜ ଜୟନ୍ତୀ' ଶୀର୍ଷକ ଓଡ଼ିଶାର ସାଂସ୍କୃତିକ ନବଜାଗରଣ ଆନ୍ଦୋଳନ ସହିତ ଜଡ଼ିତ ହୋଇ ଉପେନ୍ଦ୍ର ଭଞ୍ଜ ଏବଂ ଅନ୍ୟାନ୍ୟ ମଧ୍ୟଯୁଗୀୟ କବିଙ୍କ ବିଶେଷତ୍ୱର ଚିତ୍ରଣ, ୧୯୫୦ ମସିହାରୁ ଓଡ଼ିଶୀ ସଙ୍ଗୀତ ଏବଂ ନୃତ୍ୟର ସଂରକ୍ଷଣ ସମେତ ଓଡ଼ିଶାର ପାରମ୍ପରିକ ସଂସ୍କୃତିର ପ୍ରଚାର ପାଇଁ କଠିନ ପ୍ରୟାସ ଏବଂ ୧୯୬୨ରୁ ୨୦୨୨ ପର୍ଯ୍ୟନ୍ତ ଛଅ ଦଶନ୍ଧି ଧରି ଏହି ଆନ୍ଦୋଳନକୁ ନେତୃତ୍ୱ ଦେଇ ଭାଷା ସାହିତ୍ୟର ସଂରକ୍ଷଣ ସହ ଜାତୀୟତାବୋଧ ଜାଗ୍ରତ କରାଇବାରେ ତାଙ୍କର ଅବଦାନ ଅବିସ୍ମରଣୀୟ। ଓଡ଼ିଆ ଭାଷାର ପ୍ରଚାର ଓ ସଂରକ୍ଷଣ ନିମନ୍ତେ ଚାକିରି କାଳରେ ବିଦ୍ୟାଳୟ ପରିଦର୍ଶକ ଭାବରେ କାର୍ଯ୍ୟ କରୁଥିବା ସମୟରେ ଗଞ୍ଜାମ ଓ ଫୁଲବାଣୀ ଜିଲ୍ଲାରେ ୧୯୭୦-୭୨ ମଧ୍ୟରେ ତେଲୁଗୁ-ମାଧ୍ୟମ ବିଦ୍ୟାଳୟରେ ଓଡ଼ିଆ ବିଭାଗ ଖୋଲିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ଏବଂ ଆରମ୍ଭ କରିଥିଲେ। ସମସ୍ତ ପ୍ରତିକୂଳତା ଏବଂ ପ୍ରତିରୋଧ ବିରୁଦ୍ଧରେ ସୁନ୍ଦରଗଡ଼ରେ ହିନ୍ଦୀ-ମାଧ୍ୟମ ବିଦ୍ୟାଳୟରେ ମଧ୍ୟ ସମାନ ପଦକ୍ଷେପ ନେଇଥିଲେ। ଆନ୍ଧ୍ର-ଓଡ଼ିଶା ସୀମାନ୍ତରେ ତେଲୁଗୁ-ମାଧ୍ୟମ ବିଦ୍ୟାଳୟରେ ତେଲୁଗୁ ଜାଣିଥିବା ଓଡ଼ିଆ ଶିକ୍ଷକଙ୍କୁ ଅବସ୍ଥାପିତ କରିଥିଲେ। ବାହାର ଅଞ୍ଚଳର ଓଡ଼ିଆଙ୍କ ସୁବିଧା ପାଇଁ ସୀମାନ୍ତ ଅଞ୍ଚଳରେ ଓଡ଼ିଆ ମାଧ୍ୟମ ବିଦ୍ୟାଳୟ ଖୋଲିବା ଆରମ୍ଭ କରିଥିଲେ। ଓଡ଼ିଶାର ଶିକ୍ଷା ନିର୍ଦ୍ଦେଶକ ଭାବରେ 'ଶିକ୍ଷକ-ଶିକ୍ଷା' କାର୍ଯ୍ୟକ୍ରମ ଅନ୍ତର୍ଗତରେ ଆନ୍ଧ୍ର ଏବଂ ବିହାରର ବାହାର ଅଞ୍ଚଳରେ ଥିବା ଓଡ଼ିଆ ଶିକ୍ଷକଙ୍କ ପାଇଁ ତାଲିମ ବିଦ୍ୟାଳୟ ଏବଂ କଲେଜରେ ଅଧିକ ସ୍ଥାନ ପ୍ରଦାନ କରିବା ପାଇଁ ପଦକ୍ଷେପ ନେଇଥିଲେ ଏବଂ ତେଲୁଗୁ ସ୍କୁଲଗୁଡ଼ିକରେ ତାଲିମପ୍ରାପ୍ତ ଓଡ଼ିଆ ଶିକ୍ଷକ ଯୋଗାଇ ଦେଇଥିଲେ, ଯାହାର ଫଳ ସ୍ୱରୂପ ୧୯୯୮ ମସିହାରେ ଆନ୍ଧ୍ରର ଓଡ଼ିଆ ଶିକ୍ଷକ ସଂଘ ଏହାର ବାର୍ଷିକ ସମ୍ମିଳନୀରେ ଶ୍ରୀ କରଙ୍କୁ ଏକ ବିଶେଷ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।



**୯୨ତମ ଜୟନ୍ତୀ ଉପଲକ୍ଷେ**

ଅବସର ପରେ ଓଡ଼ିଆ ଭାଷାକୁ ସମୃଦ୍ଧ କରିବା ପାଇଁ ଅନେକ ସମାନ ମନର ଲୋକଙ୍କ ସହିତ କାମ କରିଛନ୍ତି ଏବଂ ଆମ ଭାଷାର ଶାସ୍ତ୍ରୀୟ ମାନ୍ୟତା ପାଇବା ପାଇଁ ଡ୍ରାଫ୍ଟିଂ କମିଟିର ପରାମର୍ଶଦାତା ଥିଲେ। ଓଡ଼ିଶାର ସଂସ୍କୃତି ସଂରକ୍ଷଣ ପାଇଁ ପାଇଁ ନୂଆଦିଲ୍ଲୀରେ ଓ ଦେଶ ତଥା ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରଫୁଲ୍ଲ ପାଠାଗାର ସହ ଜଡ଼ିତ ହୋଇ ପ୍ରତି ବର୍ଷ ରାଜ୍ୟସ୍ତରୀୟ ପାଲା-ଗାୟକ ସମ୍ମିଳନୀ ଏବଂ ପ୍ରତିଯୋଗିତା ଆୟୋଜନ କରି ଓଡ଼ିଆ ପାଲା-ଗାୟକଙ୍କର ହଜି ଯାଇଥିବା ଗୌରବକୁ ପୁନଃସ୍ଥାପିତ କରିବାରେ କାର୍ଯ୍ୟ କରି ଶେଷରେ ଟେଲିଭିଜନ ପରଦାରେ 'ବାଦୀ ପାଲା' କାର୍ଯ୍ୟକ୍ରମ ପରିଚାଳନା କରି ନିଜର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଭାଷା ସାହିତ୍ୟ ସଂରକ୍ଷଣରେ କର୍ମଚଞ୍ଚଳ ରହିଲେ। ଏହା ଛଡ଼ା ଓଡ଼ିଶୀ ସଙ୍ଗୀତ ଓ ନୃତ୍ୟର ସଂରକ୍ଷଣ ଓ ମାନ୍ୟତା ପାଇଁ ସେ ନିରନ୍ତର ପ୍ରୟାସ କରି ଚାଲିଥିଲେ। ଓଡ଼ିଶୀ ସଙ୍ଗୀତର ଉନ୍ନତି ଓ ଶାସ୍ତ୍ରୀୟତା ପାଇଁ ଦେଶ ବିଦେଶରେ ଅନେକ କାର୍ଯ୍ୟକ୍ରମ ହୋଇଥିବା ବେଳେ ଶ୍ରୀ କର ମଧ୍ୟ ଏଥିରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ, ବିଶେଷକରି ପାଖାପାଖି ୧୦୦୦ରୁ ଅଧିକ ଓଡ଼ିଶୀ ରାଗର ପୋଥିପତ୍ର ସଂଗ୍ରହ କରି ସେ ଜାତି ପାଇଁ ଏକ ମହାନ କାର୍ଯ୍ୟ କରିଛନ୍ତି।

ମେ' ୮, ୨୦୨୨ରେ ଏହି ସାରସ୍ୱତ ସାଧକ ନିଜର ସ୍ଥୂଳ ଶରୀର ତ୍ୟାଗ କରିଥିଲେ ମଧ୍ୟ ଆଜି ବି ଅନେକ ଓଡ଼ିଆଙ୍କ ହୃଦୟରେ ସେ ଚିର ସ୍ମରଣୀୟ। ତାଙ୍କ ଅବର୍ତ୍ତମାନର ତିନି ବର୍ଷ ପରେ ମଧ୍ୟ ରଥଯାତ୍ରାର ଧାରା ବିବରଣୀ ସମୟରେ ହେଉ କିମ୍ବା ବାଦୀ ପାଲା ମଞ୍ଚର ଚିତ୍ରରେ, ଆକାଶବାଣୀର ଅନୁଚିନ୍ତାରେ ହେଉ କିମ୍ବା ରଙ୍ଗମଞ୍ଚର ନାଟକରେ କବି, ଗାଳ୍ପିକ, ନାଟ୍ୟକାର, ଶିକ୍ଷାବିତ୍, ବାଗ୍ମୀମାନେ ସଂସ୍କୃତି ସମ୍ରାଟ ରଜତ କୁମାର କରଙ୍କୁ ମନେ ପକେଇବା ହିଁ ଓଡ଼ିଆ ଭାଷା ସାହିତ୍ୟର ସଂରକ୍ଷଣ ପ୍ରତି ଥିବା ତାଙ୍କ ସମର୍ପଣର ଶ୍ରେଷ୍ଠ ନିଦର୍ଶନ।■

**ନୟାପଲ୍ଲୀ, ଭୁବନେଶ୍ୱର
ମୋ: ୯୭୭୮୦୩୦୪୯୪**

# ନର ନାରୀ-ଦୁଇ ନାଉରୀ

ପୁରାଣ ଇତିହାସଠାରୁ ଆରମ୍ଭ କରି ବର୍ତ୍ତମାନ ପର୍ଯ୍ୟନ୍ତ ପୁରୁଷ ନାରୀଙ୍କୁ ନେଇ କେବେ ମଳୟ ବହିଛି ତ କେବେ ହୋଇଛି ପ୍ରଳୟ। କେବେ ଶାନ୍ତିର ସୁମନ ଫୁଟିଛି ତ କେବେ ଅଶାନ୍ତିର ଅଗ୍ନି ବର୍ଷିଛି। ଅତୀତରେ ମଳୟ ବେଶୀ ଥିଲା; ଏବେ ପ୍ରଳୟ ବେଶୀ। ଏବେ ବି ଯୋଉ ଟିକିଏ ମଳୟ ବହୁଛି, ତହିଁରେ ଅସୀମ ସୁଖ ଅଛି। ସେ ମଳୟ ହେଉ କି ପ୍ରଳୟ, ଉଭୟଙ୍କ ବୁଝାମଣାରୁ ଯାହାକିଛି ହୁଏ। ଠିକ୍ ବୁଝାମଣାରେ ମଳୟ, ଆଉ ବୁଝାମଣା ଅଭାବରେ ପ୍ରଳୟ ରଚିତ ହୁଏ। ଏମିତି ଗୋଟାଏ ଘଟଣାର ସମାଧାନ କରିବାକୁ ଯାଇ ଉଦାହରଣଟିଏ।

ସନ୍ଥଙ୍କ ପାଖରେ ପହଞ୍ଚିଲେ ଦମ୍ପତି। ପରିବାରରେ କାହାର ଅସହ୍ୟ କଥା ତ କେବେ ମନ୍ଦ ବ୍ୟବହାର ଖୁବ୍ ଅସହ୍ୟ ହେଉଥିଲା। ପରିବାର ସହିତ ମିଶି ଚଳିପାରୁ ନଥିଲା ନୂଆବୋହୂଟି। ଏମିତିକି ସ୍ୱାମୀ- ସ୍ତ୍ରୀଙ୍କ ଭିତରେ ବି ମନୋମାଳିନ୍ୟ ଥିଲା। ସନ୍ଥ ବାହାରି ଥିଲେ ନଦୀ ଆରପାଖ ଗାଁକୁ। ଦମ୍ପତିଙ୍କୁ ବି ଡାକିନେଲେ। ଆକାଶରେ କଳାହାଣ୍ଡିଆ ମେଘ ଖଣ୍ଡେ ଧରିଥାଏ। ଧୀରେ ଧୀରେ ପବନର ବେଗ ବଢୁଥାଏ। ନଈ କୂଳରେ ପହଞ୍ଚିଲା ବେଳକୁ ଡଙ୍ଗାରେ ଯାତ୍ରୀମାନେ ବସି ସାରିଥିଲେ। ସନ୍ଥଙ୍କ ସହିତ ଦମ୍ପତି ବି ବସିଲେ। ନଈ ମଝିରେ ଡଙ୍ଗା ପହଞ୍ଚିଲା। ଝିପି ଝିପି ବର୍ଷା ଆରମ୍ଭ ହୋଇଥାଏ। ପବନର ବେଗ ବି ଅଧିକ ହେଉଥାଏ। ସେପାରିରେ ପହଞ୍ଚିବାକୁ ଲୋକମାନେ ବ୍ୟାକୁଳ ହେଉ ଥାଆନ୍ତି। ନଈ ପାରି ହେବାକୁ ମାତ୍ର ପନ୍ଦର ମିନିଟ୍ ସମୟ ଲାଗିବା କଥା। ହେଲେ ଏକ ଘଣ୍ଟା ବିତି ଗଲାଣି ଡଙ୍ଗା କୂଳରେ ଲାଗୁନି। ବସିଥିବା ଲୋକେ ବ୍ୟସ୍ତ ହେଲେଣି। ନାଉରୀଙ୍କୁ ଅନୁରୋଧ କରୁଥିଲେ ଶୀଘ୍ର କୂଳରେ ଲଗେଇବା ପାଇଁ। କିନ୍ତୁ ଦୁଇ ନାଉରୀ ପରସ୍ପର ଭିତରେ କଳି କରୁଥିଲେ। ଜଣେ ଆଗକୁ ଆହୁଲା ମାରିଲା ବେଳେ ଆଉ ଜଣେ ଅନ୍ୟ ଦିଗକୁ ମାରୁଥିଲା। ଡଙ୍ଗା କୂଳରେ ଲାଗିବା ବଦଳରେ ସୁଅ ଓ ଗଣ୍ଡ ଉପରେ ଡଙ୍ଗା ବୁଲୁଥିଲା। ବର୍ଷା ବଢ଼ିଲା। ଝଗଡ଼ା ଭିତରୁ ଜଣେ ନାଉରୀକୁ ଲୋକମାନେ ଅଟକେଇ ଦେଲେ। ଆଉ ଜଣଙ୍କୁ ଡଙ୍ଗା ବାହିବାକୁ କହିଲେ। ହେଲେ ପବନ ଆଉ ସୁଅରେ ଡଙ୍ଗା ଚାଲି ପାରୁ ନଥିଲା। ଦୁଇ ଜଣଙ୍କ ଝଗଡ଼ା ମେଲେଇଲେ। ଦୁହେଁ ଆହୁଲା ମାରିଲେ। ସମସ୍ତେ କୂଳରେ ପହଞ୍ଚିଲେ।

ଠିକଣା ଜାଗାରେ ପହଞ୍ଚି ସନ୍ଥ କହିଲେ- ପରିବାର ଗୋଟାଏ ଡଙ୍ଗା। ପରିବାର ସବୁ ସଦସ୍ୟ ଯାତ୍ରୀ। ଯାତ୍ରୀଙ୍କୁ ସୁରକ୍ଷା ଦେବା ଦାୟିତ୍ୱ ନାଉରୀଙ୍କର। ନର-ନାରୀ ଦୁଇ ନାଉରୀ। ଏମାନଙ୍କ ମନ ମିଶିଲେ ପରିବାର ଠିକ୍ ଚାଲେ। ଜଣେ ଅଭିମାନରେ ଜଣେ ବସିଗଲେ ଆଉ ଜଣେ ଏକାକୀ ଡଙ୍ଗା ବାହିବା କଷ୍ଟ। କାରଣ ସମସ୍ୟା, ଜଟିଳତା ଭଳି ଝଡ଼ ଓ ସୁଅ ଡଙ୍ଗାକୁ ଭସେଇ ନିଏ। ନାଉରୀଙ୍କ ପାଇଁ ପରସ୍ପର ବୁଝାମଣା ଅପେକ୍ଷା ଯାତ୍ରୀଙ୍କ ଜୀବନ ସୁରକ୍ଷା ବଡ଼ ଦାୟିତ୍ୱ। ପରିବାର ରୂପକ ନାଆରେ ଯୋଉମାନେ ବସିଛନ୍ତି, ଅନ୍ତତଃ ସେମାନଙ୍କ ସୁରକ୍ଷା କଥା ଚିନ୍ତା କରିବା ଉଚିତ୍। ପରିବାରର ଆରମ୍ଭ ଅକ୍ଷର 'ପ' ଓ ଶେଷ ଅକ୍ଷର 'ର'। ଏ ଦୁଇ ଅକ୍ଷର ଦୁଇ ମଙ୍ଗ। ଅର୍ଥାତ୍ ଦୁଇ ନାଉରୀ (ଦମ୍ପତି) ପରସ୍ପରକୁ 'ପର' କରିବେନି। ପୁଣି 'ପ'- ପବନ ଥିବାଯାଏ 'ର'- ରକ୍ତ ନିଗାଡୁ ଥିବ। ଶେଷ ଜୀବନ ଯାଏ ତ୍ୟାଗ କରୁଥିବା। ତାହା ହେଲେ ନାଉରୀଙ୍କ ଯୋଗ୍ୟତା ଜଣା ପଡ଼ିବ।■

**ଲେଖା ପଠାଇବାର ଠିକଣା,** ସମ୍ପାଦକ, **'ନିତିଦିନ',** Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

ନିତିଦିନ NITIDIN



ସମ୍ପର୍କ ସାହିତ୍ୟ ସଂସଦର ୨୨ତମ ବାର୍ଷିକୋତ୍ସବ

# 'ସାହିତ୍ୟକୁ ସଠିକ୍ ବିନିଯୋଗକଲେ ସଂସାରରୁ ହିଂସା ଦୂର ହୋଇଯିବ'



**ସାଲେପୁର,୧୯/ଏନ୍ଏନ୍ଏସ୍:** ସମ୍ପର୍କ ସାହିତ୍ୟ ସଂସଦର ୨୨ତମ ବାର୍ଷିକୋତ୍ସବ, ପତ୍ରିକା ଉନ୍ମୋଚନ, ପୁସ୍ତକ ଉନ୍ମୋଚନ, ସାହିତ୍ୟ ଆଲୋଚନା ଓ ସମ୍ବର୍ଦ୍ଧନା ପର୍ବ ସାଲେପୁର ବ୍ଲକ ଅନ୍ତର୍ଗତ ସୌରୀ ପଞ୍ଚାୟତ କିସନାପୁରସ୍ଥିତ ଶ୍ରୀ ଶ୍ରୀ ଚାଟେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମ୍ପର୍କ ସାହିତ୍ୟ ସଂସଦର ସଭାପତି ସାମ୍ବାଦିକ ପ୍ରଫୁଲ୍ଲ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଧାରାବାହିକ, ଚଳଚ୍ଚିତ୍ର ନିର୍ଦ୍ଦେଶକ ଓ ପ୍ରଯୋଜକ ହରିଶ ମହାନ୍ତି, ବିଶିଷ୍ଟ ଅତିଥି ଭାବେ କଟକ ବ୍ୟୁରୋ ମୁଖ୍ୟ ପ୍ରଗତିବାଦୀ ପ୍ରଦୀପ ସାହୁ, ମୁଖ୍ୟ ବକ୍ତା ଭାବେ ନିଶ୍ଚିନ୍ତକୋଇଲି ପିପି କଲେଜ ଅଧ୍ୟକ୍ଷା ଡ଼ଃ ତରୁଲତା ଦେବୀ ଯୋଗ ଦେଇ ସାହିତ୍ୟର ଉନ୍ନତି ହେଲେ ଦେଶର ଉନ୍ନତି ହେବ। ଶୃଙ୍ଖଳିତ ସମାଜ ଗଠନରେ ସାହିତ୍ୟ ଓ ଗଣମାଧ୍ୟମ ପରସ୍ପର ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ ଉଭୟଙ୍କ ପ୍ରମୁଖ ଭୂମିକା ରହିଛି। ଗ୍ରାମାଞ୍ଚଳରେ ସାହିତ୍ୟ ଭରପୁର ରହିଛି, ତାକୁ ସଠିକ ବିନିଯୋଗ କଲେ ସଂସାରରୁ ହିଂସା ଅସୂୟା ଦୂର ହୋଇ ପରସ୍ପର ମଧ୍ୟରେ ସମ୍ପର୍କ ଦୃଢ଼ ହୋଇପାରିବ ବୋଲି କହିଥିଲେ। ତୁଷାରକାନ୍ତ ମହାନ୍ତିଙ୍କ ଦ୍ୱାରା ଲିଖିତ ପୁସ୍ତକ ଜହ୍ନର ଲୁଚକାଳି, ଭାବଭକ୍ତି ପ୍ରେମ ଓ ଦେବେନ୍ଦ୍ର ମହାରଣାଙ୍କ ଦ୍ୱାରା ଲିଖିତ ପୁସ୍ତକ ଗାଣିତିକ ସୂତ୍ରରେ ଓଁର ପ୍ରତିଫଳନ ଉନ୍ମୋଚନ ହୋଇଥିଲା। ସାହିତ୍ୟ ଗୌରବ ସମ୍ମାନ ଭାବେ ଡ଼ଃ ପୂର୍ଣ୍ଣଚନ୍ଦ୍ର ଓଝା, ସଙ୍ଗୀତ ଗୌରବ ସମ୍ମାନ ସୁରେନ୍ଦ୍ର କୁମାର ମୁଦୁଲି ଓ ସାମ୍ବାଦିକ ଗୌରବ ସମ୍ମାନ ପ୍ରଦୀପ୍ତ କୁମାର ପରିଜାଙ୍କୁ ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଏବଂ ବିଶିଷ୍ଟ ବ୍ୟକ୍ତି ବିଶେଷ ମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସ୍ୱାଗତ ଭାଷଣ ତୁଷାରକାନ୍ତ ମହାନ୍ତି ଦେଇଥିବା ବେଳେ ଅତିଥି ପରିଚୟ ସାହିତ୍ୟିକ ଚନ୍ଦ୍ରମଣି ଭୂୟାଁ ପ୍ରଦାନ କରିଥିଲେ। ସଭା ପରିଚାଳନା କରିଥିଲେ ଯୁବକବି ସୌମ୍ୟରଞ୍ଜନ ଭୂୟାଁ। କାର୍ଯ୍ୟକ୍ରମକୁ ସୁରେଶ ଚନ୍ଦ୍ର ସ୍ୱାଇଁ, ଦୁର୍ଯ୍ୟୋଧନ ପୁଝାରି, ସୁରେନ୍ଦ୍ର ମହାରଣା, ସଂଜୀବ ବାରକ, ଗଗନ ମିଶ୍ର, ଅତନ ଷଡଙ୍ଗୀ, ପ୍ରଶାନ୍ତ ଭୂୟାଁ, ରଜନୀକାନ୍ତ ଦାଶ , ଅଜିତ ମହାପାତ୍ର, ନିଖିଲେସ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ। ଶେଷରେ କବି ରାଜୀବ ଷଡ଼ଙ୍ଗୀ ଧନ୍ୟବାଦ ପ୍ରଦାନ କରିଥିଲେ।

## ପ୍ରାଚୀ ଗୁରୁ ଧର୍ମକ୍ଷେତ୍ରରେ ରାଧାଷ୍ଟମୀ ଉତ୍ସବ



**ନୟାହାଟ,୧୯/ଏନ୍ଏନ୍ଏସ୍:** ସର୍ବଧର୍ମ ସମନ୍ୱୟ ପୀଠ ପ୍ରାଚୀ ଗୁରୁ ଧର୍ମକ୍ଷେତ୍ରର ଅଧିଷ୍ଠାତ୍ରୀ ମା' ରାଧାରାଣୀ ଦେବୀଙ୍କ ଜନ୍ମ ଉତ୍ସବ ଆଶ୍ରମର ମୁଖ୍ୟ ବାବାଜୀ ଦାମୋଦର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳଆଳତି, ସମୂହ ବିଶ୍ୱ ଶାନ୍ତି ପାର୍ଥନା ପରେ ପରେ ମା'ଙ୍କ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା, ମା'ଙ୍କ ଦ୍ୱାରା ବନ୍ଦାପନା ହୋଇଥିଲା। ଏହି ଉପଲକ୍ଷେ ଓଁ ରାଧେ ଶ୍ରୀ ରାଧେ ଜୟ ଜୟ ରାଧେ ନାମରେ ଚତୁର୍ଥ ପ୍ରହରୀ କରାଯାଇଥିଲା। ସନ୍ଧ୍ୟା ଆଳତି ପରେ ଶ୍ରୀକୃଷ୍ଣ ନାଟ ମନ୍ଦିରରେ ପ୍ରେମାଚାର୍ଯ୍ୟଙ୍କ ରଚିତ ମଧୁ ଭାଗବତର ପଞ୍ଚମ ଅଧ୍ୟାୟ ମା' ରାଧାରାଣୀଙ୍କ ଜନ୍ମ ପଠନ କରାଯାଇଥିଲା। ପ୍ରେମାଚାର୍ଯ୍ୟ ମଧୁସୂଦନ ରାଧା କୃଷ୍ଣ ଉପାସକ ହୋଇଥିବାରୁ ବୃନ୍ଦାବନ ଧାମ ପରି ଏହି ପୀଠରେ ସମସ୍ତ ପୂଜାର୍ଚ୍ଚନା ଦେଖିବାକୁ ମିଳିଥାଏ। ବର୍ଷକରେ ଏହି ତିଥି ଦିନ ପ୍ରେମାଚାର୍ଯ୍ୟ ମଧୁସୂଦନ ରାଧା ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି। ପ୍ରତ୍ୟେକ ବର୍ଷ ପରି ଭଗବାନ ଶ୍ରୀକୃଷ୍ଣଙ୍କ ଏକୋଇଶା(ନାମକରଣ) ଉତ୍ସବ ଚଳିତ ମାସ ୪ତରିଖ ଗୁରୁବାର ଆଶ୍ରମରେ ପାଳନ କରାଯିବ ବୋଲି ସେବକ ପ୍ରୀତି ରଂଜନ ଦାସ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମକୁ ମହେଶ ସାହୁ, ନୀଳମଣି ସାହୁ, ପ୍ରଭାତ ଦୀକ୍ଷୀତ, ବ୍ରଜବନ୍ଧୁ ସାହୁ ଓ ଶକୁନ୍ତଳା ଦାଶ, କୃଷ୍ଣଚନ୍ଦ୍ର ଓଝା ପ୍ରମୁଖ ପରିଚାଳନା କରିଥିଲେ।

## ଖୁଦୁରୁକୁଣୀ ପୂଜା ସମ୍ପନ୍ନ



**ବୟାଳିଶମୌଜା,୧୯/ଏନ୍ଏନ୍ଏସ୍:** ୪୨ମୌଜା ଅନ୍ତର୍ଗତ ଟାଇଁକଣା ଗ୍ରାମରେ ଖୁଦୁରୁକୁଣୀ ପୂଜା ପାଳିତ ହୋଇଯାଇଛି। ଗତ ରବିବାର ଶେଷପାଳିରେ ଗ୍ରାମର ଝିଅମାନେ ଏକତ୍ରିତ ହୋଇ ପୂଜାର୍ଚ୍ଚନା କରିଥିଲେ। ଶୁକ୍ରବାର ଦିନ ବିସର୍ଜନ କରି ମା'ଙ୍କୁ ସିଦ୍ଧୁଆ ନଦୀରେ ମେଲାଣି କାର୍ଯ୍ୟକ୍ରମ ରହିଥିବା ବେଳେ ଗ୍ରାମ ପରିକ୍ରମା କରାଯିବ ବୋଲି ମା' ଖୁଦୁରୁକୁଣୀ ପୂଜା କମିଟି ପକ୍ଷରୁ ସ୍ଥିର ହୋଇଛି। ଏହି କାର୍ଯ୍ୟକ୍ରମରେ ରଶ୍ମିପ୍ରଭା ଭୋଇ, ମମତା ଭୋଇ, କାଦମ୍ବିନୀ ଦାସ, କଣ୍ଢେଇ ଦାସ, ଦିପ୍ତିମୟୀ ଦାସ, ସମ୍ପୂର୍ଣ୍ଣା ଦାସ, ସାଇନା ଦାସ, ପୁନମ ଦାସ, ସୁହାନି ଦାସ ଓ ସ୍ନେହାଶ୍ରୀ ଦାସ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଶେଷରେ ସମାଜସେବୀ ଦୀପ୍ତିରଞ୍ଜନ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ।

## ବାଜା ରୋଶଣିରେ ବିଦାୟନେଲେ ତଅପୋଇ



**କୁଣ୍ଢେଇ,୧୯/ଏନ୍ଏନ୍ଏସ୍:** ଓଡ଼ିଆ ଝିଅମାନଙ୍କର ମୁଖ୍ୟ ପର୍ବ ହେଉଛି ତଅପୋଇ ପୂଜା। ଏହି ପୂଜା ଭାଦ୍ରବ ମାସର ପ୍ରଥମ ରବିବାର ଠାରୁ ଆରମ୍ଭ ହୋଇ ଇନ୍ଦୁ ପୂର୍ଣ୍ଣିମାରେ ଶେଷ ହୁଏ। ଚଳିତ ବର୍ଷ ଇନ୍ଦ୍ର ପୂର୍ଣ୍ଣିମା ଚନ୍ଦ୍ରଗ୍ରହଣ ଥିବାରୁ ମା' ତଅପୋଇଙ୍କୁ ମେଲାଣି ଦେଲେ ପୂଜା କରୁଥିବା ଗାଁର ଝିଅମାନେ। ପୂଜା ଉତ୍ସବର ଅନ୍ତିମ ପର୍ବ ମା' ତଅପୋଇ ଙ୍କ ବିଦାୟୀ ଉତ୍ସବ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି। ବାଜପୁର ଗ୍ରାମର ଚାରିଖଣ୍ଡି ପାଟଣା ବାଜପୁର, କୃଷ୍ଣନଗର ପାଟଣା, ରାଧାମାଧବ ପାଟଣା ଓ ଶ୍ୟାମରାୟ ପାଟଣାରେ ପୂଜିତ ହୋଇଥିବା ତଅପୋଇଙ୍କ ମୃଣ୍ମୟ ପ୍ରତିମା ବିସର୍ଜନ ଉତ୍ସବ ପାଳିତ ହୋଇଯାଇଛି। ଗାଁର ଝିଅ ଓ ମହିଳାମାନେ ମା'ଙ୍କୁ ବାଜା ରୋଶଣିରେ ନେଇ ପୂଣ୍ୟତୋୟା ପ୍ରାଚୀ ନଦୀର କୁଣ୍ଢେଇ ହାଟ ଘାଟରେ ବିସର୍ଜନ କରିଥିଲେ।

## ତଅପୋଇ ପୂଜା ଉଦ୍ଯାପିତ



**କଣ୍ଟିଲୋ,୧୯/ଏନ୍ଏନ୍ଏସ୍:** ପ୍ରତ୍ୟେକ ପୂର୍ବ ବର୍ଷର ଚିରାଚରିତ ଢଙ୍ଗ ଅନୁଯାୟୀ ଚଳିତ ବର୍ଷ ବିଭିନ୍ନ ବେଶ ଭୂଷା ସହିତ ଗ୍ରାମ ପରିକ୍ରମା କରି ତଅପୋଇ ମେଳା ରବିବାର ସନ୍ଧ୍ୟାରେ ପୂଜାର୍ଚ୍ଚନା ପରେ ତିଅର ସମ୍ପ୍ରଦାୟ ଅନୁଷ୍ଠାନ ତରଫରୁ ଉଦ୍ଯାପିତ ହୋଇଯାଇଛି। ସୂଚନାରୁ ପ୍ରକାଶ ଯେ, ପ୍ରତିବର୍ଷ ଭାଦ୍ରବ ମାସ ପ୍ରଥମ ରବିବାର ଠାରୁ ଝିଅ ବୋହୂମାନେ ମା' ମଙ୍ଗଳାଙ୍କ ଉପାସ ଖୁଦୁରୁକୁଣି ଓଷା ମାଧ୍ୟମରେ ଆରମ୍ଭକରି ଭାଦ୍ରବ ମାସର ଶେଷ ରବିବାରରେ ଉଦ୍ଯାପିତ କରୁଥିବା ନଜିର ଅଛି। ଚଳିତ ୨୦୨୫ ବର୍ଷରେ ପାଞ୍ଚ ପାଳି ଉପାସ କରିବାକୁ ପାଞ୍ଚ ରବିବାର ଥିଲେ ହେଁ, ଯେହେତୁ ଶେଷ ରବିବାର ସେପ୍ଟେମ୍ବର ୮ ତାରିଖରେ ଚନ୍ଦ୍ର ଗ୍ରହଣ ପଡୁଛି ସେଥିପାଇଁ ଚାରିପାଳିରେ ମା' ମଙ୍ଗଳାଙ୍କ ଖୁଦୁରୁକୁଣି ଓଷା ଶେଷ ହେବା ଅବସରରେ କଣ୍ଟିଲୋ ପଞ୍ଚାୟତ ପାଣ୍ଡୁସାହୁ ପାଟଣା ତିଅର ସମ୍ପ୍ରଦାୟ ଅନୁଷ୍ଠାନ ତରଫରୁ ନିର୍ମିତ ସୁସଜ୍ଜିତ ବୋଇତ ଉପରେ ସାଧବ ସାତଭାଇ, ସାଧବ ସାତବୋହୂ, ତଅପୋଇ, ରାଣ୍ଡିବ୍ରାହ୍ମଣୀ ଓ ୩ଶହରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା ଗ୍ରାମର ପ୍ରତ୍ୟେକ ସାହି ପରିକ୍ରମା କରିଥିଲେ। ଏହି ମନମୁଗ୍ଧକର ଦୃଶ୍ୟକୁ ଗ୍ରାମବାସୀମାନେ ବେଶ୍ ଉପଭୋଗ କରିଥିଲେ।

## ଏନ୍ଏସିରେ ସୂଚନା ଅଧିକାର ଆଇନ ଖୋଲାଖୋଲି ଉଲ୍ଲଂଘନ

**ବାଣପୁର,୧୯/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଜିଲ୍ଲା ବାଣପୁର ଏନଏସି କାର୍ଯ୍ୟାଳୟରେ ସୂଚନା ଅଧିକାର ଆଇନ-୨୦୦୫କୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ଏହି ଆଇନକୁ ଜନ ସୂଚନା ଅଧିକାରୀ (ପିଆଇଓ) ଠିକ ଭାବରେ ଅନୁପାଳନ କରୁନାହାନ୍ତି। ଏ ନେଇ ଅଭିଯୋଗ କରିଛନ୍ତି ସ୍ଥାନୀୟ ଆଇନଜୀବୀ ତଥା ସୂଚନା ଅଧିକାର କର୍ମୀ ସୀତାରାମ ଅଗ୍ରୱାଲ। ଶ୍ରୀ ଅଗ୍ରୱାଲଙ୍କ ଅଭିଯୋଗ ମୁତାବକ ବାଣପୁର ଏନଏସିରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଯଥା ସାନିଟେସନ, ପେଭର ବ୍ଲକ ରୋଡ ନିର୍ମାଣ, ପୋଖରୀ ସୌନ୍ଦର୍ଯ୍ୟକରଣ, ଅଳିଆ ବୁହା ବ୍ୟାଟେରୀ ଗାଡି, ସ୍ୱୟଂ ସହାୟକ ଗୋଷ୍ଠୀ ପାଇଥିବା ଟେଣ୍ଡର, ଜେମ ପୋର୍ଟାଲରୁ କ୍ରୟ ହୋଇଥିବା ବସ୍ତୁ, ନୂତନ ଏନଏସି କାର୍ଯ୍ୟାଳୟର ଆସବାବପତ୍ର କ୍ରୟ ଆଦି ବିଷୟକୁ ନେଇ ଜୁଲାଇ ୨୧ ତାରିଖରେ ସମୁଦାୟ ୧୬ ଗୋଟି ପ୍ରଶ୍ନର ଉତ୍ତର ଆରଟିଆଇ ଯୋଗେ ବାଣପୁର ଏନଏସିକୁ ମାଗିଥିଲେ। ଆବେଦନପତ୍ର ଗ୍ରହଣର ୩୦ଦିନ ଭିତରେ ଆବେଦନକାରୀଙ୍କୁ ସୂଚନା ପ୍ରଦାନ କରିବାର ବିଧି ରହିଥିବା ବେଳେ ଅଦ୍ୟାବଧି ଆବେଦନକାରୀ ଶ୍ରୀ ଅଗ୍ରୱାଲଙ୍କୁ ବାଣପୁର ଏନଏସି ସୂଚନା ପ୍ରଦାନ କରିନାହିଁ। ତେଣୁ ବାଧ ହୋଇ ସେ ମଙ୍ଗଳବାର ଦିନ, ପ୍ରଥମ ଅପିଲ କର୍ତ୍ତୃପକ୍ଷ ତଥା ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିକଟରେ ପ୍ରଥମ ଅପିଲ କରିଥିବା ଜଣାପଡିଛି। ତେବେ ବାଣପୁର ଏନଏସି କାର୍ଯ୍ୟାଳୟରେ ଆରଟିଆଇ ନିୟମକୁ ଖାମଖିଆଲି ଭାବେ ଗ୍ରହଣ କରାଯାଉଥିବାରୁ ଏଥିରେ କ୍ଷୁବ୍ଧ ହୋଇଛନ୍ତି ଆବେଦନାକରି ତଥା ଅନ୍ୟ ସୂଚନା ଅଧିକାର କର୍ମୀମାନେ। କୌଣସି ଦୁର୍ନୀତିର ଗୁମର ଖୋଲିଯିବା ଭୟରେ ବାଣପୁର ଏନଏସି ପିଆଇଓ ଆରଟିଆଇରେ ସୂଚନା ଦେଉନଥିବା ଆଲୋଚନା ଜୋର୍ ଧରିଛି। ତେବେ ଉକ୍ତ ଘଟଣାରେ ଏକାଧିକ ସୂଚନା ଅଧିକାରୀ କର୍ମୀ ଏବଂ ବାଣପୁରର ବୁଦ୍ଧିଜୀବୀମାନେ ସନ୍ଦେହ ପ୍ରକାଶ କରି ଉକ୍ତ ଉନ୍ନୟନ କାର୍ଯ୍ୟଗୁଡିକର ଭିଜିଲାନ୍ସ ତଦନ୍ତ ସୁପାରିଶ ପାଇଁ ଏବଂ ବାଣପୁର ଏନଏସି କାର୍ଯ୍ୟାଳୟର ସ୍ୱତନ୍ତ୍ର ଅଡିଟ ପାଇଁ ସ୍ଥାନୀୟ ବିଧାୟକ ତଥା ଆଇନମନ୍ତ୍ରୀ ଏବଂ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଥିବା ବେଳେ ଖୁବ୍‌ଶୀଘ୍ର ଏ ନେଇ ଓଡିଶା ଭିଜିଲାନ୍ସର ଦ୍ୱାରସ୍ଥ ହେବେ ବୋଲି ଶୁଣିବାକୁ ମିଳିଛି। ଅନୁରୂପ ଭାବେ ଯଦି ପ୍ରଥମ ଅପିଲ୍‌ର ଅବଧି ମଧ୍ୟରେ ସମସ୍ତ ସୂଚନା ମିଳେ ନାହିଁ, ତେବେ ଆବେଦନକାରି ଶ୍ରୀ ଅଗ୍ରୱାଲ ଦ୍ୱିତୀୟ ଅପିଲ କର୍ତ୍ତୃପକ୍ଷ ତଥା ରାଜ୍ୟ ସୂଚନା କମିଶନ ଏବଂ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ତ ହେବେ ବୋଲି କହିଛନ୍ତି। ତେବେ ବାଣପୁର ଏନ୍ଏସି ଆରଟିଆଇରେ ସୂଚନା ନଦେବାର ଅଭିପ୍ରାୟ ସନ୍ଦେହ ଘେରରେ ଥିବା ବେଳେ ଖୋର୍ଦ୍ଧା ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଖଣ୍ଡପଡ଼ାରେ ସ୍ୱାୟତ୍ତ ଶାସନ ଦିବସ



**ଖଣ୍ଡପଡ଼ା,୧୯/ଏନ୍ଏନ୍ଏସ୍:** ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ରବିବାର ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ପ୍ରାତଃ ସମୟରେ ରାମଧୂନ ପରିବେଷଣ ସହ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ପରିସରରେ ଅଧ୍ୟକ୍ଷା ଆରତୀ ପ୍ରଧାନଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ ଓ ସମସ୍ତ କର୍ମଚାରୀଙ୍କୁ ନୂତନ ପୋଷାକ ବିତରଣ, ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ସ୍ଥାନୀୟ ପଠାଣିସାମନ୍ତ କଲ୍ୟାଣମଣ୍ଡପ ପରିସରରେ ଆୟୋଜିତ ଏକ ବଡାଖାନା କାର୍ଯ୍ୟକ୍ରମ ଜରିଆରେ ସମସ୍ତଙ୍କୁ ଆପ୍ୟାୟିତ କରାଯାଇଥିଲା।ତେବେ ଅପରାହ୍ନରେ ଖଣ୍ଡପଡ଼ା ସହରର ସାମନ୍ତ ଚନ୍ଦ୍ରଶେଖର ସ୍ମୃତିମନ୍ଦିର ଓ ପାଠାଗାର ପରିସରରେ ଏ ପରିପ୍ରେକ୍ଷୀରେ ଆୟୋଜିତ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବିଧାୟକ ଇଂ. ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇ କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏନ୍ଏସି ଅଧ୍ୟକ୍ଷା ଆରତୀ ପ୍ରଧାନ, କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ର, ଆଇନଜୀବି ବିଧାନ ଚନ୍ଦ୍ର ପ୍ରଧାନ, କବୟିତ୍ରୀ ଭାଗ୍ୟଲିପି ମଲ୍ଲ, ବାବା ମହର୍ଷି ମଦନଚରଣ ଦାସ ପ୍ରମୁଖ ଅତିଥି ରୁପେ ମଞ୍ଚାସୀନ ଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମାନ୍ୟଗଣ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ବିଭିନ୍ନ ଅନୁଷ୍ଠାନର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ବେରୁଆଁବାରୀ ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ



**ଓଡ଼ଗାଁ,୧୯/ଏନ୍ଏନ୍ଏସ୍:** ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ ବେରୁଆଁବାରୀ ପଞ୍ଚାୟତରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦଘଟିତ ହୋଇଯାଇଛି। େ ବରୁଆଁବାରୀ ପଞ୍ଚାୟତ ସମିତିସଭ୍ୟ କେଦାର ସେଠୀଙ୍କ ନେତୃତରେ ବନ୍ଧାମୁହିଁ ଗ୍ରାମରେ ଏକ ବସ୍ ଷ୍ଟପେଜ ଓ ଦଳିତ ସମାଜର ଗୋଷ୍ଠୀ କେନ୍ଦ୍ର, ଖୋସାପଲ୍ଲୀ ଗ୍ରାମରେ ଗୋଷ୍ଠୀ କେନ୍ଦ୍ର, ବଧିଲିପୁରୁ ଗ୍ରାମରେ ମଙ୍ଗଳା ମନ୍ଦିରର ପୁନରୁଦ୍ଧାର ଓ ପୋଡ଼ାସାହି ଗ୍ରାମର ସାଂସ୍କୃତିକ ମଣ୍ଡପ ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଦଶପଲ୍ଲା ନିର୍ବାଚନ ମଣ୍ଡଳୀର ବିଧାୟକ ରମେଶଚନ୍ଦ୍ର ବେହେରା ଯୋଗ ଦେଇଥିବାବେଳେ ତାଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଥିଲା। ସମ୍ମାନିତ ଅତିଥିଭାବେ ନୂଆଗାଁ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଶଙ୍କର୍ଷଣ ବେହେରା, ଦିଲିପ୍ କୁମାର ଦଳବେହେରା ଓ ବେରୁଆବାରୀ ପଞ୍ଚାୟତର ସରପଞ୍ଚ ସୁଶାନ୍ତ କୁମାର ସାହୁଙ୍କ ସମେତ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଗ୍ରାମବାସୀ ଓ ମହିଳା ଗୋଷ୍ଠୀର ସଦସ୍ୟାମାନେ ଯୋଗଦେଇ ଥିବାବେଳେ ସମିତିସଭ୍ୟ କେଦାର ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ଜଣାପଡ଼ିଛି।

## ଚାରିଛକ ଥାନା ଅଧିକାରୀଙ୍କ ବିଭିନ୍ନ ପୂଜାମଣ୍ଡପ ପରିଦର୍ଶନ

**ଚାରିଛକ,୧୯/ଏନ୍ଏନ୍ଏସ୍:** ଚାରିଛକ ଅଞ୍ଚଳରେ ଶାନ୍ତିଶୃଙ୍ଖଳାର ଗଣେଶ ପୂଜା କରିବାକୁ ଚାରିଛକ ଥାନା ପକ୍ଷରୁ ଗତ ୨୫ ତାରିଖଦିନ ସମସ୍ତ ପୂଜାମଣ୍ଡପର କର୍ମକର୍ତ୍ତା ଓ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ଜନ ପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଗୁରୁବାର ସଂନ୍ଧ୍ୟାରେ ଚାରିଛକ ଥାନା ଅଧିକାରୀ ମମତା ବିଶ୍ୱାଳ ଚାରିଛକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ଗଣେଶ ପୂଜା ମଣ୍ଡପ ପରିଦର୍ଶନ କରିଛନ୍ତି। ଚାରିଛକ ମୁଖ୍ୟ ବଜାର,ତୁଳସୀପୁର ଗଣେଶ ବଜାର, ଅମରେଶ୍ୱର ବଜାର, ଭୋଦର, ତମ୍ପାଳୋ, ବାହାରଣା, କଳାପାଞ୍ଚଣ ଆଦି ପୂଜା ମଣ୍ଡପ ପରିଦର୍ଶନ କରିବା ସହ ଶାନ୍ତିପୂର୍ଣ୍ଣ ଭାବେ ଭଷାଣ ଉତ୍ସବ ସମାପନ କରିବାକୁ କମିଟିର କର୍ମକର୍ତ୍ତାମାନଙ୍କୁ ଅନୁରୋଧ କରିଥିଲେ। ଥାନା ଅଧିକାରୀ ଶ୍ରୀମତୀ ବିଶ୍ୱାଳଙ୍କ ସହିତ ଏସଆଇ କୃଷ୍ଣଚନ୍ଦ୍ର ପଷ୍ଟି, ଏଏସଆଇ ବୁଦ୍ଧୁରାମ ମୁର୍ମୁ,ଏଏସଆଇ କୈଳାଶ ପ୍ରଧାନ, ଏଏସଆଇ ସବିତା କୁମାରୀ ଦେବୀ, ଏଏସଆଇ ଇନ୍ଦୁଲତା ମିଶ୍ର, କନେଷ୍ଟବଳ ସୁପ୍ରସାଦ ନାୟକ,ରାମଚନ୍ଦ୍ର ଟୁଡୁ, ଭାଗୀରଥି ସ୍ୱାଇଁ, ପ୍ରମୋଦ କୁମାର ପୃଷ୍ଟି, ବୈଦନାଥ ବେହେରା, ରଂଜନ ବେହେରା, ବୈକୁଣ୍ଠ ନାଥ ସ୍ୱାଇଁ ପ୍ରମୁଖ ସାମିଲଥିଲେ। ପୂଜା ସମୟରେ ରାତ୍ର ପାଟ୍ରୋଲିଂ କଡାକଡି କରାଯାଉଥିବା ବେଳେ ଚାରିଛକ ବଜାର ଟ୍ରାଫିକ୍ ସମସ୍ୟା ଠିକ୍‌ଠାକ୍ ଥିବା ଏବଂ ସମସ୍ତ ପୂଜା ମଣ୍ଡପରେ ଶାନ୍ତିଶୃଙ୍ଖଳାର ସହ ପୂଜାକାର୍ଯ୍ୟ ଚାଲିଥିବା ନେଇ ଥାନା ଅଧିକାରୀ ପ୍ରକାଶ କରିଛନ୍ତି।

## ଓଡ଼ିଶୀ ନୃତ୍ୟଗୁରୁ ସଂଗୀତା ଛୋଟରାୟଙ୍କୁ ପଦ୍ମାବତୀ ରାଷ୍ଟ୍ରୀୟ ପୁରସ୍କାର



**ବାଲିଅନ୍ତା,୧୯/ଏନ୍ଏନ୍ଏସ୍:** ରାଜଧାନୀ ଉପକଣ୍ଠ ଗୁଆଳି ମୌଜାର ସୂର୍ଯ୍ୟ ଗୁରୁକୁଳର ଓଡିଶୀ ନୃତ୍ୟଗୁରୁ ସଂଗୀତା ଛୋଟରାୟଙ୍କୁ ଭୁବନେଶ୍ୱର ଭଞ୍ଜ କଳାମଣ୍ଡପରେ ଆୟୋଜିତ ଶ୍ରୀଜୟଦେବ ରାଷ୍ଟ୍ରୀୟ ସମାରୋହରେ 'ପଦ୍ମାବତୀ ରାଷ୍ଟ୍ରୀୟ ପୁରସ୍କାର' ପ୍ରଦାନ କରାଯାଇଛି। ଶ୍ରୀ ଜୟଦେବ ରାଷ୍ଟ୍ରୀୟ ସମାରୋହରେ ଦେଶର ବିଭିନ୍ନ ରାଜ୍ୟରୁ ଆସିଥିବା କଳାକାରମାନେ ସେମାନଙ୍କର କଳା ପ୍ରଦର୍ଶନ କରିଥିବା ବେଳେ କଟକ ସଦର ଅନ୍ତର୍ଗତ ଗୁଆଳି ମୌଜାରେ ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ସୌଭାଗ୍ୟ ନାରାୟଣ ଛୋଟରାୟଙ୍କ ନିର୍ଦ୍ଦେଶନାରେ ସୂର୍ଯ୍ୟ ଗୁରୁକୁଳର ଛାତ୍ରୀମାନେ ଚିତାକର୍ଷକ ଓଡ଼ିଶାର ନିଜସ୍ୱ ଓଡ଼ିଶୀ ନୃତ୍ୟ ପରିବେଷଣ କରି ମଣ୍ଡପରେ ଭରପୁର ଦର୍ଶକଙ୍କୁ ବିମୋହିତ କରି ଦେଇଥିଲେ। ସନ୍ଧ୍ୟାର ମୁଖ୍ୟଅତିଥି ହିସାବରେ ଦୁଷ୍ମନ୍ତ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଦେବବ୍ରତ ସାହୁ, ମୋହିନୀ ଚକ୍ରବର୍ତ୍ତୀ, ବାବା ପ୍ରଫୁଲ୍ଲ ମହାରାଜଙ୍କ ସମେତ ସମାରୋହର କର୍ମକର୍ତ୍ତାମାନେ ସଂଗୀତାଙ୍କୁ ଉପାଧି ଫଳକ, ଉପଢୌକନ ଦେଇ ପୁରସ୍କୃତ କରିଥିଲେ।

## ଟ୍ରିପଲ୍ 'ଏ'ରେ ରକ୍ତଦାନ ଶିବିର

**ଖୋର୍ଦ୍ଧା,୧୯/ଏନ୍ଏନ୍ଏସ୍:** ଶନିବାର ଖୋର୍ଦ୍ଧାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଟ୍ରିପଲ 'ଏ'ରେ ରକ୍ତଦାନ ଶିବର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରଟି ବିଦ୍ୟାଳୟର ଜୁନିଅର ରେଡକ୍ରସ ଓ ଖୋର୍ଦ୍ଧା ଜିଲ୍ଲାମୁଖ୍ୟ ଚିକିତ୍ସାଳୟର ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର କର୍ମକର୍ତ୍ତା ଓଅଭିଭାବକମାନେ ପ୍ରାୟ ୪୫ ୟୁନିଟ୍ ରକ୍ତଦାନ କରିଥିଲେ। ରକ୍ତଦାନ ମହତଦାନ ଓ ଜୀବନଦାନ ଏହି ବାର୍ତ୍ତା ସମସ୍ତଙ୍କୁ ଏଭଳି ଏକ ମହତ କାର୍ଯ୍ୟ ପାଇଁ ପ୍ରେରଣା ଯୋଗାଇଥିଲା। ଦୀର୍ଘ ୫ଘଣ୍ଟା ଧରି ଚାଲିଥିବା ଏହି ପ୍ରୟାସ ପାଇଁ ବିଦ୍ୟାଳୟର ପ୍ରତିଷ୍ଠାତା ଡାକ୍ତର ନନ୍ଦକିଶୋର ପଟ୍ଟନାୟକ ଓ ଅଧ୍ୟକ୍ଷା ଡ. ଦିପ୍ତିମୟୀ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ବିଦ୍ୟାଳୟ ରେଡକ୍ରସ୍ ମୁଖ୍ୟ ଦିବାକର ପାଇକରାୟଙ୍କ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିଲା।

## ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍‌ରେ ପୁରୀ ପ୍ରଶାସନ ଏକାଦଶ ବିଜୟୀ

**ପୁରୀ,୧୯/ଏନ୍ଏନ୍ଏସ୍:** ଜାତୀୟ କ୍ରିଡା ଦିବସ ଓ ପୁରୀ ପୌରପାଳିକା ର ସ୍ୱାୟତ ଶାସନ ଦିବସ ପାଳନ ଅବସରରେ ଆୟୋଜିତ ଏକ ବନ୍ଧୁତ୍ୱ ପୂର୍ଣ୍ଣ କ୍ରିକେଟ ମ୍ୟାଚ ରେ ପ୍ରଶାସନ ଏକାଦଶ ବିଜୟୀ ହୋଇଛି। ଶ୍ରୀ ଜଗନ୍ନାଥ କ୍ରିକେଟ ଷ୍ଟାଡିୟମ ଠାରେ ଆୟୋଜିତ ଏହି ମ୍ୟାଚ ପ୍ରଶାସନ ଏକାଦଶ ଓ ପୌରପାଳିକା ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ଜିଲ୍ଲା ପ୍ରଶାସନ ୫ ୱିକେଟ ହରାଇ ୧୨୫ ରନ କରିଥିଲେ। ଏହାକୁ ପିଛା କରି ପୌର ଏକାଦଶ ୮୯ ରନରେ ସମସ୍ତ ୱିକେଟ ହରାଇ ଥିଲେ। ଏଥିରେ ଉପ ଜିଲ୍ଲାପାଳ ରାଜ କିଶୋର ଜେନା ୩୧ରନ କରିବା ସହ ୨ଟି ଷ୍ଟମ୍ପିଂ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଜିଲ୍ଲା ପ୍ରଶାସନ ତରଫରୁ ଗୋପାଳ ଗୁରୁ ୨୯ରନ କରି ଥିବା ବେଳେ ସନ୍ତୋଷ ବରାଳ ୩ଟି ୱିକେଟ ନେଇଥିଲେ। ପୌର ପାଳିକା ଏକାଦଶ ପକ୍ଷରୁ ରଜନୀକାନ୍ତ ମଙ୍ଗରାଜ ୨୬ରନ କରିବା ସହ ୨ଟି ୱିକେଟ ନେଇ ଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ ଜିଲ୍ଲା ପ୍ରଶାସନ ଏକାଦଶର ନେତୃତ୍ୱ ନେଇଥିବା ବେଳେ ପୌରପାଳିକା ଏକାଦଶର ନେତୃତ୍ୱ ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ନେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ସେକ୍ରେଟାରୀ ଦିଲ୍ଲୀପ କୁମାର ମହାରଣା, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ସହକାରୀ ଜିଲ୍ଲାପାଳ କୃଷ୍ଣ ଚନ୍ଦ୍ର ମହାପାତ୍ର, ତନ୍ମୟ ଦାସ, ଅନ୍ୟାନ୍ୟ ଅଧିକାରୀ ଓ ପୌର ପାଳିକା କର୍ମଚାରୀମାନେ ଯୋଗଦେଇଥିଲେ। ବିଜେତା ଓ ଉପ ବିଜେତା ଦଳକୁ ସ୍ୱାୟତ୍ତ ଶାସନ ଦିବସରେ ଟାଉନ୍‌ହଲ୍‌ଠାରେ ପୁରସ୍କୃତ କରାଯିବ ବୋଲି ପୌର ନିର୍ବାହୀ ଅଧିକାରୀ ଶ୍ରୀ ବେହେରା ସୂଚନା ଦେଇଥିଲେ।

## ତାଳଚେର-ଗୋପାଳପୁର ରେଳପଥ ନିର୍ମାଣର ଶେଷ କେବେ

**କଣ୍ଟିଲୋ,୧୯/ଏନ୍ଏନ୍ଏସ୍:** ଭାରତୀୟ ରେଳ ବିଭାଗ କମ୍ ରାସ୍ତା(ସଟେଷ୍ଟ ୱୟେ) ଓ ସ୍ୱଳ୍ପ ସମୟ ମଧ୍ୟରେ ତାଳଚେର ଠାରୁ ଗୋପାଳପୁର ବନ୍ଦର ପର୍ଯ୍ୟନ୍ତ ପରିବହନର ବ୍ୟବସ୍ଥାର ସୁବିଧା ପାଇଁ ରେଳପଥ ନିର୍ମାଣ ସକାଶେ ତିନି ତିନି ଥର ଯଥାକ୍ରମେ ୧୯୯୦, ୧୯୯୭ ଓ ୨୦୦୩ ମସିହାରେ ସର୍ଭେ କାର୍ଯ୍ୟ ଶେଷ କରି ଆବଶ୍ୟକୀୟ ତଥ୍ୟ ମାନ ସରକାରଙ୍କ ନିକଟରେ ମହଜୁଦ ହୋଇ ରହିଛି। ଅଥଚ ଆଜ ସୁଦ୍ଧା ରେଳପଥ ନିର୍ମାଣ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇ ନଥିବାରୁ ଲକ୍ଷ୍ୟ ଲକ୍ଷ୍ୟ ଜନ ସାଧାରଣ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଦ୍ୱିତୀୟତଃ ୨୦୨୪ ମସିହା ସାଧାରଣ ନିର୍ବାଚନ ପୂର୍ବରୁ ଜାନୁଆରୀ ମାସ ୬ ତାରିଖରେ ଭାରତୀୟ ରେଳମନ୍ତ୍ରୀ ମାନନୀୟ ଅଶ୍ୱିନୀ ବୈଷ୍ଣବ ମହାଶୟ କଣ୍ଟିଲୋ ଗାନ୍ଧୀ ପାର୍କ ରେ କରିଥିବା ମିଟିଂ ରେ ପ୍ରତିଶ୍ରୁତି ଦେଇଥିଲେ ଯେ ଖୁବ୍‌ଶୀଘ୍ର ତାଳଚେର ଗୋପାଳପୁର ରେଳପଥ ନିର୍ମାଣ ଆରମ୍ଭ ହେବାକୁ ଯାଉଛି। ଯେହେତୁ ଉକ୍ତ ରେଳପଥ କଣ୍ଟିଲୋ ଖଣ୍ଡପଡ଼ା ଅଞ୍ଚଳ ଦେଇ ଯିବା ପାଇଁ ଦସ୍ତାବିଜ୍ ପ୍ରସ୍ତୁତ ହୋଇଛି, ସେଥିପାଇଁ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀର ଅଧିବାସୀ ମାନେ ପ୍ରଭାବିତ ହୋଇ ପ୍ରଥମ ଥର ପାଇଁ ବିଜେପି ପ୍ରାର୍ଥୀ ବିଧାୟକଙ୍କୁ ଭୋଟ ଦେଇ ନିର୍ବାଚିତ କରିଥିଲେ। କିନ୍ତୁ ନିର୍ବାଚନ ପରେ ମନ୍ତ୍ରୀ ମହାଶୟଙ୍କ ଭାଷଣ କେବଳ ଫାଙ୍କା ପ୍ରତିଶ୍ରୁତି ବୋଲି ସାଧାରଣ ଜନତା ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଯେ, ଏହି ପ୍ରକଳ୍ପ ନିର୍ମାଣ ପାଇଁ ଟୋକନ ମନି ଭାବେ ୨୦୧୮-୧୯ ଆର୍ଥିକ ବର୍ଷ ଠାରୁ ୨୦୨୦-୨୧ ମଧ୍ୟରେ ମୋଟ ୨୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ନଜିର ଅଛି। ବର୍ତ୍ତମାନ ଲକ୍ଷ ଲକ୍ଷ ଜନତା ଅଭିଯୋଗ କରୁଛନ୍ତି ଯେ, ଏହି ରେଳପଥ ନିର୍ମାଣ କାର୍ଯ୍ୟ କେବେ ଆରମ୍ଭ ହେବ ନା କେବଳ ବିଜେପି ସରକାରଙ୍କ ଫାଙ୍କା ପ୍ରତିଶ୍ରୁତି। ତେଣୁ ଯଥାଶୀଘ୍ର ଉକ୍ତ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଅଧିବାସୀ ନୟାଗଡ଼ ଜିଲ୍ଲାପାଳ ଓ ଖଣ୍ଡପଡ଼ା ବିଧାୟକଙ୍କ ମାଧ୍ୟମରେ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଛନ୍ତି।

# ଯୁଗ୍ମ ଜନଅଭିଯୋଗ ଶୁଣାଣି: ୩ ତତ୍କାଳ ସମାଧାନ



**ଜଗତ୍‌ସିଂହପୁର,୧୯/ଏନ୍‌ଏନ୍‌ଏସ୍:** ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ କୁଜଙ୍ଗ ବ୍ଲକ କାର୍ଯ୍ୟାଳୟ ପରିସରରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଜିଲ୍ଲାପାଳ ଜେ ସୋନାଲ ଓ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ଶୁଣାଣି ନିମନ୍ତେ ମୋଟ୍ ୧୧୬ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀତ ୧୦୫ ଗୋଟି ଓ ଗୋଷ୍ଠୀଗତ ସମସ୍ୟା/ ଗ୍ରାମ୍ୟ ସମସ୍ୟା ସମ୍ପର୍କୀତ ୧୧ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା । ତେବେ ୧୦୫ଟି ବ୍ୟକ୍ତିଗତ ସମସ୍ୟା ମଧ୍ୟରୁ ୧୪ଟି ରେସନ କାର୍ଡ ସମ୍ବନ୍ଧୀୟ, ୧୭ ଗୋଟି ଆବାସ ଯୋଜନା ସମ୍ବନ୍ଧୀୟ, ୧୮ଟି ଜମି ଜମା ସମ୍ବନ୍ଧୀୟ, ଭତ୍ତା ସମ୍ବନ୍ଧୀୟ ୧୭ ଟି, ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ସହାୟତା ପାଇଁ ୨ଟି, ପୁଲିସ ସହାୟତା ୨ଟି ଓ ଅନ୍ୟାନ୍ୟ ୩୨ ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ତେବେ ସେଥିମଧ୍ୟରୁ ୩ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ଏହି ଯୁଗ୍ମ ଜନଅଭିଯୋଗ ଶୁଣାଣିରେ ଜଗତସିଂହପୁର ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଜିଲ୍ଲାପରିଷଦର ମୁଖ୍ୟ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, କୁଜଙ୍ଗ ବିଡିଓ ଦୀପକ ପ୍ରସାଦ ସ୍ବାଇଁ, ଜିଲ୍ଲାସ୍ତରୀୟ ବହୁ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ ।

### ଗଣେଶ ପୂଜା ଉପଲକ୍ଷେ ପ୍ରଥମ ଥର ଲଡ୍ଡୁ ନିଲାମ

# ୬୫ ହଜାରରେ ନେଲେ ବାଜିଚୌକ କମିଟି



**ଢେଙ୍କାନାଳ,୧୯/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଗଣେଶ ପୂଜା ଉପଲକ୍ଷେ ପ୍ରଥମ ଥର ପାଇଁ ଗଜାନନଙ୍କ ପାଖରେ ଭୋଗ ଲାଗି ହୋଇଥିବା ଲଡ୍ଡୁ ନିଲାମ ହୋଇଛି । ୬୫ ହଜାର ଟଙ୍କା ମୂଲ୍ୟରେ ଏହି ଲଡ୍ଡୁ ଲଡ୍ଡୁ ନିଲାମ ହୋଇଥିଲା । ନିଲାମ ଧାରୀ ଭାବେ ବାଜି ଚୌକ ଗଣେଶ ପୂଜା କମିଟି ଏହି ଲଡ୍ଡୁକୁ ନିଲାମରେ ନେଇଥିଲେ । ଢେଙ୍କାନାଳ ମିଳିତ ଗଣେଶ ପୂଜା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପ୍ରଥମ ଥର ଶ୍ରୀ ଶ୍ରୀ ଗଜାନନ ପୂଜା ଉପଲକ୍ଷେ ଲଡ୍ଡୁ ନିଲାମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ପୂଜା ପ୍ରତିଷ୍ଠାନ କ୍ଲବ ପକ୍ଷରୁ ନିଲାମ ବଢ଼ିଥିଲେ ଶେଷ ନିଲାମ ଧାରୀ ଭାବେ ସମାଜସେବୀ ରାମଚନ୍ଦ୍ର ପାତ୍ର( ବାଜି ଚୌକ ଗଣେଶ ପୂଜା କମିଟି )୬୫ ହଜାର ଟଙ୍କା ପର୍ଯ୍ୟନ୍ତ ଯାଇ ନିଲାମ ଲଡ୍ଡୁକୁ ଅତିଥିମାନଙ୍କ ଠାରୁ ଗ୍ରହଣ କରିଥିଲେ ।

# ବାୟା ବାବା ଆଶ୍ରମରେ ରାଧାଷ୍ଟମୀ ଉତ୍ସବ



**କେନ୍ଦ୍ରାପଡ଼ା,୧୯/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଫୋରଡ ସ୍ଥିତ ନାମାଚାର୍ଯ୍ୟ ବାୟା ବାବାଙ୍କ ଦ୍ୱାରା ସଂସ୍ଥାପିତ ପୁଣ୍ୟତୋୟା ଗୋବରୀ ନଦୀ ତଟରେ ଥିବା ବାୟା ଆଶ୍ରମରେ ରାଧାଷ୍ଟମୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଆଶ୍ରମର ମହନ୍ତ ହୃଷୀକେଶ ଦାଶ ମହାରାଜଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଭବ୍ୟ ଉତ୍ସବରେ ରାଧାଙ୍କ ସହିତ ଶ୍ରୀକୃଷ୍ଣଙ୍କୁ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା କରାଯାଇଥିଲା । ଶତାଧିକ ଶ୍ରଦ୍ଧାଳୁ ଆଶ୍ରମରେ ଉପସ୍ଥିତ ରହି ଶ୍ରୀରାଧାକୃଷ୍ଣଙ୍କୁ ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ । ଦିନସାରା ଆଶ୍ରମରେ ଭଜନ ଓ ସଙ୍କୀର୍ତ୍ତନ ଲାଗି ରହିଥିଲା । ଏହି ଅବସରରେ ଭାବଗ୍ରାହୀ କଳା ନିକେତନର ସମ୍ପାଦକ ବିମଳ ପ୍ରସାଦ ପରିଡାଙ୍କ ସମେତ କୈଳାସ ଜେନା, ଶିବାନନ୍ଦ ପ୍ରଧାନ, ଗଙ୍ଗାଧର ଜେନା, ପର୍ଶୁରାମ ପ୍ରଧାନ, ବୀରବର ଜେନା, ବାନାମ୍ବର ଜେନା, ପିଣ୍ଟୁ ମୁଦୁଲି, ବାବାଜୀ ଦୀନବନ୍ଧୁ ଦାଶ, କୈଳାସ ରାଉତ, ବାବାଜୀ ବିଶ୍ୱନାଥ ଦାଶ, ସମାଜସେବୀ ମନୋଜ ପଣ୍ଡା, ହୃଷୀକେଶ ଜେନା, କୋରୋ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ସମ୍ପାଦକ ସୀତାକାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ମହନ୍ତ ହୃଷୀକେଶ ଦାଶ ବାବାଜୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ ବିଶ୍ୱର କଲ୍ୟାଣ ପାଇଁ ଶ୍ରୀରାଧାକୃଷ୍ଣଙ୍କ ଶୁଭ ଆଶୀର୍ବାଦ କାମନା କରିଥିଲେ ।

# ନାଟକ ମହୋତ୍ସବରେ ଇଫ୍‌କୋ ଲେଡିଜ୍ କ୍ଲବ୍‌ର ସଫଳ

**ପାରାଦୀପ,୧୯/ଏନ୍‌ଏନ୍‌ଏସ୍:** ପାରାଦୀପର ଜୟଦେବ ସଦନ ଠାରେ ଗତ ଅଗଷ୍ଟ ୩୦ ତାରିଖରେ ମାନନୀୟା ମହିଳା ସମାନତା ଦିବସ ନାଟକ ମହୋତ୍ସବ ଦ୍ୱାରା ଆୟୋଜିତ ଆନ୍ତଃ କ୍ଲବ୍ ନାଟକ ପ୍ରତିଯୋଗିତାରେ ଇଫ୍‌କୋର ଜ୍ୟୋତି ଲେଡିଜ୍ କ୍ଲବ୍ ଉଚ୍ଚ କୋଟିର ପ୍ରତିଭା ପ୍ରଦର୍ଶନ କରି ସଫଳତା ଅର୍ଜନ କରିଛି । ସୃଜନଶୀଳତା ଓ ଦଳଗତ ଭାବେ ଚମତ୍କାର ନାଟକ ପ୍ରଦର୍ଶନରେ କ୍ଲବ୍ ଅନେକ ପୁରସ୍କାର ହାସଲ କରିଛି । ଶ୍ରେଷ୍ଠ ନାଟକ, ପୋଷାକ, ଅଭିନେତ୍ରୀରେ ଦୁଇଟି, ସହାୟକ ଅଭିନେତା ପୁରସ୍କାର ସହ, କ୍ରୀଡା ଚମ୍ପିୟନ ଟ୍ରଫି ଏବଂ ମାନନି ଚମ୍ପିୟନ ଟ୍ରଫିହାସଲ କରି ଜ୍ୟୋତି ଲେଡିଜ୍ କ୍ଲବ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଛି । ଏହି ସଫଳତା କ୍ଲବ୍‌ର କଳାତ୍ମକ ପ୍ରତିଭାକୁ ପ୍ରକାଶ କରିବା ସହିତ ସେମାନଙ୍କର କ୍ରୀଡା ମନୋଭାବ ଏବଂ ଦଳଗତ କାର୍ଯ୍ୟକୁ ପ୍ରକାଶ କରେ । କ୍ଲବ୍‌ର ସଭାନେତ୍ରୀ ସନ୍ଦୀପା ସୁଚରିତା ରଥ ଓ ସମ୍ପାଦିକା ଲିପିକା ଦଳାଇଙ୍କ ଦକ୍ଷ ନେତୃତ୍ୱ ଏବଂ ସମସ୍ତଙ୍କ ପୂର୍ଣ୍ଣ ସମର୍ଥନରେ ଏହି ସଫଳତା ସମ୍ଭବ ହୋଇପାରିଛି ।

# ବିଧାୟକଙ୍କ ଦ୍ୱାରା ମାରାଥନ୍ ଶିଳାନ୍ୟାସ



**ଧର୍ମଶାଳା,୧୯/ଏନ୍‌ଏନ୍‌ଏସ୍:** ଧର୍ମଶାଳା ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ଆଜି ବିଧାୟକଙ୍କ ଦ୍ୱାରା ପ୍ରକଳ୍ପଗୁଡିକର ଶିଳାନ୍ୟାସ ଅନୁଷ୍ଠିତ ହୋଇଯାଇଛି । ଆଜି ପୂର୍ବାହ୍ନରେ ବିଧାୟକ ହିମାଂଶୁ ଶେଖର ସାହୁ ଅରେଇକଣା ଠାରେ ପହଞ୍ଚି ପୂର୍ତ୍ତ ବିଭାଗ ପକ୍ଷରୁ ହେବାକୁ ଥିବା ବାଲିଚନ୍ଦ୍ରପୁର-ବରୁହାଁ ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟର ଶିଳାନ୍ୟାସ କରିଥିଲେ । ପରେ ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇଥିବା ସୁନାରୀ ଠାରୁ ଶେଣ୍ଟପୁର ପର୍ଯ୍ୟନ୍ତ ନୂତନ ରାସ୍ତାର ଭିତିପ୍ରସ୍ତର ସ୍ଥାପନ କରିଥିଲେ । ପରେ ଜାରକା ଜଳସେଚନ ବିଭାଗ ପକ୍ଷରୁ ୧୪ନଂ ହାଇଲେବୁଲ କେନାଲର ଦୀର୍ଘ ୩.୫ କିଲୋମିଟର ପର୍ଯ୍ୟନ୍ତ କେନାଲର ପୁନରଉଦ୍ଧାର କାର୍ଯ୍ୟର ଶିଳାନ୍ୟାସ କରିଥିଲେ । ସେଠାରେ ଜାରକା ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଶିଶିର କୁମାର ଦାସ ଓ ସହକାରୀ ନିର୍ବାହୀଯନ୍ତ୍ରୀ ସବ୍ୟସଚିନ ବିଶ୍ୱାଳ ପ୍ରମୁଖ ପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସେହିପରି ଜାରକା ଠାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣ ହେବାକୁଥିବା ବ୍ଲକ ଶିକ୍ଷାଧିକାରୀଙ୍କ ନୂତନ ଗୃହର ଶିଳାନ୍ୟସ କରିଥିଲେ । ତେବେ ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ଆଗକୁ ଉନ୍ନତିକରଣ ଓ ନୂତନ ପ୍ରକଳ୍ପର କାର୍ଯ୍ୟଗୁଡିକ ଦ୍ରୁତ ଗତିରେ ଆଗେଇ ଚାଲିବ ବୋଲି ବିଧାୟକ ଶ୍ରୀ ସାହୁ କହିଛନ୍ତି । ଏହି ସମସ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଜେପି କର୍ମୀମାନେ ଉପସ୍ଥିତ ରହି ପରିଚାଳନା କରିବାରେ ସହଯୋଗ କରିଥିଲେ ।

### ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଉତ୍ତେଜନା

# ଆମ୍ବୁଲାନ୍ସରେ ଅକ୍ସିଜେନ୍ ଅଭାବରୁ ଚାଲିଗଲା ମହିଳାଙ୍କ ଜୀବନ




**ଜଗତ୍‌ସିଂହପୁର,୧୯/ଏନ୍‌ଏନ୍‌ଏସ୍:** ରବିବାର ବିଳମ୍ବିତ ରାତ୍ରରେ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଜଣେ ଗୁରୁତର ମହିଳାଙ୍କୁ ଓଡି-୩୩ଆର୍-୩୧୩୦ ନଂ ବିଶିଷ୍ଟ ଏକ ଘରୋଇ ଆମ୍ବୁଲାନ୍ସ ଜରିଆରେ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରିବା ସମୟରେ ବାଟରେ ମହିଳାଙ୍କ ମୃତ୍ୟୁ ହୋଇଥିଲା । ଯାହାକୁ ନେଇ ଆମ୍ବୁଲାନ୍ସ ଚାଳକ ମୃତ ମହିଳାଙ୍କୁ ନେଇ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟକୁ ଫେରି ଆସିଥିଲେ । ତେବେ ଆମ୍ବୁଲାନ୍ସରେ ଅକ୍ସିଜେନ୍ ବ୍ୟବସ୍ଥା ନଥିବାରୁ ମହିଳାଙ୍କ ଶ୍ୱାସକ୍ରୀୟାରେ ବାଧା ସୃଷ୍ଟି ହୋଇ ମୃତ୍ୟୁବରଣ କରିଥିବା ମହିଳାଙ୍କ ସମ୍ପର୍କୀୟ ଓ ତାଙ୍କ ସ୍ୱାମୀ ଜିଲ୍ଲାର ସୁପରିଚିତ ବରିଷ୍ଠ ଆଇନଜୀବୀ ପିତାମ୍ବର ପଣ୍ଡା ଅଭିଯୋଗ କରିଛନ୍ତି । ଯାହାକୁ ନେଇ ଘଟଣାସ୍ଥଳରେ ଅନେକ ଉତ୍ୟକ୍ତ ହୋଇ ଆମ୍ବୁଲାନ୍ସକୁ ଭାଙ୍ଗୀରୁଜା କରିବା ସହ ଚାଳକଙ୍କୁ ମାରିବା ପାଇଁ ଉଦ୍ୟମ କରିବା ପୂର୍ବରୁ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । ଘଟଣା ସମ୍ପର୍କରେ ସଦର ପୁଲିସ ଖବର ପାଇ ଘଟଣାସ୍ଥଳରେ ଉତ୍ତେଜନାକୁ ଆୟତ କରିବା ସହିତ ଆମ୍ବୁଲାନ୍ସକୁ ଥାନାକୁ ନେଇ ଯାଇଥିବା ଜଣାଯାଇଛି । ତେବେ ଏ ସମ୍ପର୍କରେ ଥାନାରେ ଅଭିଯୋଗ କରା ଯାଇଥିବା ଜଣାଯାଇଛି । ଅପରପକ୍ଷରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଜିଲ୍ଲାର ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିୟୋଜିତ ହୋଇଥିବା ଅନେକ ଆମ୍ବୁଲାନ୍ସର କାଗଜ ପତ୍ର ଠିକ୍ ନଥିବା ଜଣାଯାଇଛି । କେବଳ ବ୍ୟବସାୟୀକ ଉଦ୍ଦେଶ୍ୟରେ ରୋଗୀଙ୍କ ଠାରୁ ମନଇଚ୍ଛା ଅର୍ଥ ଶୋଷଣ କରୁଥିବା ଜଣାଯାଇଛି । ଏପରିକି ଆମ୍ବୁଲାନ୍ସରେ ଆବଶ୍ୟକୀୟ ସରଞ୍ଜାମ ନଥାଇ କିପରି ସେମାନଙ୍କୁ ଫିଟ୍‌ନେସ ଦିଆ ଯାଉଛି ତାହା ସାଧାରଣରେ ଚକିତ କରିବା ସହିତ ଆଇନଜୀବୀ ଶ୍ରୀ ପଣ୍ଡା ଅଭିଯୋଗ କରିଛନ୍ତି । ପ୍ରକାଶ, ଜିଲ୍ଲାର ସୁପରିଚିତ ବରିଷ୍ଠ ଆଇନଜୀବୀ, ସଦର ଥାନା ଅନ୍ତର୍ଗତ ଅଁଳା ପଞ୍ଚାୟତ ବ୍ରାହ୍ମଣଖଣ୍ଡ ଗ୍ରାମର ପିତାମ୍ବର ପଣ୍ଡାଙ୍କ ପତ୍ନୀ କମଳା ପଣ୍ଡା, ରବିବାର ବିଳମ୍ବିତ ରାତ୍ରରେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବା ନେଇ ପରିବାର ଲୋକେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନଇେ ଆସିଥିଲେ । ମୁଖ୍ୟ ଚିକିତ୍ସାଳୟରେ କାର୍ଡିଓଲୋଜି ବିଭାଗରେ ସେପରି କିଛି ବ୍ୟବସ୍ଥା ନଥିବାରୁ ଜରୁରୀକାଳିନ ଦାୟିତ୍ୱରେ ଥିବା ଡାକ୍ତର ଶ୍ରୀମତୀ ପଣ୍ଡାଙ୍କୁ ପ୍ରାଥମିକ ଚିକିତ୍ସା କରାଇ ୧୦୮ ଆମ୍ବୁଲାନ୍ସରେ ତୁରନ୍ତ କଟକ ନେଇଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ହେଲେ ୧୦୮ ଆମ୍ବୁଲାନ୍ସ ଆସିବା ବିଳମ୍ବ ହେବା ନେଇ, ପରିବାର ଲୋକେ ଉପରୋକ୍ତ ଓଡି-୩୩ଆର୍-୩୧୩୦ ନଂ ବିଶିଷ୍ଟ ଏକ ଘରୋଇ ଆମ୍ବୁଲାନ୍ସରେ ନେବା କଟକ ନେଇଥିଲେ । ହେଲେ ବାଟରେ ପିଡିତାର ଶ୍ୱାସକ୍ରିୟାରେ ବାଧା ସୃଷ୍ଟି ହେବା ନେଇ ଅକ୍ସିଜେନର ଆବଶ୍ୟକତା ପଡିଥିଲା । କିନ୍ତୁ ଆମ୍ବୁଲାନ୍ସରେ ୩ଟି ଅକ୍ସିଜେନ ସିଲିଣ୍ଡର ଥିଲେ ମଧ କୌଣସିଥିରେ ଅକ୍ସିଜେନ ନଥିବା ଚାଳକ କରିବା ପରେ ଆମ୍ବୁଲାନ୍ସରେ ଥିବା ପୀଡିତାର ପରିବାର ଲୋକେ ଉତ୍ୟକ୍ତ ହୋଇଯାଇଥିଲେ । ହେଲେ ଆମ୍ବୁଲାନ୍ସ କଟକରେ ପହଞ୍ଚିବା ପୂର୍ବରୁ ଜଗତସିଂହପୁର ରାସ୍ତାରେ ପୀଡିତାଙ୍କ ପ୍ରାଣବାୟୁ ଉଡିଯାଇଥିବା ପିଡିତାଙ୍କ ସ୍ୱାମୀ ବରିଷ୍ଠ ଆଇନଜୀବୀ ଶ୍ରୀ ପଣ୍ଡା ଅଭିଯୋଗ କରିଛନ୍ତି ।

# ଗଣେଶ ଭସାଣ, ଡିଜେ ସାଉଣ୍ଡରେ କମ୍ପିଲା ସହର




**କେନ୍ଦ୍ରାପଡ଼ା,୧୯/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ସହରରେ ଗଣେଶ ଭସାଣ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି । ତେଣୁ ବିଭିନ୍ନ ଗଣେଶ ପୂଜା କମିଟି ପକ୍ଷରୁ ବିଦ୍ୟାଦାତା ଗଣେଶଙ୍କ ମୂର୍ତ୍ତିକୁ ଭସାଣ ଶୋଭାଯାତ୍ରାରେ ବାହାରିବା ପାଇଁ ପ୍ରସ୍ତୁତ କରାଯାଇଥିଲା । ସନ୍ଧ୍ୟାରେ ବିଭିନ୍ନ ଗଣେଶ କମିଟି ପକ୍ଷରୁ ମେଢଗୁଡିକ ଶୋଭାଯାତ୍ରାରେ ବାହାରିଥିଲା । ଯୁବକମାନେ ଡିଜେର ତାଳେ ତାଳେ ନୃତ୍ୟଗୀତରେ ମତୁଆଲା ହୋଇ ଉଠିଥିଲେ । ମୋଟ ୨୯ଟି ମେଢ ମଧ୍ୟରୁ ୧୧ଟି ମେଢ ପୁରୁଣା ବସଷ୍ଟାଣ୍ଡ ଦେଇ ସହର ପରିକ୍ରମା କରି ନୂଆ ବସଷ୍ଟାଣ୍ଡ ବିସର୍ଜନ ଘାଟ ପର୍ଯ୍ୟନ୍ତ ଆସିଥିଲେ । ନୂଆ ବସଷ୍ଟାଣ୍ଡ ନିକଟ ଗୋବରୀ ନଦୀରେ ସେହି ମେଢ ଗୁଡିକର ମୂର୍ତ୍ତିଗୁଡିକୁ ବିସର୍ଜନ କରାଯାଇଥିଲା । ସେହିପରି ଅନ୍ୟ ୧୮ ଟି ମେଢ ସହର ପରିକ୍ରମା କରିବା ପରେ ସାନ୍ତସାହି ପୋଲ ଅଭିମୁଖେ ଯାଇଥିଲା । ସେଠାରେ ଗୋବରୀ କେନାଲରେ ମୂର୍ତ୍ତିଗୁଡିକୁ ବିସର୍ଜନ କରାଯାଇଥିଲା । ଗଣେଶ ଭସାଣୀ ଉତ୍ସବର ସୁପରିଚାଳନା ପାଇଁ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆଙ୍କ ସମେତ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଦ୍ଧାକର ସାହୁ, ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ଼,ଡିଏସପି (ଡିଆଇବି) ଲକ୍ଷ୍ମୀନାରାୟଣ ତିୱାରୀ, ରିଜର୍ଭ ଇନସପେକ୍ଟର ପ୍ରଶାନ୍ତ କୁମାର ରଣସିଂହ, ଟାଉନ୍ ଥାନାଧିକାରୀ ଦିଲ୍ଲୀପ କୁମାର ସାହୁଙ୍କ ସମେତ ଜିଲ୍ଲାର ବିଭିନ୍ନ ଥାନାଧିକାରୀମାନେ ସହର ପରିକ୍ରମା କରି ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ । ଏଥିସହ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ୫୦ଜଣ ପୋଲିସ ଅଧିକାରୀ (ଡିଏସପି, ଇନିସପେକ୍ଟର, ଏସଆଇ ଓ ଏଏସ୍‌ଆଇ)ଙ୍କ ସମେତ ୨୭ ସେକ୍ସନ ପୁଲିସ ସୁରକ୍ଷା ବଳ ଓ ୪୫ଜଣ ଗୃହରକ୍ଷୀଙ୍କୁ ଭସାଣ କାର୍ଯ୍ୟରେ ମୁତୟନ କରାଯାଇଥିଲା । ପ୍ରତି ମେଢରେ ପୁଲିସ ବଳଙ୍କୁ ନିୟୋଜିତ କରାଯାଇଥିଲା । ଯାହା ଫଳରେ କୌଣସି ମେଢ ଶୋଭାଯାତ୍ରାରେ ବିଶୃଙ୍ଖଳା ହୋଇନଥିଲା । ମହିପାଳ, ବଡ଼ହାଟ, ଗୋପ, ସାନ ମଙ୍ଗଳା, ସାନ୍ତସାହି, ଖଡ଼ିଅଙ୍ଗ, ମଢିଆଳ ବଜାର, ବାଲା ବାବା, ବଣିଆମାଳ, ମୀରପାଟଣା, ଚାଟରାପାଟଣା, ମାଧପୁର ପ୍ରଭୃତି ପୂଜା କମିଟି ପକ୍ଷରୁ ଶୋଭାଯାତ୍ରାରେ ମେଢକୁ ସହର ପରିକ୍ରମା କରାଯାଇ ବିସର୍ଜନ କରାଯାଇଥିଲା । ଡିଜେ ଶବ୍ଦରେ ସହର ପ୍ରକମ୍ପିତ ହୋଇଉଠିଥିଲା । ଡିଜେ ଶବ୍ଦରେ ଯୁବକମାନେ ମତୁଆଲା ହେଉଥିଲେ । ୨୫ ଡେସିବଲ୍ ମଧ୍ୟରେ ଡିଜେ ବାଜିବ ବୋଲି ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଥିଲା । କିନ୍ତୁ ଏହାକୁ ଗଣେଶ ପୂଜା କମିଟି ପକ୍ଷରୁ ପାଳନ କରାଯାଇ ନଥିଲା । ଫଳରେ ବରିଷ୍ଠ ନାଗରିକ ଓ ଘରେ ରହି ଚିକିତ୍ସିତ ହେଉଥିବା ରୋଗୀମାନେ ବହୁ କଷ୍ଟ ଅନୁଭବ କରିଥିଲେ । ଡିଜେର ଛାତିଥରା ଶବ୍ଦ ଅନେକଙ୍କୁ ଅସ୍ୱାଭାବିକ ପରିସ୍ଥିତିରେ ପକାଇଥିଲା ।

# ସାମ୍ପ୍ରଦାୟୀକ ଦଙ୍ଗା ଓ ଭାଇଚାରା ନଷ୍ଟ ପାଇଁ ଷଡ଼ଯନ୍ତ୍ର: ବିଜେଡି

**ପଟ୍ଟାମୁଣ୍ଡାଇ,୧୯/ଏନ୍‌ଏନ୍‌ଏସ୍:** ପଟ୍ଟାମୁଣ୍ଡାଇ ସହରରେ ସାମ୍ପ୍ରଦାୟୀକ ଦଙ୍ଗା ଓ ଭାଇଚାରାକୁ ନଷ୍ଟ କରିବା ପାଇଁ ଷଡଯନ୍ତ୍ର ଚାଲିଥିବାର ଗୁରୁତର ଅଭିଯୋଗ ଆଣିଛି ପଟ୍ଟାମୁଣ୍ଡାଇ ବିଜେଡି । ଏ ସମ୍ପର୍କରେ ବିଜେଡି ପକ୍ଷରୁ ପଟ୍ଟାମୁଣ୍ଡାଇ ଥାନାରେ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇ ପୁଲିସ ଉଚ୍ଚ କର୍ତ୍ତୃପକ୍ଷଙ୍କ ହସ୍ତକ୍ଷେପ ଲୋଡ଼ାଯାଇଛି । ପଟ୍ଟାମୁଣ୍ଡାଇ ବିଜେଡି ପକ୍ଷରୁ କେନ୍ଦ୍ରାପଡା ଜିଲ୍ଲା ବିଜେଡି ସଭାପତି ଶିବ ପ୍ରସାଦ ଭୋଳଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ପହଞ୍ଚି ଏହି ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଏହି ସ୍ମାରକ ପତ୍ରରେ ସେମାନେ ଦର୍ଶାଇଛନ୍ତି ଯେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଞ୍ଚଳରେ ଦୁଇଜଣ ବ୍ୟକ୍ତିଙ୍କ ମଧ୍ୟରେ ବ୍ୟକ୍ତିଗତ ଗଣ୍ଡଗୋଳ ହୋଇଥିଲା । ଏହି ଗଣ୍ଡଗୋଳକୁ ପଟ୍ଟାମୁଣ୍ଡାଇ ଅଞ୍ଚଳର କେତେକଣ ପେଶାଦାର ଅପରାଧି ୨ ପକ୍ଷଙ୍କୁ ଉତ୍ତେଜିତ କରି ଏହାକୁ ଗୋଷ୍ଠୀ ସଂଘର୍ଷରେ ପରିଣତ କରିଥିଲେ । ଏହି ଅସାମାଜିକ ଅପରାଧୀ ଗୋଷ୍ଠୀ ଆସନ୍ତା ପୂଜାରତୁ ପୂର୍ବରୁ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଗୋଷ୍ଠୀ ସଂଘର୍ଷ ଓ ସାମ୍ପ୍ରଦାୟିକ ହିଂସା କରିବାକୁ ଷଡଯନ୍ତ୍ର କରୁଛନ୍ତି ବୋଲି ବିଜେଡି ପକ୍ଷରୁ ଅଭିଯୋଗ ହୋଇଛି । ହୀନ ରାଜନୈତିକ ଉଦ୍ଦେଶ୍ୟ ରଖି ରାଜନଗର ବିଧାୟକ ଧ୍ରୁବ ସାହୁଙ୍କୁ ବିନା କାରଣରେ ଏହି ଘଟଣା ସହ ଯୋଡି ଅପ ପ୍ରଚାର କରିବା ଅତ୍ୟନ୍ତ ଦୁର୍ଭାର୍ଗ୍ୟଜନକ ବୋଲି ବିଜେଡି ନେତାମାନେ ଅଭିଯୋଗ କରିବା ସହିତ ପୁଲିସ ଏହି ଘଟଣାର ଉପଯୁକ୍ତ ତଦନ୍ତ କରି ଉଚିତ ପଦକ୍ଷେପ ଗ୍ରହଣ କରିବା ସହିତ ପଟ୍ଟାମୁଣ୍ଡାଇ ଅଞ୍ଚଳର ବର୍ଷ ବର୍ଷର ଭାଇଚାରା ବଜାୟ ଦିଗରେ ପଦକ୍ଷେପ ନନେଲେ ବିଜେଡି ରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି । ଜିଲ୍ଲା ବିଜେଡି ସଭାପତି ଶ୍ରୀ ଭୋଳଙ୍କ ନେତୃତ୍ୱରେ ଯାଇଥିବା ପଟ୍ଟାମୁଣ୍ଡାଇ ବିଜେଡି ପ୍ରତିନିଧି ମଣ୍ଡଳୀରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ନଗର ସଭାପତି ବୁଢା ଲେଙ୍କା, ନଗର ଯୁବବିଜେଡି ସଭାପତି ଅଶୋକ ଧଳ, ଦିଲ୍ଲୀପ କୁମାର ସାହୁ, ଟୁବୁଲି ଚୌଧୁରୀ, ସଞ୍ଜୟ ଦାସ, ସୌରେନ୍ଦ୍ର ବେହେରା, ପୂର୍ବତନ ସରପଞ୍ଚ ମିନତୀ ପାତ୍ର, ନୀଲୁ ବେହେରା, ପିଣ୍ଟୁ ସେଠୀଙ୍କ ସମେତ ବହୁ ସରପଞ୍ଚ, ସମିତିସଭ୍ୟ ଓ ଶତାଧିକ କର୍ମୀ ସାମିଲ ଥିଲେ ।

# କପର୍ ତାର ଚୋରି ଅଭିଯୋଗ, ୨ କୋର୍ଟଚାଲାଣ

**ଯାଜପୁରରୋଡ,୧୯/ଏନ୍‌ଏନ୍‌ଏସ୍:** କଳିଙ୍ଗନଗର ପୁଲିସ୍ କପର ତାର ଚୋରି ଅଭିଯୋଗରେ ଆଜି ଦୁଇଜଣ ଲୁଟେରାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି । ଗିରଫ ଲୁଟେରା ବୋଲେରୋ ଗାଡି ଡ୍ରାଇଭର ବାରଗାଡ଼ିଆର ହିମାଂଶୁ ଶେଖର ଜେନା ଏବଂ ଟାଟା ଷ୍ଟିଲରେ ନିୟୋଜିତ ଇଲେକ୍ଟ୍ରିକାଲର ସୁପରଭାଇଜର ତଥା ଡୁବୁରୀର ଶିବ ଶଙ୍କର ବାରିକ । ଏ ନେଇ କେସ ନଂ ୩୦୧/ ୩୧.୮.୨୦୨୫ରେ ମାମଲା ରୁଜୁ କରିଛି । ଅପରପକ୍ଷରେ ବୋଲେରୋ ଗାଡିରେ ୭୪ କେଜି କପର ତାର ଏବଂ ୧୪ କେଜି କପର ବୋଲ୍ଟ ପୁଲିସ ଜବତ କରିଛି । ଗତକାଲି କାରଖାନା ପରିସରରୁ ଉକ୍ତ ବୋଲେରୋ ଗାଡିରେ କପର ତାର ଏବଂ ବୋଲ୍ଟ ଚୋରି କରି ଟାଟା ମୁଖ୍ୟ ଫାଟକରେ ଖସି ଯିବାକୁ ଉଦ୍ୟମ କରୁଥିବା ବେଳେ ସୁରକ୍ଷାକର୍ମୀ ହାତରେ ଧରାପଡ଼ିଥିଲେ ।

### ବନିତାଙ୍କ ହତ୍ୟା ଏବେ ବି ରହସ୍ୟ

# ଗାଁ'ରେ ଶେଷକୃତ୍ୟ ସମ୍ପନ୍ନ, ଦୁବାଇରୁ ଫେରିଲେ ସ୍ୱାମୀ



**ପଟ୍ଟାମୁଣ୍ଡାଇ,୧୯/ଏନ୍‌ଏନ୍‌ଏସ୍:** ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଥିବା ବନିତା ରାଉତ ହତ୍ୟା ଘଟଣା ଏବେବି ରହସ୍ୟ ହୋଇ ରହିଛି । ଏହି ହତ୍ୟାର ପର୍ଦାଫାଶ କରିବା ପାଇଁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୁଲିସ ସାଇଣ୍ଟିଫିକ୍ ଟିମ୍ ସହିତ ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରିଛି । ତେବେ ସନ୍ଦିଗ୍ଧ ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି । ମୃତା ବନିତାଙ୍କ ଶବ ବ୍ୟବଛେଦ ପରେ ତାଙ୍କ ଶାଶୁଘର ଗାଁ ନରେନ୍ଦ୍ରପୁରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ସୁଦୂର ଦୁବାଇରୁ ଆସି ସ୍ୱାମୀ ଅତୁଲ୍ୟ ରାଉତ ଗାଁ'ରେ ପହଞ୍ଚିଛନ୍ତି । ସୁଧ ଟଙ୍କା କାରବାରକୁ ନେଇ ହତ୍ୟାକାଣ୍ଡ ଘଟିଥିବା କୁହାଯାଉଥିବାବେଳେ କେତେକ ପରକ୍ରିୟା ପ୍ରୀତି ନେଇ ହତ୍ୟାକାଣ୍ଡ ଘଟିଥିବା ଆଲୋଚନା କରୁଛନ୍ତି । ଏହି ଘଟଣାରେ ସଂପୃକ୍ତ ଅପରାଧୀମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି ବନ୍ଦନା ପାତ୍ର ପ୍ରକାଶ କରିଛନ୍ତି । ପ୍ରକାଶ, ଗତ ୨୭ତାରିଖରୁ ନିଖୋଜ ଥିବା ବନିତାଙ୍କ ଗଳିତ ମୃତଦେହ ଗତକାଲି ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟିର ୩୧ନଂ ଭେଣ୍ଡିଜୋନ୍ କ୍ୟାବିନ୍‌ରୁ ମିଳିଛି । ପ୍ରମାଣ ନଷ୍ଟ ପାଇଁ ବନିତାଙ୍କ ମୁହଁ ଓ ଶରୀରକୁ ବିଭତ୍ସ କରାଯାଇଛି । ତଥାପି ସାଇଣ୍ଟିଫିକ୍ ଟିମ୍ ସହ ପୁଲିସ ତଦନ୍ତ ଜାରି ରଖିଛି ।


## AFFIDAVIT

By virtue of an affidavit before the Executive Magistrate, Kanika, I Amiya Kumar Satapathy, S/o Goura Hari Satapathy, Vill/ Po- Pegarpada, Ps- Rajkanika, Dist- Kendrapara declare that my son name wrongly mentioned as Srutiranjan Satpathy instead of Smruti Ranjan Satapathy in my Ex-service man Book's vide discharge book ser. No.-691/2015 and PPO no.- S/30484/2015 (Army). Henceforth he will be known as **Smruti Ranjan Satapathy** for all future purposes.

## AFFIDAVIT

By virtue of an affidavit sworn before Executive Magistrate, Puri, dated 30.08.2025, I, Rabindra Dash (Applicant Name), Address: Masjid Lane, Kumbharapada, Po: Puri, Ps: Kumbharapada, Dist: Puri, Odisha, Pin: 752002 declare that, I have changed the name of my daughter from **Sinushree Dash** (Old Name) to **Alisha Dash** (New Name). Henceforth, she shall be known as **Alisha Dash** (New Name) for all purposes.
Rabindra Dash

## ଦକ୍ଷିଣ ପୂର୍ବ ରେଳପଥ-ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଓ ପାଇଁ କାର୍ଯ୍ୟ କରୁଥିବା Sr. DEE/TRD, South Eastern Railway, Kharagpur-721301 ନିମ୍ନଲିଖିତ କାର୍ଯ୍ୟ ପାଇଁ ନିମ୍ନରେ ଉଲ୍ଲେଖ କରାଯାଇଥିବା ତାରିଖରେ ୧୫:୦୦ ଘଣ୍ଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏସମସ୍ତ ଟେଣ୍ଡର ୧୫:୩୦ ଘଣ୍ଟିକା ସମୟରେ ଖୋଲିବ । କ୍ର.ନଂ. ୧: ଟେଣ୍ଡର ନୋଟିସ୍ ନଂ.: TRD-KGP-W-2025-26-04RT1, Dated: 29.08.2025, କାର୍ଯ୍ୟ ବିବରଣୀ: ୧. [illegible] ୧୨.୦ ମିଟର ... (ଏଚ୍‌ବି) ବ୍ୟବସ୍ଥା । ଟେଣ୍ଡର ମୂଲ୍ୟ: ୧,୪୪,୩୮,୫୧୧.୮୦ /-, ଇଏମ୍‌ଡି: ୨,୨୨,୨୦୦ /-, ଟେଣ୍ଡର ଖୋଲିବା ତାରିଖ: ୨୨.୦୯.୨୦୨୫, କାର୍ଯ୍ୟ ଶେଷ କରିବା ଅବଧି: ୧୨ ମାସ, ଦାଖଲ ତାରିଖ ଓ ସମୟ: ୨୨.୦୯.୨୦୨୫, ୧୫:୦୦ ଘଣ୍ଟିକା ଯାଏ, କ୍ର.ନଂ. ୨: ଟେଣ୍ଡର ନୋଟିସ୍ ନଂ.: TRD-KGP-W-2025-26-15RT, Dated: 29.08.2025, କାର୍ଯ୍ୟ ବିବରଣୀ: [illegible] ଟେଣ୍ଡର ମୂଲ୍ୟ: ୩୦,୭୨,୮୧୨.୭୬ /-, ଇଏମ୍‌ଡି: ୬୧,୩୦୦ /-, ଟେଣ୍ଡର ଖୋଲିବା ତାରିଖ: ୨୩.୦୯.୨୦୨୫, କାର୍ଯ୍ୟ ଶେଷ କରିବା ଅବଧି: ୯ ମାସ, ଦାଖଲ ତାରିଖ ଓ ସମୟ: ୨୩.୦୯.୨୦୨୫, ୧୫:୦୦ ଘଣ୍ଟିକା ଯାଏ, କ୍ର.ନଂ. ୩: ଟେଣ୍ଡର ନୋଟିସ୍ ନଂ.: TRD-KGP-W-2025-26-20, Dated: 29.08.2025, କାର୍ଯ୍ୟ ବିବରଣୀ: [illegible] ଟେଣ୍ଡର ମୂଲ୍ୟ: ୩,୧୩,୧୨,୧୯୮.୧୬ /-, ଇଏମ୍‌ଡି: ୩,୦୬,୦୦୦ /-, ଟେଣ୍ଡର ଖୋଲିବା ତାରିଖ: ୨୨.୦୯.୨୦୨୫, କାର୍ଯ୍ୟ ଶେଷ କରିବା ଅବଧି: ୨୪ ମାସ, ଦାଖଲ ତାରିଖ ଓ ସମୟ: ୨୨.୦୯.୨୦୨୫, ୧୫:୦୦ ଘଣ୍ଟିକା ଯାଏ, ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ: ୦ (ପ୍ରତ୍ୟେକ ଟେଣ୍ଡର କାର୍ଯ୍ୟ ୧ରୁ ୩ ପାଇଁ), ଉପରୋକ୍ତ ଇ-ଟେଣ୍ଡର ସମ୍ପର୍କୀତ ସବିଶେଷ ବିବରଣୀ, ବିସ୍ତୃତ ସୂଚନା ଓ ସବିଶେଷ ତଥ୍ୟ ... www.ireps.gov.in ପରିଦର୍ଶନ କରିପାରିବେ ... www.ireps.gov.in ପରିଦର୍ଶନ କରିପାରିବେ ।
(PR-578)

GOVT OF ODISHA
OFFICE OF THE SUPERINTENDING ENGINEER,
MINOR IRRIGATION DIVISION, GAJAPATI.
AT/PO: PARALAKHEMUNDI, DIST: GAJAPATI.
PHONE NO: 06815-222365, e-mail- eemi_gajapati@yahoo.co.in
eemigajapatiparalakhemundi@gmail.com
A-553

e-Procurement Notice No. 2138 Date. 25 /08 /2025
BID IDENTIFICATION NO. MIDGJP-3/2025-26

The **Superintending Engineer, Minor Irrigation Division, Paralakhemundi** on behalf of Governor of Odisha invites **Percentage Rate** bid in **Single** Cover System **in ONLINE MODE** for the construction of **following works** as detailed in the **Detailed Tender Call Notice (D.T.C.N)** from the eligible class of contractors.

1. Name of the work: **Imp. To MIPs under Critical/25-26 and DPIW/2025-26 scheme.**
2. No of works: **15 Nos. (Fourteen)**
3. Estimated cost: Varies approximately from **Rs. 8.30 Lakhs. To 13.40 Lakhs**
4. Period of completion: **02 (Two) Calendar months.**
5. Date and time of availability of bid documents in the portal: from **10.30 Hours of 01.09.2025 to 17.00 Hours of 10.09.2025.**
6. Last date/ time for receipt of bids in the portal: **17.00 Hours of 10.09.2025.**
7. Date of opening of Bid: **11.00 Hours on 11.09.2025.**
8. Name and address of the Officer inviting Bid: Superintending Engineer, Minor Irrigation Division, Gajapati, At/Po- Paralakhemundi, Dist- Gajapati. PIN-761200.

Further details can be seen from the e-procurement portal https://tendersodisha.gov.in

Er.Simachala Satapathy
Superintending Engineer
MI Division, Gajapati
Paralakhemundi

OIPR-32013/11/0023/2526

OFFICE OF SUPERINTENDING ENGINEER
MINOR IRRIGATION DIVISION, JAJPUR
Letter No. 1860 Dt.26.08.2025
GOVERNMENT OF ODISHA e-Procurement Notice
Bid Identification No. on line SEMIDJAJ-03/2025-26
eemijajpur@gmail.com
A-561

| | |
|---|---|
| 1.Name of work | :- Improvement of MIP under M.I. Division Jajpur |
| 2.Total Number of work | :- 1 (one) no. |
| 3.Estimated cost | :- Rs.29.66 Lakhs |
| 4.Tender paper Cost(Online) | :- Rs.6000/- |
| 5.Bid Security (Online) | :- 1% of the estimated cost. |
| 6.Period of Completion | :- As per DTCN |
| 7.Availability of Bid Document | :- From 03.09.2025, 10.00 AM to 10.09.2025, 5.000 PM in website (www.tendersorissa.gov.in) |
| 8.Last date & Time of receipt of Bid through online | :- 10.09.2025 at 5.00 PM through online |
| 9.Date of opening of Bid documents | :- 11.09.2025 at 11.00 A.M in the office of the SE, M.I. Division, Jajpur |
| 10.Date of Lottery, If required | :- 16.09.2025 at 11.30 A.M. |
| 11. Mode of Payment of Bid Cost & Bid Security | :-Govt. of Odisha has introduced e-payment gateway in to the portal for payment of cost of Bid & Bid security/ EMD. The process of using e-payment gate is mentioned in the "Procedure for electronic receipt, accounting & reporting of cost of tender paper & Earnest money deposit on submission of bid. Further details can be seen from the e- procurement portal "https://tenderorissa.gov.in |
| 12. | :- The Authority reserves the right to cancel/reject any or all the tenders without assigning any reasons thereof. |
| 13.Name and address of the OIT | :- Superintending Engineer, M.I. Division, Jajpur At-Bhabaniganj, Near Hari Samantaray School, P.O :- Jajpur, Dist-Jajpur Phone :- 06728-222008 PINCODE :- 755001 |

Further details can be seen from the Government of Odisha Web-Site www.tendersorissa.gov.in

Sd/- Superintending Engineer
M.I. Division, Jajpur

OIPR-32280/11/0016/2526

## ପ୍ରଥମ ପୃଷ୍ଠାରୁ

### ନେଲା ୮୦୦ ଜୀବନ ...

ପକ୍ଷରୁ ସେନା ଏବଂ ସେନା ହେଲିକପ୍ଟରକୁ ନିୟୋଜିତ କରାଯାଇଛି । ସେହିପରି ପୀଡ଼ିତଙ୍କୁ ଆଶ୍ରୟ ଏବଂ ରିଲିଫ୍ ସାମଗ୍ରୀ ଯୋଗାଇବା ପ୍ରକ୍ରିୟା ଜାରି ରହିଛି ।

ଆଫଗାନିସ୍ତାନ ବ୍ୟତୀତ ପାକିସ୍ତାନର ଖାଇବର ପଖତୁନଖ୍ୱାରେ ମଧ୍ୟ ଭୂମିକମ୍ପ ଅନୁଭୂତ ହୋଇଥିଲା । କେବଳ ସେତିକି ନୁହେଁ, ଭୂମିକମ୍ପର ପ୍ରଭାବ ଦିଲ୍ଲୀ ଏନସିଆରରେ ମଧ୍ୟ ଅନୁଭୂତ ହୋଇଥିଲା । ମଧ୍ୟରାତ୍ରିରେ ହଠାତ୍ ଭୂମିକମ୍ପ ଯୋଗୁଁ ଅନେକ ଲୋକ ଘରୁ ବାହାରକୁ ଦୌଡ଼ି ପଳାଇ ଆସିଥିଲେ । ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା ।

ଭୂକମ୍ପ ସମୟର ଅନେକ ଦୃଶ୍ୟ ଥିବା ଭିଡିଓ ଏବେ ସାମାଜିକ ଗଣମାଧ୍ୟରେ ପ୍ରଘଟ ହେବାରେ ଲାଗିଛି । ଲୋକମାନେ ବିକଳରେ ଚିତ୍କାର କରୁଥିବାର ଦୃଶ୍ୟ ସମଗ୍ର ବିଶ୍ୱକୁ ଆନ୍ଦୋଳିତ କରିଛି । ତେବେ ଆଫଗାନିସ୍ତାନରେ ଏପ୍ରକାର ପ୍ରାଣଘାତୀ ଭୂମିକମ୍ପର ଇତିହାସ ରହିଛି । ୭ ଅକ୍ଟୋବର, ୨୦୨୩ରେ ମଧ୍ୟ ଆଫଗାନିସ୍ତାନରେ ୬.୩ ତୀବ୍ରତାର ଭୂମିକମ୍ପ ହୋଇଥିଲା । ତାଲିବାନ ସରକାର ସେତେବେଳେ ଆକଳନ କରିଥିଲା ଯେ, ଅତି କମରେ ୪,୦୦୦ ଲୋକଙ୍କର ମୃତ୍ୟୁ ହୋଇଥିଲା ।

ଆଫଗାନିସ୍ତାନ ଇତିହାସରେ ହୋଇଥିବା ଏହା ସବୁଠାରୁ ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟ ଥିଲା । ଆଫଗାନିସ୍ତାନ ଉପରେ ଏପ୍ରକାର ବିପର୍ଯ୍ୟୟକୁ ଦେଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଦୁଃଖ ତଥା ସମବେଦନା ଜଣାଇଛନ୍ତି । ଭାରତ ପକ୍ଷରୁ ସମସ୍ତ ସହାୟତା ଯୋଗାଇଦିଆଯିବ ବୋଲି ମୋଦୀ ପ୍ରତିଶ୍ରୁତି ଦେଇଛନ୍ତି । ଆଫଗାନିସ୍ତାନ ସହ ଭାରତ ଏକ ଭାଇ ଭଳି ଛିଡ଼ା ରହିଛି ବୋଲି ମୋଦୀ ଦୋହରାଇଛନ୍ତି ।

### ଟିଇଟି ପାସ୍ ବାଧ୍ୟତାମୂଳକ ...

ଦତ୍ତା ଓ ଜଷ୍ଟିସ ମନମୋହନ ଏବେ ଯେଉଁ ଶିକ୍ଷକମାନଙ୍କ କାର୍ଯ୍ୟକାଳ ୫ ବର୍ଷରୁ କମ୍ ସମୟ ରହିଛି ଓ ପଦୋନ୍ନତି ପାଇବାକୁ ଚାହୁଁ ନାହାନ୍ତି । ସେମାନଙ୍କୁ ଟିଇଟି ବାଧ୍ୟତାମୂଳକ ନିୟମରୁ ବାହାରେ ରଖିବାକୁ କହିଛନ୍ତି ।୨୦୧୧ ମସିହା ଜୁଲାଇ ୨୯ରେ ନ୍ୟାଶନାଲ କାଉନସିଲ ଫର ଟିଚର ଏଡୁକେସନ(ଏନସିଟିଇ) ଶିକ୍ଷକ ଭାବେ କ୍ୟାରିୟର ଗଢ଼ିବାକୁ ଚାହୁଁଥିବା ଆଶାୟୀଙ୍କ ପାଇଁ ଟିଇଟି ବାଧ୍ୟତାମୂଳକ କରିଥିଲା । ଏ ସଂକ୍ରାନ୍ତରେ ଏକାଧିକ ଆବେଦନ ସୁପ୍ରିମକୋର୍ଟରେ ଆଗତ କରାଯାଇଥିଲା ।ସଂଖ୍ୟାଲଘୁ ସଂଖ୍ୟାନୁଷ୍ଠାନ ପାଇଁ ଆରଟିଇ ଆଇନ ଲାଗୁ ହେବ କି ଯଦି ହଁ, ତା'ହେଲେ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନର ଶିକ୍ଷକମାନଙ୍କ ପାଇଁ ଟିଇଟି ବାଧ୍ୟତାମୂଳକ କରାଯିବ ? ଏହା କ'ଣ ସମ୍ବିଧାନର ଧାରା ୩୦କୁ ଉଲ୍ଲଙ୍ଘନ କରୁଛି କି ନାହିଁ, ତା'ର ବିଚାର କରିବାକୁ ସୁପ୍ରିମକୋର୍ଟରେ ଆବେଦନ କରାଯାଇଥିଲା ।

### ପୁରୀ ହେବ ଦେଶର ...

ସଦସ୍ୟ କୃଷ୍ଣଚନ୍ଦ୍ର ସାମନ୍ତରାୟ (ସୁଆର ମହାସଭା), ରଘୁବୀର ଦାସ (ମଠାଧୀଶ), ରାମନାରାୟଣ ଗୋଚ୍ଛିକାର (ପ୍ରତିହାରୀ ନିଯୋଗ), ମଧୁସୂଦନ ସିଂହାରୀ (ପୁଷ୍ପାଳକ ନିଯୋଗ) ଏବଂ ଶ୍ରୀ ଜଗନ୍ନାଥ ପୂଜାପଣ୍ଡା ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ ।

### ୨ ବାଘ ଛାଲ ଜବତ ...

କୋର୍ଟଚାଲାଣ କରାଯାଇଥିବା ରାୟଗଡ଼ା ବନାଞ୍ଚଳ ଅଧିକାରୀ କାମେଶ୍ୱର ଆଚାରୀ ସୂଚନା ଦେଇଛନ୍ତି । ଏହି କଲରାପତରିଆ ବାଘ ଚମଡାକୁ ଗଜପତି ଜିଲାରୁ ମହାରାଷ୍ଟ୍ର ଚାଲାଣ ପାଇଁ ଅଣାଯାଇଥିଲା ବୋଲି ସୂଚନା ମିଳିଛି । ଉଭୟ ବାଘର ବୟସ ୫ରୁ ୭ ବର୍ଷ ମଧ୍ୟରେ ହେବ ଏବଂ ଏହାର ତଦନ୍ତ ଚାଲିଛି ବୋଲି ଏସିଏଫ ଅଶୋକ ପ୍ରଧାନ କହିଛନ୍ତି ।

### ଓଡ଼ିଶାରେ ହେବ ୩ ...

ଯୋଜନାରେ ସମ୍ବଲପୁର-ଝାରସୁଗୁଡ଼ା-ବରଗଡ଼, କୋରାପୁଟ-ସୁନାବେଡ଼ା-ଜୟପୁର ଏବଂ କେନ୍ଦୁଝର-ଯୋଡ଼ା-ବଡବିଲ ଭଳି ଅନ୍ୟାନ୍ୟ ପ୍ରମୁଖ ହବ୍‌କୁ ବିସ୍ତାର କରିବାର ପ୍ରସ୍ତାବ ମଧ୍ୟ ଦିଆଯାଇଛି । ଏହା ବ୍ୟତୀତ ଅନୁଗୁଳ, ବଲାଙ୍ଗୀର, ଭଦ୍ରକ, ବ୍ୟାସନଗର, କେନ୍ଦୁଝର, ବାରିପଦା, ରାୟଗଡ଼ା ଏବଂ ରାଉରକେଲା ସମେତ ଶିଳ୍ପ କ୍ଲଷ୍ଟର ଆଖପାଖରେ ଥିବା ଆଠଟି ସହରକୁ ମଡେଲ ସହର ଭାବରେ ବିକଶିତ କରାଯିବ । ଏନେଇ ଗୃହ ଏବଂ ନଗର ଉନ୍ନୟନ, ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀ କହିଛନ୍ତି 'ଓଡ଼ିଶାର କ୍ୱାଡ୍ ସିଟି କାର୍ଯ୍ୟକ୍ରମ, ସମୃଦ୍ଧ ସହର ଯୋଜନା ସହିତ, କେବଳ ସହରାଞ୍ଚଳ ବିସ୍ତାର କରିବା ପାଇଁ ନୁହେଁ ବରଂ ଆର୍ଥିକ କାରବାର, ଶିଳ୍ପ ସୁଯୋଗ ଏବଂ ଅନ୍ତର୍ଭୁକ୍ତିମୂଳକ ବିକାଶକୁ ସୁଦୃଢ଼ କରିବା ପାଇଁ ଡିଜାଇନ୍ କରାଯାଇଛି । ଏହି ଅଞ୍ଚଳଗୁଡ଼ିକ ଜାତୀୟ ଏବଂ ବିଶ୍ୱ ଅର୍ଥନୀତିରେ ଓଡ଼ିଶାର ଭୂମିକାକୁ ବୃଦ୍ଧି କରିବା ସହିତ ସନ୍ତୁଳିତ ଆଞ୍ଚଳିକ ଅଭିବୃଦ୍ଧି ପାଇଁ ଏକ ଢାଞ୍ଚା ପ୍ରଦାନ କରିବ ।' ରଣନୈତିକ ଯୋଜନା ଏବଂ ପ୍ରଭାବୀ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ପାଇଁ ଏକ ଆଭ୍ୟନ୍ତରୀଣ କମିଟି ଏବଂ ରାଜ୍ୟ ନୀତି ଆୟୋଗ ସହିତ ସମନ୍ୱୟରେ ପଦକ୍ଷେପଗୁଡ଼ିକୁ ପରିଚାଳିତ କରାଯାଉଛି । ପରସ୍ପର ସଂଯୁକ୍ତ ଅର୍ଥନୈତିକ କ୍ଷେତ୍ର ଏବଂ ସ୍ଥାୟୀ ସହରାଞ୍ଚଳ-ଶିଳ୍ପ କରିଡର ସୃଷ୍ଟି କରି, ଓଡ଼ିଶା ଏହାର ସହରଗୁଡ଼ିକୁ ନବସୃଜନ, ବାଣିଜ୍ୟ ଏବଂ ସମୃଦ୍ଧିର ଭବିଷ୍ୟତ ପାଇଁ ପ୍ରସ୍ତୁତ କେନ୍ଦ୍ର ଭାବରେ କାର୍ଯ୍ୟ କରିବା ପାଇଁ ପ୍ରସ୍ତୁତ କରୁଛି ।

### ଗିଫ୍ଟ ସିଟି ଢାଞ୍ଚାରେ ...

ସେଠାରେ ସ୍ୱରେଜ, ପାନୀୟଜଳ ବ୍ୟବସ୍ଥା ସହ ରାସ୍ତା ନିର୍ମାଣ କରାଯିବ । କଟକ ସୀମା ପର୍ଯ୍ୟନ୍ତ ବିଡିଏ ପରିଧି ବୃଦ୍ଧି ହୋଇଛି । ଟିମ୍ ସ୍କିମ୍‌ର କାମ ଦ୍ରୁତ ଗତିରେ ଚାଲିଛି । ଆମ ସରକାର ଏହାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି । ଲୋକମାନେ କିପରି ଅଧିକ ଲାଭ ପାଇଁ ପାରିବେ ସେନେଇ ସରକାର ନଜର ଦେଇଛନ୍ତି । ନୀତି ଆୟୋଗ ସହ ମିଶି ବିଡିଏ କାମ କରୁଛି ବୋଲି ମନ୍ତ୍ରୀ କହିଛନ୍ତି ।

### ଦୋମୁହାଁ ନୀତି ରହିବା ...

ଭଳି ଅପରେସନ୍ କରିବାକୁ ପଛଘୁଞ୍ଚା ଦେବନାହିଁ । ଆତଙ୍କବାଦ ସମ୍ପର୍କରେ କୌଣସି ଦୋମୁହାଁ ନୀତି ରହିବା ଉଚିତ୍ ନୁହେଁ । ଆତଙ୍କବାଦ ସମଗ୍ର ବିଶ୍ୱ ପାଇଁ ଏକ ବଡ ବିପଦ । ଆତଙ୍କବାଦ କେବଳ ଗୋଟିଏ ଦେଶ ପାଇଁ ନୁହେଁ ବରଂ ସମଗ୍ର ମାନବ ଜାତି ପାଇଁ ଏକ ବଡ ବିପଦ । ଦେଶ, ସମାଜ ଏବଂ ମାନବ ଜାତି ଏଥିରୁ ସୁରକ୍ଷିତ ନୁହେଁ । ଆତଙ୍କବାଦୀ ଏବଂ ଆତଙ୍କବାଦକୁ ଆର୍ଥିକ ସହାୟତା ଯୋଗାଉଥିବା ଶକ୍ତି ବିରୋଧରେ ଏକଜୁଟ୍ ହୋଇ ଲଢ଼ିବା ପାଇଁ ମୋଦୀ ବିଶ୍ୱ ସମୁଦାୟକୁ ଆହ୍ୱାନ କରିଛନ୍ତି । ଆତଙ୍କବାଦ ଏବଂ ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ଦେଶ ସମ୍ପର୍କରେ ମୋଦୀଙ୍କ ଏପ୍ରକାର ସମ୍ବୋଧନ ଉପସ୍ଥିତ ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କ ପାଇଁ ଏକ ବଡ଼ କଟାକ୍ଷ ବୋଲି କୁହାଯାଉଛି ।

### ଶେହବାଜଙ୍କୁ କେହି ...

ବେଳେ ଶେହବାଜ୍, ମୋଦୀଙ୍କୁ ଅନାଇ ରହିଥିବାର ମଧ୍ୟ ଭାଇରାଲ୍ ଭିଡିଓରେ ଦେଖିବାକୁ ମିଳିଛି । ଶେହବାଜ୍ ପାକିସ୍ତାନର ପ୍ରଧାନମନ୍ତ୍ରୀ ହୋଇଥିବା ବେଳେ ଏହା ତାଙ୍କ ପାଇଁ ବଡ଼ ଅପମାନ ସଦୃଶ ଥିଲା । କୁହାଯାଉଛି ଯେ ଶେହବାଜ୍ ମଞ୍ଚ ଉପରେ ଫଟୋ ପୋଜ୍ ପାଇଁ ଛିଡା ହୋଇଥିବା ବେଳେ ତାଙ୍କ ସହ ଏପରି ଘଟିଛି । ସେହିପରି ଆଉ ଏକ ବଡ଼କଥା ହେଉଛି ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ, ମୋଦୀ ଏବଂ ପୁଟିନ୍ ଏକାଠି ହସିହସି କଥାହେଉଥିଲେ ମଧ୍ୟ କେହି ଶେହବାଜ୍‌ଙ୍କୁ ସୌଜନ୍ୟମୂଳକ ଭାବେ ମଧ୍ୟ ଅଭିବାଦନ ଜଣାଇନଥିଲେ । ଶେହବାଜ୍‌ଙ୍କ ପ୍ରତି କେହି ଗୁରୁତ୍ୱ ନଦେବା ଏବଂ କେହି କଥା ନହେବା ତାଙ୍କ ପକ୍ଷେ ଅତ୍ୟନ୍ତ ଅସହ୍ୟ ଥିଲା । ଅନ୍ୟପକ୍ଷେ ବିଶ୍ୱର ୩ ଶକ୍ତିଶାଳୀ ରାଷ୍ଟ୍ରର ନେତା (ପୁଟିନ୍-ମୋଦୀ-ଜିନ୍‌ପିଙ୍ଗ୍) ଏକାଠି ଆଲୋଚନା କରିବା ଦୃଶ୍ୟ ବେଶ୍ ରୋଚକ ଥିଲା । ଆମେରିକାର ଶୁଳ୍କ ନୀତି ପରିପ୍ରେକ୍ଷୀରେ ସମଗ୍ର ବିଶ୍ୱର ନଜର ନିବଦ୍ଧ ହୋଇ ରହିଥିଲା ଏବଂ ତ୍ରିମୂର୍ତ୍ତୀଙ୍କ ଉପରେ ।

### ମୋଦୀଙ୍କୁ ଅପେକ୍ଷା କଲେ ...

ସୁରକ୍ଷା ପ୍ରଣାଳୀ ନିୟୋଜିତ କରାଯାଇଥିବା କୁହାଯାଉଛି । ଗୋଟିଏ ପଟେ ଯେଉଁଠି ମୋଦୀଙ୍କ ପ୍ରତି ବିଶ୍ୱର ଦୁଇ ଶକ୍ତିଶାଳୀ ରାଷ୍ଟ୍ରମୁଖ୍ୟଙ୍କ ଏପ୍ରକାର ଆତିଥ୍ୟେୟତା ତଥା ବ୍ୟବହାର ଦେଖିବାକୁ ମିଳିଥିବା ବେଳେ ଅନ୍ୟପକ୍ଷେ ତାଙ୍କୁ ଏଠାରେ କେହି ସାମାନ୍ୟ ଭାବେ ମଧ୍ୟ ନପଚାରିବା କେବଳ ଶେହବାଜ୍ ନୁହେଁ ବରଂ ସମଗ୍ର ପାକିସ୍ତାନ ପାଇଁ ଏକ ବଡ଼ ଅପମାନ । ଏଥିରୁ ବିଶ୍ୱସ୍ତରରେ ଭାରତର ପ୍ରଭାବ ସ୍ପଷ୍ଟ ବାରି ହୋଇପଡୁଥିବା ବେଳେ ଆତଙ୍କବାଦର ଛାପ ଲାଗିଥିବା ପାକିସ୍ତାନ ଏବେ ବିଶ୍ୱସ୍ତରରେ ଏକପ୍ରକାର କୋଣଠେସା ହୋଇ ରହିଯାଇଛି ବୋଲି କୂଟନୈତିକ ବିଶେଷଜ୍ଞମାନେ ମତପୋଷଣ କରିଛନ୍ତି ।

# ଶିଶୁଙ୍କ ପାଇଁ ଶ୍ରୀମନ୍ଦିର ପରିସରରେ ଖୋଲିଲା ସ୍ତନ୍ୟପାନ ଗୃହ

**ପୁରୀ,୧୧୯/ଏନ୍‌ଏନ୍‌ଏସ୍:** ଶ୍ରୀମନ୍ଦିର ପରିସରରେ ଶିଶୁ ତଥା ମା'ମାନଙ୍କ ପାଇଁ ଆଜିଠାରୁ ସ୍ତନ୍ୟପାନ ଗୃହ ଖୋଲିଛି ଶ୍ରୀମନ୍ଦିର ପ୍ରଶାସନ । ଶ୍ରୀମନ୍ଦିର ପ୍ରଶାସନର ଏଭଳି ପଦକ୍ଷେପକୁ ସ୍ୱାଗତ କରିଛନ୍ତି ବରିଷ୍ଠ ସେବାୟତ । ମହାପ୍ରଭୁଙ୍କ ଦର୍ଶନ ପାଇଁ ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁ ଶ୍ରୀମନ୍ଦିର ଆସୁଛନ୍ତି । ତେବେ ଛୋଟ ଶିଶୁମାନଙ୍କୁ ସାଙ୍ଗରେ ଆଣି ଶ୍ରୀମନ୍ଦିର ଆସୁଥିବା ମହିଳା ବିଭିନ୍ନ ସମୟରେ ହଇରାଣ ହରକତ ହେଉଛନ୍ତି । କାରଣ ଛୋଟ ଶିଶୁମାନଙ୍କ ପାଇଁ ଶ୍ରୀମନ୍ଦିର ଭିତରେ କୌଣସି ସ୍ତନ୍ୟପାନ ଗୃହର ବ୍ୟବସ୍ଥା ନାହିଁ । ଏଣୁ ଏହି ବ୍ୟବସ୍ଥା କରିବା ପାଇଁ ପୂର୍ବରୁ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଆଲୋଚନା ହୋଇଥିଲା । ଶ୍ରୀମନ୍ଦିର ପ୍ରଶାସନ ଏବେ ଏହି ପଦକ୍ଷେପ ନେଇଥିବାରୁ ଏହାକୁ ସ୍ୱାଗତ କରିଛନ୍ତି ବରିଷ୍ଠ ସେବାୟତ ବିନାୟକ ଦାସମହାପାତ୍ର । ଏଥିସହ ଶ୍ରୀମନ୍ଦିର ପରିକ୍ରମା ମାର୍ଗରେ ମଧ୍ୟ ଏଭଳି କେନ୍ଦ୍ର ଖୋଲିବା ପାଇଁ ବରିଷ୍ଠ ସେବାୟତ ଶ୍ରୀମନ୍ଦିର ପ୍ରଶାସନକୁ ପରାମର୍ଶ ଦେଇଛନ୍ତି ।



ସେପଟେ ପୁରୀ ଜିଲ୍ଲାପାଳ କହିଛନ୍ତି ଶ୍ରୀମନ୍ଦିର ଆସୁଥିବା ଶ୍ରଦ୍ଧାଳୁ ମା' ଏବଂ ଶିଶୁଙ୍କ ଉଦ୍ଦେଶ୍ୟରେ ଶ୍ରୀମନ୍ଦିର ପ୍ରଶାସନର ପ୍ରୟାସ ସ୍ୱରୂପ ଏକ ମାତୃ ଶିଶୁ ସ୍ତନ୍ୟପାନ କକ୍ଷ ଶ୍ରୀମନ୍ଦିର ଭିତରେ ଥିବା ଶାଖା କାର୍ଯ୍ୟାଳୟ ପରିସରରେ ଆରମ୍ଭ ହୋଇଛି । ଏହାଦ୍ୱାରା ଶ୍ରୀମନ୍ଦିରକୁ ପ୍ରତ୍ୟେକ ଦିନ ମହାପ୍ରଭୁଙ୍କ ଦର୍ଶନ ପାଇଁ ଛୋଟ ଶିଶୁମାନଙ୍କୁ ସାଙ୍ଗରେ ଆଣି ଆସୁଥିବା ମା'ମାନଙ୍କର ଆଉ କୌଣସି ଅସୁବିଧା ହେବ ନାହିଁ ବୋଲି କୁହାଯାଇଛି ।

## ଖୋର୍ଦ୍ଧାରେ ଜିଲ୍ଲାସ୍ତରୀୟ ଜନଶୁଣାଣି ଶିବିର

**ଖୋର୍ଦ୍ଧା,୧୧୯/ଏନ୍‌ଏନ୍‌ଏସ୍:** ଜିଲ୍ଲାପାଳଙ୍କ ଜିଲ୍ଲାସ୍ତରୀୟ ଜନଶୁଣାଣି ଶିବିର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟପାଳ ହରିବାବୁ କମ୍ଭମ୍ ପାଟି, ସାଂସଦ ଅପରାଜିତା ଷଡ଼ଙ୍ଗୀ ଏବଂ ଜିଲ୍ଲା ଉନ୍ନୟନ ଦାୟିତ୍ୱରେ ଥିବା ଶାସନ ସଚିବ ଚିତ୍ରା ଅରୁମୁଗମଙ୍କ ଜିଲ୍ଲା ପରିକ୍ରମା ଓ ବିଭିନ୍ନ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉନ୍ନୟନ ଯୋଜନା ସମୀକ୍ଷାର ଅନୁପାଳନ ରିପୋର୍ଟ ଯଥାଶୀଘ୍ର ସମସ୍ତ ବିଭାଗୀୟ ଅଧିକାରୀ ଜିଲ୍ଲାପାଳଙ୍କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାକୁ ଜିଲ୍ଲାର ପ୍ରତ୍ୟେକ ପଲ୍ଲୀରେ ଜିଲ୍ଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ହିତାଧିକାରୀଙ୍କୁ ସୁବିଧା ଯୋଗାଇ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରି ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ ଭିଜନକୁ ସାକାର ଜନିତ ସମସ୍ତ ଅଧିକାରୀ ଓ କର୍ମଚାରୀ ନିରନ୍ତର ନିଷ୍ପାପର ସେବା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମତେ ବ୍ଲକ୍ ଓ ପଞ୍ଚାୟତ ମାନଙ୍କରେ ଜନଶୁଣାଣି ଶିବିରରେ ପ୍ରତ୍ୟେକ ଯୋଜନାର ହିତାଧିକାରୀ ମାନଙ୍କୁ ସୁବିଧା ଯୋଗାଇ ଦିଆଯିବ ।



ଆଜିର ଅଭିଯୋଗ ଶୁଣାଣିରେ ମୋଟ ୧୦୨ ଗୋଟି ଅଭିଯୋଗ ଆସିଥିବା ବେଳେ, ବ୍ୟକ୍ତିଗତ ୯୨ଗୋଟି ଓ ଗ୍ରାମୀଣ ସମସ୍ୟା ଜନିତ ୧୦ଗୋଟି ଅଭିଯୋଗ ଥିଲା । ଜିଲ୍ଲାପାଳ ଅଭିଯୋଗ ସ୍ଥଳରେ ୬ଗୋଟି ଅଭିଯୋଗର ତତ୍କାଳ ସମାଧାନ କରିଥିଲେ । ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଅନାଦି ଚରଣ ସେଠୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଜ୍ୟୋତି ଶଙ୍କର ସାହୁ, ଉପଜିଲ୍ଲାପାଳ କିଶୋର କୁମାର ପଣ୍ଡା, ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ କସ୍ତୁରୀବାଳା ଜେନା ମଞ୍ଚାସୀନ ଥିବାବେଳେ, ସଦର ବିଡିଓ କ୍ଷୀରାବ୍ଧି ତନୟା ସାହୁ, ତହସିଲଦାର ବିଭାଷ୍ ପାଣିଗ୍ରାହୀ, ସହକାରୀ ଜିଲ୍ଲାପାଳ, ଅଭିଯୋଗ ଭୁବନେଶ୍ୱରୀ କଅଁର, ସମସ୍ତ ବିଡିଓ ଏବଂ ତହସିଲଦାର, ଅଧିକ୍ଷଣ ଯନ୍ତ୍ରୀ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ରଶ୍ମିତା ଦାସ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ, ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ରବି ନାରାୟଣ ସେନାପତି, ଜିଲ୍ଲା ପଞ୍ଚାୟତ ଅଧିକାରୀ ଶ୍ୟାମଳେନ୍ଦୁ ନାୟକ, ଅବକାରୀ ଅଧିକ୍ଷକ ସୁମିତ୍ରା ତ୍ରିପାଠୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ କୁମାର ହିଆଲ, ଜିଲ୍ଲା ସଂସ୍କୃତି ଅଧିକାରୀ ଚୋଧୁରୀ ଅରବିନ୍ଦ ଦାସ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଜିଲ୍ଲା ଦକ୍ଷତା ବିକାଶ ଏବଂ କର୍ମ ନିୟୋଜନ ଅଧିକାରୀ ସୁବାସ ଚନ୍ଦ୍ର ବେହେରା, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରିୟ ମିଶ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ ଡ. ଗୀତାଂଶୁ ଦାଶଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଲାଇନ୍ ଡିପାର୍ଟମେଣ୍ଟ ବରିଷ୍ଠ ଯନ୍ତ୍ରୀ ଓ ଅଧିକାରୀମାନେ ଯୋଗଦେଇଥିଲେ ।

## ସଇନ୍ଧାରେ ଗଣ୍ଡଗୋଳ ଓ ଗାଡ଼ି ଭଙ୍ଗାରୁଜା, ୭ ଆହତ

**ଫୁଲନଖରା,୧୧୯/ଏନ୍‌ଏନ୍‌ଏସ୍:** ସଦର ବ୍ଲକ ଉରାଳୀ ପଞ୍ଚାୟତ ଅନ୍ତର୍ଗତ ସଇନ୍ଧା ଅଞ୍ଚଳରେ ଗଣେଶ ପୂଜା ଭସାଣି ବେଳେ ଗଣ୍ଡଗୋଳ ଘଟିଛି; ଏଥିରେ ୭ଜଣ ଆହତ ହୋଇଥିଲାବେଳେ ଗୋଟିଏ ସ୍କୁଟି କ୍ଷତିଗ୍ରସ୍ତ ହୋଇଛି । ପୁଲିସ ସୂତ୍ରରୁ ପ୍ରକାଶ ଯେ, ସଇନ୍ଧା ବାଲିସାହି ଯୁବକ ସଂଘ ପକ୍ଷରୁ ଚଳିତ ବର୍ଷ ଗଣେଶ ପୂଜା କରାଯାଇଥିଲା; ରବିବାର ଏହାର ଭସାଣି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ତେବେ ଭସାଣି କାର୍ଯ୍ୟ ପରେ ପରେ ନିକଟବର୍ତ୍ତୀ ନୂଆଗଡ଼, ଖଣ୍ଡାଏତା ଓ ନୂଆପାଟଣା ଗ୍ରାମର କିଛି ଉଦଭ୍ରାନ୍ତ ଯୁବକ ଗ୍ରାମରେ ଥିବା ମାଇନର ସ୍କୁଲ ସମ୍ମୁଖ ରାସ୍ତାରେ ସୁଧାକର ସାହୁଙ୍କ ସାନ ପୁଅ ସତ୍ୟବ୍ରତ ସାହୁ ଓରଫ ଗୁଗୁଲାକୁ ଧକ୍କା ମାରି ଗାଳିଗୁଲଜ ସହ ଆକ୍ରମଣ କରିଥିଲେ । ଏହି ସମୟରେ ଭସାଣି କାର୍ଯ୍ୟରୁ ଫେରୁଥିବା ଗ୍ରାମବାସୀ ଯୁବକମାନଙ୍କୁ ଅଟକାଇବାକୁ ଚେଷ୍ଟା କରିବାରୁ ସେମାନେ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ । ଦୁର୍ବୃତ୍ତମାନେ ଧାରୁଆ ଅସ୍ତ୍ର ଓ ଠେଙ୍ଗାରେ ଗ୍ରାମବାସୀଙ୍କୁ ଆକ୍ରମଣ କରିବାକୁ ସୁଦ୍ଧା ପଛେଇ ନଥିଲେ । ଏଥିରେ ଗ୍ରାମର ରମେଶଚନ୍ଦ୍ର ମହାନ୍ତି, ବିକ୍ରମ ସ୍ୱାଇଁ, ସୁଶାନ୍ତ ସାହୁ, ପ୍ରଶାନ୍ତ ସାହୁ, ସଂଜୟ କୁମାର ଦାଶ ଓ ମହେନ୍ଦ୍ର ସାହୁ ଆହତ ହୋଇଥିଲେ । ଆକ୍ରମଣ ବେଳେ ଏକ ସ୍କୁଟିକୁ ମଧ୍ୟ ଭାଙ୍ଗି ଦେଇଥିଲେ । ଏହି ଘଟଣାକୁ ନେଇ ଗ୍ରାମରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଲା; ଏ ସଂକ୍ରାନ୍ତରେ ମଦନ ମୋହନ ଗ୍ରାମ୍ୟ ପରିଚାଳନା କମିଟି ବାଲିସାହିର ସଭାପତି ଓ ସମ୍ପାଦକ ସଦର ଥାନାରେ ଲିଖିତ ଏତଲା ଦେଇଥିଲେ । ଅଭିଯୋଗ ପାଇ ପୁଲିସ ଗ୍ରାମରେ ପହଞ୍ଚି ଘଟଣାର ତଦନ୍ତ କରିବା ସହିତ ଦୁର୍ବୃତ୍ତଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି । ଏଠାରେ ସୂଚନାଯୋଗ୍ୟ ଯେ, ସଇନ୍ଧା ଅଞ୍ଚଳରେ ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ମହା ସମାରୋହରେ ପାଳିତ ହୋଇଆସୁଛି । ଏହି ବହୁ ପ୍ରତୀକ୍ଷିତ ମହୋତ୍ସବକୁ ଆଉ ମାତ୍ର କିଛି ଦିନ ବାକି ଥିଲାବେଳେ ଆଜିର ଏପରି ଘଟଣାକୁ ନେଇ ସଇନ୍ଧା ଆଞ୍ଚଳିକ ଶାନ୍ତି କମିଟି ଓ ସମ୍ପୃକ୍ତ ୧୧ଟି ପୂଜା କମିଟି କର୍ମକର୍ତ୍ତାମାନେ ଚିନ୍ତାରେ ପଡ଼ିଛନ୍ତି । ପୂର୍ବରୁ କେବେ ଘଟିନଥିବା ଗଣେଶ ପୂଜା ଭସାଣରେ ଏପରି ଅପ୍ରତ୍ୟାଶିତ ଗଣ୍ଡଗୋଳର ଏକ ଆପୋଷ ସମାଧାନ ପାଇଁ ପୁଲିସ ଗ୍ରାମ୍ୟ କମିଟି, ଶାନ୍ତି କମିଟି ଓ ମୁରବିମାନେ ଆପ୍ରାଣ ଉଦ୍ୟମ ଚଳାଇଥିଲେ ମଧ୍ୟ ରିପୋର୍ଟ ଲେଖା ହେଲା ବେଳକୁ ତାହା ସମ୍ଭବ ହୋଇନଥିଲା । ଗ୍ରାମରେ ଚାପା ଉତ୍ତେଜନା ଥିଲେ ମଧ୍ୟ ପରିସ୍ଥିତି ନିୟନ୍ତ୍ରଣାଧିନ ରହିଛି ଏବଂ ପୁଲିସ ଗ୍ରାମରେ ମୁତୟନ ଅଛନ୍ତି ।

## ଜଗନ୍ନାଥପ୍ରେମୀଙ୍କୁ ଭ୍ରମିତ କରୁଛି ଇଣ୍ଡିଆ ଥ୍ରିଲ୍ସ ଅନ୍‌ଲାଇନ ଆପ୍

**ପୁରୀ,୧୧୯/ଏନ୍‌ଏନ୍‌ଏସ୍:** ଅନ୍‌ଲାଇନ ଆପ୍‌ରେ ମହାପ୍ରଭୁଙ୍କ ଅଗଣିତ ଭକ୍ତଙ୍କୁ ଠକେଇ ଘଟଣା ଏବେ ହୁ ହୁ ହୋଇ ବଢ଼ିବାରେ ଲାଗିଛି । ପୁଣି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଟଙ୍କା କାରବାରର ବିଜ୍ଞାପନ ଅନଲାଇନ ଆପ୍ ରେ ପ୍ରକାଶ ପାଇଥିବା ଦେଖିବାକୁ ମିଳିଛି । ମହାପ୍ରଭୁଙ୍କ ଦର୍ଶନ ନାଁରେ ଜଗନ୍ନାଥ ପ୍ରେମୀଙ୍କୁ ଭ୍ରମିତ କରୁଛି ଇଣ୍ଡିଆ ଥ୍ରିଲ୍ସ ନାମକ ଏକ ଅନ୍‌ଲାଇନ ଆପ୍ ସଂସ୍ଥା । ଏହି ସଂସ୍ଥା ୱେବସାଇଟରେ ଜଗନ୍ନାଥ ଦର୍ଶନ ନେଇ ଫେକ୍ ତଥ୍ୟ ଦେଇଛି । ଯାହାକୁ ନେଇ ଜଗନ୍ନାଥ ପ୍ରେମୀ, ସେବାୟତ ଉଦବେଗ ପ୍ରକାଶ କରିଛନ୍ତି । ତେବେ ଇଣ୍ଡିଆ ଥ୍ରିଲ୍ସ ନାମକ ଏକ ଅନଲାଇନ ସଂସ୍ଥା ବିଜ୍ଞାପନ ଦ୍ୱାରା ମହାପ୍ରଭୁଙ୍କର ଦର୍ଶନ କିଭଳି ଭକ୍ତମାନଙ୍କୁ କରାଇପାରିବ ସେନେଇ ନିଜ ଆପ୍ ରେ ଦର୍ଶାଇଛି । ଦର୍ଶନ ସମୟ ଅନୁସାରେ ଟଙ୍କା ନିର୍ଦ୍ଧାରିତ ନେଇ ୱେବ୍ ସାଇଟ୍ ରେ ତଥ୍ୟ ରହିଛି । ଶ୍ରୀମନ୍ଦିରରେ ଦର୍ଶନ ନିଃଶୁଳ୍କ ରହିଥିବା ବେଳେ ୱେବସାଇଟ୍‌ରେ ରହିଛି ବିଭିନ୍ନ ବର୍ଗର ଦେୟ ଯୁକ୍ତ ଦର୍ଶନ ନେଇ ତଥ୍ୟ । ଲୋକଙ୍କ ପାଇଁ ଗଳାବାଟ ଦର୍ଶନକୁ ଇଣ୍ଡିଆ ଥ୍ରିଲ୍ସ ତଥ୍ୟ ଆହୁରି ପ୍ରୋତ୍ସାହିତ କରିବା ଭଳି ଲାଗୁଛି । ମହାପ୍ରଭୁ ଶ୍ରୀଜଗନ୍ନାଥ ଦର୍ଶନ ପାଇଁ ୫୦ ଟଙ୍କା, ୧୦୦ ଟଙ୍କା, ୫୦୦ ଟଙ୍କା ର ରେଟ ଚାର୍ଟ ଦେଇଛି ଉକ୍ତ ସଂସ୍ଥା । ଗୁଗଲ୍‌ରେ ଉପଲବ୍ଧ ଇଣ୍ଡିଆ ଥ୍ରିଲ୍ସ ୱେବସାଇଟ୍‌ରେ ଜଗନ୍ନାଥ ମନ୍ଦିର, ଏହାର ଇତିହାସ ଓ ଦର୍ଶନକୁ ନେଇ ତଥ୍ୟ ରହିଛି । ତେବେ ଶ୍ରୀମନ୍ଦିରକୁ ଦର୍ଶନ ସମ୍ପୂର୍ଣ୍ଣ ମାଗଣା ହୋଇଥିବା ବେଳେ ଉକ୍ତ ୱେବ୍ ସାଇଟ୍ ଭକ୍ତଙ୍କ ଭାବାବେଗ ସହ ଖେଳ ଖେଳୁଛି । ବାହାରୁ ଆସୁଥିବା ସାଧାରଣ ଭକ୍ତ ଉକ୍ତ ତଥ୍ୟ ଦେଖିଲେ ଭ୍ରମିତ ହେବା ସ୍ୱାଭାବିକ । ଉକ୍ତ ୱେବସାଇଟ୍ ତଥ୍ୟ ଅନୁସାରେ ସକାଳ ୭ଟାରୁ ରାତି ୧୨, ଅପରାହ୍ନ ୪ଟାରୁ ରାତି ୮ ମଧ୍ୟରେ ସ୍ୱତନ୍ତ୍ର ଦର୍ଶନ ନେଇ ତଥ୍ୟ ରହିଛି । ଯାହାର ମୂଲ୍ୟ ୫୦ଟଙ୍କା ବୋଲି ଦର୍ଶାଯାଇଛି । ଶୀଘ୍ର ଦର୍ଶନ ପାଇଁ ୧୦୦ଟଙ୍କା, ଭିଆଇପି ଦର୍ଶନ ପାଇଁ ୫୦୦ଟଙ୍କା, ରାତ୍ରି ସମୟରେ ଦର୍ଶନ ପାଇଁ ୫୦ଟଙ୍କା ଦର୍ଶାଯାଇଛି । ଶ୍ରୀମନ୍ଦିରରେ ନିଶୁଳ୍କ ସର୍ବସାଧାରଣ ଦର୍ଶନ ରହିଥିବା ବେଳେ ଏହି ଅନ୍‌ଲାଇନ୍ ସଂସ୍ଥା ଏଭଳି ତଥ୍ୟ ଦେଇଥିବା ନେଇ ସାଧାରଣରେ ତୀବ୍ର ଉଦ୍‌ବେଗ ପ୍ରକାଶ ପାଇଛି । ତୁରନ୍ତ ଶ୍ରୀମନ୍ଦିର ଏବଂ ପୁରୀ ଜିଲ୍ଲା ଓ ପୁଲିସ ପ୍ରଶାସନ ଏହି ଘଟଣାକୁ ଗୁରୁତର ସହ ନେଇ ଅନ୍‌ଲାଇନ ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେବାୟତ ଓ ହୋଟେଲ ମାଲିକମାନେ ଦାବି କରିଛନ୍ତି ।

## ଓଡ଼ଗାଁର ବିଭିନ୍ନ ଗ୍ରାମରେ ପୁଣି କାଉ ମଡ଼କ

**ଓଡ଼ଗାଁ,୧୧୯/ଏନ୍‌ଏନ୍‌ଏସ୍:** ଓଡ଼ଗାଁର ବିଭିନ୍ନ ଗ୍ରାମରେ କାଉ ମଡ଼କ ଏବେ ଚିନ୍ତାର ବିଷୟ ପାଲଟିଛି । କେଉଁ କାରଣରୁ କାଉର ମୃତ୍ୟୁଘଟୁଛି ତାହା ଏ ପର୍ଯ୍ୟନ୍ତ ଜଣାପଡ଼ିନାହିଁ । ଏକମାସ ମଧ୍ୟରେ ପାଖାପାଖି ଶହଶହ କାଉଙ୍କ

**ବାହାରୁନି ନିଷ୍କର୍ଷ, ଚିନ୍ତାରେ ପରିବେଶବିତ୍**

ମୃତ୍ୟୁ ଘଟିଥିବା ଦୃଷ୍ଟିଗୋଚର ହୋଇଛି । ଏଭଳି ଘଟଣାକୁ ନେଇ ପରିବେଶବିତ୍ କ୍ଷୋଭ ପ୍ରକାଶ କରିଛନ୍ତି । ଗତ ମାସରେ ଓଡ଼ଗାଁ ଅଞ୍ଚଳରୁ କାଉମଡ଼କ ଲୋକଙ୍କ ମଧ୍ୟରେ ଆଲୋଡ଼ନ ସୃଷ୍ଟି କରିଥିଲା । କେହି କେହି ଦୂଷିତ ପାଣି ପିଇବାରୁ ଓ ବାୟୁ ଜନିତ କାରଣରୁ କାଉ ମୃତ୍ୟୁ ହେଉଥିବା କହିଥିବା ବେଳେ ଆଉ କେହି ବ୍ଲାର୍ଡ଼ ଫ୍ଲୁ' ରୋଗରୁ ମୃତ୍ୟୁ



ହୋଇଥିବା ପ୍ରକାଶ କରିଥିଲେ । ଏହାକୁ ନେଇ ପଶୁସଂପଦ ବିଭାଗ ପରୀକ୍ଷା କରିବାପରେ କୌଣସି ଲକ୍ଷଣ ପାଇନଥିଲେ । ଏବେ କିଛିଦିନ ହେଲା ପୁଣି କାଉମଡ଼କ ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଛି ।କାଉ ଆସି ଘର ଆଗରେ ବସୁ ବସୁ ଟଳି ପଡୁଛି । କାଉକୁ ପାଣି ଦେଲେ ମଧ୍ୟ ତାର ସ୍ୱାସ୍ଥ୍ୟରେ ଉନ୍ନତି ଆସୁନଥିବା ପରିବେଶବିତ୍ ସୁକାନ୍ତ ଚୌଧୁରୀ କହିଛନ୍ତି । ପ୍ରତିଦିନ କାଉମାନଙ୍କ ମୃତ୍ୟୁ ଘଟୁଥିଲେ ମଧ୍ୟ ପଶୁସଂପଦ ଓ ବନବିଭାଗ ପକ୍ଷରୁ ଏହାର ନିରାକରଣ କରାଯାଇନାହିଁ । କାଉ ମୃତ୍ୟୁକୁ ନେଇ କିଛି ବିଶେଷଜ୍ଞଙ୍କ କହିବାକଥା ମୋବାଇଲ୍ ଟାୱାରରୁ ଆସୁଥିବା ରିଡ଼ିୟସ(ବିକିରଣ) ଯୋଗୁ ଏଭଳି ସମସ୍ୟା ଘଟୁଛି । ତା'ର ପ୍ରଭାବରେ ହଜାର ହଜାର କାଉଙ୍କ ମୃତ୍ୟୁ ହେଉଛି । ଆଗକୁ କେବଳ କାଉ ନୁହଁନ୍ତି ଅନେକ ପକ୍ଷୀଙ୍କ ସଂଖ୍ୟା ହ୍ରାସପାଇବ ଓ ବଂଶଲୋପ ପାଇବାର ସମ୍ଭାବନା ଦେଖାଦେଇଛି । ଏପଟେ କାଉମାନଙ୍କ ଚିକିତ୍ସା ପାଇଁ ସେମିତି କିଛି ଔଷଧ ନଥିବା ଗୋଷ୍ଠୀ ପଶୁସଂପଦ ଅଧିକାରୀ ପ୍ରକାଶ ଚନ୍ଦ୍ର ପଣ୍ଡିତ କହିଛନ୍ତି । ଏଥିପ୍ରତି ସରକାର ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବାସହିତ ବେଳ ଥାଉ ଥାଉ ବନ୍ଧ ବାନ୍ଧିବାର ଆବଶ୍ୟକତା ଥିବା ପରିବେଶବିତ୍ ଓ ବୁଦ୍ଧିଜୀବୀ କହିଛନ୍ତି ।

## ଗଣେଶ ଭସାଣିରେ ଅଘଟଣ: ବିଦ୍ୟୁତ୍ ତାର ଲାଗି ୩ ଗୁରୁତର



**କୋଣାର୍କ,୧୧୯/ଏନ୍‌ଏନ୍‌ଏସ୍:** ରବିବାର କୋଣାର୍କ ଏନଏସି ୫ନଂ ୱାର୍ଡ ଡାଳିମ୍ବ ଗୋରଡି ଗ୍ରାମର ବେଉରା ସାହିରେ ବିଳମ୍ବିତ ରାତିରେ ଚାଲିଥିବା ଗଣେଶ ଭସାଣି ଶୋଭାଯାତ୍ରାରେ ଡିଜେ ଗାଡି ଚାଲୁଥିବା ଅବସ୍ଥା ରେ ଗାଡିର ଚାଳକ ଡିଜେ ଗାଡି ଉପରକୁ କୌଣସି କାର୍ଯ୍ୟରେ ଚଢି ଠିଆ ହେବା ବେଳକୁ ଉପରେ ଥିବା ୧୧କେଭି ବିଦ୍ୟୁତ୍ ତାର ଲାଗି ପୋଡ଼ିଯାଇଥିଲା ବେଳେ ତଳେ ଗାଡିକୁ ଧରିଥିବା ଅନ୍ୟ ଦୁଇଜଣ ଯୁବକଙ୍କୁ ମଧ୍ୟ କରେଣ୍ଟ ଲାଗିଥିଲା । ଉଭୟଙ୍କୁ ଗୁରୁତର ଅବସ୍ଥାରେ ଅନ୍ୟ ସାଥୀମାନେ ପ୍ରଥମେ କୋଣାର୍କ ଡାକ୍ତରଖାନା ନେଇଥିଲେ । ମାତ୍ର ଡାକ୍ତରଖାନା ବନ୍ଦ ରହିଥିବାରୁ ଗୋପ ମେଡ଼ିକାଲକୁ ନେଇଯାଇଥିଲେ । ସେଠାରେ ଜଣକର ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ କ୍ୟାପିଟାଲ୍ ହସ୍ପିଟାଲ ସ୍ଥାନାନ୍ତର କରିଥିଲେ । ଅନ୍ୟ ଦୁଇଜଣ ଗୋପ ମେଡ଼ିକାଲରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି । ଗୁରୁତର ଡିଜେ ଚାଳକ ଜଣକ କୋଣାର୍କ ଥାନା ଅଧୀନ ବଗଲେଇ ଗ୍ରାମର ଚନ୍ଦ୍ରକାନ୍ତ ନାୟକ ବୋଲି ଜଣାପଡ଼ିଛି । ଅନ୍ୟ ଦୁଇଜଣ ଡାଳିମ୍ବଗୋରଡ଼ି ଗ୍ରାମର ସିପୁ ଲେଙ୍କା ଓ ବିଶ୍ୱଜିତ ରାଉତ ବୋଲି ସୂଚନା ମିଳିଛି ।

**ଏମିତି ବି ମୃତ୍ୟୁ ଆସେ...**

## ବସି କଥା ହେଉଥିବାବେଳେ ଟଳିପଡ଼ିଲେ ଯୁବକ

**ଗୋପ,୧୧୯/ଏନ୍‌ଏନ୍‌ଏସ୍:** ସୋମବାର ସକାଳେ ଗୋପ ଥାନା ଅଧିନସ୍ଥ ନାଗପୁର ବଜାର ଠାରେ ଥିବା ଏକ ଚା ଦୋକାନରେ ଚା ପିଇସାରି କଥା ହେଉଥିବା ସମୟରେ ଜଣେଯୁବକ ଟଳି ପଡ଼ି ମୃତ୍ୟୁବରଣ କରିଥିବା ଜଣାପଡିଛି । ଏହି ମୃତ୍ୟୁ ହୃଦ୍‌ଘାତଜନିତ ହୋଇଥିବା ପ୍ରାଥମିକ ଭାବେ ଜଣାପଡିଛି । ସୂଚନା ଅନୁଯାୟୀ ସବୁଦିନ ପରି ନାଗପୁର ଗ୍ରାମର ରବିନ୍ଦ୍ର କୁମାର ମଲ୍ଲିକ ଚା ପିଇବା ଲାଗି ନାଗପୁର ବଜାରକୁ ଆସିଥିଲେ ଏକ ଚା ଦୋକାନ ରେ ଚା ପିଇ ଗପସପ କରୁଥିବା ସମୟରେ ହଠାତ ଅସୁସ୍ଥ ଅନୁଭବ କରିଥିଲେ । ପରେ ସେଠାରେ ଚେତାଶୂନ୍ୟ ହୋଇ ତଳେ ପଡ଼ିଯାଇଥିଲେ । ଉପସ୍ଥିତ ଥିବା ଲୋକମାନେ ପରିବାରବର୍ଗଙ୍କୁ ଖବର ଦେବା ପରେ ରବିନ୍ଦ୍ରଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଗୋପ ପୁଲିସ ଡାକ୍ତରଖାନାରେ ପହଞ୍ଚି ରବିନ୍ଦ୍ର ମଲ୍ଲିକଙ୍କ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିବା ବେଳେ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢ଼ିଆରୀ ସୂଚନା ଦେଇଛନ୍ତି ।

## ପୁରୀରେ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି

**ପୁରୀ,୧୧୯/ଏନ୍‌ଏନ୍‌ଏସ୍:** ପୁରୀ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି ଆଜି ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ଦିବ୍ୟ ରଞ୍ଜନ ପରିଡା ଏଥିରେ ଅଧ୍ୟକ୍ଷତା କରିଥିଲେ । ଏଥିରେ ମୋଟ ୧୨୨ଗୋଟି ଅଭିଯୋଗ ମିଳିଥିଲା । ସେଥିରୁ ୯୪ ଗୋଟି ବ୍ୟକ୍ତିଗତ, ୨୦ଗୋଟି ଗ୍ରାମ ସମ୍ବନ୍ଧୀୟ ଓ ୮ଗୋଟି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ସମ୍ପର୍କରେ ରହିଥିଲା । ତତ୍‌କ୍ଷଣାତ ୧୬ ଗୋଟି ର ସମାଧାନ କରାଯାଇଥିଲା । ଅନ୍ୟ ଅଭିଯୋଗ ଗୁଡିକର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗମାନଙ୍କୁ ପ୍ରେରଣ କରାଯାଇଥିଲା । ଏହି ଶୁଣାଣିରେ ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀ, ଭାରପ୍ରାପ୍ତ ଅଭିଯୋଗ ଶୁଣାଣି ଅଧିକାରୀ ପଞ୍ଚାନନ ପରିଜା ଓ ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ । ସେପ୍ଟେମ୍ବର ୮ ତାରିଖରେ ପିପିଲି ବ୍ଲକ ସମ୍ମିଳନୀ କକ୍ଷରେ, ସେପ୍ଟେମ୍ବର ୧୫ ତାରିଖରେ ଡେଲାଙ୍ଗ ବ୍ଲକ ସମ୍ମିଳନୀ କକ୍ଷରେ ଓ ସେପ୍ଟେମ୍ବର ୨୨ ତାରିଖରେ ଗୋପ ବ୍ଲକ ସମ୍ମିଳନୀ କକ୍ଷରେ ଦିବା ୧୦ ଘଟିକା ସମୟରେ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ ବୋଲି ଅଭିଯୋଗ ପ୍ରକୋଷ୍ଠ ସୂତ୍ରରୁ ପ୍ରକାଶ ।



## ଆଜିର ଇତିହାସ

- ୧୫୭୩-ଆକବର ଗୁଜରାଟ ଉପରେ ବିଜୟ ପ୍ରାପ୍ତ କରିଥିଲେ।
- ୧୭୯୮-ଇଂରେଜମାନେ ହାଇଦ୍ରାବାଦର ନିଜାମଙ୍କ ସହିତ ବୁଝାମଣା କରିଥିଲେ।
- ୧୯୪୬-ଜବାହାରଲାଲ ନେହେରୁଙ୍କ ଉପ-ସଭାପତିତ୍ୱରେ ଅନ୍ତରୀଣ ଭାରତ ସରକାର ଗଠନ ହୋଇଥିଲା।
- ୧୯୭୦-କନ୍ୟାକୁମାରୀରେ ବିବେକାନନ୍ଦ ସ୍ମାରକର ଉଦ୍‌ଘାଟନ ହୋଇଥିଲା।
- ୧୯୯୯-ଭାରତୀୟ ସ୍ୱିମର୍ ବୁଲା ଚୌଧୁରୀ ଇଂଲିଶ ଚ୍ୟାନେଲ୍‌କୁ ଅତିକ୍ରମ କରିଥିବା ପ୍ରଥମ ଏସିଆନ୍ ଥିଲେ।

## ଆଜିର ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ:** ଦିନଟି ସାମାନ୍ୟ ରହିବ। ଆତ୍ମବିଶ୍ୱାସର ଅଭାବ ଦେଖାଦେବ। ମନ ଚିନ୍ତିତ ରହିପାରେ। ଆର୍ଥିକ ସ୍ଥିତି ଭଲ ରହିବ ନାହିଁ। ଭାବିଚିନ୍ତି ଅର୍ଥ ବିନିଯୋଗ କରନ୍ତୁ। ପ୍ରେମୀଙ୍କ ସହିତ ସମୟ ଅତିବାହିତ କରିବେ।

**ବୃଷ:** ଦିନଟି ଖୁବ୍ ଭଲରେ ବିତିବ। ବୈବାହିକ ଜୀବନ ସୁଖମୟ ରହିବ। ଧାର୍ମିକ କାର୍ଯ୍ୟରେ ମନ ଲାଗିବ। ପିତାଙ୍କ ସହଯୋଗ ପାଇବେ। ସ୍ୱାସ୍ଥ୍ୟରେ ସୁଧାର ହେବ। ଆର୍ଥିକ ସ୍ଥିତି ଖୁବ୍ ଭଲ ରହିବ।

**ମିଥୁନ:** ଦିନଟି ଆପଣଙ୍କ ପାଇଁ ସାମାନ୍ୟ ରହିବ। ମାନସିକ ଚାପ ରହିପାରେ। କାର୍ଯ୍ୟକ୍ଷେତ୍ରରେ କାମର ଅଧିକତା ରହିବ। କାରବାର ସ୍ଥିତିରେ ସୁଧାର ହୋଇପାରେ। ନିବେଶ କରିବା ପୂର୍ବରୁ ପରାମର୍ଶ ନିଅନ୍ତୁ।

**କର୍କଟ:** ଆଜିର ଦିନଟି ଶୁଭ ନୁହେଁ। ମାନସିକ ସ୍ଥିତି ଠିକ୍ ରହିବ ନାହିଁ। ଜୀବନରେ ବ୍ୟସ୍ତତା ଅଧିକ ରହିବ। ବାଦବିବାଦ ଠାରୁ ଦୂରରେ ରୁହନ୍ତୁ। ଚାକିରି ପାଇଁ ଅନ୍ୟ କୌଣସି ସ୍ଥାନକୁ ଯାଇପାରନ୍ତି।

**ସିଂହ:** ଜୀବନରେ ବଡ଼ ପରିବର୍ତ୍ତନ ଆସିପାରେ। ବ୍ୟାପାରରେ ଲାଭ ମିଳିବ। ଭ୍ରମଣ ଯୋଗ ରହିଛି। ଖର୍ଚ୍ଚ ବି ବଢ଼ିବ। କିନ୍ତୁ ବିଭିନ୍ନ ସୋର୍ସରୁ ଧନ ଆଗମନ ହୋଇପାରେ। ପ୍ରେମ ଜୀବନ ଖୁବ୍ ଭଲ ରହିବ।

**କନ୍ୟା:** ମନକୁ ଶାନ୍ତ ରଖନ୍ତୁ। ଧୈର୍ଯ୍ୟଶୀଳତା ବଜାୟ ରଖିବେ। ଶୀଘ୍ରତା ସହିତ କୌଣସି କାମ ନକଲେ ଭଲ। ଅତି ଉତ୍ସାହୀ ନହେଲେ ଭଲ। ଆର୍ଥିକ ପକ୍ଷ ଆଜି ଠିକ୍ ରହିବ। ପ୍ରେମ ଜୀବନରେ ସୁଖ ପାଇବେ।

**ତୁଳା:** ଦିନଟି ଖୁବ୍ ଭଲ। ମାନସିକ ଚିନ୍ତା ଦୂର ହେବ। ଧୈର୍ଯ୍ୟର ସହିତ କାମ କରିବେ। ବ୍ୟାପାରରୁ ଲାଭ ମିଳିବ। ପ୍ରମୋଶନର ଅବସର ପାଇବେ। ଆତ୍ମବିଶ୍ୱାସରେ ଭରି ରହିବେ। ପରିବାରର ସହଯୋଗ ମିଳିବ।

**ବିଛା:** ଆପଣଙ୍କ ପାଇଁ ଦିନଟି ଖୁବ୍ ଭଲ। ମିତ୍ରଙ୍କ ସହଯୋଗରେ ଆୟ ବୃଦ୍ଧି ଯୋଗ ରହିଛି। ଚାକିରି ଓ ବ୍ୟାପାରରେ ଖୁବ୍ ଲାଭ ପାଇବେ। ପରିବାରର ସହଯୋଗରେ ଅଟକିଥିବା କାମ ପୂରା ହେବ।

**ଧନୁ:** ଜୀବନରେ ସକାରାତ୍ମକତା ପରିବର୍ତ୍ତନ ଆସିବ। ଆତ୍ମବିଶ୍ୱାସ ବୃଦ୍ଧି ହେବ। ମନ ଶାନ୍ତ ରହିବ। ଜୀବନସାଥିଙ୍କ ସହିତ ସମୟ ବିତେଇବେ। ବ୍ୟାପାର, ଚାକିରିରେ ବଡ଼ ପରିବର୍ତ୍ତନ ଦେଖାଦେଇପାରେ।

**ମକର:** ଦିନଟି ଉତ୍ତମ। ଚାକିରି, ବ୍ୟାପାର, ପ୍ରେମ ସବୁକିଛି ବଢ଼ିଆ ରହିବ। ଆଜି ଯେଉଁ କାମ କରିବେ ସଫଳତା ମିଳିବ। ପରିବାର ସହିତ ସମୟ ଅତିବାହିତ କରିବେ। ବିବାହ ସ୍ଥିର ହୋଇପାରେ।

**କୁମ୍ଭ:** ଦିନଟି ମିଶ୍ରିତ ଫଳଦାୟୀ। ଆତ୍ମବିଶ୍ୱାସ ଖୁବ୍ ରହିବ। ଚାକିରି ଓ ବ୍ୟାପାରରେ ସମସ୍ୟାର ସମ୍ମୁଖୀନ ହେବେ। ଆୟ ବୃଦ୍ଧି ହୋଇପାରେ। କ୍ରୋଧ ନକଲେ ଲାଭରେ ରହିବେ। ଆୟ ବୃଦ୍ଧି ଯୋଗ ଅଛି।

**ମୀନ:** ଆଜି ସାବଧାନ ହୋଇ ରହିବେ। ଭାବିଚିନ୍ତି ଖର୍ଚ୍ଚ କରିବେ। ନହଲେ କରଜ ସ୍ଥିତି ଆସିପାରେ। ଚାକିରି ଓ ବ୍ୟାପାରରେ ଅତିରିକ୍ତ ଦାୟିତ୍ୱ ମିଳିପାରେ। ସ୍ୱାସ୍ଥ୍ୟର ଧ୍ୟାନ ରଖିବେ। ପ୍ରେମୀଙ୍କ ସହିତ ସମୟ ବିତେଇବେ।

## ଶ୍ରୀମଦ୍ ଭଗବଦ୍‌ଗୀତା



ତ୍ୱମାଦିଦେବଃ ପୁରୁଷଃ ପୁରାଣ-
ସ୍ତ୍ୱମସ୍ୟ ବିଶ୍ୱସ୍ୟ ପରଂ ନିଧାନମ୍।
ବେତ୍ତାସି ବେଦ୍ୟଂ ଚ ପରଂ ଚ ଧାମ
ତ୍ୱୟା ତତଂ ବିଶ୍ୱମନନ୍ତରୂପ। (୧୧/୩୮)
ବାୟୁର୍ଯମୋଽଗ୍ନିର୍ବରୁଣଃ ଶଶାଙ୍କଃ
ପ୍ରଜାପତିସ୍ତ୍ୱଂ ପ୍ରପିତାମହଶ୍ଚ।
ନମୋ ନମସ୍ତେସ୍ତୁ ସହସ୍ରକୃତ୍ୱଃ
ପୁନଶ୍ଚ ଭୂୟୋପି ନମୋ ନମସ୍ତେ। (୧୧/୩୯)


ହେ ଅନନ୍ତ ରୂପ! ତୁମେ ହେଉଛ ଆଦିଦେବ, ତୁମେ ହିଁ ପୁରାଣପୁରୁଷ, ତୁମେ ହେଉଛ ଏହି ବିଶ୍ୱ ବ୍ରହ୍ମାଣ୍ଡର ଅନ୍ତିମ ଲୟ ସ୍ଥାନ। ତୁମେ ସର୍ବଜ୍ଞ ଓ ଜ୍ଞେୟ ବସ୍ତୁ। ତୁମେ ମଧ୍ୟ ପରମଧାମ ଓ ଏହି ସମଗ୍ର ବ୍ରହ୍ମାଣ୍ଡକୁ ବ୍ୟାପ୍ତ କରି ଅବସ୍ଥାନ କରୁଛ।

ତୁମେ ହିଁ ବାୟୁ, ଯମ, ଅଗ୍ନି, ବରୁଣ, ଚନ୍ଦ୍ର ଓ ବ୍ରହ୍ମା। ତୁମେ ମଧ୍ୟ ବ୍ରହ୍ମାଙ୍କ ଜନକ ପ୍ରପିତାମହ। ତୁମକୁ ମୁଁ ସହସ୍ର ବାର ନମସ୍କାର କରୁଛି। ମୁଁ ତୁମକୁ ପୁନର୍ବାର ନମସ୍କାର କରୁଛି।

ମରୀଚି ପ୍ରଭୃତି ସାତ ଜଣ ହେଉଛନ୍ତି ବ୍ରହ୍ମାଙ୍କର ମାନସ ପୁତ୍ର, ମରୀଚିଙ୍କ ପୁତ୍ର କଶ୍ୟପ। କଶ୍ୟପଙ୍କ ଠାରୁ ସମସ୍ତ ପ୍ରଜା ସୃଷ୍ଟି ହେଇଛନ୍ତି। ସେଥିପାଇଁ ମରୀଚି ପ୍ରଭୃତିକୁ ପ୍ରଜାପତି କୁହାଯାଏ। ବ୍ରହ୍ମା ହିଁ ସେମାନଙ୍କର ପିତା। ତେଣୁ ତାଙ୍କୁ ପ୍ରପିତାମହ କୁହାଯାଏ।

## ଲେମ୍ବୁ ଦେଇପାରେ ମୃତ୍ୟୁଦଣ୍ଡ !

ଲେମ୍ବୁ ସତରେ କ'ଣ କାହାକୁ ମୃତ୍ୟୁଦଣ୍ଡ ଦେଇପାରେ! ନିକଟ ଅତୀତରେ ଏହି ପ୍ରଶ୍ନର ଉତ୍ତର ମିଳିଛି। ୧୯୧୫ରେ ବିଶ୍ୱଯୁଦ୍ଧ ଚରମ ସୀମାରେ ଥିବା ବେଳେ ଲେମ୍ବୁ ଜଣେ ଗୁପ୍ତଚରଙ୍କ ଜୀବନ ନେଇଥିଲା। ଏବେ ସେହି ଲେମ୍ବୁଟି ସମୟ ସହିତ କଳା ପଡ଼ିସାରିଛି ଓ ତୁଳା ଭିତରେ ସୁରକ୍ଷିତ ଭାବରେ ରହିଛି। ଏହା ହେଉଛି ସେହି ଲେମ୍ବୁ ଯେଉଁଥିରେ ଅଦୃଶ୍ୟ ସ୍ୟାହି ଲୁଚେଇବାର କାମ କରାଯାଉଥିଲା। ଲଣ୍ଡନର ଏକ ଅଭିଲେଖାଗାରର ପ୍ରଥମ ସାର୍ବଜନିକ ପ୍ରଦର୍ଶନୀରେ ପ୍ରଦର୍ଶିତ ହୋଇଥିବା ସବୁଠାରୁ ରୋଚକପୂର୍ଣ୍ଣ ଅବଶେଷ ମଧ୍ୟରୁ ଅନ୍ୟତମ ଥିଲା ଏହି ଲେମ୍ବୁ। ଏହି ଲେମ୍ବୁଟିକୁ ଜର୍ମାନୀର କାର୍ଲ ମୁଲର୍ ନାମକ ଜଣେ ବ୍ୟକ୍ତି ବ୍ରିଟେନ୍‌କୁ ନେଇ ଆସିଥିଲେ। ଜଣେ ରଷିଆନ୍ ସିପିଂ ବ୍ରୋକର୍ ଭାବରେ ସେ ନିଜର ପରିଚୟ ଦେଇ ୧୯୧୫ରେ ବ୍ରିଟେନ୍‌କୁ ଆସିଥିଲେ। ନକଲି କାଗଜପତ୍ର ଓ ୱାଲରସ୍ ନିଶ ଜରିଆରେ ବ୍ରିଟେନ୍‌ରେ ପ୍ରବେଶ କଲା ପରେ ବେଲଜିୟମ୍‌ର ଜଣେ ଶରଣାର୍ଥୀ ଭାବରେ ସେ ପରିଚୟ ଦେଇଥିଲେ। ତେବେ ସେ ଥିଲେ ଜଣେ ଗୁପ୍ତଚର। ବ୍ରିଟିଶ ସୈନ୍ୟମାନଙ୍କ ଗତିବିଧି ଉପରେ ନଜର ରଖିବା ଥିଲା ତାଙ୍କର କାମ। ବ୍ରିଟେନ୍‌ର ଗତିବିଧିଗୁଡ଼ିକୁ ଲେମ୍ବୁ ଜରିଆରେ ଜର୍ମାନୀ ପହଞ୍ଚାଇଥିଲେ ମୁଲର୍। କଲମ ମୁନରେ ଲେମ୍ବୁରେ କଣା କରି ଅକ୍ଷରଗୁଡ଼ିକ ପଛରେ ସନ୍ଦେଶ ଲେଖିବା ପାଇଁ ସେ ବ୍ୟବହାର କରୁଥିଲେ ଏହାର ରସ। ଏହା ଏକ ଅଦୃଶ୍ୟ ସ୍ୟାହି ପରି କାମ କରୁଥିଲା। ଏହି ଶବ୍ଦଗୁଡ଼ିକୁ ଦେଖିବା ପାଇଁ ହେଲେ ଗରମ ପ୍ରେସ୍‌ର ଆବଶ୍ୟକ ହେଉଥିଲା।



**କିପରି ଧରାପଡ଼ିଲେ ମୁଲର୍-** ବ୍ରିଟେନ୍, ଗୁପ୍ତଚରଙ୍କ ଉପରେ ପୂର୍ବରୁ ଦୃଷ୍ଟି ରଖିଥିଲା। ପୋଷ୍ଟାଲ୍ ସେନ୍ସିପ୍ ଅଫିସ୍ ମଧ୍ୟ ଶତ୍ରୁଙ୍କ ଉପରେ ନଜର ରଖିଥିଲା। ରୋଟରଡ୍ୟାମ୍ ପୋଷ୍ଟ ଅଫିସ୍‌କୁ ପଠାଯାଇଥିବା ଏକ ଚିଠି ଉପରେ ତାଙ୍କର ସନ୍ଦେହ ହେଲା ଓ ଏମ୍‌ଆଇ୫ର ଅଫିସର୍‌ମାନେ ଅକ୍ଷରଗୁଡ଼ିକୁ ଗରମ କରି ଯାଞ୍ଚ କରିବା ପରେ ସେଥିରେ ସୈନ୍ୟ ଅଭ୍ୟାସ ଓ ଦକ୍ଷିଣର ବନ୍ଦରଗୁଡ଼ିକରୁ ପ୍ରସ୍ଥାନ ସାମଗ୍ରୀ ସମ୍ପର୍କରେ କୋଡିଟ୍ ନୋଟ୍ ମିଳିଥିଲା। ଏହି ପ୍ରମାଣ ସହିତ ସେମାନେ ଜନ୍ ହାନ୍‌ଙ୍କ ପର୍ଯ୍ୟନ୍ତ ପହଞ୍ଚିଥିଲେ ଯିଏ ମୁଲର୍‌ଙ୍କ ସହିତ ଜଣେ ସହାୟକ ଭାବରେ କାମ କରୁଥିଲେ। ତାଙ୍କ ଘରର ତଲାସୀ ନେବା ସମୟରେ ଏକ ଲେମ୍ବୁ ମିଳିଥିଲା ଯେଉଁଥିରେ ପେନ୍ ଓ ବ୍ଲଟିଂ ପେପର୍ ସାହାଯ୍ୟରେ କଣା କରାଯାଇଥିଲା। ସେଥିରେ ଗୁପ୍ତ ଲେଖାର ଚିହ୍ନ ମଧ୍ୟ ମିଳିଥିଲା। ଏହାପରେ ମୁଲର୍‌ଙ୍କ ପର୍ଯ୍ୟନ୍ତ ସେମାନେ ପହଞ୍ଚିଥିଲେ ଯାହାଙ୍କ ଓଭରକୋଟ୍‌ରୁ ମଧ୍ୟ ଲେମ୍ବୁ ମିଳିଥିଲା। ଏହା ସହିତ ଅନ୍ୟ ଏକ ଲେମ୍ବୁ ଖଣ୍ଡକୁ କାଟି ସେ ତୁଳାରେ ଗୁଡ଼େଇ ରଖିଥିଲେ। ସେ ଦାନ୍ତ ସଫା କରିବାକୁ ଲେମ୍ବୁ ରଖିଥିବା କଥା କହିଥିଲେ ମଧ୍ୟ ଅଧିକାରୀମାନେ ସନ୍ତୁଷ୍ଟ ନଥିଲେ। ଏହାପରେ ଗୁପ୍ତ ଭାବରେ କେସ୍ ଚାଲିଲା। ହ୍ୟାନଙ୍କୁ ସାତ ବର୍ଷର ଜେଲ୍ ଓ ମୁଲର୍‌ଙ୍କୁ ଫାଶୀଦଣ୍ଡ ମିଳିଥିଲା।



## ବିଶ୍ୱ ନଡ଼ିଆ ଦିବସ



ପ୍ରକୃତିର ସବୁଠାରୁ ବହୁମୁଖୀ ଉତ୍ପାଦଗୁଡ଼ିକ ମଧ୍ୟରୁ ଅନ୍ୟତମ ନଡ଼ିଆର ବ୍ୟବହାର ଖାଦ୍ୟପେୟ ଠାରୁ ଆରମ୍ଭ କରି କସ୍ମେଟିକ୍ ଓ ସାଜସଜ୍ଜା ପର୍ଯ୍ୟନ୍ତ କରାଯାଏ। ନଡ଼ିଆର ମହତ୍ତ୍ୱକୁ ବୁଝିବା ପରଠାରୁ ଏସିଆ ଓ ପ୍ୟାସିଫିକ୍ କ୍ଷେତ୍ରର ସବୁ ନଡ଼ିଆ ଉତ୍ପାଦକ ଦେଶଗୁଡ଼ିକ ଆଜିର ଦିନରେ ପାଳନ କରନ୍ତି ନଡ଼ିଆ ଦିବସ। ତେବେ ୨୦୦୯ରୁ ଏହି ଦିବସ ପାଳନ କରାଯାଉଛି। ପୂରା ଦୁନିଆରେ ନଡ଼ିଆ ଚାଷକୁ ତ୍ୱରାନ୍ୱିତ କରିବା ଏହି ଦିବସର ମୂଳ ଲକ୍ଷ୍ୟ। ୧୮ଟି ଦେଶକୁ ନେଇ ଗଠିତ ହୋଇଥିବା ଏକ ସଂଗଠନ ଇଣ୍ଟରନ୍ୟାସନାଲ୍ କୋକନଟ୍ କମ୍ୟୁନିଟି ଯେଉଁଥିରେ ଭାରତ ବି ସାମିଲ ଅଛି। ଏହି ସଂଗଠନର ମୁଖ୍ୟାଳୟ ଅଛି ଇଣ୍ଡୋନେସିଆର ଜାକର୍ତ୍ତା ଠାରେ। କାରଣ ବିଶ୍ୱର ଅଧିକ ନଡ଼ିଆ ଉତ୍ପାଦନ ଇଣ୍ଡୋନେସିଆ ଠାରେ ହୁଏ। ତେବେ ନଡ଼ିଆରେ ରହିଛି ଅନେକ ପୋଷକ ତତ୍ତ୍ୱ ଯେଉଁଥିରେ ୩୮.୬୭ ପ୍ରତିଶତ କପର୍, ୫୨.୧୭ ମାଙ୍ଗାନିଜ୍, ୨୪.୨୦ ପ୍ରତିଶତ ଆୟରନ୍, ୧୮.୮୦ ପ୍ରତିଶତ ଫାଇବର୍, ଜିଙ୍କ୍ ରହିଛି ୮ ପ୍ରତିଶତ ଓ ଭେଲିନ୍ ୭.୬୦ ପ୍ରତିଶତ ଓ ୯.୩୭ ପ୍ରତିଶତ କାର୍ବୋହାଇଡ୍ରେଟ୍।

### ଲାଭ

ନଡ଼ିଆ ମୋଟାପଣ କମ୍ କରାଏ, ପାଚନ କ୍ରିୟାକୁ ତ୍ୱରାନ୍ୱିତ କରେ, ଶରୀରରେ ପାଣିର ଅଭାବକୁ ପୂରା କରେ। ଶରୀରକୁ ହାଇଡ୍ରେଟ୍ ରଖେ। ନଡ଼ିଆରେ ଥିବା ଭିଟାମିନ୍-ସି, ମ୍ୟାଗ୍ନେସିୟମ୍ ଓ ପୋଟାସିୟମ୍ ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରିତ କରିବାରେ ସାହାଯ୍ୟ କରନ୍ତି। ଏଥିରେ ଥିବା ପୋଷକ ତତ୍ତ୍ୱ ଚେହେରାର ଚମକ ବୃଦ୍ଧି କରାଏ। କାରଣ ଏଥିରେ ମଇଷ୍ଟରାଇଜିଂ ଗୁଣ ଥାଏ। ଏହି କାରଣରୁ ସୌନ୍ଦର୍ଯ୍ୟ ଉତ୍ପାଦନରେ ବ୍ୟବହାର କରାଯାଏ ନଡ଼ିଆ। ନଡ଼ିଆ ତେଲ ଓ ନଡ଼ିଆ ରସ ଉଭୟେ ସ୍କିନ୍‌ରେ ପ୍ରାକୃତିକ ମଇଷ୍ଟରାଇଜର୍ ଭାବରେ କାମ କରନ୍ତି। ଏସବୁ ବ୍ୟତୀତ ନଡ଼ିଆରେ ଥାଏ ଫ୍ୟାଟି ଏସିଡ୍ ଯାହା ସ୍କିନ୍‌ରେ ଆର୍ଦ୍ରତା ବଜାୟ ରଖିବାରେ ସାହାଯ୍ୟ କରେ। ଏହାର ଆଣ୍ଟି-ଇନଫ୍ଲାମେଟୋରୀ ଗୁଣ ସମ୍ବେଦନଶୀଳ ସ୍କିନ୍ ପାଇଁ ବେଶ୍ ସୁରକ୍ଷିତ। ଏହି ଗୁଣ ସ୍କିନ୍‌ରେ ଲାଲିମା, ଜ୍ୱଳନ ଓ ସ୍ୱେଲିଂକୁ କମ୍ କରିବାରେ ପ୍ରଭାବ ଦେଖାଇଥାଏ। ତେଣୁ ଏକ୍‌ଜିମା ଓ ସୋରିଆସିସ୍ ପରି ସମ୍ବେଦନଶୀଳ ସମସ୍ୟାରେ ଲାଭକାରୀ ପ୍ରମାଣିତ ହୋଇଥାଏ ନଡ଼ିଆ।



## ମାନବ ଜାତି କଳା କିପରି ଶିଖିଲା





ଇଣ୍ଡୋନେସିଆର ଏକ ଗୁମ୍ଫାରେ ମିଳିଛି ଏକ ନୂଆ ପେଣ୍ଟିଂ ଯାହାକୁ ପଶୁମାନଙ୍କର ସବୁଠାରୁ ପୁରୁଣା ଫଟୋ ବୋଲି କୁହାଯାଉଛି। ଏଥିରୁ ଜଣାପଡୁଛି ଯେ ମଣିଷମାନେ ପ୍ରଥମେ କଳାର ଶିକ୍ଷା କିପରି କରିଥିଲେ। ଏହି ପେଣ୍ଟିଂ ୪୪,୦୦୦ ବର୍ଷରୁ ବି ଅଧିକ ପୁରୁଣା ବୋଲି କୁହାଯାଉଛି ଯେଉଁଥିରେ ଜଙ୍ଗଲୀ ଘୁଷୁରିଙ୍କ ଏକ ଦଳ ଦେଖିବାକୁ ମିଳୁଛି। ଏଥିରୁ ଜଣାପଡୁଛି ଯେ ଦକ୍ଷିଣ-ପୂର୍ବ ଏସିଆର ଲୋକମାନେ ବହୁତ ଭାବିଚିନ୍ତି ଚିତ୍ରଗୁଡ଼ିକର ନିର୍ମାଣ କରିଥିଲେ। ତେବେ ଏହି ପେଣ୍ଟିଂରୁ ଏହାର ବୟସ ଓ ସେ ସମୟର ସଂସ୍କୃତିର ପରିଚୟ ମିଳୁଛି। ତେବେ ସୁଲାବେସୀ ନାମକ ଦ୍ୱୀପରେ ଥିବା ଏକ ଗୁମ୍ଫାରୁ ଏହି ଚିତ୍ରଟି ମିଳିଛି ଯେଉଁ ସ୍ଥାନଟି ପଥର କଳା ପାଇଁ ବେଶ୍ ପ୍ରସିଦ୍ଧ। ଏହି ଚିତ୍ରରେ ଥିବା ଘୁଷୁରିମାନଙ୍କର ବୟସର ସନ୍ଧାନ ନେବା ପାଇଁ ବୈଜ୍ଞାନିକମାନେ ୟୁରାନିୟମ୍ ଶୃଙ୍ଖଳାର ସମୟ ନିର୍ଦ୍ଧାରଣ ନାମକ ଏକ ଟେକ୍‌ନିକ୍‌ର ବ୍ୟବହାର କରିଥିଲେ। ଅନ୍ୱେଷଣରୁ ଏହା ମଧ୍ୟ ଜଣାପଡ଼ିଛି ଯେ ଚିତ୍ରରେ ଥିବା ହାତ ଚିହ୍ନ ଓ ଲାଲ୍ ରଙ୍ଗର ମାଟିର ବ୍ୟବହାର ହୋଇଛି। ଏଥିରୁ ଜଣାପଡୁଛି ଯେ ସେ ସମୟର ଲୋକମାନଙ୍କୁ ମଧ୍ୟ ପଥର କଳା ବିଷୟରେ ଜଣାଥିଲା। ଏହି ଅନ୍ୱେଷଣକୁ ପୁଷ୍ଟି କରିବା ପାଇଁ ସେମାନେ ପେଣ୍ଟିଂରେ ଜମା ହୋଇଥିବା କାଲ୍‌ସାଇଟ୍‌ର ଏକ ସ୍ତରରୁ ବୟସର ସନ୍ଧାନ ନେବା ପାଇଁ ୟୁରାନିୟମ୍-ଥେରିୟମ୍ ଡେଟିଂ ଟେକ୍‌ନିକ୍‌ର ସାହାଯ୍ୟ ନେଇଥିଲେ। ତେବେ ଏହାର ରଙ୍ଗରୁ ଜଣାପଡ଼ିଛି ଯେ ଚିତ୍ରଟି ଆୟରନ୍ ଅକ୍ସାଇଡ୍ ଦ୍ୱାରା ତିଆରି ହୋଇଛି। ଏହା ସହିତ ହାଇ-କ୍ୱାଲିଟି ଫଟୋଗ୍ରାଫି ଓ ଡିଜିଟାଲ୍ ଉପାୟ ଦ୍ୱାରା ପେଣ୍ଟିଂର ସୂକ୍ଷ୍ମ ଭାଗଗୁଡ଼ିକୁ ବ୍ରଶ୍ ଓ ହାତର ଚିହ୍ନ ଦ୍ୱାରା ବୈଜ୍ଞାନିକମାନେ ଗଭୀରତାର ସହିତ ଅଧ୍ୟୟନ କରିଥିଲେ।

## କ୍ୟାମ୍ପ୍ ସେଞ୍ଚୁରୀ

ଗ୍ରୀନ୍‌ଲ୍ୟାଣ୍ଡରେ ଏକ ଆଶ୍ଚର୍ଯ୍ୟ କରିବା ପରି ଆବିଷ୍କାର କରିଛନ୍ତି ନାସାର ବୈଜ୍ଞାନିକମାନେ। ବରଫର ମୋଟା ଚାଦର ତଳେ ୧୦୦ ଫୁଟ୍ ଗଭୀରତାରେ ମିଳିଛି ଏକ ସହରର ଅବଶେଷ ଯାହାକୁ କ୍ୟାମ୍ପ୍ ସେଞ୍ଚୁରୀ ବୋଲି କୁହାଯାଉଛି। କ୍ୟାମ୍ପ୍ ସେଞ୍ଚୁରୀ ଏକ ଗୁପ୍ତ ମିଲିଟାରୀ ପ୍ରୋଜେକ୍ଟ ଥିଲା ଯାହାକୁ ୧୯୬୦ ଦଶକରେ ନିର୍ମାଣ କରାଯାଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଆମେରିକା ସେନା ଏହି ପ୍ରୋଜେକ୍ଟର ଆରମ୍ଭ କରିଥିଲେ। ସେ ସମୟରେ ସୋଭିଏତ ୟୁନିୟନ୍ ସହିତ ମତଭେଦ ଥିବାରୁ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଏହି ପ୍ରୋଜେକ୍ଟକୁ ମଞ୍ଜୁରୀ ଦେଇଥିଲେ ଯାହାର ଉଦ୍ଦେଶ୍ୟ ଥିଲା ବରଫ ତଳେ ଏକ ସୈନ୍ୟ ବେସ୍‌ର ନିର୍ମାଣ କରିବା। ଏହି ବେସ୍ ଆମେରିକାକୁ ସୋଭିଏତ ୟୁନିୟନ୍ ଦ୍ୱାରା ହେବାକୁ ଥିବା କୌଣସି ନାଭିକୀୟ ଆକ୍ରମଣରୁ ରକ୍ଷା କରିବା ପାଇଁ ନିର୍ମାଣ କରାଯାଇଥିଲା। ଏକ ବଡ଼ ସହର ଭାବରେ କ୍ୟାମ୍ପ୍ ସେଞ୍ଚୁରୀର ନିର୍ମାଣ କରାଯାଇଥିଲା ଯେଉଁଥିରେ ୩,୦୦୦ ମାଇଲ୍ ଠାରୁ ବି ଅଧିକ ଲମ୍ବା ସୁଡ଼ଙ୍ଗ ଥିଲା। ଏହି ସୁଡ଼ଙ୍ଗ ଜରିଆରେ ଆଇସ୍‌ମ୍ୟାନ୍ ମିସାଇଲ୍‌କୁ ଲଞ୍ଚ କରାଯିବାର ଥିଲା। କାରଣ ସେ ସମୟରେ ଯଦି କେବେ ନ୍ୟୁକ୍ଲିୟର ଯୁଦ୍ଧ ହୋଇଥାନ୍ତା ତେବେ ଆମେରିକା, ସୋଭିଏତ୍ ୟୁନିୟନ୍ ଓ ପୂର୍ବ ୟୁରୋପର ୮୦ ପ୍ରତିଶତ ଟାର୍ଗେଟ୍‌କୁ ଏହା ସାହାଯ୍ୟରେ ଶେଷ କରାଯାଇଥାନ୍ତା। ଏହି ପ୍ରୋଜେକ୍ଟର ନାମ ଆଇସ୍‌ବର୍ମ ଦିଆଯିବାର ଥିଲା। ତେବେ ଏହାର ଲକ୍ଷ୍ୟ କେବଳ ବୈଜ୍ଞାନିକ ଅଧ୍ୟୟନ ନଥିଲା ଏହା ଥିଲା ଏକ ଗୁପ୍ତ ସୈନ୍ୟ ମିଶନ। ଏହି ପ୍ରୋଜେକ୍ଟକୁ ୧୯୬୭ରେ ବନ୍ଦ କରିଦିଆ ଯାଇଥିଲା କିନ୍ତୁ ଏହା ସମ୍ପର୍କରେ ୧୯୯୭ରେ ଜଣାପଡ଼ିଥିଲା।



## ପ୍ରତିଭା ରନ୍ତା
### 'ମୁଞ୍ଜ୍ୟା-୨'ର ନୂଆ ଲିଡ୍



ଏ ସମୟରେ ଅଭିନେତ୍ରୀ ପ୍ରତିଭା ରନ୍ତାଙ୍କର ଖୁବ୍ ଚାହିଦା ରହିଛି ଫିଲ୍ମି ଦୁନିଆରେ। ନିଜ ଅଭିନୟ ଯାଦୁରେ ପ୍ରତି ଦର୍ଶକଙ୍କୁ ବାନ୍ଧି ରଖିବାରେ ସଫଳ ହୋଇଛନ୍ତି ପ୍ରତିଭା। ଏହା ପୂର୍ବରୁ 'ଲାପତା ଲେଡିଜ୍' ପାଇଁ ସେ ଖୁବ୍ ପ୍ରଶଂସିତ ହୋଇଥିଲେ ଯେଉଁଥିରୁ ତାଙ୍କ ଲୋକପ୍ରିୟତାର ପ୍ରମାଣ ମିଳେ। ଫିଲ୍ମଟି ବକ୍ସ ଅଫିସ୍‌ରେ ୧୦୦ କୋଟିରୁ ଅଧିକ ଆୟ କରିଥିଲା। ଏବେ 'ମୁଞ୍ଜ୍ୟା-୨'ର ସେ ହେଉଛନ୍ତି ମୁଖ୍ୟ ନାୟିକା। ଏହି ଖବରରେ ଯେତିକି ଖୁସି ଅଛନ୍ତି ପ୍ରତିଭା ସେତିକି ଆଶ୍ଚର୍ଯ୍ୟ ହେଉଛନ୍ତି 'ମୁଞ୍ଜ୍ୟା-୧'ର ଅଭିନେତ୍ରୀ ଶରଭରୀ ୱାଘ୍। କାରଣ ପ୍ରଥମ ପାର୍ଟରେ ହାପି ଏଣ୍ଡିଂ ହୋଇଥିବା ବେଳେ ଦ୍ୱିତୀୟ ଭାଗରେ ପ୍ରତିଭାଙ୍କୁ ନେବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି। ତେବେ ଶରଭରୀଙ୍କୁ କୌଣସି ମୁଖ୍ୟ ଭୂମିକା ଦିଆଯିବାର ଯୋଜନା ରହିଛି। କିନ୍ତୁ ପ୍ରତିଭାଙ୍କୁ ମୁଖ୍ୟ ଭୂମିକାରେ କାଷ୍ଟ କରିବା ପଛରେ ନିର୍ମାତାମାନଙ୍କର କୌଣସି ବଡ଼ ଯୋଜନା ରହିଥାଇପାରେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ତାଙ୍କ ଚରିତ୍ର ସହିତ ଆରମ୍ଭ ହେବ ଏକ ନୂଆ କାହାଣୀ। ତେବେ ଅଭୟ ଓ ଶରଭରୀ ଅଭିନୀତ 'ମୁଞ୍ଜ୍ୟା'କୁ ଖୁବ୍ ଭଲପାଇବା ମିଳିଥିଲା। ତେବେ ବର୍ତ୍ତମାନ ବଲିଉଡ୍‌ରେ ପୁରୁଣା ଫିଲ୍ମ ୟୁନିଭର୍ସ ଏ ସମୟରେ ନିଜକୁ ଦ୍ୱିତୀୟ ଥର ସମ୍ଭାଳିବା ପାଇଁ ଚେଷ୍ଟା କରୁଥିବା ବେଳେ ମ୍ୟାଡକ୍ ହରର୍-କମେଡି ୟୁନିଭର୍ସ ଦର୍ଶକ ମହଲରେ ଖୁବ୍ ଲୋକପ୍ରିୟ ହୋଇ ଚାଲିଛି। ଗତ ବର୍ଷ ଏହାର ଦୁଇଟି ବଡ଼ ଫିଲ୍ମ ରିଲିଜ ହୋଇଥିଲା- 'ମୁଞ୍ଜ୍ୟା' ଓ 'ସ୍ତ୍ରୀ-୨'। ଏବେ ଏହାର ଆଗାମୀ ଫିଲ୍ମଗୁଡ଼ିକର ଘୋଷଣା ହୋଇସାରିଛି ଯେଉଁଗୁଡ଼ିକର ରିଲିଜ ତାରିଖ ବିଷୟରେ ଜଣାପଡ଼ି ନାହିଁ। ତେବେ ୱର୍କ ଫ୍ରଣ୍ଟ ଦୃଷ୍ଟିରୁ ପ୍ରତିଭା ଆଗାମୀ ସମୟରେ 'ଦି ରିଭୋଲ୍ୟୁସନାରିଜ୍'ରେ ନଜର ଆସିବେ। ଏଥିରେ ତାଙ୍କ ସହିତ ରୋହିତ ସରାଫ୍ ଓ ଗୁର୍ଫାତେ ନଜର ଆସିବେ। ଏହି ସିରିଜଟି ଆସନ୍ତା ବର୍ଷ ପ୍ରାଇମ୍‌ରେ ରିଲିଜ ହୋଇପାରେ।



ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଆଇଏଫ୍‌ଏସ୍ ଅଧିକାରୀ

## ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ସହିତ ସମ୍ପର୍କ ମଜଭୁତ କରିବାକୁ ଓଡ଼ିଶା ଆଗ୍ରହୀ



**ଭୁବନେଶ୍ୱର,୧୯/ଏନ୍‌ଏନ୍‌ଏସ୍:** ଓଡ଼ିଶା ଦକ୍ଷତା ବିକାଶ ପଦକ୍ଷେପ ମାଧ୍ୟମରେ ଯୁବପିଢ଼ିଙ୍କୁ ସଶକ୍ତ କରାଯାଉଛି। ସ୍କିଲ୍ଡ ଇନ୍ ଓଡ଼ିଶା ପଦକ୍ଷେପ ଏବେ ବିଶ୍ୱସ୍ତରୀୟ ସ୍ୱୀକୃତିପ୍ରାପ୍ତ ବ୍ରାଣ୍ଡ୍। ୟୁରୋପୀୟ ଦେଶଗୁଡ଼ିକରେ ଓଡ଼ିଶା ଆକାଂକ୍ଷୀ ଯୁବକମାନଙ୍କ ପାଇଁ ଉତ୍ତମ ସୁଯୋଗ ଯୋଗାଇବା ଦରକାର। କାରଣ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ସହିତ ସମ୍ପର୍କ ମଜଭୁତ୍ କରିବାକୁ ଓଡ଼ିଶା ଆଗ୍ରହୀ। ସେଥିପାଇଁ ରାଜ୍ୟର ଯୁବକମାନଙ୍କ ପାଇଁ ଭବିଷ୍ୟତ ଉଜ୍ଜ୍ୱଳ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସୋମବାର ଲୋକସେବା ଭବନରେ ୨୦୦୦ ଓ ୨୦୦୧ ବ୍ୟାଚର ଭାରତୀୟ ବୈଦେଶିକ ସେବା (ଆଇଏଫ୍‌ଏସ୍) ଅଧିକାରୀମାନେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ପ୍ରତିନିଧି ଦଳରେ ରୋମାନିଆରେ ଭାରତର ରାଷ୍ଟ୍ରଦୂତ ଡକ୍ଟର ମନୋଜ କୁମାର ମହାପାତ୍ର, ସ୍ଲୋଭେନିଆ ଗଣରାଜ୍ୟରେ ଭାରତର ରାଷ୍ଟ୍ରଦୂତ ଅମିତ ନାରଙ୍ଗ ଏବଂ ମାଲଟା ଗଣରାଜ୍ୟରେ ଭାରତର ହାଇ କମିଶନର ଗ୍ଲୋରିଆ ଗାଙ୍ଗଟେ ସାମିଲ ଅଛନ୍ତି। ବୈଠକରେ ଅଧିକାରୀମାନେ ଶାସନ, ଓଡ଼ିଶାରେ ବିକାଶ ପଦକ୍ଷେପ ଓ ବିଶ୍ୱସ୍ତରରେ ଭାରତର କୂଟନୈତିକ ସମ୍ପର୍କର ଉପରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ବର୍ଷକ ଭିତରେ ରାଜ୍ୟ ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିବା, ଚଳିତ ବର୍ଷ ଭୁବନେଶ୍ୱରରେ ପ୍ରବାସୀ ଭାରତୀୟ ଦିବସର ସଫଳ ଆୟୋଜନ ଏବଂ 'ଜନତା ମୁଖ୍ୟମନ୍ତ୍ରୀ' ଭାବରେ ଅଭିହିତ ହେବା କିଛି କମ୍ କଥା ନୁହେଁ ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି। ସେଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅଧିକାରୀମାନେ ପ୍ରଶଂସା କରିଥିଲେ। ଏହି ଅବସରରେ ଅଧିକାରୀମାନଙ୍କୁ ଦେଶ ପ୍ରତି ସେମାନଙ୍କର ନିରନ୍ତର ସେବା ପାଇଁ ମୁଖ୍ୟମନ୍ତ୍ରୀ ଶୁଭେଚ୍ଛା ଜଣାଇଥିଲେ ଏବଂ ବିଦେଶରେ ଭାରତର ସ୍ୱାର୍ଥକୁ ପ୍ରତିନିଧିତ୍ୱ କରିବାରେ ଅବଦାନ ଖୁବ୍ ବଡ଼ କଥା ବୋଲି ପ୍ରକାଶ କରିଥିଲେ। ବୈଠକରେ ମୁଖ୍ୟ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଉପସ୍ଥିତ ଥିଲେ।

## ଦିଲ୍ଲୀ ଗସ୍ତରେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୯/ଏନ୍‌ଏନ୍‌ଏସ୍:** ଚାରି ଦିନିଆ ନୂଆଦିଲ୍ଲୀ ଗସ୍ତରେ ଯାଉଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସୋମବାର ସନ୍ଧ୍ୟାରେ ସେ ଗସ୍ତ କରିଛନ୍ତି। ଏହି ଗସ୍ତ ସମୟରେ ସେ କେତେକ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ତେବେ ଗସ୍ତ ପୂର୍ବରୁ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଗୃହ ସଚିବ, ପୁଲିସ ଡିଜି, ମୁଖ୍ୟ ଶାସନ ସଚିବ, କ୍ରାଇମବ୍ରାଞ୍ଚ ଓ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ତେଣୁ ଦିଲ୍ଲୀରେ ସୁରକ୍ଷା ସମ୍ବନ୍ଧୀୟ କାର୍ଯ୍ୟକ୍ରମରେ ଯୋଗ ଦେବାର ମଧ୍ୟ କାର୍ଯ୍ୟକ୍ରମ ରହିଛି । ସେହିପରି ଦିଲ୍ଲୀ ଗସ୍ତ ଅବସରରେ ସେ କେତେକ କେନ୍ଦ୍ର ମନ୍ତ୍ରୀ ଓ କେନ୍ଦ୍ରୀୟ ନେତୃତ୍ୱଙ୍କୁ ଭେଟିପାରନ୍ତି। ରାଜ୍ୟରେ ସାଂଗଠନିକ ସ୍ଥିତି ନେଇ ଆଲୋଚନା ସହିତ ରାଜ୍ୟରେ ଖାଲିପଡ଼ିଥିବା ମନ୍ତ୍ରୀ ପଦ ଓ ବିଭିନ୍ନ ନିଗମର ଅଧ୍ୟକ୍ଷ ପଦ ପୂରଣ ପାଇଁ ଆଲୋଚନା ହେବାର ସମ୍ଭାବନା ରହିଛି। ହେଲେ ସରକାରୀ ଭାବେ ଏନେଇ କୌଣସି ସଠିକ୍ ସୂଚନା ମିଳିନାହିଁ।

## ମାସିକ ମେଗା ସ୍ୱାସ୍ଥ୍ୟ ଶିବିର


**ଭୁବନେଶ୍ୱର,୧୯/ଏନ୍‌ଏନ୍‌ଏସ୍:** ସିଏସ୍‌ଆର ସ୍ୱାସ୍ଥ୍ୟସେବା ପଦକ୍ଷେପ ପ୍ରକଳ୍ପ ଆରୋଗ୍ୟ ପକ୍ଷରୁ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜନ ହୋଇଯାଇଛି। ଶିବିରରେ ପ୍ରାୟ ୪୦୦ ହିତାଧିକାରୀଙ୍କୁ ମାଗଣା ପରାମର୍ଶ, ରୋଗ ଚିହ୍ନଟ ଏବଂ ଔଷଧ ପ୍ରଦାନ କରାଯାଇଥିଲା, ଯାହା ସିଧାସଳଖ ଗ୍ରାମୀଣ ସମ୍ପ୍ରଦାୟକୁ ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଥିଲା। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଉତ୍ସର୍ଗୀକୃତ ଦଳ ମାଗଣା ସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା, ଔଷଧ ପ୍ରଦାନ କରିଥିଲେ ଏବଂ ପ୍ରତିରୋଧକ ଯତ୍ନ ଏବଂ ପ୍ରାରମ୍ଭିକ ରୋଗ ନିର୍ଣ୍ଣୟ ସମ୍ପର୍କରେ ମଧ୍ୟ ସଚେତନତା ସୃଷ୍ଟି କରିଥିଲେ। ତେବେ ଗ୍ରାମୀଣ ସମ୍ପ୍ରଦାୟ ପାଇଁ ନିୟମିତ ଅତ୍ୟାବଶ୍ୟକ ଚିକିତ୍ସା ସେବା ସୁନିଶ୍ଚିତ କରିବା ପାଇଁ ମାସିକ ସ୍ୱାସ୍ଥ୍ୟ ଶିବିର ଆୟୋଜନ ହୋଇଥାଏ ବୋଲି ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି। ସେ କହିଛନ୍ତି ପ୍ରୋଜେକ୍ଟ ଆରୋଗ୍ୟ ମାଧ୍ୟମରେ, ୬୦,୦୦୦ରୁ ଅଧିକ ଲୋକଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ କରାଯାଉଛି। ଆରୋଗ୍ୟ ମାଧ୍ୟମରେ ଆର୍ଥିକ ବର୍ଷରେ, ୬୬୦ରୁ ଅଧିକ ମୋବାଇଲ୍ ହେଲଥ ୟୁନିଟ୍ ପରିଦର୍ଶନ କରାଯାଇଥିଲା, ଯାହା ଦୂରଦୂରାନ୍ତ ଗ୍ରାମଗୁଡ଼ିକରେ ୨୦,୫୦୦ରୁ ଅଧିକ ବ୍ୟକ୍ତିଙ୍କୁ ଦ୍ୱାରଦେଶ ସ୍ୱାସ୍ଥ୍ୟସେବା ସେବା ପ୍ରଦାନ କରିଥିଲା।

## ଚିକିତ୍ସା ଓ ଆଧ୍ୟାତ୍ମିକ ସଶକ୍ତିକରଣର ବିକାଶ ଘଟିଛି

**ଭୁବନେଶ୍ୱର,୧୯/ଏନ୍‌ଏନ୍‌ଏସ୍:** ଚିକିତ୍ସା ଓ ଆଧ୍ୟାତ୍ମିକ ସଶକ୍ତିକରଣ ଦିଗରେ ବିକାଶ ଘଟିଛି। ତେବେ ଏହି ଚିକିତ୍ସା ଓ ଆଧ୍ୟାତ୍ମିକ ସଶକ୍ତିକରଣ ପ୍ଲାଟଫର୍ମ ଦି ସିକିଅର୍ ୮ମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଲୋକମାନଙ୍କ ଭାବନାତ୍ମକ ଓ ଆର୍ଥିକ ବାଧାରୁ ମୁକ୍ତ ହେବା ଏବଂ ସନ୍ତୁଳନ ଓ ପରିପୂର୍ଣ୍ଣ ଜୀବନକୁ ଗ୍ରହଣ କରିବାରେ ସାହାଯ୍ୟ କରିବା ଲାଗି ଜ୍ୟୋତିଷ ଶାସ୍ତ୍ର, ସଂଖ୍ୟା ଜ୍ଞାନ ଓ ଚିକିତ୍ସା ଆଜି ସମସ୍ତଙ୍କୁ ବେଶ ସହାୟକ ହୋଇଛି ବୋଲି ଏ. ପାଚୌରି ଆଜି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଲୋକମାନଙ୍କୁ ନିଜର ପ୍ରକୃତ ମୂଲ୍ୟବୋଧ ସହ ଜଡ଼ିତ ହେବାରେ ସାହାଯ୍ୟ କରିବା ପାଇଁ ଏକ ସରଳ ଲକ୍ଷ୍ୟ ସହ ଦ ସିକିଅର୍‌ର ଆରମ୍ଭ ହୋଇଥିଲା। ଲୋକଙ୍କ ଜୀବନକୁ ସକାରାତ୍ମକ ଭାବେ ପ୍ରଭାବିତ କରି ଆଧ୍ୟାତ୍ମିକ ସଶକ୍ତିକରଣ ଓ ଆଧୁନିକ ଆରୋଗ୍ୟ ପଦ୍ଧତିରେ ବ୍ୟବସ୍ଥା ପ୍ରଦାନ କରାଯାଇଛି ବୋଲି ସେ କହିଛନ୍ତି।

ଇଣ୍ଡିଆ ଏଗେନ୍‌ଷ୍ଟ ନେଗେଟିଭିଟିର ଏକାଦଶ ସଂସ୍କରଣ

# ନକରାତ୍ମକତା ବିରୋଧରେ ଏକଜୁଟ ପାଇଁ ଆହ୍ୱାନ




**ଭୁବନେଶ୍ୱର,୧୯/ଏନ୍‌ଏନ୍‌ଏସ୍:** ଇଣ୍ଡିଆ ଏଗେନ୍‌ଷ୍ଟ ନେଗେଟିଭିଟି (ଆଇଏଏନ୍)ର ଏକାଦଶ ସଂସ୍କରଣ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି ଏବଂ ଜନଜାତି କଲ୍ୟାଣ ସଂସଦୀୟ କମିଟି ଅଧ୍ୟକ୍ଷ ତଥା ପୂର୍ବତନ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଫଗନ ସିଂହ କୁଲସ୍ତେ, ଭାରତରେ ଅବସ୍ଥାପିତ ରୁଆଣ୍ଡା ଉଚ୍ଚାୟୁକ୍ତ ଜାକଲିନ୍ ମୁକାଙ୍ଗିରା, ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ଏମ୍. ଏମ୍. ଦାସ, ଜଷ୍ଟିସ୍ ବି. ପି. ଦାସ, ଓଡ଼ିଶା ମାନବାଧିକାର କମିଶନ ଅଧ୍ୟକ୍ଷ ଜଷ୍ଟିସ୍ ଶତ୍ରୁଘ୍ନ ପୂଜାରୀ, ଉଚ୍ଚତମ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ମାନସ ମହାପାତ୍ର, ଓଡ଼ିଶାର ପୂର୍ବତନ ମହାଅଧିବକ୍ତା ଅଶୋକ ପରିଜା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିବା ବେଳେ ଉଚ୍ଚତମ ନ୍ୟାୟାଳୟର ପୂର୍ବତନ ବିଚାରପତି ଜଷ୍ଟିସ୍ ଅନଙ୍ଗ କୁମାର ପଟ୍ଟନାୟକ ଓ ଜଷ୍ଟିସ୍ ଏନ୍. ସନ୍ତୋଷ ହେଗଡ଼େ ଭର୍ଚୁଆଲ୍‌ରେ ଯୋଗଦେଇଥିଲେ। ଡ. ବି. ଆର୍. ଆମ୍ବେଦକର ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଘଣ୍ଟ ଚକ୍ରପାଣି, ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ପି. ଶେଷାଦ୍ରି, ଦିଲ୍ଲୀ ଦୂରଦର୍ଶନର ବରିଷ୍ଠ ସମ୍ପାଦକ ଅଶୋକ ଶ୍ରୀବାସ୍ତବ, ଦକ୍ଷିଣ ଭାରତର ପ୍ରକାଶକ ଦେବେନ୍ଦ୍ର ଶର୍ମା ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ କୁଲସ୍ତେ କହିଲେ, ନାନା ବାଧାବିଘ୍ନ ସତ୍ତ୍ୱେ ଅଚ୍ୟୁତ ସାମନ୍ତ ସମାଜର ଅବହେଳିତ ବର୍ଗ ବିଶେଷ କରି ଜନଜାତିଙ୍କ ବିକାଶ ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିରନ୍ତର କାର୍ଯ୍ୟ କରି ଆସୁଛନ୍ତି। ଏହା ତାଙ୍କର ସକାରାତ୍ମକ ମନୋଭାବର ପରିଚାୟକ ବୋଲି ସେ କହିଥିଲେ। ସାପ୍ତାହିକ ଦି ଅର୍ଗାନାଇଜର୍‌ର ସମ୍ପାଦକ ପ୍ରଫୁଲ୍ଲ କେଟ୍‌କର ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ବିଶ୍ୱକୁ ସକାରାତ୍ମକତାର ଦାନ ହେଉଛି ଭାରତ। ଭିନ୍ନତା ମଧ୍ୟରେ ଐକ୍ୟତା ହେଉଛି ଭାରତର ସକାରାତ୍ମକତାର ବୈଶିଷ୍ଟ୍ୟ। ସକାରାତ୍ମତାର ମୂଳ ଆଧାର ହେଉଛି ଭାରତ। ଏହାକୁ ବଜାୟ ରଖିବା ପାଇଁ ସମସ୍ତ ଭାରତୀୟ ପ୍ରୟାସ ଜାରି ରହିବା ଉଚିତ ବୋଲି ସେ କହିଥିଲେ। ଶ୍ରୀମତୀ ମୁକାଙ୍ଗିରା କହିଲେ, ବ୍ୟକ୍ତି ସମ୍ମାନ, ସୁରକ୍ଷା ଦିଗରେ ଅହିଂସା ହେଉଛି ସର୍ବୋତ୍ତମ ମାର୍ଗ। ଆମେ ମହାତ୍ମା ଗାନ୍ଧୀଙ୍କଠାରୁ ଏହି ଅହିଂସା ନୀତି ଶିକ୍ଷା କରିଛୁ। ନକରାତ୍ମକତା କିଛି ନୂଆ କଥା ନୁହେଁ ବୋଲି ଜଷ୍ଟିସ୍ ପୂଜାରୀ କହିଥିଲେ। ଜଷ୍ଟିସ୍ ଏମ୍. ଏମ୍. ଦାସ ନିଜ ବକ୍ତବ୍ୟରେ ସାମାଜିକ ଗଣମାଧ୍ୟମ ନକରାତ୍ମତା ଧାରାକୁ ବଢ଼ାଉଛି ବୋଲି କହିଥିଲେ। ଜଷ୍ଟିସ୍ ବି. ପି. ଦାସ କହିଲେ, ଆମେ ନକରାତ୍ମକତା ଭଳି ଛୋଟ ଚିନ୍ତାଧାରାକୁ ଗୁରୁତ୍ୱ ଦେବା ଉଚିତ ନୁହେଁ ଏବଂ ସମସ୍ତେ ଏକାଠି ହୋଇ ରାଷ୍ଟ୍ରଗଠନ ଦିଗରେ କାର୍ଯ୍ୟ କରିବା ଉଚିତ। ଜଷ୍ଟିସ୍ ହେଗଡ଼େ ଡ. ସାମନ୍ତଙ୍କ ଏହି ପ୍ରୟାସକୁ ପ୍ରଶଂସା କରି କହିଲେ, ଜନଜାତିଙ୍କ ଉତ୍ଥାନ ଦିଗରେ ଶ୍ରୀ ସାମନ୍ତ ଅବିରତ କାର୍ଯ୍ୟ କରିବା ହେଉଛି ସକାରାତ୍ମକତାକୁ ପ୍ରୋତ୍ସାହିତ କରିବା। ଶ୍ରୀ ଶ୍ରୀବାସ୍ତବ କହିଲେ, ନକରାତ୍ମକତା ବିଶେଷ କରି ପାଇଁ ଗଣମାଧ୍ୟମ ଦ୍ୱାରା ପ୍ରସାର ଲାଭ କରୁଛି। ଶ୍ରୀ ଶେଷାଦ୍ରି ସମସ୍ତଙ୍କୁ ନକରାତ୍ମକ ଚିନ୍ତାଧାରାରୁ ଦୂରେଇ ରହି ସକାରାତ୍ମକ ଭାବନା ନେଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ପ୍ରଫେସର ଚକ୍ରପାଣି ତାଙ୍କ ବକ୍ତବ୍ୟରେ ସାମାଜିକ ଗଣମାଧ୍ୟମ ଓ ପାରମ୍ପରିକ ଗଣମାଧ୍ୟମ ସମାଜରେ ନକରାତ୍ମକ ଭୂମିକା ଗ୍ରହଣ କରୁଛି ବୋଲି କହିଥିଲେ। ଶ୍ରୀ ଶର୍ମା କହିଲେ, ଆମେ ଭଲ କହିବା, ଭଲ ଚିନ୍ତା କରିବା ଏବଂ ସକାରାତ୍ମକ ଲୋକଙ୍କ ସହ ମିଶିବା ଉଚିତ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ପ୍ରଦାନ କରି କହିଲେ, ଆଇଏଏନ୍ ହେଉଛି ରାଷ୍ଟ୍ର ନିର୍ମାଣ ଦିଗରେ ଉଦ୍ଦେଶ୍ୟମୂଳକ, ପ୍ରଗତିଶୀଳ ଏବଂ ସକ୍ରିୟ କାର୍ଯ୍ୟ ମାଧ୍ୟମରେ ସକାରାତ୍ମକତାକୁ ପ୍ରୋତ୍ସାହିତ କରିବା ପାଇଁ ଏକ ପରିବର୍ତ୍ତନକାରୀ ନାଗରିକ-ସମାଜ ଆନ୍ଦୋଳନ। ଏଥାଇ ଆଙ୍କର 'କିରଣ' କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଆଇଏଏନ୍ ମୁଖପତ୍ର ପୁସ୍ତକ ଉନ୍ମୋଚିତ ହୋଇଥିବା ବେଳେ ଏକ ଉତ୍ସର୍ଗୀକୃତ ୱେବସାଇଟ୍ ଉନ୍ମୋଚନ କରାଯାଇଥିଲା।

## ବିଡିଏର ୪୩ତମ ପ୍ରତିଷ୍ଠା ଦିବସ

**ଭୁବନେଶ୍ୱର,୧୯/ଏନ୍‌ଏନ୍‌ଏସ୍:** ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ୪୩ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରତିଷ୍ଠା ଦିବସରେ ମୁଖ୍ୟଅତିଥି ଭାବେ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ଓ ସାଧାରଣ ଉଦ୍ୟୋଗ ବିଭାଗର ମନ୍ତ୍ରୀ ତଥା ବିଡିଏ ଅଧ୍ୟକ୍ଷ ଡ଼ା. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ, ବିଧାୟକ ବାବୁ ସିଂ, ବିଡିଏ ଉପାଧ୍ୟକ୍ଷ ଡା.ଏନ୍ ତିରୁମାଲା ନାୟକ, ବିଡିଏ ସଚିବ ମାନସ ରଞ୍ଜନ ପାଢ଼ୀ ଓ ବିଡିଏ କର୍ମଚାରୀ ଇଉନାଇଟେଡ୍ ଫୋରମ୍‌ର ସଭାପତି ସମୀର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ମନ୍ତ୍ରୀ ଶ୍ରୀ ମହାପାତ୍ର ତାଙ୍କ ଅଭିଭାଷଣରେ ଭୁବନେଶ୍ୱରର ଦ୍ରୁତ ବୃଦ୍ଧି ପାଉଥିବା ଜନସଂଖ୍ୟାକୁ ନଜରରେ ରଖି ସହରୀ ଯୋଜନାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ସେ ଭୁବନେଶ୍ୱରକୁ ଏକ ବିଶ୍ୱସ୍ତରୀୟ ସହରରେ ରୂପାନ୍ତରିତ କରିବାର ସ୍ୱପ୍ନ ସହିତ ସହରର ଅଭିବୃଦ୍ଧି, ରାଜଧାନୀରେ ନିଜର ସ୍ୱପ୍ନର ଘର ଗଢ଼ିବା ପାଇଁ ଚାହୁଁଥିବା ଲୋକଙ୍କ ସ୍ୱପ୍ନକୁ ସଫଳ କରିବା ଦିଗରେ ବିଡିଏର ପ୍ରତିବଦ୍ଧତା ବିଷୟରେ ସେ କହିଥିଲେ। ମେୟର ଶ୍ରୀମତୀ ଦାସ ଭୁବନେଶ୍ୱରକୁ ସମସ୍ତଙ୍କ ପାଇଁ ଉପଯୁକ୍ତ ସହରରେ ଗଢ଼ିବାରେ ବିଡିଏର ମୁଖ୍ୟ ଭୂମିକା ଉପରେ ଆଲୋକପାତ କରିଥିଲେ। ସହରର ଦ୍ରୁତ ଅଭିବୃଦ୍ଧି ଓ ଜନସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ସହରାଞ୍ଚଳ ବାସହୀନଙ୍କୁ ଆଶ୍ରୟ ପ୍ରଦାନ କରୁଥିବା ପ୍ରକଳ୍ପଗୁଡ଼ିକୁ ପ୍ରାଥମିକତା ଦେବାକୁ ଏକାମ୍ର ବିଧାୟକ ବାବୁ ସିଂହ ବିଡିଏକୁ କହିଥିଲେ। ବିଡିଏ ଉପାଧ୍ୟକ୍ଷ ସହରର ବ୍ୟାପକ ବିକାଶ ଓ ବାସିନ୍ଦାଙ୍କ ଜୀବନଧାରଣ ମାନ ବୃଦ୍ଧି ଦିଗରେ କର୍ତ୍ତୃପକ୍ଷଙ୍କ ପ୍ରତିବଦ୍ଧତାକୁ ଦୋହରାଇଥିଲେ। ବିଡିଏ କର୍ମଚାରୀ ଇଉନାଇଟେଡ୍ ଫୋରମ୍‌ର ସଭାପତି ସମୀର ମହାନ୍ତି ବିଡିଏ କର୍ମଚାରୀଙ୍କ ପାଇଁ ପେନ୍‌ସନ୍ ଯୋଜନା କାର୍ଯ୍ୟକାରୀ କରିବାକୁ ଦାବି ଦୋହରାଇଛନ୍ତି। ଏହି ଅବସରରେ ବିଡିଏ ସଚିବ ମାନସ ରଞ୍ଜନ ପାଢ଼ୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ବିଡିଏର ଅତିରିକ୍ତ ଆୟୁକ୍ତ ସ୍ନିଗ୍ଧା ରାଣୀ ଧଳ ଧନ୍ୟବାଦ୍ ଦେଇଥିଲେ।

ହାଇକୋର୍ଟରେ ସିସୋର୍ ଚିଟ୍‌ଫଣ୍ଡ ମାମଲା

## ପୂର୍ବତନ ସାଂସଦ ରବୀନ୍ଦ୍ର ଜେନାଙ୍କ ଅନ୍ତରୀଣ ସୁରକ୍ଷା ବଳବତ୍ତର

**କଟକ,୧୯/ଏନ୍‌ଏନ୍‌ଏସ୍:** ସିସୋର୍ ଚିଟ୍‌ଫଣ୍ଡ ମାମଲାରେ ପୂର୍ବତନ ସାଂସଦ ରବୀନ୍ଦ୍ର ଜେନାଙ୍କ ଅନ୍ତରୀଣ ସୁରକ୍ଷାକୁ ଆଜି ହାଇକୋର୍ଟ ବଳବତ୍ତର ରଖିଛନ୍ତି। ମାମଲାର ଶୁଣାଣିବେଳେ ଗତ ଜୁଲାଇ ୨୮ ତାରିଖରେ ସିବିଆଇ ରବୀନ୍ଦ୍ରଙ୍କୁ ଜେରା କରିଥିବା ନେଇ ହାଇକୋର୍ଟଙ୍କୁ ଅବଗତ କରାଯାଇଛି। ଏହି ମାମଲାରେ ସିବିଆଇ ପୂର୍ବରୁ ତାଙ୍କୁ ନୋଟିସ୍ ଜାରି କରି ହାଜର ହେବାକୁ ଆଦେଶ ଦେବା ସହ ତଦନ୍ତକାରୀ ସଂସ୍ଥା ନିକଟରେ ପକ୍ଷ ରଖିବାକୁ ଆଦେଶ ଦେଇଥିଲେ। ଚିଟ୍‌ଫଣ୍ଡ ମାମଲାରେ ତାଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲାର ନଥିପତ୍ର ଯୋଗାଇ ଦେବାକୁ ରବୀନ୍ଦ୍ର ହାଇକୋର୍ଟରେ ଆବେଦନ କରିଥିଲେ। ତେବେ ମାମଲାର ପରବର୍ତ୍ତୀ ଶୁଣାଣି ଯାଏ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ଅନ୍ତରୀଣ ଆଦେଶ ଦେଇଛନ୍ତି। ଏଥିସହିତ ଆସନ୍ତା ୧୬ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ଅଦାଲତ କହିଛନ୍ତି। ସିସୋର୍ ଚିଟ୍‌ଫଣ୍ଡ ମାମଲାରେ ପୂର୍ବରୁ ମଧ୍ୟ ହାଇକୋର୍ଟ ରବୀନ୍ଦ୍ରଙ୍କୁ ସିବିଆଇ ମାମଲା ରଦ୍ଦ ଆବେଦନକୁ ଖାରଜ କରିଥିଲେ। ସିସୋର ଚିଟଫଣ୍ଡ ଠକେଇ ଘଟଣାରେ ସିବିଆଇ ତାଙ୍କ ବିରୋଧରେ ମାମଲା ରୁଜୁ କରିଥିବାବେଳେ ଉକ୍ତ ମାମଲାକୁ ରଦ୍ଦ କରିବା ପାଇଁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ହ୍ୟୁଜ୍ ଆପ୍‌ରେ ଟଙ୍କା ଠକେଇ: ଓଡ଼ିଶା ମୁଖ୍ୟ ଗିରଫ

**କଟକ,୧୯/ଏନ୍‌ଏନ୍‌ଏସ୍:** ହ୍ୟୁଜ୍ ଆପ୍‌ରେ ଟଙ୍କା ରୋଜଗାର କରିବା ଲୋଭ ଦେଖାଇ ଲକ୍ଷଲକ୍ଷ ଟଙ୍କା ଠକି ନେବା ଘଟଣାରେ କଟକ ସାଇବର ଥାନା ପୁଲିସ ଆପ୍‌ର ଓଡ଼ିଶା ମୁଖ୍ୟଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ବାଲେଶ୍ୱର ଜିଲ୍ଲା ଚାନ୍ଦିପୁର ଥାନା ଅନ୍ତର୍ଗତ ଦାସି ଗ୍ରାମର ପାର୍ଥସାରଥୀ ଦାସ (୬୪)। ଅଭିଯୁକ୍ତଠାରୁ ପୁଲିସ ୩ଟି ମୋବାଇଲ, ନଗଦ ୬୮ହଜାର ଟଙ୍କା, ହ୍ୟୁଜ ମାର୍କେଟିଙ୍ଗ ଲିମିଟେଡ଼ର ପ୍ରାଧିକରଣ ପ୍ରମାଣପତ୍ର ଓ ପୋଷ୍ଟର ଜବତ କରିଛି। ଏହାଛଡ଼ା ପୁଲିସ ଅଭିଯୁକ୍ତ ପାର୍ଥସାରଥୀର ବ୍ୟାଙ୍କ ଆକାଉଣ୍ଟ୍‌ରେ ଥିବା ୨ଲକ୍ଷ ୫୧ହଜାର ଟଙ୍କାକୁ ଫ୍ରିଜ କରିଦେଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।




ଗତ ଅଗଷ୍ଟ ୨୮ ତାରିଖରେ ସ୍ଥାନୀୟ ଦରଘା ବଜାର ଥାନା ଅନ୍ତର୍ଗତ କଦମରସୁଲ ଅଞ୍ଚଳର ମିର୍ଜା ଅଲି ବେଗ ଥାନାରେ ଏକ ଅଭିଯୋଗ ଦାୟର କରିଥିଲେ। ୨ ମାସ ଧରି ହ୍ୟୁଜ ଆପ ନାମକ ଏକ ମୋବାଇଲ ଆପ୍ଲିକେଶନ୍ ମାଧ୍ୟମରେ ୨୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ପ୍ରତ୍ୟେକ ୧୬୫୦୦ଟଙ୍କା ଲେଖାଏଁ ପଞ୍ଜୀକରଣ ରାଶି ଦେଇଥିଲେ। କିନ୍ତୁ ଗତ ଅଗଷ୍ଟ ୧୯ ତାରିଖରେ ଆପ ହଠାତ କାମ କରିବା ବନ୍ଦ କରିଦେଇଥିଲା। ବାରମ୍ବାର ପ୍ରୟାସ ସତ୍ତ୍ୱେ କୌଣସି ଫଳାଫଳ ମିଳିନଥିଲା। ଫଳରେ ପଞ୍ଜୀକୃତ ହୋଇଥିବା ବ୍ୟକ୍ତିମାନେ ହ୍ୟୁଜ ଆପ୍ ଦ୍ୱାରା ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏହା ପରେ ଠକେଇର ଶିକାର ହୋଇଥିବା ନେଇ ଥାନାରେ ଏତଲା ଦାୟର କରାଯାଇଥିଲା। ଏହି ଏତଲାକୁ ଆଧାର କରି କଟକ ସାଇବର୍ ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ସ୍ୱତନ୍ତ୍ର ତଦନ୍ତକାରୀ ଦଳ ବାଲେଶ୍ୱର ଚାନ୍ଦିପୁର ପୁଲିସ ସହାୟତାରେ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଆଦି କର୍ମଯୋଗୀ ଅଭିଯାନରେ ୨୧ ଗାଁ ସାମିଲ୍



**କଟକ,୧୯/ଏନ୍‌ଏନ୍‌ଏସ୍:** ବିକଶିତ ଭାରତ ଗଠନ ଓ ଶେଷ ମାଇଲି ପର୍ଯ୍ୟନ୍ତ ସମସ୍ତ ସୁବିଧା ପହଞ୍ଚାଇବା ସୁନିଶ୍ଚିତ କରିବା ପାଇଁ ଏକ ବିକେନ୍ଦ୍ରିକୃତ, ସାଂସ୍କୃତିକ ପୃଷ୍ଠଭୂମି ଏବଂ ସମନ୍ୱୟ ଆଧାରିତ କ୍ୟାଡ଼ର ମାଧ୍ୟମରେ ଆଦିବାସୀ ସମ୍ପ୍ରଦାୟଙ୍କୁ ସଶକ୍ତ କରିବା ନିମନ୍ତେ ଆଦି କର୍ମଯୋଗୀ ଅଭିଯାନ ଆରମ୍ଭ କରାଯାଇଛି। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ଅଧ୍ୟକ୍ଷତାରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଜିଲ୍ଲାସ୍ତରୀୟ ଆଦି କର୍ମଯୋଗୀ ଅଭିଯାନ କାର୍ଯ୍ୟକ୍ରମରେ ସେବା, ସମର୍ପଣ ଏବଂ ସଂକଳ୍ପ ମନୋଭାବ ନେଇ ବିକଶିତ ଭାରତ ଗଠନ ନିମନ୍ତେ କାର୍ଯ୍ୟ କରିବା ଦିଗରେ ଆଗେଇ ଆସିବାକୁ ଜିଲ୍ଲାପାଳ ଆହ୍ୱାନ ଦେଇଛନ୍ତି। ଆଦି କର୍ମଯୋଗୀ ହେଉଛି ଏକ ମହତ୍ୱାକାଂକ୍ଷୀ ଅଭିଯାନ, ଯାହା ଆଦିବାସୀ ଅଧ୍ୟୁସିତ ଅଞ୍ଚଳରେ ଉତ୍ତରଦାୟୀ ଶାସନ ଏବଂ ସମାଜର ଶେଷ ସ୍ତର ପର୍ଯ୍ୟନ୍ତ ସେବା ସୁନିଶ୍ଚିତ କରେ। ଏଥିପାଇଁ କଟକ ଜିଲ୍ଲାର ୨୧ଟି ଗାଁ ଚିହ୍ନଟ କରାଯାଇଛି। ଆଜି ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଡ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଆଠଗଡ଼ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ଜିଲ୍ଲା ମଙ୍ଗଳ ଅଧିକାରୀ ମଧୁସ୍ମିତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ୨୦୧୧ ଜନ ଗଣନା ଅନୁଯାୟୀ ୫୦୦ ଜନସଂଖ୍ୟା ବିଶିଷ୍ଟ ଗ୍ରାମ, ଯେଉଁଠାରେ ୫୦ ପ୍ରତିଶତ ଜନସଂଖ୍ୟା ଆଦିବାସୀ ସମ୍ପ୍ରଦାୟର ହୋଇଥିବେ ସେହି ଅନୁଯାୟୀ ଗ୍ରାମଗୁଡ଼ିକୁ ଚିହ୍ନଟ କରାଯାଇଛି।

## ବଢୁଛି ବିଶ୍ୱସ୍ତରୀୟ ଇଣ୍ଟେରିୟର୍‌ର ଚାହିଦା

**ଭୁବନେଶ୍ୱର,୧୯/ଏନ୍‌ଏନ୍‌ଏସ୍:** ବିଶ୍ୱସ୍ତରୀୟ ଇଣ୍ଟେରିୟର ଚାହିଦା ଓ ପସନ୍ଦ ବଢ଼ିବାରେ ଲାଗିଛି। ତେବେ ବର୍ତ୍ତମାନ ପରିପ୍ରେକ୍ଷୀରେ ସବୁବର୍ଗର ବ୍ୟକ୍ତି ବିଶେଷକରି ଯୁବଗୋଷ୍ଠୀ ଇଣ୍ଟେରିୟର୍‌କୁ ସର୍ବାଧିକ ପସନ୍ଦ କରୁଥିବା ଗୀତା ରାମନନ କହିଛନ୍ତି। ଆଜି ଆୟୋଜିତ କାର୍ଯ୍ୟକ୍ରମରେ ସେ କହିଥିଲେ ଯେ, ହୋମ ଇଣ୍ଟେରିୟର୍ ସଲ୍ୟୁଶନ୍ସ ବ୍ରାଣ୍ଡ ଡିଜାଇନକ୍ୟାଫେ ପ୍ରଥମ କରି ଆରମ୍ଭ ହୋଇଛି। ପୁରସ୍କାରପ୍ରାପ୍ତ ଆର୍କିଟେକ୍ଟ ଏବଂ ସହପ୍ରତିଷ୍ଠାତା ଗୀତା ରାମନନ ଓ ସିଜାନ ଭୋଜାନିଙ୍କ ଦ୍ୱାରା ସ୍ଥାପିତ ଏହି ଅନୁଷ୍ଠାନ ସଭିଙ୍କ ପସନ୍ଦ। ଭୁବନେଶ୍ୱରର ବଢୁଥିବା ପରିବାର ଓ ନୂଆ ଘରମାଲିକମାନେ ଏବେ ୫୧,୦୪୦ରୁ ଅଧିକ ଡିଜାଇନ୍ ଏଠାରୁ ମଧ୍ୟ ପାଇପାରିବେ ବୋଲି ସେ କହିଛନ୍ତି।

## ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଦ୍ୱାରା ସର୍ବାଧିକ ଦ୍ରୁତ ପଣ୍ୟ କାରବାର

**ଭୁବନେଶ୍ୱର,୧୯/ଏନ୍‌ଏନ୍‌ଏସ୍:** ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଚଳିତ



ଆର୍ଥିକ ବର୍ଷର (ଏପ୍ରିଲ୍‌ରୁ ଅଗଷ୍ଟ) ପ୍ରଥମ ପଞ୍ଚମାସିକ ଅବଧିରେ ଭାରତୀୟ ରେଳବାଇର ସର୍ବାଧିକ ଦ୍ରୁତ ପଣ୍ୟ ବୋଝେଇ ଓ ଅପସାରଣ କ୍ଷମତା ପ୍ରଦର୍ଶନ କରି ବଡ଼ ଉପଲବ୍ଧି ଅର୍ଜନ କରିଛି। ଏହି ଅବଧିରେ ରେଳମଣ୍ଡଳ ୧୩୨.୧୭ ନିୟୁତ ଟନ୍ ମାନ୍ୟ ବୋଝେଇ ଓ ଅପସାରଣ କରିଛି, ଯାହା ୨୦୨୪-୨୫ ଆର୍ଥିକ ବର୍ଷର ସମାନ ଅବଧିରେ ହୋଇଥିବା ୧୨୪.୩୦ ନିୟୁତ ଟନ୍‌ଠାରୁ ଅଧିକ। ଏହି ସମୟ ମଧ୍ୟରେ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ୭୨.୩୪ ନିୟୁତ ଟନ୍ ମାନ୍ୟ ବୋଝେଇ (୨୦୨୪ ର ୬୬.୫୦ ନିୟୁତ ଟନ୍‌ଠାରୁ ୯% ବୃଦ୍ଧି), ୫୯.୮୩ ନିୟୁତ ଟନ୍ ପଣ୍ୟ ଅପସାରଣ (୨୦୨୪ ର ୫୭.୮୦ ମିଲିୟନ୍ ଟନ୍) କରିଛି, ଯାହା ଏହି ରେଳମଣ୍ଡଳର କାର୍ଯ୍ୟଦକ୍ଷତା ଓ ସମ୍ପଦ ଉପଯୋଗରେ ଉତ୍କୃଷ୍ଟ ପ୍ରଦର୍ଶନକୁ ସ୍ପଷ୍ଟ କରିଛି। ଅଗଷ୍ଟ ମାସରେ ପଣ୍ୟ ବୋଝେଇ ରହିଛି ୧୫.୦୩ ନିୟୁତ ଟନ୍ (୨୦୨୪ ର ୧୩.୧୯ ନିୟୁତ ଟନ୍‌ଠାରୁ ୧୩% ବୃଦ୍ଧି)। ପଣ୍ୟ ଅପସାରଣ ରହିଛି ୧୧.୩୬ ନିୟୁତ ଟନ୍ (୨୦୨୪ ର ୧୧.୧୫ ନିୟୁତ ଟନ୍‌ଠାରୁ ୧.୮୮% ବୃଦ୍ଧି)। ରେକ୍ ଉପଯୋଗ ରହିଛି ୪,୦୨୭ (୨୦୨୪ର ୩,୬୪୬ଠାରୁ ୧୦% ବୃଦ୍ଧି)। ଏହି କ୍ରମାଗତ ବୃଦ୍ଧି ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର କର୍ମଚାରୀମାନେ, ଗ୍ରାହକ, ଭାଗିଦାରୀ ଓ ପୂର୍ବତଟ ରେଳପଥ ଜୋନ୍ ସହଯୋଗ ଦ୍ୱାରା ସମ୍ଭବ ହୋଇପାରିଛି। ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ନିଜର ପଣ୍ୟ ସାମଗ୍ରୀ ପରିବହନ କ୍ଷେତ୍ରରେ ଅଭିନବ ମାନଦଣ୍ଡ ସ୍ଥାପନ କରୁଛି, ଯାହା ଭାରତର ଲଜିଷ୍ଟିକ୍ସ ଢାଞ୍ଚାକୁ ଶକ୍ତି ଦେଉଛି ଓ ଦେଶର ଆର୍ଥିକ ବୃଦ୍ଧିକୁ ସହାୟକ ହୋଇପାରିଛି।

## ଓଡ଼ିଶା ଯାତ୍ରୀ ଆପ୍‌ରେ କିଣିହେବ ଆମ ବସ୍ ଏବଂ ଚିଲିକା ବୋଟିଂ ଟିକେଟ୍

**ଭୁବନେଶ୍ୱର,୧୯/ଏନ୍‌ଏନ୍‌ଏସ୍:** ଓଡ଼ିଶା ଯାତ୍ରୀ ଆପ୍‌ର କଳେବର ବଢ଼ାଇଛି ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ। ଏଣିକି ଏହି ଆପ୍ ମାଧ୍ୟମରେ ଆମ ବସ୍ ଏବଂ ସାତପଡ଼ାରେ ଚିଲିକା ବୋଟିଂ ନିମନ୍ତେ ଟିକେଟ୍ କିଣିପାରିବେ। ପର୍ଯ୍ୟଟକ ଏବଂ ଯାତ୍ରୀଙ୍କ ଅନୁଭବକୁ ଅଧିକ ସୁଖଦ ଏବଂ ସହଜ କରିବା ଉଦ୍ଦେଶ୍ୟରେ ଏହି ନୂତନ ସୁବିଧାକୁ ଆପ୍‌ରେ ଅନ୍ତର୍ଭୁକ୍ତ କରାଯାଇଛି। ରାଜ୍ୟ ସରକାରଙ୍କ ଆମ ବସ୍ ସେବା ଅଧୀନରେ ଚଳାଚଳ କରୁଥିବା ଯେ କୌଣସି ବସ୍‌ରେ ଯାତାୟାତ ନିମନ୍ତେ ଏହି ଆପ୍ ମାଧ୍ୟମରେ ବିନା କୌଣସି ବାଧାରେ ଟିକେଟ୍ ବୁକିଂ କରି ସୁରକ୍ଷିତ ଏବଂ ଆରାମଦାୟକ ବସ୍ ଯାତ୍ରାର ଲାଭ ପାଇପାରିବେ। ଅନୁରୂପ ଭାବେ ଚିଲିକା ଭ୍ରମଣରେ ଆସୁଥିବା ପର୍ଯ୍ୟଟକ ସାତପଡ଼ାଠାରେ ସେମାନଙ୍କ ସୁବିଧା ମୁତାବକ ବୋଟିଂ ନିମନ୍ତେ ଏହି ଆପ୍ ମାଧ୍ୟମରେ ଟିକେଟ୍ ବୁକିଂ କରି ଡିଜିଟାଲ ଟିକେଟ୍ ପାଇପାରିବେ। ବୋଟିଂ ଆରମ୍ଭ ପୂର୍ବରୁ ଏହି ଡିଜିଟାଲ ଟିକେଟ ଯାଞ୍ଚ କରାଯାଇ ଯାତ୍ରା ନିମନ୍ତେ ଅନୁମତି ଦିଆଯିବ। ସମସ୍ତ ଆଣ୍ଡରୋଏଡ୍ ପ୍ଲାଟଫର୍ମରେ ଏହି ଆପ୍ ଉପଲବ୍ଧ ହୋଇସାରିଥିବାବେଳେ ଆଇଓଏସ୍‌ରେ ନିକଟରେ ଭବିଷ୍ୟତରେ ଉପଲବ୍ଧ ହେବ। ଏହା ସହିତ ଯାତ୍ରୀଙ୍କ ମତାମତକୁ ଭିତ୍ତିକରି ଟିକେଟ୍ ବୁକିଂ ବ୍ୟବସ୍ଥାରେ ମଧ୍ୟ ଆବଶ୍ୟକ ସୁଧାର ଅଣାଯିବ। ଓଡ଼ିଶା ଯାତ୍ରୀ କେବଳ ଏକ ଡିଜିଟାଲ ସେବା ନୁହଁ, ଯାତ୍ରୀଙ୍କୁ ସାର୍ବଜନୀନ, ଟେକ୍ନୋଲୋଜି ଭିତ୍ତିକ, ତ୍ରୁଟିଶୂନ୍ୟ ସେବା ଯୋଗାଇ ଦେବାର ସଂକଳ୍ପ ବୋଲି କହିଛନ୍ତି ଗୃହନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ। ଏହି ଡିଜିଟାଲ ପ୍ଲାଟଫର୍ମ ସହାୟତାରେ ବସ୍ ସେବା ଏବଂ ବୋଟିଂ ଗୋଟିଏ କ୍ଲିକ୍‌ରେ ଉପଲବ୍ଧ ହୋଇପାରିବ।

## ପୁରୀ–ବାଙ୍ଗିରିପୋଷି–ପୁରୀ ଏକ୍ସପ୍ରେସ୍‌ରେ ନୂଆ ସୁବିଧା

**ଭୁବନେଶ୍ୱର,୧୯/ଏନ୍‌ଏନ୍‌ଏସ୍:** ପୂର୍ବତଟ ରେଳପଥ ଯାତ୍ରୀଙ୍କ ସୁବିଧା ବୃଦ୍ଧି ଏବଂ ବର୍ଦ୍ଧିତ ଚାହିଦାକୁ ଦୃଷ୍ଟିରେ ରଖି ଟ୍ରେନ୍ ନଂ ୧୨୮୯୨/୧୨୮୯୧ ପୁରୀ-ବାଙ୍ଗିରିପୋଷି-ପୁରୀ ଏକ୍ସପ୍ରେସରେ ଏକ ଅତିରିକ୍ତ ନନ୍-ଏସି ଚେୟାର କାର କୋଚ୍ ସ୍ଥାୟୀ ଭାବରେ ସଂଯୋଗ କରିବାକୁ ଘୋଷଣା କରିଛି। ସଂଶୋଧିତ ଟ୍ରେନ୍ କୋଚ୍ ସଂଖ୍ୟା ବୃଦ୍ଧି ୧ ସେପ୍ଟେମ୍ବରରୁ ପୁରୀରୁ ଏବଂ ୨ ସେପ୍ଟେମ୍ବରରୁ ବାଙ୍ଗିରିପୋଷିରୁ କାର୍ଯ୍ୟକାରୀ ହେବ। ଟ୍ରେନର ସଂଶୋଧିତ ସଂରଚନା ଦ୍ୱାରା ଅଧିକ ଆସନ କ୍ଷମତା ବୃଦ୍ଧି ପାଇବା ସହିତ ଆରାମଦାୟକ ଯାତ୍ରା ପ୍ରଦାନ କରିବ। ପୁରୀ-ବାଙ୍ଗିରିପୋଷି-ପୁରୀ ଏକ୍ସପ୍ରେସ ସଂଶୋଧିତ କୋଚ୍ ସଂରଚନାରେ ରହିଛି ୧ଟି ଏସି ଶ୍ରେଣୀ ଚେୟାର କାର୍, ୭ଟି ନନ୍-ଏସି ଶ୍ରେଣୀ ଚେୟାର କାର୍, ୫ଟି ଜେନେରାଲ ଶ୍ରେଣୀ ଚେୟାର କାର୍ ଓ ୨ଟି ଲଗେଜ୍-କମ୍-ଚେୟାର କାର୍ (ଦିବ୍ୟାଙ୍ଗଜନ-ଅନୁକୂଳ ସୁବିଧା ସହିତ)। ପୂର୍ବତଟ ରେଳପଥର ଏହି ପଦକ୍ଷେପ ପୁରୀ-ବାଙ୍ଗିରିପୋଷି ରୁଟ୍‌ରେ ଅଧିକ ଆରାମଦାୟକ ଯାତ୍ରା ଏବଂ ଅଧିକ ଆସନ ବ୍ୟବସ୍ଥା ପ୍ରଦାନ କରିବ।

## କିଶନ ନଗର ତହସିଲରେ ଯୁଗ୍ମ ଅଭିଯୋଗ ଶୁଣାଣି

**କଟକ,୧୯/ଏନ୍‌ଏନ୍‌ଏସ୍:** କିଶନ ନଗର ତହସିଲ କାର୍ଯ୍ୟାଳୟଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୪୭ଟି ଅଭିଯୋଗ ହସ୍ତଗତ ହୋଇଥିଲା। ଅଭିଯୋଗ ଶୁଣାଣି ଶିବିରରେ ୧୫ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏଥି ସହ ପାନୀୟଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସଂପଦ ଆଦି ସଂପର୍କିତ ବିଭିନ୍ନ ପଞ୍ଜୀକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୮ ତାରିଖରେ ବାରଙ୍ଗ ବ୍ଲକରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ।

# ଆସନ୍ତା ବର୍ଷ ଭାରତରେ ବ୍ୟାଡ୍‌ମିଣ୍ଟନ୍ ବିଶ୍ୱ ଚାମ୍ପିଅନ୍‌ଶିପ୍

## ଭବ୍ୟ ଆୟୋଜନର ପ୍ରତିଶ୍ରୁତି ଦେଲା ବିଏଆଇ

**ନୂଆଦିଲ୍ଲୀ, ୧।୯/ଏଜେନ୍ସି:** ଆସନ୍ତା ବର୍ଷ ହେବାକୁ ଥିବା ବ୍ୟାଡ୍‌ମିଣ୍ଟନ୍ ବିଶ୍ୱ ଚାମ୍ପିଅନ୍‌ଶିପ୍‌ର ଆୟୋଜନ ଅଧିକାର ଭାରତକୁ ମିଳିଛି। ଟୁର୍ଣ୍ଣାମେଣ୍ଟ ୨୦୨୬ରେ ଦିଲ୍ଲୀରେ ଆୟୋଜିତ ହେବ। ଏହି ଘୋଷଣା ପ୍ୟାରିସ୍‌ରେ ୨୦୨୫ ଚାମ୍ପିଅନ୍‌ଶିପ୍ ସମାପନ ସମାରୋହ ଅବସରରେ କରାଯାଇଛି। ଭାରତ ଦ୍ୱିତୀୟ ଥର ପାଇଁ ଏହି ପ୍ରତିଷ୍ଠିତ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବ। ଏହା ପୂର୍ବରୁ ୨୦୦୯ରେ ହାଇଦ୍ରାବାଦରେ ଚାମ୍ପିଅନ୍‌ଶିପ୍ ଆୟୋଜିତ ହୋଇଥିଲା। ଏହା ସହିତ ଆଠବର୍ଷ ପରେ ଟୁର୍ଣ୍ଣାମେଣ୍ଟ ଏସିଆକୁ ଫେରିବ। ଶେଷଥର ପାଇଁ ଚୀନ୍‌ର ନାନ୍‌ଜିଙ୍ଗ୍‌ରେ ୨୦୧୮ ସିଜନ୍ ଆୟୋଜିତ ହୋଇଥିଲା। ଭାରତ ଏହି ଟୁର୍ଣ୍ଣାମେଣ୍ଟରେ ସବୁଠୁ ନିରନ୍ତରତା ସହିତ ପଦକ ବିଜେତା ଦେଶ ମଧ୍ୟରୁ ଅନ୍ୟତମ। ଭାରତ ୧୯୮୩ରୁ ବର୍ତ୍ତମାନ ମଧ୍ୟରେ ୧୫ ପଦକ ଜିତିଛି। ୨୦୧୧ ପରଠାରୁ ଭାରତ ପ୍ରତ୍ୟେକ ସିଜନ୍‌ରେ ଅତିକମ୍‌ରେ ଗୋଟିଏ ପଦକ ଜିତିଆସୁଛି।




ବିଏଆଇ ସମ୍ପାଦକ ସଞ୍ଜୟ ମିଶ୍ରା କହିଛନ୍ତି, ପ୍ୟାରିସ୍ ଯେଉଁ ଉତ୍କୃଷ୍ଟତା ଏବଂ ଭବ୍ୟତା ଦେଖାଇଛି ସେହି ମାନକକୁ ବଜାୟ ରଖିବା ସହିତ ଆଗକୁ ବଢ଼ିବା ନିମନ୍ତେ ଭାରତ ଶତପ୍ରତିଶତ ପ୍ରୟାସ କରିବ। ଆମେ ବୈଶ୍ୱିକ ବ୍ୟାଡ୍‌ମିଣ୍ଟନ୍ ପରିବାରକୁ ଦିଲ୍ଲୀରେ ସ୍ୱାଗତ କରିବା ନିମନ୍ତେ ଉତ୍ସୁକ। ଅନ୍ୟପକ୍ଷରେ ବିଏଆଇ ପକ୍ଷରୁ କୁହାଯାଇଛି, ଦ୍ୱିତୀୟ ଥର ପାଇଁ ଚାମ୍ପିଅନ୍‌ଶିପ୍‌ର ଆୟୋଜନ ଅଧିକାର ମିଳିବା ଏହି ଖେଳର ଶକ୍ତି ଏବଂ ବୈଶ୍ୱିକ ବ୍ୟାଡ୍‌ମିଣ୍ଟନ୍ ମାନଚିତ୍ରରେ ଏକ ପ୍ରମୁଖ ସ୍ଥଳ ରୂପେ ଭାରତର ମଜଭୁତ ସ୍ଥିତିକୁ ଦର୍ଶାଉଛି।

## ଏସିଆ କପ୍ ହକି: ଅଭିଷେକ, ଜୁଗରାଜ ଓ ସୁଖଜିତ୍‌ଙ୍କ ହ୍ୟାଟ୍ରିକ୍

# ଭାରତର ଲଗାତାର ତୃତୀୟ ବିଜୟ

### କଜାଖସ୍ତାନ ୧୫-୦ରେ ହାରିଲା

**ରାଜଗିରି, ୧।୯/ଏଜେନ୍ସି:** ବିହାରର ରାଜଗିରିରେ ଚାଲିଥିବା ଏସିଆ କପ୍ ହକି ଟୁର୍ଣ୍ଣାମେଣ୍ଟରେ ଆୟୋଜକ ଭାରତ ଲଗାତାର ତୃତୀୟ ବିଜୟ ହାସଲ କରିଛି। ଟିମ୍ ସୋମବାର କଜାଖସ୍ତାନକୁ ୧୫-୦ ଗୋଲ୍‌ରେ ହରାଇ ଚଳିତ ସିଜନ୍‌ର ସବୁଠୁ ବଡ଼ ବିଜୟ ରେକର୍ଡ ସମକକ୍ଷ ହୋଇଛି। ମାଲେସିଆ ଆଜି ଚୀନା ତାଇପେଇକୁ ସମାନ ଗୋଲ୍ ବ୍ୟବଧାନରେ ହରାଇଛି। ଭାରତ ପକ୍ଷରୁ ଅଭିଷେକ, ଜୁଗରାଜ ସିଂହ ଏବଂ ସୁଖଜିତ୍ ସିଂହ ହ୍ୟାଟ୍ରିକ୍ କରିଛନ୍ତି। ଅଭିଷେକ ମୋଟ ୪ଟି ଗୋଲ୍ ଦେଇଛନ୍ତି। ଏହା ବ୍ୟତୀତ ରାଜିନ୍ଦର ସିଂହ, ହରମନ୍‌ପ୍ରୀତ୍ ସିଂହ, ଅମିତ ରୋହିଦାସ, ସଞ୍ଜୟ ଏବଂ ଦିଲ୍‌ପ୍ରୀତ୍ ସିଂହ ୧-୧ ଗୋଲ୍ କରିଛନ୍ତି। ସୁଖଜିତ୍‌ଙ୍କୁ ପ୍ଲେୟର୍ ଅଫ୍ ଦ ମ୍ୟାଚ୍ ବିବେଚିତ କରାଯାଇଛି। ଭାରତ ରବିବାର ଜାପାନକୁ ହରାଇ ଟୁର୍ଣ୍ଣାମେଣ୍ଟର ସୁପର-୪ରେ ପ୍ରବେଶ କରିସାରିଛି। ପ୍ରଥମ ମ୍ୟାଚ୍‌ରେ ଟିମ୍ ଚୀନ୍‌କୁ ହରାଇଥିଲା। ଭାରତ ବ୍ୟତୀତ ପୁଲ୍-ଏ'ରୁ ଚୀନ୍ ଏବଂ ପୁଲ୍-ବି'ରୁ ମାଲେସିଆ ଓ ସାଉଥ୍ କୋରିଆ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଟୁର୍ଣ୍ଣାମେଣ୍ଟରେ ଦ୍ୱିତୀୟ ଥର ଖେଳୁଥିବା କଜାଖସ୍ତାନ ଟିମ୍ ଟୁର୍ଣ୍ଣାମେଣ୍ଟରେ ମାତ୍ର ଗୋଟିଏ ଗୋଲ୍ କରିବାକୁ ସଫଳ ହୋଇଛି।




କଜାଖସ୍ତାନ ବିପକ୍ଷ ମ୍ୟାଚ୍‌ର ପ୍ରଥମ କ୍ୱାର୍ଟରରେ ଭାରତ ୩ଟି ଗୋଲ୍ ସ୍କୋର୍ କରିବା ପରେ ଅନ୍ତିମ ତିନି କ୍ୱାର୍ଟର୍‌ରେ ୪-୪ ଗୋଲ୍ ଦେଇଥିଲା। ମ୍ୟାଚ୍‌ର ଚତୁର୍ଥ ମିନିଟ୍‌ରେ ଅଭିଷେକ ଚମତ୍କାର ରିଭର୍ସ ହିଟ୍ ଜରିଆରେ ପ୍ରଥମ ଗୋଲ୍ କରିଥିଲେ। ଏହାପରେ ୭ମ ମିନିଟ୍‌ରେ ଅଭିଷେକ ଫିଲ୍ଡ ଗୋଲ୍ ଜରିଆରେ ଦ୍ୱିତୀୟ ଗୋଲ୍ ସ୍କୋର୍ କରିଥିଲେ। ୧୪ଶ ମିନିଟ୍‌ରେ ସୁଖଜିତ୍ ସ୍ଥିତି ୩-୦ କରିଥିଲେ। ୧୯ତମ ମିନିଟ୍‌ରେ ଆଉ ଏକ ଫିଲ୍ଡ ଗୋଲ୍ ଜରିଆରେ ହ୍ୟାଟ୍ରିକ୍ ପୂରଣ କରିଥିଲେ। ୨୪ତମ ମିନିଟ୍‌ରେ ଜୁଗରାଜ ପେନାଲ୍ଟି କର୍ଣ୍ଣରରୁ ବ୍ୟକ୍ତିଗତ ପ୍ରଥମ ଗୋଲ୍ ଦେଇଥିଲେ। ଏହାର ଦୁଇ ମିନିଟ୍ ପରେ କ୍ୟାପ୍ଟେନ୍ ହରମନପ୍ରୀତ୍ ପେନାଲ୍ଟି କର୍ଣ୍ଣରରୁ ମ୍ୟାଚ୍‌ରେ ବ୍ୟକ୍ତିଗତ ଏକମାତ୍ର ଗୋଲ୍‌ଟି ସ୍କୋର୍ କରିଥିଲେ। ୨୯ତମ ମିନିଟ୍‌ରେ ଅମିତ ରୋହିଦାସ ଭାରତର ସପ୍ତମ ଗୋଲ୍ ସ୍କୋର୍ କରିଥିଲେ। ତୃତୀୟ କ୍ୱାର୍ଟର୍‌ରେ ଭାରତ ମାତ୍ର ୨ ମିନିଟ୍ ମଧ୍ୟରେ ତିନି ଗୋଲ୍ ଦେଇଥିଲା। ୩୧ତମ ମିନିଟ୍‌ରେ ଜୁଗରାଜ ପେନାଲ୍ଟି ଷ୍ଟ୍ରୋକ୍‌ରୁ ଗୋଲ୍ କରିଥିବା ବେଳେ ରାଜିନ୍ଦର ଏକ ଫିଲ୍ଡ ଦେଇଥିଲେ। ୩୨ତମ ମିନିଟ୍‌ରେ ସୁଖଜିତ ଫିଲ୍ଡ ଗୋଲ୍ କରିଥିଲେ। ୩୮ତମ ମିନିଟ୍‌ରେ ସୁଖଜିତ୍ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ୍ ସ୍କୋର୍ କରିଥିଲେ। ୪୭ତମ ମିନିଟ୍‌ରେ ଗୁଜରାଜ ବ୍ୟକ୍ତିଗତ ଦ୍ୱିତୀୟ ପେନାଲ୍ଟି କର୍ଣ୍ଣର୍‌କୁ ପରିବର୍ତ୍ତନ କରି ହ୍ୟାଟ୍ରିକ୍ ପୂରଣ କରିଥିଲେ। ଏହାପରେ ୫୪ତମ ମିନିଟ୍‌ରେ ସଞ୍ଜୟ, ୫୫ତମ ମିନିଟ୍‌ରେ ଦିଲ୍‌ପ୍ରୀତ୍ ଏବଂ ୫୯ତମ ମିନିଟ୍‌ରେ ଅଭିଷେକ ବ୍ୟକ୍ତିଗତ ୪ର୍ଥ ଗୋଲ୍ ସ୍କୋର୍ କରି ଭାରତକୁ ୧୫-୦ର ବଡ଼ ବିଜୟ ଦେଇଥିଲେ।

ଆଜି ଅନୁଷ୍ଠିତ ପୁଲ୍-ବି' ମ୍ୟାଚ୍‌ରେ ମାଲେସିଆ ୧୫-୦ର ରେକର୍ଡ ଗୋଲ୍ ବ୍ୟବଧାନରେ ଚୀନା ତାଇପେଇକୁ ହରାଇ ଦେଇଛି। ଟିମ୍ ପକ୍ଷରୁ ଅଖିମୁଲ୍ଲା ଅନାଉର୍ ଏକକୀ ପାଞ୍ଚଟିଗୋଲ୍ ସ୍କୋର୍ କରିଥିଲେ। ତାଙ୍କ ବ୍ୟତୀତ ଅଶରାନ୍ ହମ୍‌ସାନୀ ୪ଟି ଏବଂ ନୁରଶଫିକ୍ ସୁମନ୍ତୀ ୩ଟି ଗୋଲ୍ ଦେଇଥିଲେ। ଅନ୍ୟ ତିନିଟି ଗୋଲ୍ ତିନିଜଣ ଖେଳାଳିଙ୍କ ପକ୍ଷରୁ ହୋଇଥିଲା। ସେହିପରି ସାଉଥ୍ କୋରିଆ ୫-୧ ଗୋଲ୍‌ରେ ବାଂଲାଦେଶକୁ ହରାଇଛି।

# ୟୁଏସ୍ ଓପନ୍ କ୍ୱାର୍ଟର୍‌ରେ ଜୋକୋଭିଚ୍, ପେଗୁଲା ଓ କ୍ରେଜିକୋଭା

**ନ୍ୟୁୟର୍କ, ୧।୯/ଏଜେନ୍ସି:** ସର୍ବିୟାର ମହାନ୍ ଟେନିସ୍ ଷ୍ଟାର୍ ନୋଭାକ୍ ଜୋକୋଭିଚ୍ ବର୍ଷର ଶେଷ ଗ୍ରାଣ୍ଡସ୍ଲାମ୍ ଟୁର୍ଣ୍ଣାମେଣ୍ଟ ୟୁଏସ୍ ଓପନ୍‌ର କ୍ୱାର୍ଟର ଫାଇନାଲ୍‌ରେ ସ୍ଥାନ ହାସଲ କରିଛନ୍ତି। ରବିବାର ରାତିରେ ଖେଳାଯାଇଥିବା ମ୍ୟାଚ୍‌ରେ ୨୪ ଥରର ଗ୍ରାଣ୍ଡସ୍ଲାମ୍ ଚାମ୍ପିଅନ୍ ଜୋକୋଭିଚ୍ ଜର୍ମାନ୍ କ୍ୱାଲିଫାୟର୍ ଜାନ୍-ଲେନାର୍ଡ ଷ୍ଟ୍ରଫ୍‌ଙ୍କୁ ୬-୨, ୬-୩,୬-୨ରେ ହରାଇ ଦେଇଛନ୍ତି। ଜୋକୋଭିଚ୍ ପରବର୍ତ୍ତୀ ମ୍ୟାଚ୍‌ରେ ୨୦୨୪ ୟୁଏସ୍ ଓପନ୍‌ର ଉପବିଜେତା ତଥା ତୁର୍ଥ ସିଡ୍ ଟେଲର୍ ଫ୍ରିଟ୍‌ଜଙ୍କୁ ଭେଟିବେ। ଫ୍ରିଟ୍‌ଜ ରବିବାର ଚେକ୍ ଗଣରାଜ୍ୟର ଟମାସ୍ ମଚାକ୍‌ଙ୍କୁ ୬-୪, ୬-୩, ୬-୩ରେ ହରାଇ ଅନ୍ତିମ ୮ରେ ସ୍ଥାନ ପକ୍କା କରିଛନ୍ତି। ଫ୍ରିଟ୍‌ଜ ଟୁର୍ଣ୍ଣାମେଣ୍ଟର ଚଳିତ ସିଜନ୍‌ରେ ଆମେରିକାର ଅନ୍ତିମ ଖେଳାଳି। ବାକି ଖେଳାଳି ପ୍ରଥମ ରାଉଣ୍ଡରୁ ହିଁ ବିଦାୟ ନେଇସାରିଛନ୍ତି। ଜୋକୋଭିଚ୍ ଚାରିଥର ୟୁଏସ୍ ଓପନ୍ ଟାଇଟଲ୍ ଜିତିଛନ୍ତି। ଶେଷଥର ପାଇଁ ୨୦୨୩ରେ ସେ ବିଜେତା ହୋଇଥିଲେ। ପ୍ରି-କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍ ଅବସରରେ ଜୋକୋଭିଚ୍‌ଙ୍କ ବେକରେ ଯନ୍ତ୍ରଣା ହୋଇଥିଲା। ଟ୍ରେନର୍ ତାଙ୍କ ବେକ ଓ କାନ୍ଧରେ ମସାଜ୍ କରିଥିଲେ।

ସ୍ପେନ୍‌ର କାର୍ଲୋସ୍ ଅଲ୍‌କାରାଜ୍ ମଧ୍ୟ କ୍ୱାର୍ଟର୍ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ପ୍ରି-କ୍ୱାର୍ଟର୍‌ରେସେ ଫ୍ରାନ୍ସର ଆର୍ଥର ରିନ୍ଦରକନେଚ୍‌ଙ୍କୁ ୭-୬ (୩), ୬-୩, ୬-୪ରେ ହରାଇ ଦେଇଛନ୍ତି। ଏହା ସହିତ ୨୨ ବର୍ଷ ଓ ୩ ମାସର ବୟସରେ ଓପନ୍ ଏରାରେ ୧୩ ଗ୍ରାଣ୍ଡସ୍ଲାମ୍ କ୍ୱାର୍ଟର୍ ଫାଇନାଲ୍‌ରେ ପ୍ରବେଶ କରିବାରେ ଅଲ୍‌କାରାଜ୍ ସବୁ କନିଷ୍ଠ ପୁରୁଷ ଖେଳାଳି ହୋଇଛନ୍ତି। ସେ ଜର୍ମାନୀର ମହାନ୍ ଖେଳାଳି ବୋରିସ୍ ବେକର୍‌ଙ୍କ ରେକର୍ଡ ଭଙ୍ଗ କରିଛନ୍ତି। ମଙ୍ଗଳବାର କ୍ୱାର୍ଟର୍ ଫାଇନାଲ୍‌ରେ ଅଲ୍‌କାରାଜ୍ ଚେକ୍ ଗଣରାଜ୍ୟର ଜିରି ଲେହେଚକାଙ୍କୁ ଭେଟିବେ। ଲେହେଚକ୍ ଫ୍ରାନ୍ସର ଆଡ୍ରିୟନ୍ ମନ୍ନାରିନୋଙ୍କୁ ୭-୬(୪), ୬-୪, ୨-୬, ୬-୨ରେ ହରାଇ କ୍ୟାରିୟରର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ୍ କ୍ୱାର୍ଟର୍ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି।



ମହିଳା ସିଙ୍ଗଲ୍ସରେ ଆମେରିକାର ଜେସିକା ପେଗୁଲା ନିଜ ଦେଶର ଏନ୍ ଲି'ଙ୍କୁ ୬-୧, ୬-୨ରେ ହରାଇ କ୍ୱାର୍ଟର୍ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ପେଗୁଲା ମଙ୍ଗଳବାର ଦୁଇଥରର ଗ୍ରାଣ୍ଡସ୍ଲାମ୍ ଚାମ୍ପିଅନ୍ ବାରବୋରା କ୍ରେଜିକୋଭାଙ୍କୁ ଭେଟିବେ। କ୍ରେଜିକୋଭା ୧-୬, ୭-୬(୧୩), ୬-୩ରେ ଟେଲର୍ ଟାଉନ୍ସେଣ୍ଡଙ୍କୁ ହରାଇଥିଲେ। ଆରିନା ସାବାଲେଙ୍କା ୬-୧, ୬-୪ ସିଧା ସେଟ୍‌ରେ କ୍ରିଷ୍ଟିନା ବୁକ୍‌ସାଙ୍କୁ ହରାଇ ଅନ୍ତିମ-୮ରେ ପ୍ରବେଶ କରିଛନ୍ତି। ସାବାଲେଙ୍କା ୨୦୨୩ ୱିମ୍ବଲଡନ୍ ଚାମ୍ପିଅନ୍ ମାର୍କେଟା ଭଣ୍ଡ୍ରାସୋଭାଙ୍କୁ ଭେଟିବେ। ଭୋଣ୍ଡ୍ରାସୋଭା ଅନ୍ୟ ଏକ ପ୍ରି-କ୍ୱାର୍ଟର୍ ମ୍ୟାଚ୍‌ରେ ୨୦୨୨ ୱିମ୍ବଲଡନ୍ ଚାମ୍ପିଅନ୍ ଏଲେନା ରିବାକିନାଙ୍କୁ ୬-୪, ୫-୭, ୬-୨ ସେଟ୍‌ରେ ହରାଇଛନ୍ତି।

# ଫିଟ୍‌ନେସ୍ ଟେଷ୍ଟ ପାସ୍ କଲେ ରୋହିତ

**ବେଙ୍ଗାଲୁରୁ, ୧।୯/ଏଜେନ୍ସି:** ଭାରତୀୟ ଦିନିକିଆ କ୍ରିକେଟ୍ ଟିମ୍ କ୍ୟାପ୍ଟେନ୍ ରୋହିତ ଶର୍ମା ସ୍ଥାନୀୟ ସେଣ୍ଟର୍ ଅଫ୍ ଏକ୍ସେଲେନ୍ସରେ ଫିଟ୍‌ନେସ୍ ଟେଷ୍ଟ ପାସ୍ କରିଛନ୍ତି। ୩୮ ବର୍ଷୀୟ ରୋହିତ ୟୋ-ୟୋ ସହିତ ବ୍ରୋଙ୍କୋ ଟେଷ୍ଟ ମଧ୍ୟ ପାସ୍ କରିଛନ୍ତି। ପ୍ରି-ସିଜନ୍ ଫିଟ୍‌ନେସ୍ ଟେଷ୍ଟରେ ଭାରତର ଏସିଆ କପ୍ ଖେଳାଳି ମଧ୍ୟ ସାମିଲ ହୋଇଥିଲେ। ଭାଇସ୍ କ୍ୟାପ୍ଟେନ୍ ଶୁଭମନ୍ ଗିଲ୍ ଏବଂ ଜସ୍‌ପ୍ରୀତ୍ ବୁମ୍ରା ମଧ୍ୟ ଟେଷ୍ଟ ପୂରା କରି ୟୁଏଇରେ ଖେଳିବାକୁ ପ୍ରସ୍ତୁତ ହୋଇଛନ୍ତି। ନ୍ୟୁଜ୍ ଏଜେନ୍ସି ପିଟିଆଇ ଅନୁସାରେ ମହମ୍ମଦ ସିରାଜ୍, ଯଶସ୍ୱୀ ଜୟସ୍ୱାଲ୍, ୱାଶିଂଟନ୍ ସୁନ୍ଦର ଏବଂ ଶାର୍ଦ୍ଦୁଳ ଠାକୁର ମଧ୍ୟ ଫିଟ୍‌ନେସ୍ ଟେଷ୍ଟ ପାସ୍ କରିଛନ୍ତି।



ପ୍ରି-ଫିଟ୍‌ନେସ୍ ଟେଷ୍ଟରେ ଖେଳାଳିଙ୍କ ପାଇଁ ୟୋ-ୟୋ ଟେଷ୍ଟ ସହିତ ଡୁଆଲ୍-ଏନର୍ଜି ଏକ୍ସ-ରେ (ଡିଏକ୍ସଏ) ମଧ୍ୟ ହୋଇଥିଲା। ଡିଏଲ୍ଏ ଏକ ମେଡିକାଲ୍ ଇମେଜିଂ ଟେଷ୍ଟ। ଏହି କମ୍ ଡୋଜ୍‌ର ଏକ୍ସ-ରେ କିରଣ ଜରିଆରେ ହାଡ଼ର ଶକ୍ତି, ଶରୀରରେ ଫ୍ୟାଟ୍ ଏବଂ ମାଂସପେଶୀର ମାତ୍ରା ମପାଯାଇଥାଏ। ଏହା ଆଘାତ, ବିଶେଷକରି ଫ୍ରାକ୍‌ଚର୍‌ର ବିପଦର ପତ୍ତା ଲଗାଇବାରେ ସହାୟତା କରିଥାଏ।

ରୋହିତ ଶର୍ମା, ମହମ୍ମଦ ସିରାଜ୍ ଏବଂ ଶାର୍ଦ୍ଦୁଳ ଠାକୁରଙ୍କ ବ୍ୟତୀତ ବାକି ସମସ୍ତ ଖେଳାଳି ସେପ୍ଟେମ୍ବର ୯ରୁ ଆରମ୍ଭ ହେବାକୁ ଥିବା ଏସିଆ କପ୍ ପାଇଁ ୪ ତାରିଖରେ ଦୁବାଇ ଅଭିମୁଖେ ଯାତ୍ରା କରିବେ। ଟୁର୍ଣ୍ଣାମେଣ୍ଟରେ ଭାରତର ପ୍ରଥମ ମ୍ୟାଚ୍ ୟୁଏଇ ବିପକ୍ଷରେ ହେବ।

# ଏସ୍‌ବିଆଇ ପକ୍ଷରୁ ସାରା ରାଜ୍ୟରେ ଜାତୀୟ କ୍ରୀଡ଼ା ଦିବସ ପାଳିତ

**ଭୁବନେଶ୍ୱର, ୧।୯/ଏନ୍‌ଏନ୍‌ଏସ୍:** ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ଆଇବି) ଭୁବନେଶ୍ୱର ମଣ୍ଡଳ ଅଗଷ୍ଟ ୨୯ରୁ ୩୧ ତାରିଖ ପର୍ଯ୍ୟନ୍ତ ମହାନ୍ ହକି ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ବାର୍ଷିକକୁ ସମ୍ମାନ ଜଣାଇ ସାରା ରାଜ୍ୟରେ ଜାତୀୟ କ୍ରୀଡ଼ା ଦିବସକୁ ମହା ଆଡ଼ମ୍ବରରେ ପାଳନ କରିଛି। ଏହି ଦିନଟି ଭାରତର ସମୃଦ୍ଧ କ୍ରୀଡ଼ା ଐତିହ୍ୟ ଏବଂ ବିଶ୍ୱ ମଞ୍ଚରେ ଦେଶକୁ ଗର୍ବିତ କରିଥିବା ସଫଳତାକୁ ପାଳନ କରାଯାଏ। ୨୦୧୯ରେ ଏହି ଦିନଟିକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଫିଟ୍ ଇଣ୍ଡିଆ ମୁଭ୍‌ମେଣ୍ଟ ରୂପେ ଆରମ୍ଭ କରିଥିଲେ।

ଏହି ପରିପ୍ରେକ୍ଷୀରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳ ବିଭିନ୍ନ କେନ୍ଦ୍ରରେ କୀଡ଼ା ସମାରୋହ ଏବଂ କ୍ରୀଡ଼ାବିତ୍ ମାନଙ୍କୁ ସମ୍ମାନିତ କରିଥିଲା।




ରାଉରକେଲାର ପାନପୋଷ ହକି ଷ୍ଟାଡିୟମ୍‌ରେ ଲାକ୍ରା କ୍ଲବ୍ ଏବଂ ଏସ୍‌ବିଆଇ ମଧ୍ୟରେ ଏକ ହକି ମ୍ୟାଚ୍‌ର ଆୟୋଜନ କରାଯାଇଥିଲା। ଅଲିମ୍ପିଆନ୍ ହକି ତାରକା ଲାଜରୁସ୍ ବାର୍ଲା, ରାଉରକେଲାର ଅଭିଜ୍ଞ ହକି ଖେଳାଳି ସୁରେନ୍ଦ୍ର ଟିଗା, ସାଇପ୍ରିଆନ୍ କେରକେଟ୍ଟା, ନାଇମାନ ତୀର୍କିଙ୍କୁ ଏସ୍‌ବିଆଇ ନିମନ୍ତ୍ରଣ ଏବଂ ସମ୍ମାନିତ କରିଥିଲା। ଏହି କାର୍ଯ୍ୟକ୍ରମରେ ୩୭ରୁ ଅଧିକ ହକି ଖେଳାଳି ଅଂଶଗ୍ରହଣ କରିଥିଲେ।

କଟକର ସତ୍ୟବ୍ରତ ଷ୍ଟାଡିୟମ୍‌ରେ ଷ୍ଟାଫ୍ ଓ ବରିଷ୍ଠ ନାଗରିକ ମିଶାଇ ୨୩୯ ଜଣ ଅଂଶଗ୍ରହଣକାରୀ ଯୋଗ, ଜୁମ୍ବା, ୧୦୦ ମିଟର ଦୌଡ଼, ୩ କିଲୋମିଟର ଚାଲି, ଟଣା ଓଟରା, ସ୍କିପିଂ ଇତ୍ୟାଦି ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

ସେହିପରି ଭୁବନେଶ୍ୱରର ୟୁନିଟ୍-୧ ସ୍ଥିତ ପ୍ରଶାସନିକ କାର୍ଯ୍ୟାଳୟରେ ଏସ୍‌ବିଆର ୧୦୦ରୁ ଅଧିକ ଅଂଶଗ୍ରହଣକାରୀ ବକ୍ସ କ୍ରିକେଟ୍, ବ୍ୟାଡ୍‌ମିଣ୍ଟନ୍ ଇତ୍ୟାଦି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହା ବ୍ୟତୀତ ଡିଜିଏମ୍ ପ୍ରଶାନ୍ତ କୁମାର ଭୁବନେଶ୍ୱରର ପ୍ରଶାସନିକ କାର୍ଯ୍ୟାଳୟରେ ପିଲାମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଖେଳ କ୍ଷେତ୍ରର ଉଦଘାଟନ କରିଥିଲେ। ବ୍ରହ୍ମପୁରର ବ୍ରହ୍ମନଗର ପ୍ରଶାସନିକ କାର୍ଯ୍ୟାଳୟରେ ବ୍ୟାଡ୍‌ମିଣ୍ଟନ୍, ଟେବଲ୍ ଟେନିସ୍, ଚେସ୍, କ୍ୟାରମ୍ ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବ୍ରହ୍ମପୁର କେନ୍ଦ୍ରର ୧୩୦ରୁ ଅଧିକ ଷ୍ଟେଟ୍ ବ୍ୟାଙ୍କ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

ଏହା ବ୍ୟତୀତ ବାଲେଶ୍ୱର ଇନ୍‌ଡୋର ଷ୍ଟାଡିୟମ୍‌ରେ ୩୦ ତାରିଖରେ ଏକ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟରେ ୪୪ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

ଆସ୍କା ଷ୍ଟାଡିୟମରେ ୫୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀଙ୍କୁ ନେଇ ଏକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ପୁରୀର ଜଗନ୍ନାଥ ଷ୍ଟାଡିୟମ୍‌ରେ ୩୧ ତାରିଖରେ ୬୦ରୁ ଉର୍ଦ୍ଧ୍ୱ ଏସ୍‌ବିଆଇ କର୍ମଚାରୀଙ୍କ ମଧ୍ୟରେ ଏକ କ୍ରିକେଟ ଟୁର୍ଣ୍ଣାମେଣ୍ଟ କରାଯାଇଥିଲା। ଏହି ଅବସରରେ ଆଞ୍ଚଳିକ ପରିଚାଳକ (ପୁରୀ) ଭାରତ ଚରଣ ସାହୁ, ଆଞ୍ଚଳିକ ପରିଚାଳକ ଜାତୀୟ ଖୋ ଖୋ ଖେଳାଳି ରମେଶ ଚନ୍ଦ୍ର ସାହୁଙ୍କୁ ସମ୍ମାନିତ କରିଥିଲେ।

# ମୃତକଙ୍କ ସ୍ମୃତିରେ ସ୍ମାରକ କରିବ ଆର୍‌ସିବି

**ବେଙ୍ଗାଲୁରୁ, ୧।୯/ଏଜେନ୍ସି:** ବିଜୟ ସମାରୋହ ବେଳେ ଦଳାଚକାଟାରେ ପ୍ରାଣ ହରାଇଥିବା ପ୍ରଶଂସକଙ୍କ ସ୍ମୃତି ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଏକ ସ୍ମାରକ ପ୍ରତିଷ୍ଠା କରିବ। ଏଠାରେ ଆର୍‌ସିବିର ସବୁଠୁ ଭାବପ୍ରବଣ ପ୍ରଶଂସକଙ୍କ ନାମ, ତାଙ୍କ କାହାଣୀ ଏବଂ ତାଙ୍କ ସହିତ ଜଡ଼ିତ ସାମଗ୍ରୀକୁ ସଂରକ୍ଷିତ କରାଯିବ। ଫ୍ରାଞ୍ଚାଇଜି ସୋମବାର ନିଜର ୬ ପଏଣ୍ଟର ମାନିଫେଷ୍ଟୋରେ ଏହି ଘୋଷଣା କରିଛି। ଆର୍‌ସିବି କେୟାର୍ ନାମକ ଏହି ପଦକ୍ଷେପରେ କୁହାଯାଇଛି, ଫ୍ରାଞ୍ଚାଇଜି ଏବେ କେବଳ ଆର୍ଥିକ ସହାୟରେ ସୀମିତ ରହିବ ନାହିଁ, ବରଂ ପ୍ରଭାବିତ ପରିବାର ଏବଂ ପ୍ରଶଂସକଙ୍କ ସ୍ମୃତିକୁ ଜୀବିତ ରଖିବା ପାଇଁ ଠୋସ୍ ପଦକ୍ଷେପ ନେବ। ଦୁଇଦିନ ପୂର୍ବେ ଆର୍‌ସିବି ଦୁର୍ଘଟଣାରେ ପ୍ରାଣ ହରାଇଥିବା ପ୍ରତ୍ୟେକ ପ୍ରଶଂସକଙ୍କ ପରିବାରକୁ ୨୫-୨୫ ଲକ୍ଷ ଟଙ୍କାର ସହାୟତା ଦେବାକୁ ଘୋଷଣା କରିଥିଲା।

**କ୍ରାଉଡ୍ ମ୍ୟାନେଜମେଣ୍ଟ ପ୍ରୋଟୋକଲ୍ ବି ହେବ**

**୬ ପଏଣ୍ଟର ମାନିଫେଷ୍ଟୋ ଜାରି**

ପ୍ରଥମ ଥର ଆଇପିଏଲ୍ ଜିତିବା ପରେ ଆର୍‌ସିବି ଚଳିତ ବର୍ଷ ଜୁନ୍ ୪ ତାରିଖରେ ବେଙ୍ଗାଲୁରୁରେ ଭିକ୍ଟ୍ରି ପରେଡ୍ କରିଥିଲା। ଏହି ପରେଡ୍ ବେଳେ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ୍ ବାହାରେ ଦଳାଚକଟାରେ ୧୧ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୫୦ରୁ ଉର୍ଦ୍ଧ୍ୱ ଆହତ ହୋଇଥିଲେ। ପ୍ରାଣ ହରାଇଥିବା ସମସ୍ତ ବ୍ୟକ୍ତିଙ୍କ ବୟସ ୩୫ ବର୍ଷରୁ କମ୍ ଥିଲା। ସବୁଠୁ କମ୍ ବୟସ୍କ ପୀଡ଼ିତା ଦିବ୍ୟାଂଶୀଙ୍କ ବୟସ ୧୩ ବର୍ଷ ଥିଲା। ମୃତକଙ୍କ ମଧ୍ୟରେ ତିନିଜଣ ନାବାଳକ ଏବଂ ଛଅଜଣ ଯୁବ ପ୍ରଶଂସକ ଥିଲେ, ଯେଉଁମାନଙ୍କ ବୟସ ୨୦ରୁ ୩୦ ବର୍ଷ ମଧ୍ୟରେ।

# ମହିଳା ବିଶ୍ୱକପ୍ ପୁରସ୍କାର ରାଶି ବୃଦ୍ଧି

## ବିଜେତାଙ୍କୁ ମିଳିବ ୩୯.୫୫ କୋଟି, ଉପବିଜେତାଙ୍କୁ ୧୯.୭୭ କୋଟି

**ଦୁବାଇ, ୧।୯/ଏଜେନ୍ସି:** ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ ଚଳିତ ବର୍ଷ ସେପ୍ଟେମ୍ବର ୩୦ରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ଭାରତ ଏବଂ ଶ୍ରୀଲଙ୍କାରେ ଆୟୋଜିତ ହେବ। ଏହା ପୂର୍ବରୁ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ବିଶ୍ୱକପ୍ ପାଇଁ ପୁରସ୍କାର ରାଶିରେ ଅଭୂତପୂର୍ବ ବୃଦ୍ଧି ଘୋଷଣା କରିଛି। ଚଳିତ ଥର ମହିଳା ବିଶ୍ୱକପ୍‌ରେ ଆଇସିସି ୧୩.୮୮ ମିଲିୟନ୍ ଡଲାର (ପ୍ରାୟ ୧୨୨ କୋଟି ଟଙ୍କା)ର ପୁରସ୍କାର ରାଶି ବଣ୍ଟନ କରିବ। ୨୦୨୨ରେ ନ୍ୟୁଜିଲାଣ୍ଡରେ ଆୟୋଜିତ ବିଶ୍ୱକପ୍‌ରେ ପୁରସ୍କାର ରାଶି ମାତ୍ର ୩.୫ ମିଲିୟନ୍ ଡଲାର ଥିଲା। ଅର୍ଥାତ୍ ଚଳିତ ଥର ଏଥିରେ ୨୯୭ ପ୍ରତିଶତ ବୃଦ୍ଧି ଘଟିଛି। ଏହି ପୁରସ୍କାର ରାଶି ୨୦୨୩ରେ ଭାରତରେ ଆୟୋଜିତ ପୁରୁଷ ଦିନିକିଆ ବିଶ୍ୱକପ୍‌ର ମୋଟ ପୁରସ୍କାର ରାଶି (୧୦ ମିଲିୟନ୍ ଡଲାର) ଠାରୁ ମଧ୍ୟ ଅଧିକ।

ଚଳିତ ଥର ମହିଳା ବିଶ୍ୱକପ୍ ବିଜେତା ଟିମ୍‌କୁ ୪.୪୮ ମିଲିୟନ୍ ଡଲାର (ପ୍ରାୟ ୩୯.୫୫ କୋଟି ଟଙ୍କା) ପୁରସ୍କାର ରାଶି ମିଳିବ। ଗତ ଥରର ତୁଳନାରେ ଏଥିରେ ୨୩୯ ପ୍ରତିଶତ ବୃଦ୍ଧି ହୋଇଛି। ୨୦୨୨ ବିଶ୍ୱକପ୍ ବିଜେତା ଅଷ୍ଟ୍ରେଲିଆ ଟିମ୍‌କୁ କେବଳ ୧.୩୨ ମିଲିୟନ୍ ଡଲାର ମିଳିଥିଲା। ସେହିପରି ଉପବିଜେତା ଟିମ୍‌କୁ ୨.୨୪ ମିଲିୟନ୍ (୧୯.୭୭ କୋଟି ଟଙ୍କା) ମିଳିବ। ଏହା ଗତଥର (୬ ଲକ୍ଷ ଡଲାର) ତୁଳନାରେ ୨୭୩ ପ୍ରତିଶତ ଅଧିକ। ସେମିଫାଇନାଲ୍‌ରେ ପରାଜିତ ଦୁଇ ଟିମ୍‌କୁ ସମାନ ୧.୧୨ ମିଲିୟନ୍ ଡଲାର (ପ୍ରାୟ ୯.୮୮ କୋଟି ଟଙ୍କା) ପ୍ରଦାନ କରାଯିବାକୁ ଥିବାବେଳେ ଏହା ଗତଥର ୩ ଲକ୍ଷ ଡଲାର ଥିଲା। ୫ମ ଓ ୬ଷ୍ଠ ସ୍ଥାନରେ ଥିବା ଟିମ୍‌ଙ୍କୁ ସମାନ ଭାବେ ୭ ଲକ୍ଷ ଡଲାର (ପ୍ରାୟ ୬.୧୭ କୋଟି ଟଙ୍କା) ପୁରସ୍କାର ରାଶି ମିଳିବ। ୭ମ ଓ ୮ମ ସ୍ଥାନର ଟିମ୍‌ଙ୍କୁ ୨.୪୭ କୋଟି ଟଙ୍କା ଲେଖାଏଁ ପ୍ରଦାନ କରାଯିବ। ଏହା ସହିତ ଗ୍ରୁପ୍ ପର୍ଯ୍ୟାୟରେ ପ୍ରତ୍ୟେକ ମ୍ୟାଚ୍ ବିଜୟ ପାଇଁ ଟିମ୍‌ଗୁଡ଼ିକୁ ୩୪୩୧୪ ଡଲାର ଲେଖାଏଁ ମିଳିବ। ଏହା ବ୍ୟତୀତ ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେବା ପାଇଁ ପ୍ରତ୍ୟେକ ଟିମ୍‌କୁ ୨.୨୦ କୋଟି ଟଙ୍କାର ଗ୍ୟାରେଣ୍ଟି ରାଶି ପ୍ରଦାନ କରାଯିବ।




ଆଇସିସି ଅଧ୍ୟକ୍ଷ ଜୟ ଶାହ କହିଛନ୍ତି, ଏହା ମହିଳା କ୍ରିକେଟ୍‌ର ଯାତ୍ରାରେ ଏକ ଐତିହାସିକ ମୋଡ଼। ଆମେ ମହିଳା କ୍ରିକେଟ୍‌ର ଦୀର୍ଘକାଳୀନ ବିକାଶ ପାଇଁ କେତେ ପ୍ରତିବଦ୍ଧ ତାହା ପୁରସ୍କାର ରାଶିରେ ଚାରିଗୁଣା ବୃଦ୍ଧି ଦର୍ଶାଉଛି। ଯଦି କ୍ରିକେଟ୍‌କୁ ପେସାଦାର କ୍ୟାରିୟର୍ ରୂପେ ଚୟନ କରନ୍ତି ତେବେ ମହିଳା ଖେଳାଳିଙ୍କୁ ପୁରୁଷଙ୍କ ସହ ସମାନ ଭାବେ ଗଣ୍ୟ କରାଯିବ। ସମସ୍ତ ହିତଧାରକ, ପ୍ରଶଂସକ, ମିଡିଆ, ପାର୍ଟନର୍ ଏବଂ ସଦସ୍ୟ ବୋର୍ଡଗୁଡ଼ିକ ମହିଳା କ୍ରିକେଟ୍‌କୁ ତା'ର ଠିକ୍ ସମ୍ମାନ ଓ ପରିଚୟ ପ୍ରଦାନରେ ଆଇସିସିକୁ ସମର୍ଥନ କରିବାକୁ ଏହି ଅବସରରେ ଜୟ ଶାହ ଅନୁରୋଧ କରିଛନ୍ତି।






Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra